# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ନଭେମ୍ବର ୫/୨୦୧୯ (୧୬ ପୃଷ୍ଠା) | Berhampur, Tuesday, November 5/2019 | ★★★

୧୫ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ରାଗିଲେ ରାନୁ**

ଲତା ମଙ୍ଗେସ୍କରଙ୍କ ଗୀତ ଗାଇ ଲୋକପ୍ରିୟ ହୋଇଥିବା ରାନୁ ମଣ୍ଡଳଙ୍କ ସହ ପ୍ରଶଂସକ ସେଲ୍‌ଫି ନେବାବେଳେ ହଠାତ୍ ରାଗିଯାଇଥିଲେ।

୦୨

୧୫

**ହାମିଲଟନଙ୍କୁ ୬ଷ୍ଠ ବିଶ୍ୱ ଟାଇଟଲ**

ଲୁଇସ୍ ହାମିଲଟନ ୬ଷ୍ଠ ଥର ଫର୍ମୁଲା ୱାନ ଡ୍ରାଇଭର୍ସ ବିଶ୍ୱ ଟାଇଟଲ ହାସଲ କରିଛନ୍ତି।



■ ଶ୍ରୀମନ୍ଦିର ସଂସ୍କାର ମାମଲା: ସୁପ୍ରିମ୍‌କୋର୍ଟଙ୍କ ମଧ୍ୟବର୍ତ୍ତିକାଳୀନ ରାୟ

# ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତ କର

**ନୂଆଦିଲ୍ଲୀ,୪।୧୧(ସ୍ୱ.ପ୍ର.)**



- ୨୨ ନିର୍ଦ୍ଦେଶନାମା ଜାରି
- ଠାକୁରଙ୍କ ରୀତିନୀତିରେ ବାଧା ସୃଷ୍ଟି କରିବାରେ କାହାର ଅଧିକାର ନାହିଁ
- ୬୦ ହଜାର ଭକ୍ତଙ୍କ ରହଣି ନିମନ୍ତେ ବନ୍ଦୋବସ୍ତ କର
- ଶ୍ରୀଜଗନ୍ନାଥଙ୍କ ସମସ୍ତ ସମ୍ପତ୍ତିର ହିସାବ ଓ ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଦେଶ
- ସହରର ନର୍ଦ୍ଦମାପାଣି ପାଇଁ ଅତ୍ୟାଧୁନିକ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବସାଅ

ପୁରୀ ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ଓ ଉତ୍ତମ ବ୍ୟବସ୍ଥା ନିମନ୍ତେ ସୁପ୍ରିମ୍‌କୋର୍ଟରେ ଚାଲିଥିବା ସଂସ୍କାର ମାମଲାର ମଧ୍ୟବର୍ତ୍ତିକାଳୀନ ରାୟ ସୋମବାର ପ୍ରକାଶ ପାଇଛି। ଜଷ୍ଟିସ ଅରୁଣ ମିଶ୍ର, ଏମ୍.ଆର. ଶାହ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ୨୨ଟି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ରଞ୍ଜିତ କୁମାର ଓ ଶ୍ରୀମନ୍ଦିର ପ୍ରଶାସନ ଦେଇଥିବା ରିପୋର୍ଟ ଆଧାରରେ ଖଣ୍ଡପୀଠ ଉକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଶ୍ରୀମନ୍ଦିର ପରିଚାଳନା ପାଇଁ ଜଣେ ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତି କରିବାକୁ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଶ୍ରୀମନ୍ଦିର ପରିଚାଳନାର ମୁଖ୍ୟ ଦାୟିତ୍ୱରେ ଓଏଏସ୍ ଅଧିକାରୀ ନିଯୁକ୍ତ ହେଉଥିଲେ। ପରବର୍ତ୍ତୀ ସମୟରେ ଆର୍‌ଡିସି ଏବଂ ସଚିବ ର୍‌୍ୟାଙ୍କର ଅଧିକାରୀଙ୍କୁ ପ୍ରଶାସକ ଦାୟିତ୍ୱ ଦିଆଗଲା। କିନ୍ତୁ ସେମାନଙ୍କୁ ପୂର୍ଣ୍ଣକାଳୀନ ନିଯୁକ୍ତି ମିଳୁ ନ ଥିଲା। ଫଳରେ ଧୀରେ ଧୀରେ ମନ୍ଦିର ପରିଚାଳନାରେ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହେଲା। ତେଣୁ ଏହାକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତି କରିବାକୁ କହିଛନ୍ତି। ଜଣେ ପୂର୍ଣ୍ଣକାଳୀନ ପ୍ରଶାସକ ରହିଲେ ଶ୍ରୀମନ୍ଦିର ପରିଚାଳନା ଠିକ୍ ଭାବେ ହୋଇପାରିବ। ଏପରି କି ମହାପ୍ରଭୁଙ୍କ ନୀତିକାନ୍ତିକୁ ନେଇ ଯେଉଁଭଳି ବିଭ୍ରାଟ ଏବଂ ବିଳମ୍ବ ହେଉଛି ସେଥିରେ ମଧ୍ୟ ସୁଧାର ଆସିପାରିବ।


ଠାକୁରଙ୍କ ରୀତିନୀତିରେ ବାଧା ସୃଷ୍ଟି କରିବା କାହାର ଅଧିକାର ନାହିଁ ବୋଲି ଖଣ୍ଡପୀଠ ଗୁରୁତ୍ୱର ସହ କହିଛନ୍ତି। ଗତବର୍ଷ ଡିସେମ୍ବର ୨୮ରେ ସେବାୟତ ଏବଂ ପୋଲିସ କର୍ମଚାରୀଙ୍କ ମଧ୍ୟରେ ବିବାଦ ଯୋଗୁ ନୀତିକାନ୍ତିରେ ବିଭ୍ରାଟ ହୋଇଥିଲା। ମହାପ୍ରଭୁ ୧୨ ଘଣ୍ଟା ଉପବାସରେ ରହିଥିଲେ। ଏ ସମ୍ପର୍କରେ ଆମିକସ୍ କ୍ୟୁରି କୋର୍ଟଙ୍କୁ ଅବଗତ କରାଇଥିଲେ। ଏହାକୁ ଗମ୍ଭୀରତାର ସହ ବିଚାରକରି ସର୍ବୋଚ୍ଚ ଅଦାଲତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଥିରେ ଯେଉଁ ସେବାୟତ ଦାୟୀ ଥିବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ଠିକ୍ ସମୟରେ ଏବଂ ବିଧି ଅନୁଯାୟୀ କରାଯିବ ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଶ୍ରୀମନ୍ଦିରରେ ମହିଳା ଶ୍ରଦ୍ଧାଳୁଙ୍କୁ ଦୁର୍ବ୍ୟବହାର, ଲୁଟ୍, ପକେଟ୍‌ମାର ଭଳି ଘଟଣା ଘଟିଛି। ଏହାକୁ ଦୃଷ୍ଟିରେ ରଖି କୌଣସି ଶ୍ରଦ୍ଧାଳୁ ଯେଭଳି ହଇରାଣ ନ ହୁଅନ୍ତି ତାହା ସୁନିଶ୍ଚିତ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ☞ପୃଷ୍ଠା-୪

# ଆସୁଛି ବାତ୍ୟା ‘ବୁଲ୍‌ବୁଲ୍’

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

- ପୁରୀ ଉପକୂଳ ଛୁଇଁବା ଆଶଙ୍କା
- ଘଣ୍ଟାକୁ ୧୦୦ରୁ ୧୧୦ କି.ମି. ପବନ ବହିପାରେ
- ୯ ଓ ୧୦ରେ ଉପକୂଳରେ ଅତି ପ୍ରବଳ ବର୍ଷା ସମ୍ଭାବନା
- ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି: ରାଜସ୍ୱ ମନ୍ତ୍ରୀ




ଆଣ୍ଡାମାନ ନିକଟସ୍ଥ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସମୁଦ୍ର ପତ୍ତନରୁ ୫.୮ କିଲୋମିଟର ବ୍ୟାପି ରହିଛି। ଧୀରେ ଧୀରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଅବପାତ(ଡିପ୍ରେଶନ)ରେ ପରିଣତ ହେବାର ସମ୍ଭାବନା ରହିଛି। ଏହାପରେ ଲଘୁଚାପ ଡିପ୍ ଡିପ୍ରେଶନ ବା ଭୟଙ୍କର ଅବପାତ ରୂପ ନେଇ ଉତ୍ତର ପଶ୍ଚିମ ଦିଗ ଆଡ଼କୁ ମୁହାଁଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ବାତ୍ୟା ରୂପ ନେବାର ସମ୍ଭାବନା ରହିଛି।

ଅବପାତ ଆସନ୍ତା ୮ ତାରିଖ ବେଳକୁ ବାତ୍ୟାରେ ପରିଣତ ହେବ ବୋଲି ଅନୁମାନ କରାଯାଉଛି। ବାତ୍ୟାର ଗତି କେଉଁ ଆଡ଼କୁ ରହିବ ଓ କେତେ ବେଗରେ କୂଳକୁ ଧକ୍କା ଦେବ ତାହା ଆଉ ଦିନେ ଦୁଇଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ। ତେବେ ପ୍ରାରମ୍ଭିକ ସୂଚନା ଅନୁଯାୟୀ ଲଘୁଚାପ ବାତ୍ୟାରେ ପରିଣତ ହୋଇ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶା ଉପକୂଳ ଆଡ଼କୁ ମୁହାଁଇବ। ପୁରୀ ଜିଲାର ବ୍ରହ୍ମଗିରି କିମ୍ବା କୃଷ୍ଣ ପ୍ରସାଦ ବ୍ଲକ ମଧ୍ୟଦେଇ ସ୍ଥଳ ଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ସ୍ଥଳ ଭାଗକୁ ଛୁଇଁବା ବେଳେ ପବନର ବେଗ ୧୦୦ରୁ ୧୧୦ କିଲୋମିଟର ରହିବ ବୋଲି ଅନୁମାନ କରାଯାଇଛି। ବାତ୍ୟାର ପ୍ରଭାବରେ ଆସନ୍ତା ୮ ତାରିଖରେ ହାଲ୍‌କା ବର୍ଷା ହେବ। ୯ ଓ ୧୦ ତାରିଖରେ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ ଆଦି ଜିଲାରେ ପ୍ରବଳ ବର୍ଷା ହେବ। କେତେକ ସ୍ଥାନରେ ୧୧୫ .୬ ମିଲିମିଟରରୁ ୨୦୪.୪ ଏବଂ କେତେକ ସ୍ଥାନରେ ୨୦୪.୫ ମିଲିମିଟର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଗଞ୍ଜାମ, ଗଜପତି, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର ଆଦି ଜିଲାରେ ମଧ୍ୟମ ଧରଣର ବର୍ଷା ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେବେ ଆସନ୍ତା ୪ ଦିନ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚାନ ଦିଆଯାଇଛି। ଆସନ୍ତା ୭ ତାରିଖ ବେଳକୁ ସମୁଦ୍ର ଉପକୂଳ ଅଶାନ୍ତ ରହିବ। ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ ବର୍ଷା ଆରମ୍ଭ ହୋଇଯିବ।

ସମ୍ଭାବ୍ୟ ବାତ୍ୟା ଦାନା ବାନ୍ଧିଲେ ଏହାର ନାମ ‘ବୁଲବୁଲ’ ଦିଆଯିବ। ପରବର୍ତ୍ତୀ ସିରିଏଲ ଅନୁଯାୟୀ ପାକିସ୍ତାନର ନାମ ଦେବା ଅଧିକାର ପଡୁଥିବାରୁ ସେହି ଦେଶ ଦେଇଥିବା ନାମ ଅନୁସାରେ ଏହି ବାତ୍ୟାର ନାମକରଣ ବୁଲବୁଲ କରାଯିବ। ଅନ୍ୟ ପକ୍ଷରେ ଆଉ ଏକ ବାତ୍ୟା ଆରବ ସାଗରରେ ସୃଷ୍ଟି ହୋଇଛି। ଏହାର ନାମ ଓମାନ ଦେଶର ନାମ ଅନୁଯାୟୀ ‘ମହା’ ଦିଆଯାଇଛି। ଏହି ବାତ୍ୟା ଦୁର୍ବଳ ହେବା ପରେ ବୁଲବୁଲ୍‌ର ପ୍ରକୃତ ବଳ ବିଷୟରେ ସ୍ପଷ୍ଟ ସଙ୍କେତ ମିଳିବ। ଏହା ପରେ ନାମକରଣ କରାଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ମୁକାବିଲା କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଅନ୍ୟ ବିଭାଗଗୁଡ଼ିକ ପ୍ରସ୍ତୁତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ବାତ୍ୟାର ସ୍ପଷ୍ଟଚିତ୍ର ମିଳି ନାହିଁ। ଏ ନେଇ ସମ୍ପୂର୍ଣ୍ଣ ରିପୋର୍ଟ ମିଳିବା ପରେ ପ୍ରସ୍ତୁତିକୁ ଜୋରଦାର କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି।

ବିଧାନସଭା ଶୀତ ଅଧିବେଶନ

## ୧୩ରେ ବିଜେଡି ବିଧାୟକ ଦଳ ବୈଠକ

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

ଓଡ଼ିଶା ବିଧାନସଭାର ଶୀତ ଅଧିବେଶନ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ। ଏଥର ବିଧାନସଭାରେ ସରକାର ଅତିରିକ୍ତ ବଜେଟ ଉପସ୍ଥାପନ କରିବେ। ଏହା ପୂର୍ବରୁ ସରକାରଙ୍କ ପକ୍ଷରୁ ବଜେଟ ପାଇଁ ସବୁ ପ୍ରକାର ଉଦ୍ୟମ ଆରମ୍ଭ ହୋଇଛି। ମାତ୍ର ବିରୋଧୀ ବିଧାନସଭା ଅଧିବେଶନରେ ବିଭିନ୍ନ ସମସ୍ୟା ନେଇ ଘେରିବାକୁ ଯୋଜନା ରଖିଛନ୍ତି। ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁକୁ ନେଇ ଭାଜପା ଏବଂ କଂଗ୍ରେସ ବାରମ୍ବାର ଶାସକ ଦଳ ଉପରେ ବର୍ଷିବାରେ ଲାଗିଛନ୍ତି। ଭାଜପା ଏହି ପ୍ରସଙ୍ଗରେ ବିଧାନସଭା ଚଳାଇଦେବ ନାହିଁ ବୋଲି କହୁଥିବା ବେଳେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଏହି ଘଟଣାରେ ଆବଶ୍ୟକ ପଡ଼ିଲେ ଭାଜପାକୁ ସମର୍ଥନ ଦେବ ବୋଲି କହିସାରିଛନ୍ତି। ଏପରି ସ୍ଥିତିରେ ରାଜ୍ୟରେ ଆହୁରି ଅନେକ ପ୍ରସଙ୍ଗ ଆସିଲାଣି, ଯାହାକୁ ନେଇ ବିରୋଧୀ ଏଥର ☞ପୃଷ୍ଠା-୪

# ମହିଳା ତହସିଲଦାରଙ୍କୁ ଜିଅନ୍ତା ଜାଳିଦେଲେ

**ହାଇଦ୍ରାବାଦ,୪।୧୧(ପି.ଟି.)**



ତେଲଙ୍ଗାନାର ଜଣେ ମହିଳା ତହସିଲଦାରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଜଣେ ଯୁବକ ଜିଅନ୍ତା ଜାଳିଦେଇଛନ୍ତି। ରାଙ୍ଗାରେଡ୍ଡୀ ଜିଲାର ଅବଦୁଲ୍ଲାପୁରମେଟ ନିକଟରେ ଏହି ଘଟଣା ଘଟିଛି। ତହସିଲଦାରଙ୍କୁ ବଞ୍ଚାଇବାକୁ ଯାଇ ଦୁଇଜଣ କର୍ମଚାରୀ ଆହତ ହୋଇଥିବା ଜଣାପଡିଛି। ତହସିଲଦାର ବିଜୟା ରେଡ୍ଡୀ ତାଙ୍କ ଚାମ୍ବରରେ ଥିଲାବେଳେ ସୁରେଶ ନାମକ ଯୁବକ ସେଠାରେ ପହଞ୍ଚି ତାଙ୍କ ସହିତ ଯୁକ୍ତି କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ସୁରେଶ ରାଗିଯାଇ ପାଖରେ ରଖିଥିବା ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଘଟଣାସ୍ଥଳରେ ବିଜୟା ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହି ଘଟଣାରେ ଆକ୍ରମଣକାରୀ ଗୁରୁତର ହୋଇଥିଲାବେଳେ ତହସିଲଦାରଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କଲାବେଳେ ୨ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ତିନିଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ପଷ୍ଟ ଦିବାଲୋକରେ ତହସିଲ କାର୍ଯ୍ୟାଳୟରେ ଏଭଳି ଘଟଣା ଆତଙ୍କ ଖେଳାଇଦେଇଛି। ଆକ୍ରମଣର ପ୍ରକୃତ କାରଣ ଜଣାପଡି ନ ଥିଲେ ହେଁ ଜମିଜମା ବିବାଦକୁ ନେଇ ଏଭଳି ଘଟିଥିବା ସନ୍ଦେହ କରାଯାଉଛି। ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ସରକାରୀ ଅଫିସରେ ପଶି ଜଣେ ମହିଳା ଅଫିସରଙ୍କୁ ଜିଅନ୍ତା ପୋଡିଦେବା ଏହା ପ୍ରଥମ ଘଟଣା। ଆକ୍ରମଣକାରୀ ପୋଲିସ ହେପାଜତରେ ରହିଛନ୍ତି। ତାଙ୍କ ଶରୀରର ୫୦ରୁ ୬୦ ଭାଗ ପୋଡିଯାଇଥିବାରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୋଲିସ କହିଛି। ପ୍ରାରମ୍ଭିକ ତଦନ୍ତରୁ ଜମିଜମା ବିବାଦରୁ ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏଭଳି କାର୍ଯ୍ୟ ପାଇଁ ଆକ୍ରମଣକାରୀଙ୍କୁ କେହି ପ୍ରବର୍ତ୍ତାଇଛନ୍ତି କି ନାହିଁ ତାହା ଜଣାପଡିନି। ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଫାଷ୍ଟ ଟ୍ରାକ୍ କୋର୍ଟରେ ମାମଲାର ବିଚାର କରାଯିବ ବୋଲି ପୋଲିସ କମିଶନର କହିଛନ୍ତି।

**ଆଜିର ସମ୍ପାଦକୀୟ**

**ଠକ ମାଷ୍ଟର**

ଜେଲ ଗଲେ କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ସଭାପତି ପ୍ରମୋଦ ୩

**ଆଜିର ମନ୍ତବ୍ୟ**

“ କେନ୍ଦ୍ର ସରକାରଙ୍କ ‘ମେକ୍ ଇନ୍ ଇଣ୍ଡିଆ’ ଏବେ ‘ବାଏ ଫ୍ରମ୍ ଚାଇନା’ ହୋଇଗଲାଣି।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

**କିଛି ତଥ୍ୟ**

ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକଙ୍କ ଲାଗି କାର୍ଯ୍ୟକାରୀ ହେଉଥିବା ଅଟଳ ପେନସନ ଯୋଜନାରେ ସବସ୍କ୍ରାଇବରଙ୍କ ସଂଖ୍ୟା ୧.୯ କୋଟି ଟପିଛି। -ପିଏଫ୍‌ଆର୍‌ଡିଏ

# ଉଗ୍ରବାଦ ଦମନରେ ମ୍ୟାନ୍‌ମାରର ସହଯୋଗ ଗୁରୁତ୍ୱପୂର୍ଣ୍ଣ: ପ୍ରଧାନମନ୍ତ୍ରୀ




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମ୍ୟାନ୍‌ମାର ଷ୍ଟେଟ କାଉନସିଲର ଅଙ୍ଗ ସାନ୍ ସୁ କୀଙ୍କ ସହ ଆଲୋଚନା କରୁଛନ୍ତି।

**ବ୍ୟାଙ୍କକ୍,୪।୧୧**

**ମୋଦି- ସୁ କୀ ଆଲୋଚନା**

ଆସିଆନ ସମ୍ମିଳନୀରେ ଯୋଗଦେବା ଲାଗି ଥାଇଲାଣ୍ଡ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମ୍ୟାନ୍‌ମାର ଷ୍ଟେଟ୍ କାଉନସିଲର ଅଙ୍ଗ୍ ସାନ୍ ସୁ କୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ସ୍ଥିର ଓ ଶାନ୍ତିପୂର୍ଣ୍ଣ ସୀମା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ-ମ୍ୟାନ୍‌ମାର ସୀମାରେ ସକ୍ରିୟ ଥିବା ଉଗ୍ରବାଦୀଙ୍କୁ ଦମନ କରିବାରେ ସୁ-କୀଙ୍କ ସହଯୋଗ ଲୋଡିଛନ୍ତି ମୋଦି।

ମ୍ୟାନ୍‌ମାରର ରାଖିନେ ପ୍ରଦେଶରେ ସାମାଜିକ-ଅର୍ଥନୈତିକ ପ୍ରକଳ୍ପ କାର୍ଯ୍ୟ ଆଗେଇନେବା ଲାଗି ଭାରତ ପ୍ରସ୍ତୁତ। ସୂଚନାଯୋଗ୍ୟ ମାସକ ପୂର୍ବରୁ ନୂଆଦିଲ୍ଲୀ ସେଠାରେ ଏକ ହାଉସିଂ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଛି। ଏହା ବ୍ୟତୀତ ନୂଆଦିଲ୍ଲୀ ନିର୍ମାଣ କରୁଥିବା ସିତ୍ୱେ ବନ୍ଦରର କାର୍ଯ୍ୟକାରିତା, କାଲାଦନ ମଲ୍ଟି ମୋଡାଲ ଟ୍ରାଞ୍ଜିଟ୍ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ ଏବଂ ସୀମା ପୁନଃନିର୍ଦ୍ଧାରଣ ସମ୍ପର୍କରେ ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଭାରତ ସହ ବନ୍ଧୁତା ଗୁରୁତ୍ୱପୂର୍ଣ୍ଣ ବୋଲି ସୁ-କୀ ଏହି ଅବସରରେ କହିଥିଲେ। ଉଗ୍ରବାଦୀମାନେ ସୀମା ଦେଇ ଯେପରି ଭାରତରେ ପ୍ରବେଶ ନ କରନ୍ତି ତାହା ସୁନିଶ୍ଚିତ କରିବା ଲାଗି ମୋଦି ମ୍ୟାନ୍‌ମାରର ସହଯୋଗ ଲୋଡିଥିଲେ। ଭାରତର ପ୍ରାଚ୍ୟକୁ ଦୃଷ୍ଟି ଏବଂ ପଡୋଶୀ ପ୍ରଥମ ନୀତିରେ ମ୍ୟାନ୍‌ମାରକୁ ଗୁରୁତ୍ୱ ଦିଆଯାଉଛି। ଏହି ରାଷ୍ଟ୍ର ଦେଇ ଦକ୍ଷିଣପୂର୍ବ ଏସିଆରେ ଯୋଗାଯୋଗର ଉନ୍ନତି ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ମ୍ୟାନ୍‌ମାର ସହ ଭାରତର ୧୬୪୦ କିଲୋମିଟର ସୀମା ରହିଛି। ସୁରକ୍ଷା ସଂସ୍ଥାର ତଥ୍ୟ ଅନୁଯାୟୀ ଗତବର୍ଷ ପର୍ଯ୍ୟନ୍ତ ଉତ୍ତରପୂର୍ବ ମ୍ୟାନ୍‌ମାରରେ ୫୦ରୁ ଉର୍ଦ୍ଧ୍ୱ ଉଗ୍ରବାଦୀ କ୍ୟାମ୍ପ ସକ୍ରିୟ ଥିଲା। ମେ ୧୬ରେ ଭାରତ ଓ ମ୍ୟାନ୍‌ମାର ସେନା ସୀମାରେ ମିଳିତ ଅଭିଯାନ ଚଳାଇଥିଲେ, ଯେଉଁଥିରେ ଅନେକ ଉଗ୍ରପନ୍ଥୀ ଶିବିର ଧ୍ୱଂସ ହୋଇଥିଲା।






Vencobb CHICKEN

04.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 63 | 110 | 120 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply

Issued in the Interest of Consumers





ଭୟଙ୍କର ପ୍ରଦୂଷଣ ଯୋଗୁ ଦିଲ୍ଲୀରେ ଏବେ ଫିଲ୍ମ ଶୁଟିଂ କରିବା କଷ୍ଟକର ହୋଇପଡ଼ିଛି।
- ପ୍ରିୟଙ୍କା ଚୋପ୍ରା, ବଲିଉଡ୍ ଅଭିନେତ୍ରୀ



# ଏସିଡିଟି ଦୂରକରେ ଜିରା ମିଶା ଗୁଡ଼ପାଣି

**ନୂଆଦିଲ୍ଲୀ:** ସୁସ୍ଥ ରହିବାକୁ କିଏ ବା ନ ଚାହେଁ। ହେଲେ ମାନସିକ ଚାପ କିମ୍ବା ପରିବର୍ତ୍ତିତ କାର୍ଯ୍ୟକଳାପ ଯୋଗୁ ମଣିଷ ବିଭିନ୍ନ ରୋଗଗ୍ରସ୍ତ ହୋଇଥାଏ। ସକାଳେ ଜିରା ମିଶା ଗୁଡ଼ପାଣି ପିଇଲେ ବହୁ ଉପକାର ହୋଇଥାଏ। ଏହା ଦ୍ୱାରା ପାଚନକ୍ରିୟା ସ୍ୱାଭାବିକ ହେବା ସହିତ ରକ୍ତହୀନତାରୁ ମୁକ୍ତି ମିଳେ। ଏହା କୋଲେଷ୍ଟରଲ ସ୍ତର ନିୟନ୍ତ୍ରିତ କରି ହାର୍ଟ ଆଟାକ୍‌ରୁ ମୁକ୍ତି ଦେଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଖାଦ୍ୟ ଖାଇବାର କିଛି ସମୟ ପୂର୍ବରୁ ଏହି ପାଣି ପିଇଲେ କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ପେଟ ଦରଜ ଭଳି ସମସ୍ୟା ଦୂର ହୋଇଥାଏ। ମେଦବହୁଳତାରେ ଏହା ମହୌଷଧୀ ଭଳି କାମ କରେ ବୋଲି ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି।





# ହଜମ ଶକ୍ତି ବଢ଼ାଏ କଞ୍ଚାଲଙ୍କା

**ନୂଆଦିଲ୍ଲୀ:** କଞ୍ଚାଲଙ୍କାରେ ରହିଛି ପ୍ରଚୁର ପରିମାଣରେ ଭିଟାମିନ୍ ଏ ଓ ସି। ଯାହା ଆମର ଦୃଷ୍ଟିଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ। ଆଜିକାଲି ଅଧିକାଂଶ ଲୋକେ ଲାଲ ଲଙ୍କାକୁ ଖାଦ୍ୟରେ ସାମିଲ କରୁଥିବା ଦେଖାଯାଏ। ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ନିକଟରେ ଏକ ଗବେଷଣାରୁ ଜଣାପଡିଛି କି କଞ୍ଚାଲଙ୍କାରେ ଥିବା ଭିଟାମିନ୍ସ ଆମ ଶରୀରକୁ ବିଭିନ୍ନ ପ୍ରକାର ଛୋଟମୋଟ ସମସ୍ୟାରୁ ଦୂରେଇ ରଖିଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ବିଶେଷ କରି ଏହା ବୋନ୍ କ୍ୟାନସର ସହ ଲଢିବାର ଶକ୍ତି ରଖିଥାଏ। ଅତ୍ୟଧିକ ଧୂମ୍ରପାନ କରୁଥିବା ବ୍ୟକ୍ତିଙ୍କ ପାଇଁ କଞ୍ଚାଲଙ୍କା ଲାଭଦାୟକ। କାରଣ ଏହା ହଜମ ଶକ୍ତି ବୃଦ୍ଧି କରିବା ସହ ପାଚନ ତନ୍ତ୍ରକୁ ଠିକ୍ ରଖିବାରେ ସାହାଯ୍ୟ କରିଥାଏ। ସବୁଠାରୁ ବଡ କଥା ହେଲା ରକ୍ତ ଶର୍କରା ଅଂଶ କମ୍ କରିବାକୁ କଞ୍ଚାଲଙ୍କା ବ୍ୟବହାର କରିବା ଭଲ। ରାତିରେ ୨ଟି କଞ୍ଚାଲଙ୍କା ଏକ ଗ୍ଲାସ ପାଣିରେ ଭିଜାଇ ରଖି ସକାଳୁ ସେହି ପାଣିକୁ ପିଇଲେ ରକ୍ତ ଶର୍କରା କମି ଯାଇଥାଏ। ଏହିପରି ମାସେ ପର୍ଯ୍ୟନ୍ତ କଲେ ଲାଭ ମିଳିଥାଏ। ତେବେ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଏପରି କରିବା ଭଲ। କଞ୍ଚାଲଙ୍କା ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥିବା ବେଳେ ଲାଲ ଲଙ୍କାଠାରୁ ସବୁବେଳେ ଦୂରେଇ ରହିବା ଭଲ।

# କ୍ଷୀରକୁ ଦହି କରେ ପଥର

**ଜୟପୁର:** ରାଜସ୍ଥାନ ଜୈସଲମେର ଠାରୁ ୫୦ କିଲୋମିଟର ଦୂର ହାବୁର ଗାଁରେ ଏକ ପ୍ରକାର ପଥର ମିଳିଥାଏ। ପଥରକୁ କ୍ଷୀରରେ ପକାଇଲେ କିଛି ସମୟ ମଧ୍ୟରେ ଏହା ଦହିରେ ପରିଣତ ହୋଇଯାଏ। ଗାଁ ଲୋକେ ଦହି ପ୍ରସ୍ତୁତି ପାଇଁ ଏହି ପଥରର ବ୍ୟବହାର କରିଥାନ୍ତି। ଏହି ପଥରକୁ ସ୍ଥାନୀୟ ଭାଷାରେ 'ହାବୁରିଆ ଭାଟା' ବୋଲି କୁହାଯାଇଥାଏ। ତେବେ ବିଜ୍ଞାନ ଅନୁସାରେ ଏହି ପଥରରେ ଆମିନୋ ଏସିଡ୍, ଫିନାଏଲ ଏଲନିୟା, ରିଫ୍ଟାମେନ୍ ଟାୟୋରସିନ୍ ଆଦି ରାସାୟନିକ ପଦାର୍ଥ ରହିଥାଏ। ଯାହାକି କ୍ଷୀରକୁ ଦହିରେ ପରିଣତ କରେ। ତେଣୁ ଏହି ପଥରରେ ନିର୍ମିତ ପାତ୍ରରେ କ୍ଷୀର କିଛି ସମୟ ରଖିଲେ ତାହା ଦହି ପାଲଟି ଯାଏ।



# ଦୃଷ୍ଟିହୀନ ଟିଲ୍‌ଟେକ୍ ଗାଁ

ଟରଣ୍ଟୋ: କାନାଡ଼ାର ଓଣ୍ଟୋରିଓ ପ୍ରଦେଶରେ ରହିଛି ଟିଲ୍‌ଟେକ୍ ଗାଁ। ଏଠାରେ ଜୋପ୍‌ଟେକ ଜନଜାତିର ଲୋକେ ବାସକରନ୍ତି। ଏମାନେ ଉତ୍ତର ଆମେରିକାରୁ ଆସିଥିବା ରେଡ୍ ଇଣ୍ଡିଆନ ସମ୍ପ୍ରଦାୟର। ଗାଁର ପଶୁପକ୍ଷୀଙ୍କଠାରୁ ମଣିଷ ପର୍ଯ୍ୟନ୍ତ ସମସ୍ତେ ଏଠି ଦୃଷ୍ଟିହୀନ। ସେମାନେ ଜନ୍ମରୁ ଦୃଷ୍ଟିହୀନ ନ ଥିଲେ ହେଁ ଜନ୍ମର କିଛିଦିନ ପରେ ସେମାନଙ୍କର ଦୃଷ୍ଟି ଶକ୍ତି କମି କମି ଯାଇଥାଏ। କୁଡ଼ିଆରେ ବାସକରନ୍ତି ଏହି ଜନଜାତି। ସେମାନେ ବାସ କରୁଥିବା କୁଡ଼ିଆରେ କବାଟ ଏବଂ ଝରକା ନ ଥାଏ। ସନ୍ଧ୍ୟାରେ ସମସ୍ତ ଗ୍ରାମବାସୀ ଏକାଠି ହୋଇ ଭୋଜନ କରନ୍ତି ଓ ରାତିରେ ମଦ୍ୟପାନ କରି ନାଚଗୀତ କରିଥାନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗାଁରେ ଥିବା ଏକ ବୃକ୍ଷକୁ ଦେଖିବା ମାତ୍ରେ ସେମାନଙ୍କର ଦୃଷ୍ଟିଶକ୍ତି କମ୍ ହୋଇଯାଇଥାଏ। ମାତ୍ର ଗାଁକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କ କ୍ଷେତ୍ରରେ ଏହା ହୋଇ ନ ଥାଏ। ତେବେ ବୈଜ୍ଞାନିକମାନେ କୁହନ୍ତି ଏଠାରେ ଏକ ପ୍ରକାର କଳାମାଛି ରୁହନ୍ତି। ଏହି ମାଛି ପଶୁପକ୍ଷୀ ମଣିଷ ସମସ୍ତଙ୍କୁ କାମୁଡ଼ି ଥାନ୍ତି। ମାଛି ଲାଳରେ ଏକ ପ୍ରକାର ବିଷ ରହିଥାଏ। ଏହା ଆଖିର ସ୍ନାୟୁ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଫଳରେ ଧୀରେ ଧୀରେ ଦୃଷ୍ଟି ଶକ୍ତି କମି ଶେଷରେ ପଶୁପକ୍ଷୀ ଓ ମଣିଷ ଦୃଷ୍ଟିହୀନ ହୋଇ ଯାଇଥାନ୍ତି।



# ୫୧ ଡିଗ୍ରୀଧାରୀ ଦଶରଥ

**ଜୟପୁର:** ଜମ୍ମୁ-କଶ୍ମୀର, ଆସାମ, ପଞ୍ଜାବ ଆଦି ସୀମାରେ ମୁତୟନ ହୋଇଥିବା ଜଣେ ଭାରତୀୟ ଯବାନଙ୍କ ପାଠପଢ଼ିବା ପ୍ରତି ଥିବା ଆଗ୍ରହ ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜସ୍ଥାନର ଦଶରଥ ସିଂ ସେନାରେ ନିଯୁକ୍ତି ହୋଇ ମଧ୍ୟ ପାଠ ପଢ଼ାରେ ୫୧ ଡିଗ୍ରୀ ହାସଲ କରିପାରିଛନ୍ତି। ଏବେ ଅଧିକ ପାଠପଢ଼ିଥିବା ବ୍ୟକ୍ତି ଭାବେ ତାଙ୍କର ନାମ ଇଣ୍ଟରନ୍ୟାସନାଲ୍ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। ତାଙ୍କୁ 'ମୋଷ୍ଟ ଏଜୁକେସନାଲୀ କ୍ୱାଲିଫାଏଡ୍ ପର୍ସନ ଅଫ୍ ଦି ୱାର୍ଲ୍ଡ' ଭାବେ ନାମିତ କରାଯାଇଛି। ଏଥିରେ ତାଙ୍କର ୩୬ ପାଠପଢ଼ା ଡ଼ିଗ୍ରୀକୁ ସାମିଲ୍ କରାଯାଇଛି। ଏବେ ଦଶରଥ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସର ନାମ ସ୍ଥାନୀତ କରିବା ଲାଗି ଆବେଦନ କରିଛନ୍ତି। ସେ ଝୁନଝୁନ୍ ଜିଲାର ନବଲଗଡ଼ ତହସିଲ୍‌ର ଖିରୋଡ଼ସର ଗାଁର ବାସିନ୍ଦା।



# ଫ୍ୟାନ୍‌ଙ୍କ ଉପରେ ରାଗିଲେ ରାନୁ

**ନୂଆଦିଲ୍ଲୀ:** ସୋସିଆଲ ମିଡିଆ ରାତାରାତ କାହାକୁ ବି ଷ୍ଟାର୍ ବନେଇପାରେ, ଆଉ ରାତାରାତି କାହାକୁ ବଦ୍‌ନାମ ମଧ୍ୟ କରିପାରେ। ଆଜିର ସମୟରେ ସୋସିଆଲ ମିଡିଆର ପ୍ରଭାବ ସର୍ବାଧିକ ରହିଥିବା ଦେଖିବାକୁ ମିଳୁଛି। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭକରି ଲୋକପ୍ରିୟ ତାରକାଙ୍କ ପର୍ଯ୍ୟନ୍ତ ସମସ୍ତେ ସୋସିଆଲ ମିଡିଆରେ ନିଜ ଭାବମୂର୍ତ୍ତି ବଜାୟ ରଖିବା ସହ ପ୍ରଶଂସକ ଓ ସମର୍ଥକମାନଙ୍କୁ ବାନ୍ଧି ରଖିବାର ପ୍ରୟାସ ଚଳାଇଥାନ୍ତି। ତେବେ ଏହି ସୋସିଆଲ ମିଡିଆରୁ ରାତାରାତ ଷ୍ଟାର୍ ହୋଇଥିବା ରାନୁ ମଣ୍ଡଳଙ୍କ ବିଷୟରେ ଆପଣ ନିଶ୍ଚୟ ଜାଣିଥିବେ।

ଗୋଟିଏ ଭାଇରାଲ ଗୀତରୁ ବଲିଉଡ୍ ଏଣ୍ଟ୍ରି କରିବାର ସୁଯୋଗ ପାଇଥିଲେ ରାନୁ। ହେଲେ ଯେଉଁ ସୋସିଆଲ ମିଡିଆ ତାଙ୍କ ଜୀବନକୁ ବଦଳେଇ ଦେଇଥିଲା, ଏବେ ସେହି ସୋସିଆଲ ମିଡିଆରେ ପୁଣି ରାନୁଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କ ଏକ ଗୀତ ଗାଇ ରାତାରାତ ଲୋକପ୍ରିୟ ହୋଇଥିଲେ ରାନୁ। ଗୀତଟି ଜଣେ ସହୃଦୟ ବ୍ୟକ୍ତି ସୋସିଆଲ ମିଡିଆରେ ଶେୟାର କରିବା ପରେ ରାନୁଙ୍କ ଯେପରି ଭାଗ୍ୟ ବଦଳିଗଲା। ଗରିବୀ ପଛରେ ଜଣେ କଳାକାର ଲୁଚି ରହି ନ ଯାଉ ବୋଲି ସୋସିଆଲ ମିଡିଆରେ ଅନେକେ ଅପିଲ୍ କରିଥିଲେ। ପରେ ସଙ୍ଗୀତ ନିର୍ଦ୍ଦେଶକ ହିମେଶ ରେଶମିଆ ରାନୁଙ୍କୁ ବଲିଉଡ୍‌ରେ ପ୍ରଚ୍ଛଦପଟ୍ଟ ଗାୟକୀ ପାଇଁ ସୁଯୋଗ ଦେଇଥିଲେ। ରାନୁଙ୍କ ଲୋକପ୍ରିୟତା ଆହୁରି ବଢ଼ି ବଢ଼ି ଚାଲିଲା। ରାନୁ ଆଉ ରାସ୍ତା କଡ଼ରେ ନୁହେଁ ବଲିଉଡ୍ ପାଇଁ ଗାଉଛନ୍ତି। ହେଲେ ଏବେ ରାନୁଙ୍କ ବ୍ୟବହାର ବଦଳିଯାଇଛି। ତାଙ୍କର ଏଭଳି ଏକ ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି, ଯେଉଁଥିରେ ସେ ତାଙ୍କ ପ୍ରଶଂସକକୁ ଭଲ ବ୍ୟବହାର ପ୍ରଦର୍ଶନ କରୁ ନହାନ୍ତି।

ଭାଇରାଲ ଭିଡିଓରୁ ଯାହା ଜଣା ପଡୁଛି, ଏକ ଦୋକାନକୁ ଜିନିଷପତ୍ର କିଣାକିଣି ପାଇଁ ରାନୁ ଯାଇଥିଲେ। ସେଠାରେ ଜଣେ ମହିଳା ପ୍ରଶଂସକ ଆସି ତାଙ୍କ ସହ ଏକ ସେଲ୍‌ଫି ବା ଫଟୋ ଉଠାଇବାକୁ ଅନୁରୋଧ କରିଥିଲେ। ହେଲେ ରାନୁ ହଠାତ୍ ରାଗିଯାଇ ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ମହିଳା ପ୍ରଶଂସକ ଜଣକ ତାଙ୍କୁ କାହିଁକି ଛୁଇଁଲେ ବୋଲି ରାନୁ ରାଗିଯାଇଥିବା ଦେଖିବାକୁ ମିଳିଛି। ଏଥିରେ ମହିଳା ପ୍ରଶଂସକଙ୍କ ମନ ଦୁଃଖ ହେବା ସହ ସେ ରାନୁଙ୍କ ଏଭଳି ବ୍ୟବହାର ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ। ତେବେ ଏ ସମସ୍ତ ଦୃଶ୍ୟ କୌଣସି ମତେ ସୋସିଆଲ ମିଡିଆରେ ଏବେ ଭାଇରାଲ ହେଉଛି। ଏହାସହ ରାନୁଙ୍କ ଏଭଳି ବଦଳିଯାଇଥିବା ବ୍ୟବହର ଦେଖି ଲୋକେ ବିଭିନ୍ନ ପ୍ରକାର ସମାଲୋଚନା ମଧ୍ୟ ଆରମ୍ଭ କରିଦେଲେଣି।



# ବିପର୍ଯ୍ୟୟରୁ ଲୋକଙ୍କ ସୁରକ୍ଷା ମୂଳ ଲକ୍ଷ୍ୟ

**ବିଶ୍ୱ ସୁନାମି ସଚେତନତା ଦିବସ**

ସୁନାମି ଯେତେବେଳେ ଆସେ ତାହା ଭାରି ଭୟଙ୍କର ପରିସ୍ଥିତି ସୃଷ୍ଟିକରେ। ଗତ ୧୦୦ ବର୍ଷ ମଧ୍ୟରେ ଏଭଳି ଭୟଙ୍କର ୫୮ଟି ସୁନାମି ପ୍ରାୟ ୨,୬୦, ୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣ ନେଇଛି। ପ୍ରତି ସୁନାମି ହାରାହାରି ୪,୬୦୦ଙ୍କ ଜୀବନ ନେଇଥିବା ଏକ ରିପୋର୍ଟରୁ ଜଣାପଡିଛି। ୨୦୦୪ରେ ଭାରତ ମହାସାଗରେ ସୃଷ୍ଟି ହୋଇଥିବା ସୁନାମି ଭାରତ, ଇଣ୍ଡୋନେସିଆ, ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ ସମେତ ୧୪ଟି ଦେଶରେ ବିଶ୍ୱର ସବୁଠୁ ବେଶି ୨,୨୭,୦୦୦ଙ୍କ ଜୀବନ ନେଇଥିଲା ଯେଉଁଥିରେ ବିଶ୍ୱ ଏକ ପ୍ରକାର ସ୍ତବ୍ଧ ହୋଇଯାଇଥିଲା। ଏହାର ଠିକ୍ ତିନି ସପ୍ତାହ ପରେ ଏଭଳି ପ୍ରାକୃତିକ ବିପର୍ଯ୍ୟୟର ଜନିତ କ୍ଷୟକ୍ଷତି ହ୍ରାସ କରିବା ପାଇଁ ବିଶ୍ୱ ସମୁଦାୟ ଜାପାନର ହାଇପୋରେ 'ହାଇପୋ ଫ୍ରେମୱାର୍କ ଫର୍ ଆକ୍ସନ'ପ୍ରଥମ ବିଶ୍ୱସ୍ତରୀୟ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା।

ବିଶେଷ କରି ସମୁଦ୍ରରେ ସୁନାମି ସୃଷ୍ଟି ହୋଇଥାଏ। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ହୋଇଥିବାରୁ ସାଧାରଣତଃ ସେଠାକୁ ଅଧିକାଂଶ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ତେଣୁ ସେମାନେ କୌଣସି ସମୟରେ ସୁନାମିର ଶିକାର ହୋବାର ଆଶଙ୍କା ରହିଛି। ଏଣୁ ବିପର୍ଯ୍ୟୟ ଜନିତ ମୃତ୍ୟୁ ହ୍ରାସ କରିବା ଲାଗି ଲୋକମାନଙ୍କୁ ସତର୍କ କରାଯିବା ସହ ସୁନାମି ସମ୍ପର୍କରେ ସଚେତନତା ଆଣିବା 'ସେନଡାଇ ଫ୍ରେମୱାର୍କ'ର ମୁଖ୍ୟ ଲକ୍ଷ୍ୟ। 'ହାଇପୋ ଫ୍ରେମୱାର୍କ' ପରେ ଏହାକୁ ମାର୍ଚ୍ଚ ୨୦୧୫ରେ ଏହାକୁ ଗ୍ରହଣ କରାଯାଇଥିଲା। ପରେ ଡିସେମ୍ବର ୨୦୧୫ରେ ଜାତିସଂଘ ସାଧାରଣ ପରିଷଦ ନଭେମ୍ବର ୫କୁ ବିଶ୍ୱ ସୁନାମି ସଚେତନତା ଦିବସ ଭାବେ ଘୋଷଣା କରିଥିଲା। ଏହି ଦିନକୁ ସବୁ ଦେଶ, ଆନ୍ତର୍ଜାତିକ ସଂସ୍ଥା ଓ ସରକାରୀ ସଂସ୍ଥା ଦ୍ୱାରା ପାଳନ କରାଯାଉଛି। ସୁନାମି ସମ୍ପର୍କରେ ସଚେତନାତା ସୃଷ୍ଟି କରିବା ସହ ବିପଦ ଟାଳିବା ଉପରେ ଲୋକମାନଙ୍କୁ ଅବଗତ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୯ରେ ଏହି ଦିବସ 'ସେନ୍‌ଡାଇ ସେଭେନ'ର ୭ଟି ଲକ୍ଷ୍ୟ ମଧ୍ୟରୁ ୪ର୍ଥ ଲକ୍ଷ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଛି। ଏହା ପ୍ରାକୃତିକ ବିପର୍ଯ୍ୟରେ ଭିତ୍ତିଭୂମି ତଥା ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୂଳସେବାରେ ଯେଭଳି କ୍ଷତି ନଘଟେ ସେଥିପ୍ରତି ଜୋର ଦିଆଯାଇଛି। ୨୦୩୦ ସୁଦ୍ଧା ଉପକୂଳ ଅଞ୍ଚଳରେ ବିଶ୍ୱ ଜନସଂଖ୍ୟାର ୫୦ ପ୍ରତିଶତ ଲୋକ ବାସ କରିବେ ବୋଲି ଆକଳନ କରାଯାଇଛି। ଏଣୁ ଏମାନେ ବନ୍ୟା, ବାତ୍ୟା ଓ ସୁନାମିର ଶିକାର ହେବାର ଆଶଙ୍କା ବେଶି। ସୁନାମି ସତର୍କ ସିଷ୍ଟମ ତଥା ଅନ୍ୟ ଭିତିଭୂମିରେ ବିକାଶ ଉପରେ ଗୁରୁତ୍ୱ ଦେବା ସହ ସୁନାମି ସମୟରେ କିପରି ଧନ ଜୀବନ ସୁରକ୍ଷା ହୋଇପାରିବ ସେ ସମ୍ପର୍କରେ ସଚେତନ କରାଯାଇପାରିଲେ ଏହି ଦିବସର ପାଳନର ଲକ୍ଷ୍ୟ ସାଧିତ ହୋଇପାରିବ।



# 'ପତି, ପତ୍ନୀ ଔର ୱ୍'ର ଟ୍ରେଲର ରିଲିଜ



ମୁମ୍ବାଇ: ବଲିଉଡ୍ କମେଡି ଫିଲ୍ମ 'ପତି, ପତ୍ନୀ ଔର ୱ୍'ର ଟ୍ରେଲର୍ ରିଲିଜ୍ ହୋଇଯାଇଛି। ଫିଲ୍ମରେ ଯୁବପିଢ଼ିଙ୍କ ମଧ୍ୟରେ ଅଧିକ ଲୋକପ୍ରିୟ କାର୍ତ୍ତିକ ଆର୍ଯ୍ୟନ, ଅନନ୍ୟା ପାଣ୍ଡେ ଓ ଭୂମି ପେଡନେକରଙ୍କ ଜବରଦସ୍ତ କମେଡି ସାଙ୍ଗକୁ ଅଭିନୟ ଦେଖିବାକୁ ମିଳିବ।

ବିବାହିତ ଚିଣ୍ଟୁ ତ୍ୟାଗୀ (କାର୍ତ୍ତିକ ଆର୍ଯ୍ୟନ) ନିଜ ଅଫିସ୍‌ର ଜଣେ ମହିଳା ସହକର୍ମୀ ତପସ୍ୟା (ଅନନ୍ୟା ପାଣ୍ଡେ)ଙ୍କ ପ୍ରେମରେ ପଡ଼ିଯାଇଥିବା ଟ୍ରେଲର୍‌ରେ ଦେଖିବାକୁ ମିଳିଛି। ଏହାପରେ ପତି ଚିଣ୍ଟୁ, ପତ୍ନୀ ବେଦିକା (ଭୂମି ପେଡନେକର) ଏବଂ ୱ ତପସ୍ୟାଙ୍କ ତ୍ରିକୋଣୀୟ ପ୍ରେମ କାହାଣୀ ଆରମ୍ଭ ହୋଇଯାଏ। ଜଣେ ବିବାହିତ ହୋଇ ଅଫିସ୍‌ରେ ସହକର୍ମୀଙ୍କ ସହ ପ୍ରେମସମ୍ପର୍କ ରଖିବାରୁ କାର୍ତ୍ତିକ କିଭଳି ବହୁ ସମସ୍ୟାରେ ପଡ଼ନ୍ତି, କେତେ ମିଛ କୁହନ୍ତି ତାହାରି ଉପରେ ଫିଲ୍ମର କାହାଣୀ ଆଧାରିତ। ଫିଲ୍ମରେ କାର୍ତ୍ତିକଙ୍କ ସାଙ୍ଗ ଭୂମିକାରେ ଅପାରଶକ୍ତି ଖୁରାନାଙ୍କୁ ଦେଖିବାକୁ ମିଳିବ, ଯାହାଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଟ୍ରେଲର୍‌ର ଝଲକ୍‌ରୁ ଜଣାପଡୁଛି, ଫିଲ୍ମରେ ଭରପୂର କମେଡି ରହିଛି। ପ୍ରତିଟି ଡାଏଲଗ୍ ଆପଣଙ୍କୁ ହସାଇବ ନିଶ୍ଚୟ। ଏହାସହ ପୁଣିଥରେ ବଲିଉଡ୍‌ର ପପୁଲାର ଗୀତ 'ଆଖିୟୋଁ ସେ ଗୋଲି ମାରେ' ଏକ ନୂଆ ଅନ୍ଦାଜରେ ଶୁଣିବାକୁ ମିଳିଥିବାବେଳେ 'ଧୀମେ ଧୀମେ..' ଗୀତ ମଧ୍ୟ ଟ୍ରେଲର୍‌କୁ ଆହୁରି ମଜାଦାର କରିଦେଉଛି।

ମୁଦାସର୍ ଅଜିଜ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ଡିସେମ୍ବର ୬ରେ ରିଲିଜ୍ ହେବ। ଏହି ରୋମାଣ୍ଟିକ୍ କମେଡି ଫିଲ୍ମରେ ତିନି କଳାକାର ପ୍ରଥମଥର ଏକାଠି ଦେଖିବାକୁ ମିଳିବେ।

# ଝିଅ ସହ ଦିବ୍ୟାଙ୍ଗ ପିତାଙ୍କ ସାଙ୍କେତିକ କଥାବାର୍ତ୍ତା

ଦୁନିଆରେ ମା'-ବାପାଙ୍କଠାରୁ ଅଧିକ ସ୍ନେହ ଅନ୍ୟ କାହାଠାରେ ମିଳେନାହିଁ। ଶିଶୁଟି ଯେତେବେଳ ଜନ୍ମ ହେବାପରେ ସବୁଠାରୁ ଅଧିକ ଖୁସି ସେମାନେ ହୋଇଥାନ୍ତି। ତାହା ମୁହଁରୁ ପ୍ରଥମ ଅସ୍ପଷ୍ଟ କଥା ଓ ମା', ବାପା ଶବ୍ଦ ଶୁଣିବା ପାଇଁ ଏବଂ କଥା ହେବା ପାଇଁ ନିଜେ ଛୋଟଛୁଆ ମଧ୍ୟ ପାଲଟିଯାଆନ୍ତି। ତା' ନିକଟରେ କେତେ ଅଭିନୟ କରିଥାନ୍ତି। ତାହା ହିଁ ସେମାନଙ୍କ ଜୀବନରେ ସବୁଠାରୁ ଆନନ୍ଦର ମୁହୂର୍ତ୍ତ ହୋଇଥାଏ। ହେଲେ କାନକୁ ଶୁଭୁ ନ ଥିବା ଜଣେ ଦିବ୍ୟାଙ୍ଗ ପିତା ନିଜ ପିଲା ମୁହଁରୁ ସୁନ୍ଦର କଥା ନ ଶୁଣି କିପରି ବା ରହିପାରିବେ। ଆମେରିକାର ପୂର୍ବତନ ବାସ୍କେଟ୍‌ବଲ୍ ଖେଳାଳି ରେକ୍ସ ଚାପ୍‌ମ୍ୟାନ୍ ନିଜ ଟୁଇଟର୍‌ରେ ଶେୟାର୍ କରିଥିବା ଭିଡିଓକୁ ଦେଖିଲେ ତାହା ସ୍ପଷ୍ଟ ହେଉଛି। ଦିବ୍ୟାଙ୍ଗ ପିତା ଜଣକ ନିଜ ନବଜାତ ଝିଅର କଥା ବୁଝିବା ପାଇଁ ସୁନ୍ଦର ଉପାୟ ଆପଣାଇଛନ୍ତି। ସେ ସାଙ୍କେତିକ ଭାଷାରେ ତା' ସହ କଥା ହେବା ପାଇଁ ଚେଷ୍ଟା କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। 'ମୁଁ ତୁମ ବାପା, ତୁମେ ବହୁତ ସୁନ୍ଦର' ବୋଲି ପିତା ଜଣକ ଶିଶୁଟିକୁ ସାଙ୍କେତିକ ଭାଷା ମାଧ୍ୟମରେ କହୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଦେଖି ଲକ୍ଷାଧିକ ଲୋକ ଖୁସି ପ୍ରକାଶ କରିଛନ୍ତି। ଅନେକେ ନିଜ କମେଣ୍ଟରେ 'ପ୍ରେମ ସବୁ ଭାଷାରୁ ଉର୍ଦ୍ଧ୍ୱରେ' ବୋଲି ଲେଖିଥିବା ଦେଖିବାକୁ ମିଳିଛି।

**ଭାଷାଠାରୁ ଉର୍ଦ୍ଧ୍ୱରେ ପ୍ରେମ**



## ସଂକ୍ଷେପରେ

### ବିଧାନସଭା ସଦାଚାର କମିଟି ବୈଠକ

#### ନିର୍ବାଚନମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି କାର୍ଯ୍ୟାବଳୀ ଉପରେ ହେଲା ଆଲୋଚନା

**ଭୁବନେଶ୍ୱର,୪।୧୧(ବ୍ୟୁରୋ):** ଓଡ଼ିଶା ସଦାଚାର ଗୃହ କମିଟିର ଚତୁର୍ଥ ବୈଠକ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଧାନସଭାସ୍ଥିତ ପ୍ରକୋଷ୍ଠ ନଂ.୫୪ରେ ଅନୁଷ୍ଠିତ ଏହି ବୈଠକରେ ନିର୍ବାଚନମଣ୍ଡଳୀ ସ୍ତରୀ ଉନ୍ନୟନ କମିଟିର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଛି । ଏହାଛଡ଼ା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ସଂସଦୀୟ ବ୍ୟାପାର ବିଭାଗକୁ ଦିଆଯାଇଥିବା ବୁକ୍ ସର୍କୁଲାର-୪୭ର ପ୍ରାବଧାନ ଅନୁପାଳନ ସମ୍ପର୍କିତ ମାସିକ ପ୍ରଗତି ବିବରଣୀ ଉପରେ ମଧ ଆଲୋଚନା ହୋଇଥିବା ଜଣାପଡିଛି ।


### ଡାକ୍ତର ସି.ବି.କେ. ମହାନ୍ତି ହେଲେ ଡିଏମ୍ଇଟି ନିର୍ଦ୍ଦେଶକ



**ଭୁବନେଶ୍ୱର, (ବ୍ୟୁରୋ)/ କଟକ ଅଫିସ, ୪।୧୧:** ରାଜ୍ୟ ମେଡିକାଲ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ(ଡିଏମ୍ଇଟି) ନିର୍ଦ୍ଦେଶକ ଭାବେ ଡା ସି.ବି.କେ. ମହାନ୍ତିଙ୍କୁ ନିଯୁକ୍ତି ମିଳିଛି। ଏନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ଡା. ମହାନ୍ତିଙ୍କୁ ଡିଏମ୍ଇଟି ନିର୍ଦ୍ଦେଶକ ଭାବେ ଉଭୟ ପ୍ରଶାସନିକ ଓ ଆର୍ଥିକ କ୍ଷମତା ମିଳିବ। ଡା. ମହାନ୍ତି ବର୍ତ୍ତମାନ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ (ଇନ୍‌ଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ସ୍ଥାନରେ ଡା. ସରୋଜ କୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଡା. ସାହୁ ଏବେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ସର୍ଜରି ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ସେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଟକ ମେଡିକାଲ କଲେଜ ଓ ହସ୍ପିଟାଲ ଇନ୍‌ଚାର୍ଜ ସୁପରିଣ୍ଟେଣ୍ଡେଣ୍ଟ ଭାବେ କାର୍ଯ୍ୟ କରିବେ।

### ଅନ୍ୟ ରାଜ୍ୟର ବଜେଟ ଯାଞ୍ଚ କଲା ବିଧାନସଭା ସ୍ୱତନ୍ତ୍ର କମିଟି

**ଭୁବନେଶ୍ୱର,୪।୧୧(ବ୍ୟୁରୋ):** ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର କମିଟି ବୈଠକ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାନସଭାସ୍ଥିତ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କମିଟି ବୈଠକରେ ଅନ୍ୟ ରାଜ୍ୟଗୁଡିକରେ ଉପସ୍ଥାପିତ ହେଉଥିବା ବଜେଟ ଯାଞ୍ଚ କରିବା ପାଇଁ ଗଠିତ ବିଭାଗୀୟ ସ୍ଥାୟୀ କମିଟିଙ୍କ ସୁପାରିସ ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନକୁ ଅନୁଧାନ କରାଯାଇଛି। ଏହି ବୈଠକରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରମୁଖ ଉପସ୍ଥିତ ଥିଲେ।




## ■ ଏକକ ଷାଣ୍ମାସିକ ପରୀକ୍ଷା ତ୍ରୁଟି ଘଟଣା

# ୧୫ ଦିନରେ ରିପୋର୍ଟ ଦେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ସଚିବଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ କମିଟି ଗଠିତ**

**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

ପ୍ରଥମରୁ ଅଷ୍ଟମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା ଏକକ ପ୍ରଶ୍ନପତ୍ରରେ ଦେଖାଯାଇଥିବା ତ୍ରୁଟିବିଚ୍ୟୁତି ସମ୍ପର୍କରେ ସୋମବାର ବିଭାଗ ପକ୍ଷରୁ ସମୀକ୍ଷା ହୋଇଛି। ଏହି ତ୍ରୁଟି ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟି ଆସନ୍ତା ୧୫ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଥମଥର ପାଇଁ ଆରମ୍ଭ ହୋଇଥିବା ଅଷ୍ଟମ ଶ୍ରେଣୀ ଷାଣ୍ମାସିକ ଏକକ ପରୀକ୍ଷାର ପ୍ରଥମ ଦିନରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ପ୍ରାୟ ୧୪% ପ୍ରଶ୍ନପତ୍ର ଅଭାବ ପଡ଼ିବାରୁ ବିଭିନ୍ନ ସ୍କୁଲରେ କଳାପଟାରେ ପ୍ରଶ୍ନ ଲେଖାଯାଇଥିଲା। ଏପରି କି କେତେକ ସ୍ଥାନରେ ଜେରକ୍ସ କରାଯାଇ ମଧ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ଦିଆଯାଇଥିଲା। ଏଭଳି ଅବ୍ୟବସ୍ଥା ଯୋଗୁ ବିଭିନ୍ନ ସ୍ଥାନରେ ପରୀକ୍ଷା ବିଳମ୍ବରେ ଆରମ୍ଭ ହୋଇଥିଲା। ଏନେଇ ଶିକ୍ଷା ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଭାଗ ଏହାକୁ ଗୁରୁତର ସହ ନେଇ ତ୍ରୁଟିକୁ ସୁଧାରିବା ପାଇଁ ଚେଷ୍ଟା ଚଳାଇଛି। ଏସ୍‌ପିଡି, ଓପେପାଙ୍କ ତଥ୍ୟ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ପ୍ରଶ୍ନପତ୍ର ବଣ୍ଟନରେ ସାମାନ୍ୟ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୋଇଥିଲେ ମଧ ପରବର୍ତ୍ତୀ ସମୟରେ ଏହାକୁ ସୁଧାରି ଦିଆଯାଇଛି ଏବଂ ୩ କୋଟି ୯ ଲକ୍ଷ ୬୪ ହଜାର ୬୧୩ ପ୍ରଶ୍ନପତ୍ର ବିଭିନ୍ନ ବିଦ୍ୟାଳୟକୁ ବିତରଣ କରାଯାଇଛି।

ଭବିଷ୍ୟତରେ ଏକକ ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବା ଏବଂ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଲାଗି ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରିବ ବୋଲି ମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ସ୍ଥିର କରାଯାଇଛି। ସେହିପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଏମ୍‌ଏଲ୍‌ଇ ପ୍ରଶ୍ନପତ୍ର ମଧ ପ୍ରସ୍ତୁତି ପାଇଁ ସ୍ଥିର ହୋଇଛି। ଓପେପା ଏସ୍‌ପିଡି, ସ୍ୱତନ୍ତ୍ର ସଚିବ ବିଶ୍ୱନାଥ ପ୍ରଧାନ, ଏସ୍‌ଇଆର୍‌ଟି ନିର୍ଦ୍ଦେଶକ ଗଙ୍ଗାଧର ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ମହିଳା କର୍ମଚାରୀଙ୍କୁ ଅସଦାଚରଣ ମାମଲା

# ଜେଲ ଗଲେ କେନ୍ଦ୍ରାପଡ଼ା କ୍ରେଡିଟ କୋ–ଅପରେଟିଭ ସୋସାଇଟି ସଭାପତି ପ୍ରମୋଦ

- ସଭ୍ୟ ପଦ ରଦ୍ଦ କାହିଁକି ନ ହେବ, ତାର ଜବାବ ମାଗିଲେ ରାଜ୍ୟ ସମବାୟ ନିବନ୍ଧକ
- ଉପସଭାପତିଙ୍କୁ ଅସ୍ଥାୟୀ ସଭାପତି ଦାୟିତ୍ୱ



ପ୍ରମୋଦ ସାହୁ

**କେନ୍ଦ୍ରାପଡ଼ା ଅଫିସ, ୪।୧୧**

ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ମାମଲାରେ କେନ୍ଦ୍ରାପଡ଼ା କ୍ରେଡିଟ କୋ–ଅପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁ ସୋମବାର ଗିରଫ ହୋଇଛନ୍ତି। କେନ୍ଦ୍ରାପଡ଼ା ଟାଉନ ଥାନାପୋଲିସ ପ୍ରମୋଦଙ୍କୁ ଏସ୍‌ଡିଜେଏମ୍ ଦିଗ୍‌ବିଜୟ ଦାଶଙ୍କ କୋର୍ଟରେ ହାଜର କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାରିମୂଳସ୍ଥିତ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରବିବାର ବିଳମ୍ବିତ ରାତିରେ ପୋଲିସ ପ୍ରମୋଦଙ୍କୁ ବଣିଆମାଳସ୍ଥିତ ତାଙ୍କ ବାସଗୃହରୁ ଉଠାଇ ନେଇଥିଲା। ପରେ ଏକ ଅଜ୍ଞାତ ସ୍ଥାନରେ ରଖି ଅଭିଯୋଗ ସମ୍ପର୍କରେ ପଚରାଉଚରା କରିଥିଲେ। ସୋମବାର ଭୋର ସାଢେ ୪ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରମୋଦଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ପୂର୍ବାହ୍ନ ସାଢେ ୧୦ଟାରେ କୋର୍ଟରେ ପୋଲିସ ତାଙ୍କୁ ହାଜର କରାଇଥିଲା। ଅପରପକ୍ଷରେ ରାଜ୍ୟ ସମବାୟ ନିବନ୍ଧକ ବିଭୂତି ଭୂଷଣ ପଟ୍ଟନାୟକ ସଭାପତି ପ୍ରମୋଦଙ୍କ ସଦସ୍ୟତା ଏବଂ ସଭାପତି ପଦ କାହିଁକି ରଦ୍ଦ କରା ନ ଯିବ ତାହାର ଜବାବ ତଲବ କରିଛନ୍ତି। ୭ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ କହିବା ସହ ସୋସାଇଟିର ଉପସଭାପତି ଅନୁସୂୟା ସାମଲଙ୍କୁ ଅସ୍ଥାୟୀ ଭାବେ ସଭାପତି ଦାୟିତ୍ୱ ଦେବାକୁ ଏଆର୍‌ସିଏସ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସମ୍ପର୍କରେ ଏଏସ୍‌ପି ବ୍ରହ୍ମାନନ୍ଦ ଗାଗାରିନ୍ ମହାନ୍ତି କହିଛନ୍ତି, ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ଅଭିଯୋଗ କ୍ରମେ ହୋଇଥିବା ମାମଲା (ନଂ–୧୩୮/୧୯)ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଆଇପିସି ଧାରା ୩୫୪(କ) ଓ (ଘ), ୫୦୯, ୫୦୬ ଓ ୨୯୪ ଦଫା ଲାଗୁ ହୋଇ କୋର୍ଟ ଚାଲାଣ କରାଯାଇଛି। ପ୍ରମୋଦଙ୍କ ଗିରଫ ପରେ ଅଭିଯୋଗକାରିଣୀ କହିଛନ୍ତି ଯେ, ପୋଲିସର ଏହି ପଦକ୍ଷେପ ବିଳମ୍ବ ହୋଇଥିଲେ ମଧ ସ୍ୱାଗତଯୋଗ୍ୟ। ଭାରତୀୟ ନ୍ୟାୟାଳୟର ଦଣ୍ଡବିଧାନ ପ୍ରତି ଯଥେଷ୍ଟ ସମ୍ମାନ ରହିଛି। ଅଭିଯୁକ୍ତ କଠୋର ଦଣ୍ଡରେ ଦଣ୍ଡିତ ହେବା ଆଶା ରଖିଛି। ଏଥିସହ ସେ କହିଛନ୍ତି ଯେ, ପ୍ରମୋଦ ଜଣେ ପ୍ରଭାବଶାଳୀ ବ୍ୟକ୍ତି। ତାଙ୍କ ନିକଟରେ ଲୋକବଳ, ବାହୁବଳ ଓ ଅର୍ଥବଳ ରହିଛି। ଗିରଫ ପରେ ତାଙ୍କ ସମର୍ଥକମାନେ କୌଣସି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବା ଆଶଙ୍କା ବଢ଼ିଛି। ଏଥିପାଇଁ ନିଜକୁ ଅସୁରକ୍ଷିତ ଓ ଜୀବନ ପ୍ରତି ବିପଦ ଥିବା ସେ ପ୍ରକାଶ କରିଛନ୍ତି।

ଅପରପକ୍ଷରେ ପ୍ରମୋଦଙ୍କ ଓକିଲ ଦେବୀପ୍ରସାଦ କର କହିଛନ୍ତି ଯେ, ଏହି ମାମଲାରେ ପୋଲିସ ଯେଉଁସବୁ ଦଫା ଲଗାଇଛି ,ସେହିସବୁ ଦଫାର କାରାଦଣ୍ଡ ଅବଧି ୭ ବର୍ଷରୁ କମ୍ ଅଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ଦଫାରେ ପୋଲିସ ଅଭିଯୁକ୍ତଙ୍କୁ ଥାନାରୁ ଜାମିନ ଦେଇ ପାରିଥାନ୍ତା। ଏହି ମାମଲାରେ ଗିରଫ ପରେ ପ୍ରମୋଦଙ୍କ ସାମାଜିକ ସମ୍ମାନହାନୀ ହୋଇଥିବା ସେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ସମ୍ପୃକ୍ତା ଅଭିଯୋଗକାରିଣୀ ଏହି କେନ୍ଦ୍ରାପଡ଼ା କ୍ରେଡିଟ କୋ–ଅପରେଟିଭ ସୋସାଇଟିର କର୍ମଚାରୀ ଥିଲେ। ସେ କାର୍ଯ୍ୟରତ ଥିବା ସମୟରେ ସୋସାଇଟି ସଭାପତି ନିଜ ଚାମ୍ବରକୁ ତାଙ୍କୁ ଡାକି ଅସଦାଚରଣ କରିଥିଲେ। ଏପରି କି ପ୍ରମୋଦ ନିଜ ମୋବାଇଲରୁ ଅଶ୍ଳୀଳ ଭାବ ସହ କଥାବାର୍ତ୍ତା ହେବା , ଭିଡିଓ ଚାଟିଂ କରିବା, ସାନମଙ୍ଗଳାସ୍ଥିତ ଫାର୍ମ ହାଉସରେ ଅସଦାଚରଣ ଦେଖାଇବା ଆଦି ଘଟଣା ନେଇ ମହିଳା କର୍ମଚାରୀ ଜଣକ ଏପ୍ରିଲ ୩୦ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏସମ୍ପର୍କିତ ଅଡିଓ, ଭିଡିଓ ସିଡ଼ୀ ଦାଖଲ କରିଥିଲେ। ତେବେ ଏହି ଅଭିଯୋଗକୁ ଟାଉନ ଥାନା ପୋଲିସ ପଞ୍ଜୀକୃତ ନ କରିବାରୁ ଗତ ଜୁଲାଇରେ ଅଭିଯୋଗକାରିଣୀ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟରେ ଓ୍ୱାନ୍‌ସିସି ମାମଲା ଦାଏର କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଥାନାରେ ମାମଲା ରୁଜୁ କରାଯାଇଥିଲେ ସୁଦ୍ଧା ପୋଲିସ ତଦନ୍ତକୁ ଗୁରୁତ୍ୱ ଦେଇ ନ ଥିଲା କି ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ପୋଲିସର କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ ହେତୁ ଅଭିଯୋଗକାରିଣୀ ମହିଳା କମିଶନ, ଜିଲା ପ୍ରଶାସନ ଓ ପରେ ଗଣମାଧମର ସହଯୋଗ ଲୋଡିଥିଲେ। ଗଣମାଧମରେ ଏହି ଘଟଣାର ପର୍ଦ୍ଦାଫାଶ ପରେ ଜିଲା ପୋଲିସ ଏନେଇ ତଦନ୍ତ କରିବା ସହ ପ୍ରମୋଦଙ୍କୁ ଗିରଫ କରିଛି।

### ବିଜେଡିର ସ୍ପଷ୍ଟୀକରଣ
### ପ୍ରମୋଦ ସାହୁ ଦଳରେ ନାହାନ୍ତି

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

କେନ୍ଦ୍ରାପଡ଼ା କ୍ରେଡିଟ କୋ–ଅପରେଟିଭ୍ ସୋସାଇଟିର ସଭାପତି ପ୍ରମୋଦ ସାହୁ ପୂର୍ବତନ ମହିଳା କର୍ମଚାରୀଙ୍କୁ ଅସଦାରଣ ଅଭିଯୋଗରେ ଗିରଫ ହୋଇଛନ୍ତି। ତେବେ ସେ ଏବେ ଦଳରେ ନାହାନ୍ତି ବୋଲି ବିଜୁ ଜନତା ଜଳ(ବିଜେଡି) ପକ୍ଷରୁ ସୋମବାର ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ବିଜ୍ଞପ୍ତିରେ କୁହାଯାଇଛି ଯେ ସାହୁ ଦୀର୍ଘଦିନ ପୂର୍ବରୁ ବିଜେଡିରୁ ଇସ୍ତଫା ଦେଇ ସାରିଛନ୍ତି। ବିଜେଡି ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ।

### ଫନୀରେ ବିଦ୍ୟୁତ୍ ବିଭାଗ କ୍ଷତିର ସମୀକ୍ଷା କଲେ ମନ୍ତ୍ରୀ

#### ହାଇଡ୍ରୋ ପ୍ରୋଜେକ୍ଟର କ୍ଷମତା ବୃଦ୍ଧି ପାଇଁ ନିର୍ଦ୍ଦେଶ ଦେଲେ

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**


ଶକ୍ତିବିଭାଗ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ସମୀକ୍ଷା ବୈଠକରେ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପରିବେଶ ବାତାନୁକୂଳ ମାଧମରେ ହାଇଡ୍ରୋ ପ୍ରୋଜେକ୍ଟଗୁଡ଼ିକୁ ତ୍ୱରାନ୍ୱିତ କରାଯାଇ ଏହାର କ୍ଷମତା ବୃଦ୍ଧି କରାଗଲେ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ଉନ୍ନତି ହୋଇପାରିବ ବୋଲି କହିଛନ୍ତି। ଫନୀ ସମୟରେ ବିଦ୍ୟୁତ୍ ବିଭାଗର ଅନେକ କ୍ଷୟକ୍ଷତି ହୋଇଥିଲା, ଯୁଦ୍ଧକାଳୀନ ଭିତ୍ତିରେ ଅସ୍ଥାୟୀ ଭାବେ ବିଦ୍ୟୁତ୍ ସଂଯୋଗ କରାଯାଇ ପ୍ରାଥମିକତା ଭିତ୍ତିରେ ବିଦ୍ୟୁତ୍‌ସେବା ଯୋଗାଇ ଦିଆଯାଇଛି। ସେହି କାରଣରୁ ବିଦ୍ୟୁତ ବିଭାଗ ପ୍ରଶଂସାର ପାତ୍ର ହୋଇପାରିଥିଲା। ପର୍ଯ୍ୟାୟକ୍ରମେ ଅସ୍ଥାୟୀ ସଂଯୋଗକୁ ସ୍ଥାୟୀ କରାଯାଇଛି। ଫନୀ କ୍ଷତିର ପୁନରୁଦ୍ଧାର ସକାଶେ ରହିଥିବା ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହ ଯୋଗାଯୋଗ କରାଯାଇ ବଳକା କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସମୀକ୍ଷା ବୈଠକରେ ମନ୍ତ୍ରୀ ମିଶ୍ର କହିଛନ୍ତି। ବୈଠକରେ ଶକ୍ତି ବିଭାଗୀୟ କମିଶନର ତଥା ଶାସନ ସଚିବ ବିଷ୍ଣୁ ପ୍ରସାଦ ସେଠୀ, ଅତିରିକ୍ତ କମିଶନର ପ୍ରଦୀପ୍ତ କିଶୋର ଶତପଥୀ, ସ୍ୱତନ୍ତ୍ର ସଚିବ ସଂଗ୍ରାମ ସ୍ୱାଇଁ ପ୍ରମୁଖ ପଦାଧିକାରୀ ଉପସ୍ଥିତ ଥିଲେ।

## ■ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ମାମଲା

# ୨୯ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ, ୪।୧୧**

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ତଥା ରାଜ୍ୟର ଅନ୍ୟ ବାର୍ ଆସୋସିଏଶନର କୋର୍ଟ ବର୍ଜନ ଆନ୍ଦୋଳନକୁ ନେଇ ହୋଇଥିବା ଅଦାଲତ ଅବମାନନା ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ହାଇକୋର୍ଟଙ୍କ ଫୁଲ୍ ବେଞ୍ଚ ବସି ଏହି ମାମଲାର ଶୁଣାଣି କରିଥିବାବେଳେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଗୋପାଳକୃଷ୍ଣ ମହାନ୍ତି ଓ ସମ୍ପାଦକ ସଞ୍ଜୟ କୁମାର ଦାସ ବ୍ୟକ୍ତିଗତ ହାଜର ହୋଇଥିଲେ। ଶୁଣାଣି ସମୟରେ ଆସୋସିଏଶନ ସଭାପତି ଓ ସମ୍ପାଦକ ହାଇକୋର୍ଟ ପକ୍ଷରୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସର ଜବାବ ସତ୍ୟପାଠ ଆକାରରେ ଦାଖଲ କରିଥିଲେ। ସେହିପରି ଶନିବାର ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକର ରିଜୋଲ୍ୟୁସନ୍ କପି ଏବଂ ସୋମବାରଠାରୁ ବାର୍ ଆସୋସିଏଶନର ସମସ୍ତ ଆଇନଜୀବୀ କାର୍ଯ୍ୟରେ ଯୋଗଦେବା ନେଇ ସତ୍ୟପାଠ ଦାଖଲ କରାଯାଇଥିଲା।



ଏହାପରେ ବାର୍ ଆସୋସିଏଶନ ସଭାପତି ଓ ସମ୍ପାଦକଙ୍କୁ ଏହି ମାମଲାରେ ଆଗକୁ ଶୁଣାଣି ନ ହେବା ପାଇଁ ହାଇକୋର୍ଟ ସ୍ଥଗିତ ରଖିଛନ୍ତି ବୋଲି ସମ୍ପାଦକ ଦାସ କହିଛନ୍ତି। ଆନ୍ଦୋଳନ ସମୟରେ ଅଦାଲତଙ୍କ କୌଣସି କାର୍ଯ୍ୟରେ ବାର୍ ଆସୋସିଏଶନ ପକ୍ଷରୁ ବାଧା ଦିଆଯାଇନାହିଁ, ବାହାର ଆଇନଜୀବୀ କିମ୍ବା ମାମଲାର ପକ୍ଷଭୁକ୍ତ ବ୍ୟକ୍ତିଙ୍କୁ ଅଦାଲତରେ ହାଜର ହେବା ପାଇଁ ଆନ୍ଦୋଳନ ସମୟରେ ବାଧା ଦିଆଯାଇ ନ ଥିଲା ବୋଲି ଶୁଣାଣି ସମୟରେ ଅଦାଲତଙ୍କୁ ଆସୋସିଏଶନ ସଭାପତି ଓ ସମ୍ପାଦକ କହିଥିଲେ। ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ହୋଇଥିଲା ବୋଲି ଶୁଣାଣି ସମୟରେ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ତେବେ ଏହି ମାମଲାରେ ପକ୍ଷଭୁକ୍ତ ଅନ୍ୟ ୬୭ଟି ବାର୍ ଆସୋସିଏଶନ ସଭାପତି ଓ ସମ୍ପାଦକ ଆସନ୍ତା ୨୯ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ଆଦେଶ ଦେଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଏକାଧିକ ଦାବି ନେଇ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ପ୍ରଥମେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଅଦାଲତ ବର୍ଜନ କରାଯାଇଥିଲା। ପରେ ଅର୍ଥାତ୍ ଗତ ଅକ୍ଟୋବର ୧୪ରେ ବାର୍ ଆସୋସିଏଶନ ପକ୍ଷରୁ ହାଇକୋର୍ଟଙ୍କ ସମସ୍ତ ଅଦାଲତକୁ ବର୍ଜନ କରାଯାଇଥିଲା। ଏ ନେଇ ହାଇକୋର୍ଟଙ୍କ ରେଜିଷ୍ଟ୍ରାର୍ ଜେନେରାଲ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଅକ୍ଟୋବର ୧୫ରେ ପ୍ରଥମ ଥର ହାଇକୋର୍ଟଙ୍କ ଫୁଲ୍ ବେଞ୍ଚ ଏହି ମାମଲାର ଶୁଣାଣି କରି ୧୩୬ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଥିଲେ।




# ୬୨୮୪ ସରକାରୀ ବିଦ୍ୟାଳୟକୁ 'ଗରିମା' ତାମ୍ର ପୁରସ୍କାର

**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ରାଜ୍ୟର ୬୨୮୪ ସରକାରୀ ବିଦ୍ୟାଳୟ 'ଗରିମା' ତାମ୍ର ପୁରସ୍କାର ପାଇବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଏହି ବିଦ୍ୟାଳୟଗୁଡ଼ିକୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ବିଭାଗ ପକ୍ଷରୁ ନୂତନ ଭାବେ ପ୍ରଚଳିତ ସାର୍ଟିଫିକେଟ୍ ପ୍ରୋଗ୍ରାମ ଅନୁଯାୟୀ 'ଗରିମା' ତାମ୍ର, ରୌପ୍ୟ ଓ ସ୍ୱର୍ଣ୍ଣ ପୁରସ୍କାର ପର୍ଯ୍ୟାୟକ୍ରମେ ଦିଆଯିବ। ଏହି କାର୍ଯ୍ୟକ୍ରମ ଚଳିତବର୍ଷ ଅଗଷ୍ଟରୁ ଆରମ୍ଭ ହୋଇଛି। ସୂଚନାନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୩୫୦୦ ସରକାରୀ ବିଦ୍ୟାଳୟ ପୁରସ୍କାର ପାଇଁ ଆବେଦନ କରିଥିଲେ। ଏହି ସବୁ ବିଦ୍ୟାଳୟକୁ ବ୍ଲକ ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ଗଠିତ ଏକ ଦଳ ପ୍ରାଥମିକ ତଦନ୍ତ କରିବା ପରେ ସମ୍ପୃକ୍ତ ଜିଲାର ଡାଏଟ୍ କର୍ତ୍ତୃପକ୍ଷ ସବିଶେଷ ବିବରଣୀ ସଂଗ୍ରହ କରିଥିଲେ। ବ୍ଲକ ସ୍ତରରେ ପ୍ରାଥମିକ ପର୍ଯ୍ୟାୟରେ ପଞ୍ଜୀକୃତ ୧୮୩୫୩ ବିଦ୍ୟାଳୟ ମଧ୍ୟରୁ ୬୨୪୮ବିଦ୍ୟାଳୟକୁ 'ଗରିମା' ତାମ୍ର ପୁରସ୍କାର ଦେବା ପାଇଁ ସୁପାରିଶ କରାଯାଇଛି। ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ତାମ୍ର ପୁରସ୍କାର ଦିଆଯାଉଛି। ଏହି ପୁରସ୍କାର ଜିଲା ସ୍ତରରେ ଅନୁଷ୍ଠିତ 'ସୁରଭି–୨୦୧୯' କାର୍ଯ୍ୟକ୍ରମରେ ସମ୍ପୃକ୍ତ ଜିଲାପାଳ ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନଙ୍କୁ ପ୍ରଦାନ କରିବେ। ଗତ ଅଗଷ୍ଟରେ ଅନୁଷ୍ଠିତ ବ୍ଲକ ଓ କ୍ଲଷ୍ଟରସ୍ତରରେ ୭୦% ଦକ୍ଷତା ପ୍ରଦର୍ଶନ କରିଥିବା ସୁନ୍ଦରଗଡ଼ ଜିଲାର ସବଡେଗା ଓ ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ବ୍ଲକ ସମେତ ୫୮ କ୍ଲଷ୍ଟର ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ଏନେଇ ଚୟନ ପ୍ରକ୍ରିୟାରେ ସମସ୍ତ ଜିଲା ଓ ବ୍ଲକ ଶିକ୍ଷାଧିକାରୀ, ଡାଏଟ୍ ଅଧକ୍ଷ, ସିଆର୍‌ସିସି ରହିଛନ୍ତି। ଏହି ନୂତନ ପ୍ରୋତ୍ସାହନ ବ୍ୟବସ୍ଥା ଶିକ୍ଷା, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ହାସଲରେ ନିଶ୍ଚିତ ସକାରାତ୍ମକ ଅଭିବୃଦ୍ଧି ଆଣିବା ସହ ଆସନ୍ତା ଡିସେମ୍ବରରେ 'ଗରିମା' ରୌପ୍ୟ ପୁରସ୍କାର ପାଇବାରେ ସହାୟକ ହେବ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ରାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଷ୍ଟେଟ୍ ବାର କାଉନ୍‌ସିଲ କମିଟିର ଅବଧି ଶେଷ

# ବିସିଆଇ ଗଠନ କଲା ୩ ଜଣିଆ ସ୍ୱତନ୍ତ୍ର କମିଟି

**କଟକ ଅଫିସ, ୪।୧୧**

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ କମିଟିର ବର୍ଦ୍ଧିତ ଅବଧି ଶେଷ ହୋଇଛି। ଏ ନେଇ ରବିବାର ନୂଆଦିଲ୍ଲୀରେ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ(ବିସିଆଇ) ପକ୍ଷରୁ ଅନୁଷ୍ଠିତ ବୈଠକରେ ଓଡ଼ିଶା ଆଇନଜୀବୀ ପରିଷଦକୁ ପରିଚାଳନା ଲାଗି ତିନି ଜଣିଆ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଅଶୋକ ପରିଜାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର, ରାଜ୍ୟ ଆଇନଜୀବୀ ପରିଷଦ ଏକ୍ଜିକ୍ୟୁଟିଭ୍ କମିଟି ସଦସ୍ୟ ଅଜୟ କୁମାର ବରାଳ ରହିଛନ୍ତି।

ପ୍ରକାଶଥାଉ କି, ରାଜ୍ୟ ଆଇନଜୀବୀ ପରିଷଦର କମିଟି ୨୦୧୪ ଜୁନ୍ ୨୮ରେ ଗଠନ ହୋଇଥିଲା। ଏହି କମିଟିର ଅବଧି ୬ମାସ ପୂର୍ବରୁ ଶେଷ ହୋଇଥିଲାବେଳେ ଏହାକୁ ନଭେମ୍ବର ୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। କିନ୍ତୁ ୬ମାସ ଅବଧି ବୃଦ୍ଧି କରାଯାଇଥିଲେ ମଧ୍ୟ ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ନ ହେବାରୁ ବିସିଆଇ ଏହି କମିଟି ଗଠନ କରିଛି। ଆବଶ୍ୟକସ୍ଥଳେ ଏହି କମିଟି ଏକ ସବ୍‌କମିଟି ମଧ୍ୟ ଗଠନ କରିପାରିବ। କିନ୍ତୁ ଏହି ସବ୍ କମିଟି ଗଠନ ପୂର୍ବରୁ ବିସିଆଇ ସହ ଆଲୋଚନା କରି ଯାହା ନିଷ୍ପତ୍ତି ନେବ। ବର୍ତ୍ତମାନ ଆଇନଜୀବୀ ଭୋଟରଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ଏହି ତାଲିକାରେ ଜାଲିଆତି କରି ଡିଗ୍ରୀ ହାତେଇଥିବା ଆଇନଜୀବୀ ଏବଂ ପ୍ରାକ୍ଟିସ୍ କରୁ ନ ଥିବା ଆଇନଜୀବୀ ଯେପରି ସାମିଲ୍ ନ ହୁଅନ୍ତି ସେଥିପ୍ରତି ଏହି କମିଟି ନଜର ରଖିବ ବୋଲି ବିସିଆଇ ପକ୍ଷରୁ କୁହାଯାଇଛି।

ପ୍ରଥମ ପୃଷ୍ଠାରୁ...

## ୧୩ରେ ବିଜେଡି...

ଶାସକ ଦଳକୁ ଡରେଇବା ପାଇଁ ସମ୍ପୂର୍ଣ୍ଣ ତୟାରରେ ଅଛି। ଭାଜପା ଏବଂ କଂଗ୍ରେସ ଆସନ୍ତା ୧୨ରେ ବିଧାୟକ ଦଳ ବୈଠକ କରିବେ ବୋଲି ଯୋଜନା ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ବିଧାନସଭା ଅଧିବେଶନ ଆରମ୍ଭର ଦିନକ ଆଗରୁ ବିରୋଧୀ ଏକାଠି ହୋଇ ଶାସକ ଦଳକୁ ଘେରିବା ପାଇଁ ଏଜେଣ୍ଡା ପ୍ରସ୍ତୁତ କରିବେ। ଏଥର ବିରୋଧୀ ପକ୍କାଘର ବଣ୍ଟନରେ ଦୁର୍ନୀତି, ଚାଷୀ ସମସ୍ୟା, ସରକାରଙ୍କ ୫-ଟି ଯୋଜନା ଏବଂ ମୋ ସରକାର ଯୋଜନା ବିରୋଧରେ ଏକାଠି ହୋଇ ଗୃହ ଚଳାଇ ଦେବେ ନାହିଁ ବୋଲି ଯୋଜନା ରଖିଛନ୍ତି। ସେପଟେ ଶାସକ ଦଳ ପକ୍ଷରୁ ଅଧିବେଶନ ଆରମ୍ଭର କିଛି ସମୟ ପୂର୍ବରୁ ବିଧାୟକ ଦଳ ବୈଠକ ବସିବ ବୋଲି ଜଣାପଡ଼ିଛି। ୧୩ ତାରିଖ ପୂର୍ବାହ୍ନ ୧୦ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ବସିବ ବୋଲି ଜଣାପଡ଼ିଛି।

# ବୃଦ୍ଧଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର

ଗଣିଆ,୪।୧୧(ଡି.ଏନ.ଏ.): ନୟାଗଡ଼ ଜିଲା ଗଣିଆ ଥାନାର ମା' କଳାପାଟ ପୀଠ ପରିସରରୁ ସୋମବାର ଜଣେ ବୃଦ୍ଧଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଛାମୁଣ୍ଡିଆ ଗ୍ରାମର ଗୟାଧର ବାରିକ (୬୭)। ତାଙ୍କ ସ୍ୱାମୀଙ୍କୁ କେହି ହତ୍ୟା କରିଥିବା ନେଇ ଗୟାଧରଙ୍କ ସ୍ତ୍ରୀ ଶାନ୍ତିଲତା ବାରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୪୩/୧୯) ରୁଜୁ କରି ସନ୍ଦେହରେ ତାଙ୍କ ସାନପୁଅ ଗୋପୀନାଥ ବାରିକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପରିବାର ଓ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗୟାଧର ଛାମୁଣ୍ଡିଆ ବଜାରରେ ଏକ ସେଲୁନ କରି ଗୁଜୁରାଣ ମେଣ୍ଟାଉଥିଲେ। ଘରଠାରୁ କେଇହାତ ଦୂରରେ ନିଜ ଘରେ ତାଙ୍କ ସ୍ତ୍ରୀ ଓ ସାନପୁଅ ଗୋପୀନାଥ ରହୁଥିଲେ। ପାରିବାରିକ କଳହକୁ ନେଇ ଗୟାଧର କିଛିଦିନ ହେଲା ସେଲୁନରେ ରହିଆସୁଥିଲେ। ରବିବାର ପୁଣିଥରେ କଳହ ଯୋଗୁ ରାତି ୯ଟାରେ ସେ ସେଲୁନ ଛାଡ଼ି ବାହାରିଆସିଥିଲେ। ଏପରିସ୍ଥଳେ ସୋମବାର ସକାଳେ ମା' କଳାପାଟ ପୀଠ ସମ୍ମୁଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ମୃତଦେହ ପଡ଼ିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଏହା ଗୟାଧରଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲା। ନିକଟରେ ମାଟିଘୋଡାର ଭଙ୍ଗାଅଂଶ ପଡ଼ିଥିବାରୁ ସେଥିରେ ତାଙ୍କ ମୁଣ୍ଡକୁ ପିଟି କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି।

ପ୍ରଥମ ପୃଷ୍ଠାରୁ...

## ପୂର୍ଣ୍ଣକାଳୀନ...

ଦେଇଛନ୍ତି। ବିଶେଷକରି ମହିଳା ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଉତ୍ତମ ବ୍ୟବସ୍ଥା କରିବା ଏବଂ ସମସ୍ତଙ୍କ ପାଇଁ ବାଧାମୁକ୍ତ ଦର୍ଶନ ନିମନ୍ତେ ବିଶେଷଜ୍ଞମାନଙ୍କ ସହାୟତାରେ ସୁଚିନ୍ତିତ ଯୋଜନା କରିବାକୁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ରାୟରେ କୁହାଯାଇଛି।

ରୋଷଘର ଯେଭଳି ସବୁବେଳେ ସଫାସୁତରା ରହିବ ଏବଂ ସ୍ୱାସ୍ଥ୍ୟପ୍ରଦ ପରିବେଶରେ ମହାପ୍ରସାଦ ପ୍ରସ୍ତୁତି ଓ ରଖାଯାଇପାରିବ ସେନେଇ ପଦକ୍ଷେପ ଦେବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସେବାୟତ ଓ କର୍ମଚାରୀଙ୍କ ପାଇଁ ପରିଚୟପତ୍ର ବ୍ୟବସ୍ଥା କରିବା ପାଇଁ ଖଣ୍ଡପୀଠ କହିଛନ୍ତି।

ଠାକୁରଙ୍କୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ନିମନ୍ତେ ରହଣି ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୬୦ ହଜାର ଭକ୍ତଙ୍କ ପାଇଁ ଏହି ବ୍ୟବସ୍ଥା କରାଯିବାକୁ କୁହାଯାଇଛି। ପୁରୀ ସହରର ନାଳନର୍ଦ୍ଦମା ପାଣି ପାଇଁ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବସାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳରେ ଏହି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ତିଆରି କରିବାକୁ କୋର୍ଟ କହିଛନ୍ତି।

ମହାପ୍ରଭୁଙ୍କ ରାଜ୍ୟ ତଥା ରାଜ୍ୟ ବାହାରେ ସମ୍ପତ୍ତି ରହିଛି। ହେଲେ ଏହି ସମ୍ପତ୍ତିର ପରିମାଣ କେତେ ତାହା ଠିକ୍ ଭାବେ ଆକଳନ କରାଯାଇ ପାରିନାହିଁ। ଅନେକ ଜାଗାରେ ମହାପ୍ରଭୁଙ୍କ ଜମି ଥିଲେ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନର ଏହା ଉପରେ ଅଙ୍କୁଶ ନାହିଁ। ଲୋକେ ଜମିକୁ ଭୋଗଦଖଲ କରୁଥିଲାବେଳେ ଶ୍ରୀମନ୍ଦିରକୁ ଟଙ୍କାଟିଏ ରାଜସ୍ୱ ଆସୁନାହିଁ। ଆମିକସ୍ କ୍ୟୁରିଙ୍କ ରିପୋର୍ଟ ଅନୁଯାୟୀ ଶ୍ରୀମନ୍ଦିରର ୬୦,୪୧୮ ଏକର ଜମି ରହିଛି। କିନ୍ତୁ ସେଥିମଧ୍ୟରୁ ମାତ୍ର ୩୪,୨୦୦ ଏକର ଜମିର ସ୍ୱତ୍ୱଲିପି ପ୍ରସ୍ତୁତ କରାଯାଇପାରିଛି। ଆସନ୍ତା ୬ ମାସ ମଧ୍ୟରେ ବଳକା ଜମିର ସ୍ୱତ୍ୱଲିପି ପ୍ରସ୍ତୁତ କରିବାକୁ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସମସ୍ତ ସମ୍ପତ୍ତିର ତାଲିକା ପ୍ରସ୍ତୁତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ପତ୍ତିର ବିବରଣୀ, ରକ୍ଷଣାବେକ୍ଷଣ, ଏଥିରୁ କେତେ ଆୟ ଆସୁଛି ଏବଂ କ'ଣ ଖର୍ଚ୍ଚ କରାଯାଉଛି ତାହାର ବିବରଣୀ ସତ୍ୟପାଠ ମାଧ୍ୟମରେ ଦେବାକୁ ରାଜ୍ୟ ସରକାରଙ୍କୁ କହିଛନ୍ତି। ସେହିପରି ଶ୍ରୀମନ୍ଦିର ନାମରେ ଥିବା ଖଣିର ତାଲିକା, ସେଗୁଡ଼ିକରୁ ହେଉଥିବା ଆୟ ଓ ବକେୟା ସମ୍ପର୍କରେ ମଧ୍ୟ ଜଣାଇବାକୁ କୁହାଯାଇଛି।

ଶ୍ରୀମନ୍ଦିରର ମୂଲ୍ୟବାନ ସାମଗ୍ରୀ ଓ ଭକ୍ତମାନେ ଦାନରେ ଦେଉଥିବା ସାମଗ୍ରୀର ତାଲିକା ଏବଂ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। ସେସବୁର ତାଲିକା କିଭଳି କରାଯାଇଛି ଏବଂ ସୁରକ୍ଷା ପାଇଁ କ'ଣ ପ୍ରସ୍ତାବ ରହିଛି ତାହା ଜଣାଇବାକୁ ଖଣ୍ଡପୀଠ ଶ୍ରୀମନ୍ଦିର ପ୍ରଶାସନକୁ କହିଛନ୍ତି।

ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଆବାସିକ ସ୍କୁଲ କରାଯିବାକୁ କୋର୍ଟ ରାୟ ଦେଇଛନ୍ତି। ଓଡ଼ିଶାର ଏକ ମାମଲାରେ ୫ କୋଟି ଟଙ୍କା ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଅଛି। ବର୍ତ୍ତମାନ ତାହା ସୁଧମୂଳ ହୋଇ ସାଢେ ୬ କୋଟି ଟଙ୍କା ହେଲାଣି। ଏହି ଟଙ୍କା କୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ। ଏଥିରେ ସ୍କୁଲ ତିଆରି କରାଯିବ। ମନ୍ଦିର ପ୍ରଶାସନ ଏଥିପାଇଁ ଜମି ଯୋଗାଇଦେବ। ବିଶେଷକରି ଉକ୍ତ ସ୍କୁଲ ସେବାୟତ ପରିବାରର ପିଲାମାନଙ୍କୁ ସହାୟକ ହୋଇପାରିବ।

ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ପାଇଁ ପୃଥକ୍ ଭାବେ ଶୌଚାଳୟ ଆବଶ୍ୟକ ଥିବା ଆମିକସ୍ କ୍ୟୁରି ରିପୋର୍ଟରେ ଉଲ୍ଲେଖ କରିଥିଲେ। ତେଣୁ ହାରାହାରି ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟାକୁ ଆଧାର କରି ପୃଥକ୍‌ଭାବେ ଅତ୍ୟାଧୁନିକ ଶୌଚାଳୟ ବ୍ୟବସ୍ଥା କରିବା ଏବଂ ସେଗୁଡ଼ିକୁ ସବୁବେଳେ ସଫାସୁତରା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭକ୍ତଙ୍କ ପାଇଁ ଆବଶ୍ୟକ ମୁତାବକ ସାମାନ ଘର, ମୋଟର ଷ୍ଟାଣ୍ଡ ଆଦି ବ୍ୟବସ୍ଥା କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ରାୟରେ କୁହାଯାଇଛି।

ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜାନୁୟାରୀ ୮ରେ ଧାର୍ଯ୍ୟ କରିଛନ୍ତି। ଉପରୋକ୍ତ ନିର୍ଦ୍ଦେଶନାମା ସମ୍ପର୍କରେ କ'ଣ ପଦକ୍ଷେପ ନିଆଯାଇଥିବା ତାହା ରିପୋର୍ଟ ମାଧ୍ୟମରେ ଦାଖଲ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ମଧ୍ୟବର୍ତ୍ତିକାଳୀନ ରାୟ ନିଶ୍ଚିତ ସ୍ୱାଗତଯୋଗ୍ୟ। ମହାପ୍ରଭୁଙ୍କ ନୀତିକାନ୍ତିଠାରୁ ଆରମ୍ଭ କରି ଭକ୍ତଙ୍କ ଦର୍ଶନ ସବୁକିଛି ଯେଭଳି ଶୃଙ୍ଖଳିତ ଏବଂ ସମୟାନୁବର୍ତ୍ତୀ ହେବ ତାହା ଉପରେ ଧ୍ୟାନ ଦିଆଯାଇଛି। ସବୁଠୁ ବଡ଼ ନିଷ୍ପତ୍ତି ହେଉଛି ଶ୍ରୀମନ୍ଦିର ପରିଚାଳନା ପାଇଁ ଜଣେ ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତି। ଏହା ବହୁ ଆଗରୁ ଦରକାର ଥିଲା। ଜଣେ ପ୍ରଶାସକ ଯଦି ସମ୍ପୂର୍ଣ୍ଣ ମନ୍ଦିର ପରିଚାଳନା କଥା ବୁଝିବେ ତେବେ କୌଣସି ପ୍ରକାର ବିଭ୍ରାଟ ହେବ ନାହିଁ ବୋଲି ଆଶା କରୁଛି। କିନ୍ତୁ ନିର୍ଦ୍ଦେଶଗୁଡ଼ିକ ଠିକ୍ ଭାବେ ପାଳନ କରାଯିବା ଦରକାର ବୋଲି ଦାସମହାପାତ୍ର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ, ଫଳରେ ପାଇବାକୁ ଥିବା ଜିନିଷଟି ନ ପାଇ ନିରାଶ ହୋଇପାରନ୍ତି। ପରିବାରରେ ଶାନ୍ତି ଫେରିଆସିବା ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କଚେରି ମାମଲାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବୃଷ**
କୌଣସି କାମ କରିବା ପାଇଁ ଇଚ୍ଛା ହେବନାହିଁ। ହାତରେ ଗୁରୁ ଦାୟିତ୍ୱ ଥିଲେ ମଧ୍ୟ ଅପୂର୍ଣ୍ଣତା ହେତୁ ବ୍ୟସ୍ତତା ବଢ଼ିଯିବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, କଳା, କ୍ରୀଡ଼ା, ସଙ୍ଗୀତକ୍ଷେତ୍ର ମନ୍ଦ ହେବନି। ଅପବ୍ୟୟ, ଅତୀତ ଚିନ୍ତା, କାର୍ଯ୍ୟହାନି, ବ୍ୟବସାୟିକ ବିଫଳତା ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି କରିବ। କୌଣସି କ୍ଷେତ୍ରରେ ପ୍ରତିବାଦ କଲେ ଟେନସନ୍‌କୁ ନିମନ୍ତ୍ରଣ କରିବେ।

**ମିଥୁନ**
ବନ୍ଧୁଙ୍କ ସହାୟତାରେ ଆଜି ଦିନଟିରେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲ୍‌କା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସକାଳୁ ସକାଳୁ କିଛି ଅପେକ୍ଷା କରି ରହିଥିବା ଖବର ପାଇ ସାମୟିକ ଖୁସୀ ହୋଇଯିବେ।

**କର୍କଟ**
ପରିଶ୍ରମ ମୁତାବକ ପାରିଶ୍ରମିକ ପାଇବା କଷ୍ଟକର ହୋଇପାରେ। ପୂର୍ବେ ଯେଉଁମାନଙ୍କ ସହ ସମ୍ପର୍କ ଭଲଥିଲା ବର୍ତ୍ତମାନ ସେମାନେ ଦୂରେଇ ରହିବେ। ବନ୍ଧୁମାନେ ଫାଇଦା ହାସଲ ପାଇଁ ଚେଷ୍ଟା କରିପାରନ୍ତି। ପରିବହନ, ପ୍ରଶାସନ, ଜମିଜମା, ଗୃହନିର୍ମାଣ, କଳା, କ୍ରୀଡ଼ାରୁ ସମ୍ମାନ ଓ ପ୍ରଶଂସା ଊଣା ହେବନାହିଁ।

**ସିଂହ**
ପରିବାରରେ ସ୍ତ୍ରୀ ଏବଂ ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣ କରିବେ। ସହକର୍ମୀଙ୍କ ମଧ୍ୟସ୍ଥତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ ହେବେ।

**କନ୍ୟା**
ନୂତନ କର୍ମାରମ୍ଭ, ଆନୁଷ୍ଠାନିକ କାମରେ ଯାତ୍ରା ପାଇଁ ଅନୁକୂଳ। ପାରିବାରିକ ପ୍ରତିରୋଧ ହେତୁ ଅଟକି ରହିଥିବା କାମଗୁଡ଼ିକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ସାମୟିକ ମନ ଖୁସୀ ରହିବ। ବନ୍ଧୁଙ୍କ ହସ୍ତକ୍ଷେପ ଦ୍ୱାରା କଳା, ସଙ୍ଗୀତ, ଚଳଚ୍ଚିତ୍ର, ଆନୁଷ୍ଠାନିକ ଓ ପ୍ରଶାସନିକ ସ୍ତରର ସମସ୍ୟା ସମାଧାନ ହୋଇପାରିବ।

**ତୁଳା**
ପରିବାର ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିବ। ପଦସ୍ଥବ୍ୟକ୍ତିଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ,ବାଣିଜ୍ୟ ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବିଛା**
ଆନୁଷ୍ଠାନିକ କାମରେ ବନ୍ଧୁମିଳନ ଜନିତ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ କିନ୍ତୁ ସମ୍ପୂର୍ଣ୍ଣ ଭାବରେ ହୁଏତ ହୋଇ ନ ପାରେ। ଅଧ୍ୟୟନ, ଅଧ୍ୟାପନା ସାଙ୍ଗକୁ ଜଳ, ତୈଳ, ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ରାଜନୀତିରେ, କର୍ମକ୍ଷେତ୍ରରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ।

**ଧନୁ**
ଅର୍ଥଲାଭ,ସଦ୍‌ଭାବନା ସହ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପ୍ରଶାସନ,ଏଜେନ୍ସିପ୍, ଶିଳ୍ପ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ। ସଭାସମିତିରେ ବନ୍ଧୁମାନଙ୍କ କଟୁକ୍ତି ଶୁଣି ମନ ଦୁଃଖ କରିପାରନ୍ତି।

**ମକର**
ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ବଦାନ୍ୟତାରୁ କାର୍ଯ୍ୟ ସାଧନ କରି ପ୍ରଶଂସିତ ହେବେ। ଆଲୋଚନାର ଶେଷ ପର୍ଯ୍ୟାୟରେ ସାଧାରଣ କଥାରେ ବନ୍ଧୁ କ୍ଷୁବ୍ଧ ହୋଇପାରନ୍ତି।

**କୁମ୍ଭ**
ଆର୍ଥିକ ଅନଟନ କାମକୁ ସ୍ଥଗିତ ରଖିବାର ବହୁତ ସମ୍ଭାବନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। କିନ୍ତୁ ଆପଣ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ। ପାରିବାରିକ ସ୍ଥିତି ପୂର୍ବପରି ରହିବ।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ଚଳନ୍ତୁ, ନଚେତ୍ ଝାମେଲା ବଢ଼ି ଯାଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ତାହାକୁ ଓଲଟା ବୁଝିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଦୁଶ୍ଚିନ୍ତାର କାରଣ ହୋଇପାରେ। ବ୍ୟବସାୟରେ ସଫଳତା ହାସଲ କରିପାରିବେ। ଯାତ୍ରା ସମୟରେ ଯାନବାହନରେ ସତର୍କ ରୁହନ୍ତୁ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷ ଅଁଳାନବମୀ ମଙ୍ଗଳବାର, ନଭେମ୍ବର ୫ ତାରିଖ, ଧାତ୍ରୀ ପୂଜା, ଶ୍ରୀରାଧାଙ୍କ ପାଦଦର୍ଶନ, ରାଶି ନକ୍ଷତ୍ର-ଧନିଷ୍ଠା/ମକର ଦିବା ଘ୪।୪୬ମି ଗତେ, କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୩ମି. ମଧ୍ୟେ ଘ୧୧।୦୮ମି. ଗତେ ଅମୃତବେଳା। ଦିବା ଘ୨।୧୮ମି. ଗତେ ଘ୩।୪୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile
**SALE**

DUSTER (Renault) for sale. Make-2015, 110ps Diesel RXZ dci Driven-83500k.m. Very good condition. Single hand owner driven. Contact: 9337663136, 9438532386. D-15073

real estate
**SALE**

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

ଭୁବନେଶ୍ୱର Airport ଠାରୁ 5K.M ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ Possession ସହ ମିଳୁଛି। 9040008777. D-68414

Bhubaneswar Kesura SBI Colonyକୁ ଲାଗି ଘରବାଡ଼ି ପ୍ଲଟ ପାଚେରି ସହ ମିଳୁଅଛି। 9777100826. D-68407

36 decimal land with 2storied building at Plot No. 629/2492, Khata No.2676, Mouza-Nayapalli, Bhubaneswar for sale. Contact: 8763055738. D-68162

NH16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ possession ଥାଇ 399/-ରେ ମିଳୁଅଛି। 7504861292. D-68410

କଟକ-ଗୋପାଳପୁର ଧାକୁଲେଇପୀଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829. D-68412

ଭୁବନେଶ୍ୱର New Railwaystation 30ft Road ଥାଇ sqft. 480/-, Ragistration, Conversion, Mutation free. 6371406921, 9439690111. D-68505

2400sqft GA plot immediately sale at Bharatpur (Sum Hospital) Bhubaneswar, only buyer directly contact Deepak-9937329999. D-68025

3800sqft GA plot immediately sale at Surya nagar, Bhubaneswar, only buyer directly contact Deepak-9937329999. D-68024

Plot for sale near infosys-2 Road side ଘରବାରି ପାଚେରି, ପାଣି ଓ Electricity ସୁବିଧା ସହିତ and କଟକ, ଭୁବନେଶ୍ୱର NH-5 ଠାରୁ ଏକ କିଲୋମିଟର ଭିତରେ ଘରବାରି plot ମିଳୁଅଛି। 9438101895, 8917527255. D-15070

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

ଭୁବନେଶ୍ୱର ପଟିଆ ଛକ ନିକଟରୁ 700mtr. 676 ବର୍ଗଫୁଟର ଘରବାରି plot । 5 ଗୁଣ୍ଠ ଚାଷଜମି, ଭୁବନେଶ୍ୱର, ପୁରୀ Bypass Road କଡ଼ରେ sqft. Rs.1300/- ଲକ୍ଷ୍ମୀସାଗର ମୌଜା, ମାଲିକ କରିବେ ବିକ୍ରି। 7504825560. D-15065

to-let

Ground floor room V.S.S.Nagar adequate parking for office, residence 7978059473. D-91086

4 Acres highland near NH side, Kuradhamal, Khordha Contact for longterm lease, rent or outrate sale: 7381035667, 9337105357. D-68157

healthcare

Rejuvenate and ayurvedic full body massage by smart therapist. 9114402304. D-68145

Ayurvedic herbal body massage trend therapist Mob: 8018246332. D-66993

Refresh your mind and soul with best therapy at Orchid Salon/Spa. 9937287222. D-66991

Ayurvedic full body massage ladies & gents smart therapist. 9040900385. D-66992

Newly open full body massage by ladies, gents therapist. 8018656899 D-60847

Ayurvedic full body massage by ladies, gents therapist. 7008773793 D-60848

Ayurvedic full body massage ladies/ gents smart experts therapist: 8480939300. D-66994

Full body herbal massage with refreshment expert therapist. 7381239385, 06742540855. D-68158

Experience full body massage with us (expert). Call: 7377048581, 06742597822. D-68159

Herbal full body massage by smart / expert therapist. Contact: 8338067247. D-68160

Summer special mesmerizing offer expert therapeutic refreshing massage appointment. 9668374480. D-68161

education

IAS, IPS, Central Services Coaching given at Study Circle, Balaswar, near Maharshi School, Patrapada, Balasore Chandipur Road Mobile: 8093145406, 9861239210. D-15075

business

Part time business start କରନ୍ତୁ। Monthly:- 5,000/-15,000/- କମାନ୍ତୁ। Mob: 9777434078. D-15040

**AFFIDAVIT**

I, Manorama Mohanty, spouse of Naresh Mohanty, resident of at: Basudevpur, Po: Mohan, Ps: Salipur, Dist: Cuttack, Pin-754201 (Odisha) have changed my name from Manorama Mohanty to Manorama Swain vide Affidavit dated 19.10.2019 before Notary Public, Salipur, Cuttack. D-15074

Before Notary Public, Kukudakhandi, Ganjam, Odisha, I Smt. Sachala Kumari Dalai changed my surname from Jena to Dalai after marriage to late Manoj Kumar Dalai. Henceforth I shall be known as Smt. Sachala Kumari Dalai for all purposes. D-66623

By virtue of an Affidavit before Executive Magistrate, Puri. I Hemanta Kumar Mohapatra of Bhattapur P.S-Satyabadi, Dist- Puri have changed my Surname from Nayak to Mohapatra. Hence I shall be known as Hemanta Kumar Mohapatra for all purposes. D-63798

astrology

ସଠିକ୍ ଜାତକ ଭାବଭବିଷ୍ୟବାଣୀ, ଦଶାଭବିଷ୍ୟବାଣୀ, ବାସ୍ତୁ, ଯୋଡିମେଳକ, ମଙ୍ଗଳ ଦୋଷ ପ୍ରତିକାର ପାଇଁ 7978736177. D-68212

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ■ ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

# ପୁଣି ୬ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର

- ■ ୫ ଜଣଙ୍କ ପେନସନ୍ ବନ୍ଦ
- ■ ୨ ମାସରେ ୪୪ ଅଧିକାରୀଙ୍କୁ ବରଖାସ୍ତ
- ■ ୧୧ ଜଣଙ୍କ ପେନସନ୍ ବନ୍ଦ, ୧୦ ଜଣଙ୍କୁ ବାଧତାମୂଳକ ଅବସର

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ଦୁର୍ନୀତି ବିରୋଧରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ଶୂନ ସହିଷ୍ଣୁତା (ଜିରୋ ଟଲେରାନ୍ସ) ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ମୁଖ୍ୟମନ୍ତ୍ରୀ ୬ ଜଣ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ୫ଜଣଙ୍କର ପେନସନ୍‌କୁ ସ୍ଥାୟୀ ଭାବେ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ନୀତି ଅଭିଯୋଗରେ ଯେଉଁ ୬ ଜଣ ଅଧିକାରୀଙ୍କୁ ବହିଷ୍କାର କରାଯାଇଛି ସେମାନେ ହେଲେ ମାଲକାନଗିରି କୁଡୁମୁଲୁଗୁମ୍ମା ବ୍ଲକର ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦାସ, ସମ୍ବଲପୁର ଧାନକୁଡ଼ା ବ୍ଲକର ପଞ୍ଚାୟତିରାଜ ବିଭାଗ ଜୁନିୟର ଇଞ୍ଜିନିୟର ବୁଦ୍ଧିରାମ ଶୁନିଆନି, ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ପ୍ରୋଗ୍ରେସ ଆସିଷ୍ଟାଣ୍ଟ ସୁରେନ୍ଦ୍ର ଚନ୍ଦ୍ର ମିଶ୍ର, ଅନୁଗୋଳ ଜଙ୍ଗଲ ବିଭାଗ ୱାର୍କିଂ ପ୍ଲାନ ଅଫିସର ରେଞ୍ଜର ସୁରେଶ ଚନ୍ଦ୍ର ମିଶ୍ର, ବ୍ରହ୍ମପୁର ପୂର୍ତ୍ତ ଏନଏଚ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ପୃଥୀରାଜ ଲେଙ୍କା ଏବଂ କେନ୍ଦୁଝର ହାଟଡିହି ବ୍ଲକର ଜଳସମ୍ପଦ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟର ସୁଶୀଲ କୁମାର ସେଠ୍। ତେବେ ସ୍ଥାୟୀ ଭାବେ ପେନସନ୍‌ବନ୍ଦ ହୋଇଥିବା ଅଧିକାରୀମାନେ ହେଲେ ବରଗଡ଼ ମ୍ୟୁନିସିପାଲିଟିର ପୂର୍ବତନ ନିର୍ବାହୀ ଅଧିକାରୀ ତଥା ଅବସର ପ୍ରାପ୍ତ ଓଏଏସ ଅଫିସର ନବୀନ ସେଠ୍, ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକର ପୂର୍ବତନ ବିଡିଓ ତଥା ଅବସର ପ୍ରାପ୍ତ ଓଏଏସ ଅଫିସର ସନାତନ ସେଠୀ, କୋରାପୁଟର ପୂର୍ବତନ ଆରଟିଓ ତଥା ଓଏଏସ ଅଫିସର ପୁରନ୍ଦର ପୂଜାରୀ, ବଣାଇ ଆରଡବ୍ଲ୍ୟୁ ସବ୍‌ଡିଭିଜନର ପୂର୍ବତନ ସହକାରୀ ଯନ୍ତ୍ରୀ ନିରଞ୍ଜନ ଜେନା ଏବଂ ମୟୂରଭଞ୍ଜ ଜିଲାର ଖୁଣ୍ଟା ବ୍ଲକ ପୂର୍ବତନ ଜୁନିୟର ଇଞ୍ଜିନିୟର ପୀତାମ୍ବର ପତିହାରୀ। ଏ ସମସ୍ତ ବିଭାଗ ଅଧିକାରୀ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ଗତ ଦୁଇମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଦୁର୍ନୀତିଗ୍ରସ୍ତ ୪୪ ଜଣ ଅଧିକାରୀଙ୍କୁ ଚାକିରିରୁ ବରଖାସ୍ତ କରିଥିବାବେଳେ ୧୧ ଜଣଙ୍କ ପେନସନ୍ ସ୍ଥାୟୀ ଭାବେ ବନ୍ଦ କରିଛନ୍ତି। ୧୦ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

## ■ ଛାତ୍ରୀଙ୍କୁ ମାଡ଼, ଗାଳିଗୁଲଜ ଅଭିଯୋଗ

# ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଧାରଣା



ଛାତ୍ରୀମାନେ ବିଦ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

ରାଇକିଆ,୪।୧୧(ଡି.ଏନ୍.ଏ.)

ବିଦ୍ୟାଳୟରେ ମାଡ଼ ମରାଯିବା ସହ ଗାଳିଗୁଲଜ କରାଯାଇଥିବା ପ୍ରତିବାଦରେ ସୋମବାର କନ୍ଧମାଳ ଜିଲା ରାଇକିଆ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ଧାରଣାରେ ବସିଥିଲେ। ସକାଳ ପ୍ରାୟ ସାଢେ ୯ଟାରୁ ଧାରଣା ଦିଆଯାଇଥିଲା। ଫଳରେ ଷାଣ୍ମାସିକ ପରୀକ୍ଷା ବାଧାପ୍ରାପ୍ତ ହୋଇଥିଲା। ଗେଟରେ ତାଲା ପଡ଼ିଥିବା ଯୋଗୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଦୀର୍ଘ ସମୟ ବାହାରେ ଅପେକ୍ଷା କରିଥିଲେ। ଖବରପାଇ ରାଇକିଆ ବିଡିଓ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଓହରିଥିଲେ।

କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୨ ଶିକ୍ଷୟିତ୍ରୀ ଶ୍ରେଣୀ ଗୃହରେ ମାଡ଼ ମାରୁଥିବା, ଗାଳିଗୁଲଜ କରୁଥିବା ଛାତ୍ରୀମାନେ ଅଭିଯୋଗ କରିଥିଲେ। ଏପରିକି, ପରୀକ୍ଷା ପାଖେଇ ଆସୁଥିବାରୁ ପାଠ ପଢାଇବା ପାଇଁ ଶିକ୍ଷୟିତ୍ରୀଙ୍କୁ କହିବାରୁ ସେମାନେ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିଲେ। ଏ ନେଇ ଛାତ୍ରୀମାନେ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଗତ ମାସ ୧୬ ତାରିଖରେ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ କରାଯାଇଥିଲା। ତେବେ ଏହାର ୨୦ ଦିନ ପରେ ବି କୌଣସି ପଦକ୍ଷେପ ନିଆ ଯାଇ ନ ଥିବା ଛାତ୍ରୀମାନେ ଅଭିଯୋଗ କରି ଧାରଣା ଦେଇଥିଲେ। ସୋମବାର ପରୀକ୍ଷା ସମୟ ଆରମ୍ଭ ହୋଇଥିଲେ ସୁଦ୍ଧା ସମସ୍ୟା ସମାଧାନ ପାଇଁ ବିଦ୍ୟାଳୟକୁ କୌଣସି ଅଧିକାରୀ ଆସି ନ ଥିଲେ। ଖବରପାଇ ବିଡ଼ିଓ ପ୍ରବୀଣ କୁମାର ବାଣୁଆ ପହଞ୍ଚି ବୁଝାଶୁଝା କରିବା ପରେ ଛାତ୍ରୀମାନେ ଧାରଣାରୁ ଓହରିଥିଲେ। ପରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପହଞ୍ଚି ଏପରି ଘଟଣା କେଉଁ କାରଣରୁ ଘଟିଲା, ଛାତ୍ରୀମାନେ କାହିଁକି ଧାରଣାରେ ବସିଲେ ସେ ନେଇ ଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗ ଆସିଥିବା ୨ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ଡେ଼ପୁଟେଶନରେ ପଠାଯିବା ପାଇଁ ସୁପାରିସ କରାଯିବ ବୋଲି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା କହିଛନ୍ତି।

# ୧୦ହଜାର ଟଙ୍କା ଲାଞ୍ଚ ନେଇ ସେସୁ କିରାଣି ଗିରଫ


ପୁରୀ ଅଫିସ/କଣାସ, (ଡି.ଏନ୍.ଏ)୪।୧୧

ପୁରୀ ଜିଲା କଣାସ ବ୍ଲକ ବିଦ୍ୟୁତ୍ ବିଭାଗ ସେସୁ ଅଧୀନରେ କାର୍ଯ୍ୟରତ କିରାଣି ସୁରେନ୍ଦ୍ର ନାୟକ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏକ ଟ୍ରାନ୍ସଫରମର ସ୍ଥାପନା ଲାଗି ଜନୈକ ବ୍ୟକ୍ତିଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଏଥିସହିତ ଲାଞ୍ଚ ଟଙ୍କା ଗ୍ରହଣ କରିବାରେ ସହଯୋଗ କରିଥିବା ନରେନ୍ଦ୍ର ବିଶ୍ୱାଳ ନାମକ ଜଣେ ପାନ ଦୋକାନୀଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଛି। ଫନୀରେ କଣାସ ବ୍ଲକ ଅନ୍ତର୍ଗତ ପୁରହିତପୁର ଗ୍ରାମର ୧୬କେଭି ଟ୍ରାନ୍ସଫରମର ପୋଡି ଯାଇଥିଲା। ୨୫କେଭି ବିଶିଷ୍ଟ ଟ୍ରାନ୍ସଫରମର ସ୍ଥାପନ ଲାଗି ଗ୍ରାମବାସୀ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଇ ନ ଥିଲେ। ନୂତନ ଟ୍ରାନ୍ସଫରମର ସ୍ଥାପନା ଲାଗି ଗ୍ରାମର ସୂର୍ଯ୍ୟପ୍ରସାଦ ମିଶ୍ର ନାମକ ଯୁବକ କଣାସ ସେକ୍ସନ କନିଷ୍ଠଯନ୍ତ୍ରୀ ସରୋଜ ବେହେରାଙ୍କୁ ଅନୁରୋଧ କରିଥିଲେ। ଯନ୍ତ୍ରୀ ଏ ସମ୍ପର୍କରେ କିରାଣି ସୁରେନ୍ଦ୍ରଙ୍କ ସହ ଆଲୋଚନା କରିବାକୁ କହିଥିଲେ। ନୂତନ ଟ୍ରାନ୍ସଫରମର ସ୍ଥାପନ ଲାଗି କିରାଣି ସୁରେନ୍ଦ୍ର ତାଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପ୍ରଥମେ ସୂର୍ଯ୍ୟ ଅମଙ୍ଗ ହୋଇଥିଲେ ବି ପରେ ରାଜି ହୋଇଥିଲେ। ଏନେଇ ସେ ପୁରୀ ଭିଜିଲାନ୍ସ ଡିଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ସୂର୍ଯ୍ୟ ସୋମବାର ସୁରେନ୍ଦ୍ରଙ୍କୁ ସେସୁ କାର୍ଯ୍ୟାଳୟରେ ଦେଖା କରିଥିଲେ। ଏହି ଟଙ୍କା ସେ ନିକଟରେ ଥିବା ପାନ ଦୋକାନୀ ନରେନ୍ଦ୍ରଙ୍କ ହାତରେ ଦେବାକୁ କହିଥିଲେ। ସୂର୍ଯ୍ୟ ଏହି ଟଙ୍କା ନରେନ୍ଦ୍ରଙ୍କୁ ଦେଇ ସେଠାରୁ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ସୁରେନ୍ଦ୍ର ସମ୍ପୃକ୍ତ ଦୋକାନୀଙ୍କଠାରୁ ଲାଞ୍ଚ ଟଙ୍କା ନେଇ ପକେଟରେ ରଖିବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ମୋନାଲିସା ସାହୁ



ନିହାର ରଞ୍ଜନ ନାୟକ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ବସନ୍ତମଞ୍ଜରୀ ହସ୍ପିଟାଲର ଉନ୍ନତୀକରଣ ପାଇଁ ବୈଠକ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ନୟାଗଡ଼ ଜିଲା ରଣପୁର ଚାନ୍ଦିପୁରସ୍ଥିତ ବସନ୍ତ ମଞ୍ଜରୀ ହସ୍ପିଟାଲର ଉନ୍ନତୀକରଣ ଦିଗରେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲକୁ କିଭଳି କ୍ରିୟାଶୀଳ କରାଯାଇପାରିବ ଓ ଏହାଦ୍ୱାରା କିପରି ଅଞ୍ଚଳବାସୀ ଉପକୃତ ହୋଇପାରିବେ ସେ ଦିଗରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ହସ୍ପିଟାଲର ସିଭିଲ୍ କନ୍‌ଷ୍ଟ୍ରକଶନ୍, ମୁଖ୍ୟ ଫାଟକ ନିର୍ମାଣ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଓ ଅପରେଶନ୍ ଥିଏଟର ପାଇଁ ଆବଶ୍ୟକ ସରଞ୍ଜାମ, ଯନ୍ତ୍ରପାତି ସହ ଡାକ୍ତର ପଦବୀ ପୂରଣ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ଦିଗରେ ତୁରନ୍ତ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଷଡ଼ଙ୍ଗୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଅନ୍ୟ ଜନପ୍ରତିନିଧି, ସ୍ୱାସ୍ଥ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପଟେ ସୋମବାର ବାରିପଦାସ୍ଥିତ ମୟୂରଭଞ୍ଜ ଆୟୁର୍ବେଦ ମେଡିକାଲ କଲେଜକୁ ସରକାରୀ ମେଡିକାଲ କଲେଜରେ ପରିଣତ କରିବା ଲାଗି ସରକାରୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ମଧ୍ୟ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାର ଏହି କଲେଜକୁ ହାତକୁ ନେବା ପାଇଁ ପୂର୍ବରୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିଶ୍ରୁତି ପୂରଣ କରିବା ସହ ସରକାରୀ ସ୍ତରରେ ଏନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି, ମୋରଡ଼ା ବିଧାୟକ ରାଜକିଶୋର ଦାସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଶାସନ ସଚିବ ସୁଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଓ ଅନ୍ୟମାନେ।

Skilled in ODISHA

## ନିଯୁକ୍ତି ମେଳା

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ ବଲାଙ୍ଗୀରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ୦୭।୧୧।୨୦୧୯ ଦିନ ସକାଳ ୯ଘଣ୍ଟା ସମୟରେ ହାଇସ୍କୁଲ ପଡ଼ିଆ ଖପ୍ରାଖୋଲ ଓ ବ୍ଲକ ନିକଟସ୍ଥ ଖେଳପଡ଼ିଆ ବେଲପଡ଼ାଠାରେ ଏକ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରରୁ ବିଭିନ୍ନ ନିଯୁକ୍ତିଦାତା ଓ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦେବେ। କେତେକ ସଂସ୍ଥା ସ୍ୱଳ୍ପକାଳୀନ ତାଲିମପରେ ନିଯୁକ୍ତି ପ୍ରଦାନ କରିବେ ସୁତରାଂ ଖପ୍ରାଖୋଲ ଓ ବେଲପଡ଼ା ବ୍ଲକର ଚାକିରି ସନ୍ଧାନରେ ଥିବା ୧୮ ରୁ ୩୫ ବର୍ଷ ମଧ୍ୟରେ ୫ମ ପାସ୍‌ଠାରୁ ସ୍ନାତକ ପାସ୍ କରିଥିବା ଆଗ୍ରହୀ ଯୁବକ ଓ ଯୁବତୀମାନେ ଉକ୍ତ ମେଳାରେ ଭାଗ ନେଇପାରିବେ।

ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଆଗ୍ରହୀ ଯୁବକ/ଯୁବତୀମାନଙ୍କୁ ଅନୁରୋଧ କରାଯାଉଅଛି କି, ଆସନ୍ତା ୦୭।୧୧।୨୦୧୯ ଦିନ ୯ଘଣ୍ଟା ସମୟରେ ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର/ଜାତିଗତ ପ୍ରମାଣପତ୍ର, ଆଧାର ଓ ପାସ୍‌ପୋର୍ଟ ଫଟୋ ସହ ଏହି ମେଳାରେ ଯୋଗଦେଇ ଏହାର ସୁଯୋଗ ହାସଲ କରନ୍ତୁ।

ଜିଲ୍ଲା ନିୟୋଜନ ଅଧିକାରୀ, ବଲାଙ୍ଗୀର
ଜିଲ୍ଲାପାଳ, ବଲାଙ୍ଗୀର



ଜିଲା ଚିଠି
ନବରଙ୍ଗପୁର

## ଡିଜିଟାଲ ଡିସ୍‌ପେନ୍‌ସାରି

ସରକାର ଏବେ ୫–ଟି କଥା ଚିନ୍ତା କରି ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ ଦେଉଛନ୍ତି। ତେବେ ନବରଙ୍ଗପୁର ଭଳି ପଛୁଆ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲାରେ ଡାକ୍ତର, ବିଶେଷଜ୍ଞଙ୍କ ଅଭାବ ରହିଛି। ଏହାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ଜିଲାରେ ଦୁର୍ଗମ ଓ ଅଗମ୍ୟ ଅଞ୍ଚଳର ଲୋକଙ୍କୁ ସୁବିଧାରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଡିଜିଟାଲ ଡିସ୍‌ପେନ୍‌ସାରି ବ୍ୟବସ୍ଥା କରିଥିଲେ। ଏକ ଘରୋଇ ସଂସ୍ଥାକୁ ଏହାର ପରିଚାଳନା ଦାୟିତ୍ୱ ଦେଇଥିଲେ। ସରକାରଙ୍କ ସହ ଉକ୍ତ ସଂସ୍ଥା ଚୁକ୍ତି କରିଥିଲା। ପ୍ରଥମ ଚୁକ୍ତି ପରେ ଲୋକଙ୍କୁ ଉକ୍ତ ସଂସ୍ଥା ପ୍ରଥମ ବର୍ଷ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲା। ଦ୍ୱିତୀୟ ଚୁକ୍ତି ପରେ ସଂସ୍ଥା ନିୟୋଜିତ କରିଥିବା କର୍ମଚାରୀଙ୍କୁ ଦରମା ଦେଲା ନାହିଁ। ଅଭିଯୋଗ ପରେ ମଧ୍ୟ କର୍ମଚାରୀ ଦରମା ନ ପାଇ ଶେଷରେ ଆଇନର ଆଶ୍ରୟ ନେଇ ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ। ସ୍ୱାସ୍ଥ୍ୟସେବା ନାଁରେ ସଂସ୍ଥା ଯେତିକି ଟଙ୍କା ସରକାରଙ୍କଠାରୁ ନେଲା ସେହି ତୁଳନାରେ ରୋଗୀ ସେବା ମିଳିଲା ନାହିଁ। ଏବେ ଜିଲାର ସମସ୍ତ ଡିଜିଟାଲ ଡିସ୍‌ପେନ୍‌ସାରି ବନ୍ଦ ହୋଇ ରହିଛି। ଏଥିରୁ ଅନୁମେୟ ହୁଏ ସରକାରଙ୍କ ଯୋଜନା ଓ ବ୍ୟବସ୍ଥା ଅଧାରେ ଝୁଣ୍ଟି ପଡୁଛି। ସେହିଭଳି ଡାକ୍ତରଖାନାରେ ସାଧାରଣ ଏକ୍ସ–ରେ କରାଗଲେ ମଧ୍ୟ ଠିକ୍ ସମୟରେ ତା'ର ରିପୋର୍ଟ ମିଳୁନାହିଁ। ସରକାର ଆହୁରି ଏକ ନିୟମ କରିଛନ୍ତି, ଏକ୍ସ–ରେ ପରେ ରିପୋର୍ଟ ଅନ୍‌ଲାଇନରେ ପଠାଯାଉଛି। ରେଡିଓଲୋଜିଷ୍ଟ ତାହା ଦେଖିବା ପରେ ରିପୋର୍ଟ ଦେଲେ ଡାକ୍ତର ତାହା ଦେଖି ଚିକିତ୍ସା କରିବେ। ସକାଳୁ ଅନ୍‌ଲାଇନ କରାଗଲେ ତା'ର ରିପୋର୍ଟ ଅପରାହ୍ନ ୪ଟାରେ ମିଳୁଛି। ଏପଟେ ଜରୁରିକାଳୀନ ଚିକିତ୍ସା ପାଇଁ ଲୋକେ ଛଟପଟ ହେଉଥିବା ବେଳେ ରିପୋର୍ଟ ମିଳିବାରେ ବିଳମ୍ବ ମୃତ୍ୟୁକୁ ଡାକି ଆଣୁଛି। ଅନ୍‌ଲାଇନରେ ରିପୋର୍ଟ ଆସିଲା କି ନାହିଁ ତାହା ଜାଣିବା ପାଇଁ ଲୋକମାନେ ଜଗି ବସିଥିବା ସମୟରେ କର୍ମଚାରୀଙ୍କଠାରୁ ସାଇଟ୍ ଖୋଲୁ ନ ଥିବା ଉତ୍ତର ମିଳୁଛି। ଏଭଳି କ୍ଷେତ୍ରରେ ଜିଲାରେ ସ୍ୱାସ୍ଥ୍ୟସେବା କିଭଳି କାର୍ଯ୍ୟ କରୁଛି ତାହା ଅନୁମେୟ। କେବଳ ଯେ, ଭିତ୍ତିଭୂମିର ବିକାଶ କଲେ ହେବ ନାହିଁ, ନବରଙ୍ଗପୁର ଭଳି ଅନୁନ୍ନତ ତଥା ପଛୁଆ ଜିଲାରେ ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତର, ବିଶେଷଜ୍ଞ, ଚିକିତ୍ସା କ୍ଷେତ୍ରରେ ସରଳୀକରଣର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

– ସଦାଶିବ ପ୍ରହରାଜ

## ସମବାୟ ଅର୍ବାନ ବ୍ୟାଙ୍କରେ ବେଆଇନ ନିଯୁକ୍ତି ରଦ୍ଦ

# ଏଆରସିଏସ୍‌ଙ୍କୁ ସମ୍ପାଦକ ଦାୟିତ୍ୱ

ବ୍ରହ୍ମପୁର ଅଫିସ,୪।୧୧

ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କର ସମ୍ପାଦକ ଭାବେ ଦିଆଯାଇଥିବା ବେଆଇନ ନିଯୁକ୍ତିକୁ ସରକାର ତଥା ରାଜ୍ୟ ସମବାୟ ନିବନ୍ଧକ ରଦ୍ଦ କରି ଦେଇଛନ୍ତି। ବ୍ୟାଙ୍କ ସିଇଓ ତଥା ସମ୍ପାଦକ ଭାବେ ବ୍ରହ୍ମପୁର ସର୍କଲ ସହକାରୀ ସମବାୟ ନିବନ୍ଧକ ଶିବ ପ୍ରସାଦ ସ୍ୱାଇଁଙ୍କୁ ଅତିରିକ୍ତ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ବିଭାଗୀୟ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରୁ ଅକ୍ଟୋବର ୩୧ରେ ଜାରି ନିର୍ଦ୍ଦେଶନାମା ବ୍ୟାଙ୍କ ଓ ସହକାରୀ ନିବନ୍ଧକଙ୍କ ଅଫିସରେ ପହଞ୍ଚିଛି। ସୂଚନାଯୋଗ୍ୟ, ଶତାଧିକ ବର୍ଷର ଅର୍ବାନ ବ୍ୟାଙ୍କରେ ଦୀର୍ଘ ବର୍ଷରୁ ସିଇଓ ତଥା ସମ୍ପାଦକ ପଦ ଖାଲି ପଡ଼ିଛି। ବରିଷ୍ଠତା ଭିତ୍ତିରେ କର୍ମଚାରୀଙ୍କୁ ଇନ୍‌ଚାର୍ଜ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇ କାମଚଳା ଯାଉଥିଲା।

ଅଗଷ୍ଟରେ ପରିଚାଳନା ବୋର୍ଡ ବୈଠକରେ ସମ୍ପାଦକ ଭାବେ ବ୍ୟାଙ୍କ କର୍ମଚାରୀ ଲୋକନାଥ ପଣ୍ଡାଙ୍କୁ ନିଯୁକ୍ତି ପାଇଁ ପ୍ରସ୍ତାବ ଗୃହୀତ ହୋଇ ଅନୁମୋଦନ ପାଇଁ ସମବାୟ ରେଜିଷ୍ଟ୍ରାରଙ୍କ ନିକଟକୁ ପଠାଯାଇଥିଲା। ତାହାକୁ ରଦ୍ଦ କରି ଦିଆଯାଇଛି। ପଣ୍ଡା ଇନ୍‌ଚାର୍ଜ ସମ୍ପାଦକ ଭାବେ ଦୀର୍ଘଦିନରୁ ଥିଲେ। ସେପ୍ଟେମ୍ବର ୧ରୁ ପରିଚାଳନା ବୋର୍ଡ ନିଷ୍ପତ୍ତି ପ୍ରକାରେ ସ୍ଥାୟୀ ସମ୍ପାଦକ ହୋଇଥିଲେ। ମାତ୍ର ଦୁଇମାସରେ ସେ ପଦ ହରାଇଥିବା ସ୍ପଷ୍ଟ ହୋଇଛି। ସରକାରୀ ଅଧିକାରୀଙ୍କୁ ସିଇଓ ତଥା ସମ୍ପାଦକ କରାଯିବାକୁ ବ୍ୟାଙ୍କ ପରିଚାଳନା ବୋର୍ଡ ଡାଇରେକ୍ଟର ପି. ଭୀମୁଡୁ ଦାବି କରି ଆସୁଥିଲେ। କେବଳ ସେତିକି ନୁହେଁ ଏହି ବ୍ୟାଙ୍କରେ ଅନେକ ଅନିୟମିତତା ହୋଇଥିବାର ଦସ୍ତାବିଜ ସରକାରଙ୍କୁ ସେ ପଠାଇଥିଲେ। ଏବେ ସହକାରୀ ନିବନ୍ଧକଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ଭୀମୁଡୁ ସ୍ୱାଗତ କରିଛନ୍ତି।

ସୋମବାର ଯୋଗାଯୋଗ ବେଳେ ଅର୍ବାନ ବ୍ୟାଙ୍କ ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁ କହିଛନ୍ତି, ସ୍ଥାୟୀ ସମ୍ପାଦକ ପଦ ପାଇଁ ବହୁ ଦିନ ତଳେ ସରକାରଙ୍କୁ ଚିଠି ଦିଆଯାଇଥିଲା। ପଦକ୍ଷେପ ନିଆ ନ ଯିବାରୁ ଗତ ବୋର୍ଡ ବୈଠକରେ ଲୋକନାଥ ପଣ୍ଡାଙ୍କୁ ନିଯୁକ୍ତି ଦିଆଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବ୍ୟାଙ୍କରେ ଅନିୟମିତତା ଅଭିଯୋଗକୁ ସ୍ୱାଇଁ ଖଣ୍ଡନ କରିଛନ୍ତି।

## ପୂର୍ବ ତଟ ରେଳପଥ
### ଭଡ଼ା ସୂତ୍ରରେ ଟ୍ରକ୍

(1) ବିଜ୍ଞପ୍ତି ସଂ.eT-North-WAT-20-2019, ତା.28.10.2019ରିଖ

**କାର୍ଯ୍ୟର ନାମ :** ୱାଲ୍ଟିୟର ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଉତ୍ତର ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର (P.Way)/ରାୟଗଡ଼ା, ଲକ୍ଷ୍ମୀପୁର ରୋଡ୍ ଏବଂ ଟିକିରିଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ 03(ତିନି) ଗୋଟି 3.5 ଟନ୍ ପେ ଲୋଡ୍ LCV ଟ୍ରକ୍ (ସ୍ୱରାଜ ମାଜ୍‌ଦା କିମ୍ବା ଅନୁରୂପ)(6 ଚକିଆ) ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 38,36,214/-, EMD (ଟଙ୍କାରେ) : 76,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

(2) ବିଜ୍ଞପ୍ତି ସଂ.eT-North-WAT-21-2019, ତା.28.10.2019ରିଖ

**କାର୍ଯ୍ୟର ନାମ :** ୱାଲ୍ଟିୟର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ା ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର (P.Way)/ପାର୍ବତୀପୁରମ୍ ଏବଂ ବୋବିଲିଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ 24 ମାସ ସମୟାବଧି ପାଇଁ ଚାଳକ, ଡିଜେଲ ଅଏଲ, ଲୁବ୍ରିକାଣ୍ଟସ ଇତ୍ୟାଦି ସହିତ 02 ଗୋଟି 3.5 ଟନ୍ ପେ ଲୋଡ୍ LCV ଟ୍ରକ୍(6 ଚକିଆ) ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 25,57,476/-, EMD (ଟଙ୍କାରେ) : 51,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.11.2019 ରିଖ 1330 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର
PR-482/K/19-20

CLASSIFIED DISPLAY






ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା।

–ଶ୍ରୀଅରବିନ୍ଦ

# ଠକ ମାଷ୍ଟର

ଓଡ଼ିଶାରେ ସ୍କୁଲ ଶିକ୍ଷା ଅତି ଦୟନୀୟ ଥିବା ଦୃଷ୍ଟାନ୍ତ ନିକଟରେ ଦେଖିବାକୁ ମିଳିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଏକକ ପରୀକ୍ଷା କରାଯିବା ବିଷୟ ଘୋଷଣା କରାଯାଇଥିଲା। ସେହି ଅନୁଯାୟୀ ଏବେ ପରୀକ୍ଷା ଚାଲିଛି। କିନ୍ତୁ ଦେଖିବାକୁ ମିଳିଛି ଯେ ଗଣଶିକ୍ଷା ବିଭାଗ ଠିକ୍ ଭାବେ ପିଲାମାନଙ୍କ ପରୀକ୍ଷା ପରିଚାଳନା କରିବାରେ ସକ୍ଷମ ହୋଇନାହିଁ। କେତେକ ବିଦ୍ୟାଳୟରେ ପ୍ରଶ୍ନପତ୍ର ନ ପହଞ୍ଚିବାରୁ ଶିକ୍ଷକମାନେ ଶିକ୍ଷା କର୍ତ୍ତୃପକ୍ଷଙ୍କଠାରୁ ହ୍ୱାଟ୍ସଆପ୍‌ରେ ମିଳିଥିବା ପ୍ରଶ୍ନକୁ କଳାପଟାରେ ଲେଖିଦେଇଥିଲେ। ଏହି ଘଟଣା ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ଏଥିସହିତ ଗଞ୍ଜାମ ଜିଲାରେ ନକଲି ସାର୍ଟିଫିକେଟ ଜରିଆରେ ୪ ଜଣ ଶିକ୍ଷକ ନିଯୁକ୍ତି ପାଇଥିବା ବିଷୟ ୩ ନଭେମ୍ବର ୨୦୧୯ରେ ଲୋକଲୋଚନକୁ ଆସିଛି। ଜଣାପଡ଼ିଛି ଯେ, ଗଞ୍ଜାମ ଜିଲା ଧରାକୋଟ ବ୍ଲକରେ ଜଣେ ମହିଳାଙ୍କ ସହ ୪ ଜଣ ମାର୍କ ଓ ବୟସ ଜାଲିଆତି କରି ମାଷ୍ଟର ହୋଇଛନ୍ତି। ସବୁଠାରୁ କୌତୂହଳ କଥା ହେଲା, ଅଷ୍ଟମ ଫେଲ୍ ଜଣେ ବ୍ୟକ୍ତି ସରକାରୀ ଶିକ୍ଷକ ହୋଇପାରିଥିଲେ। ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଏବଂ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ମିଳିତ ଯାଞ୍ଚ ବେଳେ ଏହି ବିଷୟ ପଦାକୁ ଆସିଛି। ପରିଣତି ସ୍ୱରୂପ ୩ ଜଣଙ୍କୁ ବହିଷ୍କାର କରାଯାଇଥିବା ବେଳେ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି।

ଏଠାରେ ମନେପଡ଼େ ମଧ୍ୟପ୍ରଦେଶରେ କିଛିବର୍ଷ ତଳେ ହୋଇଥିବା ଭ୍ୟାପମ୍ ଦୁର୍ନୀତି କଥା। ଶିକ୍ଷାନୁଷ୍ଠାନରେ ନାମଲେଖାଠାରୁ ଆରମ୍ଭ କରି ଚାକିରି କ୍ଷେତ୍ରରେ ବ୍ୟାପକ ଲାଞ୍ଚ କାରବାର ବିଷୟ ସେତେବେଳେ ପଦାକୁ ଆସିଥିଲା। ସେହିଭଳି ଦେଶରେ ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟରେ କ୍ରମାଗତ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ହେଉଥିବା ଲକ୍ଷ୍ୟ କରାଯାଉଛି। ଆମ ରାଜ୍ୟରେ ବିଧିବଦ୍ଧ ଭାବେ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ କେତେକ ବିଦ୍ୟାର୍ଥୀ ଅଭିଯୋଗ କରିଛନ୍ତି ଯେ, ବାହାର ରାଜ୍ୟରୁ ଅଧିକ ନମ୍ବର ଥିବା ମାର୍କଶିଟ୍ ଧରି ଆସୁଥିବା ଡିଗ୍ରୀଧାରୀ ସେମାନଙ୍କୁ ପଛରେ ପକାଇ ଦେଉଛନ୍ତି। ଆନ୍ଧ୍ରପ୍ରଦେଶ, କର୍ନାଟକ, ଉତ୍ତରପ୍ରଦେଶ, ଛତିଶଗଡ଼ ଆଦି ରାଜ୍ୟରେ ଥିବା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନରେ ଓଡ଼ିଶାର କେତେକ ଛାତ୍ରୀଛାତ୍ର ନାମଲେଖାଇ କେବଳ ପରୀକ୍ଷା ସମୟରେ ସେଠାକୁ ଯାଇଥାଆନ୍ତି। ଅପର୍ଯ୍ୟାପ୍ତ ଅର୍ଥ ଦେଇଦେଉଥିବାରୁ ସେଠାରେ କପି କରି ପାସ୍ କରିବା ସମ୍ଭବ ହୋଇଯାଉଛି। ସ୍ଥଳବିଶେଷରେ ବିନା ପରୀକ୍ଷାରେ ସାର୍ଟିଫିକେଟ ମିଳିଯାଉଥିବାର ଅଭିଯୋଗ ବାରମ୍ବାର ଶୁଣିବାକୁ ମିଳୁଛି। ଏପରି କି ରାଜ୍ୟର କେତେକ ସ୍ଥାନରେ ମେଧାବୀ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବାର ଖବର ନଜରକୁ ଆସିଛି। ଏବେ ଗଞ୍ଜାମରେ ତା'ର ପ୍ରମାଣ ମିଳିବା ପରେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଏହିପରି ଏକାଧିକ ଘଟଣା ଲୁଚିଥାଇପାରେ। ଉପଯୁକ୍ତ ଯାଞ୍ଚ ହେଲେ ଠକ ମାଷ୍ଟରମାନଙ୍କୁ ଶିକ୍ଷା ବ୍ୟବସ୍ଥାରୁ ହଟାଇ ଦିଆଯାଇପାରନ୍ତା। ପ୍ରଶ୍ନ ଉଠୁଛି ଯାଞ୍ଚ କରିବ କିଏ? ଅଧିକାଂଶ ସ୍ଥାନରେ ଦେଖାଯାଉଛି, ଏହି ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଯାଞ୍ଚ ଦାୟିତ୍ୱରେ ଥିବା ଅଧିକାରୀମାନେ ପ୍ରାରମ୍ଭିକ ଅନିୟମିତତା ସମ୍ପର୍କରେ ସୂଚନା ପାଇଛନ୍ତି କିମ୍ବା ସମ୍ପୃକ୍ତ ମଧ୍ୟ ରହିଥାଇପାରନ୍ତି। ଏଭଳି ପରିସ୍ଥିତିରେ ଅଯୋଗ୍ୟ ଶିକ୍ଷକଙ୍କୁ ଠାବ କରିବା କଷ୍ଟକର କାର୍ଯ୍ୟ। ଧରାକୋଟ ଘଟଣାକୁ ଦେଖିଲେ ଜଣାପଡୁଛି ଯେ, ନକଲି ସାର୍ଟିଫିକେଟ ଯାଞ୍ଚ କରିଥିବା ଅଧିକାରୀ ନିଜେ ଅଯୋଗ୍ୟ ବୋଲି ସତ୍ୟାସତ୍ୟ ଜାଣିପାରିଲେ ନାହିଁ। ଏଭଳି ପରିସ୍ଥିତିରେ ସରକାରୀ ଶିକ୍ଷା ବ୍ୟବସ୍ଥା ଉପରେ ଅଭିଭାବକମାନେ ବିଶ୍ୱାସ ରଖିବା ସମ୍ଭବପର ହେଉନାହିଁ। ଭବିଷ୍ୟତରେ ଠକ ମାଷ୍ଟରଙ୍କ ସଂଖ୍ୟା ବୃଦ୍ଧି ପାଇବା ଅଧିକ ସହଜ ହୋଇଯାଉଛି।

# ସମସ୍ୟାର ବୌଦ୍ଧିକ ସମାଧାନ



ବୈକୁଣ୍ଠନାଥ ମିଶ୍ର

ମନୁଷ୍ୟ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ସମସ୍ୟାର ସମ୍ମୁଖୀନ ହେଉଥାଏ ଏବଂ ସେହି ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ସେ ନିରନ୍ତର ପ୍ରୟାସ ଜାରି ରଖିଥାଏ। କିଛି ସମସ୍ୟା ସେ ନିଜେ ସମାଧାନ କରିପାରୁଥିବା ବେଳେ ଆଉ କିଛି ସେ ଗୁରୁଜନଙ୍କ ଉପଦେଶ ଦ୍ୱାରା ସମାଧାନ କରିଥାଏ। ଆଚାର୍ଯ୍ୟ ମହାପ୍ରଜ୍ଞାନଙ୍କ ମତାନୁସାରେ ମନୁଷ୍ୟ ସାମ୍ନା କରୁଥିବା ସମସ୍ୟାଗୁଡ଼ିକର ସମାଧାନ ନିମିତ୍ତ ଦୁଇପ୍ରକାର ଉପାୟ ଅଛି। ପ୍ରଥମତଃ ତାକୁ ସ୍ମରଣ ରଖିବାକୁ ହେବ ଯେ, ଏ ସଂସାରରେ ସବୁକିଛି କ୍ଷଣସ୍ଥାୟୀ ଓ ସମୟର ପ୍ରଭାବରେ ଏହା ଛାଏଁ ଛାଏଁ ଦୂର ହୋଇଥାଏ। ଆଜି ପାହାଡ଼ ଭଳି ମନେ ହେଉଥିବା ସମସ୍ୟାଟି କାଲିକୁ ହୁଏ ତ କ୍ଷୁଦ୍ର ପ୍ରସ୍ତର ଖଣ୍ଡରେ ପରିଣତ ହୋଇପାରେ। ଦ୍ୱିତୀୟତଃ ସମସ୍ୟାଗୁଡ଼ିକୁ ସୁଦୂରପରାହତ କରିବା ପାଇଁ କିଛି ନୂତନ ଉପାୟର ସଂଯୋଜନା ଆବଶ୍ୟକ। ଏଥିପାଇଁ ଦୃଢ଼ପ୍ରଜ୍ଞା ଓ ପ୍ରତ୍ୟୁତ୍ପନ୍ନମତିତାର ଆଶ୍ରୟ ନେବାକୁ ହୁଏ। ଏ ସମ୍ବନ୍ଧରେ ଏକ ଗଳ୍ପର ଅବତାରଣା ପ୍ରାସଙ୍ଗିକ ମନେହୁଏ।

ଜଣେ ମହାନ୍ ପ୍ରଜ୍ଞାଶୀଳ ବ୍ରାହ୍ମଣ ବାର୍ଦ୍ଧକ୍ୟରେ ଉପନୀତ ହେଲା ବେଳକୁ ସମ୍ପୂର୍ଣ୍ଣ ଧନହୀନ ହୋଇ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରୁଥିଲେ। ବୟସ ଥିଲାବେଳେ ନିଜ ସାମର୍ଥ୍ୟ ଓ ପାଣ୍ଡିତ୍ୟ ବଳରେ ଯାହା ରୋଜଗାର କରୁଥିଲେ, ସେଥିରେ ଯେନତେନ ପ୍ରକାରେଣ କେବଳ ବଞ୍ଚି ଯାଉଥିଲେ। ହେଲେ ବାର୍ଦ୍ଧକ୍ୟ ଉପନୀତ ହେବାରୁ ତାଙ୍କର ଦାରିଦ୍ର୍ୟ ଦ୍ୱିଗୁଣିତ ହେଲା। ଦୁଇବେଳା ଦୁଇମୁଠା ଅନ୍ନ ତାଙ୍କ ପାଇଁ ଉପଲବ୍ଧ ହେଲା ନାହିଁ। ରୋଗାକ୍ରାନ୍ତ କ୍ଷୀଣ ଶରୀରକୁ ଢାଙ୍କିବା ନିମିତ୍ତ ପିନ୍ଧାବସ୍ତ୍ର ମଧ୍ୟ ଚିରି ଟୁକୁରା ଟୁକୁରା ହେବାକୁ ଲାଗିଲା। ବୃଦ୍ଧ ଚିନ୍ତା କଲେ ଯେ, ସେ ରାଜଦରବାରକୁ ଯାଇ ରାଜାଙ୍କୁ ସାକ୍ଷାତ କରିବେ ଓ ନିଜ ପାଣ୍ଡିତ୍ୟ ପ୍ରଦର୍ଶନ କରି ରାଜାନୁଗ୍ରହ ପ୍ରାପ୍ତ ହେବା ପାଇଁ ଉଦ୍ୟମ କରିବେ। ଶାସ୍ତ୍ର କହେ– ''ଉଦ୍ୟମେ ନାସ୍ତି ଦାରିଦ୍ର୍ୟଂ ଜପତୋ ନାସ୍ତି ପାତକମ୍। ମୌନେନ କଳହୋ ନାସ୍ତି ଜାଗ୍ରତସ୍ୟ ନ ଚ ଭୟମ୍।''

ଅର୍ଥାତ୍ ଉଦ୍ୟମ ଦ୍ୱାରା ଦାରିଦ୍ର୍ୟ ଦୂର ହୁଏ, ଜପ ଦ୍ୱାରା ପାପ ଦୂର ହୁଏ, ମୌନ ଦ୍ୱାରା କଳହର ସମ୍ଭାବନା ନ ଥାଏ ଏବଂ ଜାଗ୍ରତ ବ୍ୟକ୍ତିକୁ ଭୟ ଲାଗି ନ ଥାଏ। ରାଜା ସନ୍ତୁଷ୍ଟ ହେଲେ ହୁଏ ତ ତାଙ୍କ ଅନ୍ନବସ୍ତ୍ରର ଅଭାବ ଦୂର ହେବ। କିନ୍ତୁ ସେ ରାଜାଙ୍କୁ ଭେଟିବେ କିପରି। ଏପରି ଛିନ୍ନବସ୍ତ୍ର ଓ ଜୀର୍ଣ୍ଣ ଶରୀରରେ ରାଜଦ୍ୱାରକୁ ଯିବା ପାଇଁ ସେ କୁଣ୍ଠାବୋଧ କଲେ। ଯେହେତୁ ଅନ୍ୟ ଉପାୟ ନାହିଁ, ଅଗତ୍ୟା ତାଙ୍କୁ ସେହି ଅବସ୍ଥାରେ ରାଜଦ୍ୱାରକୁ ଯିବାକୁ ହେଲା। ରାଜପ୍ରାସାଦର ପ୍ରଥମ ଓ ଦ୍ୱିତୀୟ ଦ୍ୱାରପାଳଙ୍କୁ ସେ ନିଜ ବୁଦ୍ଧି ବଳରେ ବଶୀଭୂତ କରି ତୃତୀୟ ତଥା ଶେଷ ଦ୍ୱାରରେ ଉପନୀତ ହେଲେ। ତୃତୀୟ ଦ୍ୱାରରକ୍ଷକ ଥିଲେ ଜଣେ ଅତି କଠୋର ବ୍ୟକ୍ତି। ପଣ୍ଡିତେ ଦେଖିଲେ ତାକୁ ବଶୀଭୂତ କରିବା ପାଇଁ କିଛି ନୂତନ ଉପାୟ ଅବଲମ୍ବନ କରିବାକୁ ହେବ। ତେଣୁ ସେ ନିଜ ଶାଣିତ ପ୍ରଜ୍ଞାର ଆଶ୍ରୟ ନେଲେ। ସେ ତୃତୀୟ ଦ୍ୱାରରକ୍ଷକକୁ କହିଲେ, ତୁମେ ଯାଇ ରାଜାଙ୍କୁ ଜଣାଅ ଯେ ତାଙ୍କ ମାଉସୀଙ୍କ ପୁଅ, ଅର୍ଥାତ୍ ତାଙ୍କ ଜ୍ୟେଷ୍ଠ ଭ୍ରାତା ତାଙ୍କ ସାକ୍ଷାତ ଅପେକ୍ଷାରେ ଦ୍ୱାରଦେଶରେ ଦଣ୍ଡାୟମାନ। ଉପସ୍ଥିତ ସମସ୍ତ ରାଜକର୍ମଚାରୀ, ପାରିଷଦବୃନ୍ଦ ତାଙ୍କୁ ଆପାଦମସ୍ତକ ନିରୀକ୍ଷଣ କରିବାକୁ ଲାଗିଲେ। ସେମାନଙ୍କ ମଧ୍ୟରେ ବିସ୍ମୟ ଖେଳିଗଲା ଯେ ଇଏ ଯଦି ରାଜାଙ୍କର ସମ୍ପର୍କୀୟ ଭାଇ ତେବେ ଏହାଙ୍କର ଅବସ୍ଥା ଏତେ ଶୋଚନୀୟ କାହିଁକି। ଆମ ରାଜା ତ ସେପରି ନୁହନ୍ତି ଯେ ନିଜ ନିକଟ କିମ୍ବା ଦୂର ସମ୍ପର୍କୀୟଙ୍କ ପ୍ରତି ଏତେ ଅନାସକ୍ତ ହେବେ। ସେମାନଙ୍କୁ ଦ୍ୱିଧାଗ୍ରସ୍ତ ହେବାର ଦେଖି ବୃଦ୍ଧ କହିଲେ– ମୁଁ ମିଥ୍ୟା କହୁ ନାହିଁ। ମୁଁ ମଧ୍ୟ ପାଗଳ ନୁହେଁ। ରାଜକୀୟ ବ୍ୟସ୍ତତା ମଧ୍ୟରେ ରହି ରାଜା ଆମ ପରି ସମ୍ପର୍କୀୟଙ୍କୁ ଭୁଲିଯିବା ସ୍ୱାଭାବିକ। ମୁଁ ତ ଶକ୍ତିହୀନ ବୃଦ୍ଧଟିଏ ମାତ୍ର। ଏପରି ଚଞ୍ଚକତା କରି ମୁଁ କ'ଣ ରାଜପ୍ରାସାଦରୁ ପଳାୟନ କରିପାରିବି। ତୁମେ ମୋତେ ବିଶ୍ୱାସ କର ଓ ମୋ କଥା ରାଜାଙ୍କୁ ଜଣାଅ। ଘଟଣାର ରହସ୍ୟ ଉନ୍ମୋଚନ ଲକ୍ଷ୍ୟରେ ଜଣେ ବରିଷ୍ଠ ଅଧିକାରୀ ଅତି ସନ୍ତର୍ପଣରେ ରାଜାଙ୍କୁ ଏ ବିଷୟରେ ଅବଗତ କଲେ। ରାଜା ମଧ୍ୟ ଭଲଭାବରେ ଜାଣନ୍ତି ତାଙ୍କର ସେପରି କୌଣସି ସମ୍ପର୍କୀୟ ନାହାନ୍ତି। ଦ୍ୱିତୀୟତଃ ସେ କ୍ଷତ୍ରିୟ। ଜଣେ ବ୍ରାହ୍ମଣଙ୍କର ସେ ଭାଇ ହେଲେ କିପରି। ରାଜା ମଧ୍ୟ ଦ୍ୱିଧାଗ୍ରସ୍ତ। ତଥାପି କୌତୂହଳ ସମ୍ବରଣ କରି ନ ପାରି ବୃଦ୍ଧଙ୍କୁ ଦରବାର ପ୍ରବେଶର ଆଦେଶ ଦେଲେ।

ରାଜା କହିଲେ, ମହାଭାଗ! ଆପଣ ଯଦି ମୋର ଭାଇ ତେବେ ଏତେଦିନ ହେଲା ମୋଠାରୁ ଦୂରରେ ଥିଲେ କାହିଁକି। ଆପଣ ଯେ ମୋର ଭାଇ ଏହାର ପ୍ରମାଣ କ'ଣ। ବୃଦ୍ଧ ଅଳ୍ପ ହସି କହିଲେ, ଆଶ୍ଚର୍ଯ୍ୟ! ଆପଣ ଏତେ ବିଶାଳ ରାଜ୍ୟର ରାଜା ହୋଇ ଆପଣା ଲୋକକୁ ଭୁଲିଗଲେ କିପରି। ଆପଣ କ'ଣ ସତରେ ମୋତେ ଚିହ୍ନି ପାରୁ ନାହାନ୍ତି, ନା ଚିହ୍ନି ନ ଥିବାର ଅଭିନୟ କରୁଛନ୍ତି। ଏତିକି କଥାରେ ରାଜା କ୍ରୋଧିତ ହୋଇ ଆଦେଶ କଲେ ଶୀଘ୍ର ଆପଣଙ୍କ ପରିଚୟ ଦିଅନ୍ତୁ। ନଚେତ୍ ଅବିଳମ୍ବେ ଏ ସ୍ଥାନ ପରିତ୍ୟାଗ କରନ୍ତୁ। କିଛି ସମୟର ନୀରବତା ପରେ ବୃଦ୍ଧ ଉତ୍ତର ଦେଲେ– ମହାରାଜ! ମୁଁ ଯେ ଆପଣଙ୍କ ଭାଇ ଏହା ସୂର୍ଯ୍ୟଚନ୍ଦ୍ର ପରି ସତ୍ୟ। ଆପଣଙ୍କ ପ୍ରଥମ ପ୍ରଶ୍ନ– ମୁଁ ଏତେଦିନ ଯାଏ ନ ଆସିବାର କାରଣ ସମ୍ବନ୍ଧରେ ମୁଁ ଏତିକି କହିବି ଯେ ଆପଣ ମୋତେ କେବେ ଖୋଜୁଛନ୍ତି– ତାକୁ ହିଁ ମୁଁ ଅପେକ୍ଷା କରିଥିଲି। ଯେତେବେଳେ ନିରାଶ ହେଲି– ଅନାହୂତ ଆସିବାକୁ ବାଧ୍ୟ ହେଲି। ରାଜା ଅଧିକ କ୍ରୋଧିତ ହୋଇ ବୃଦ୍ଧଙ୍କୁ ବିତାଡ଼ିତ କରିବା ପାଇଁ ସେନାପତିଙ୍କୁ ଆଦେଶ ଦେଲେ। ସେନାପତି ବୃଦ୍ଧଙ୍କୁ ବହିଷ୍କାର କରିବାକୁ ଉଦ୍ୟତ ହେବାରୁ ବୃଦ୍ଧ କହିଲେ, ଶୁଣ ରାଜନ୍! ଏବେ ମଧ୍ୟ ଆପଣଙ୍କ ଚକ୍ଷୁରୁ ପରଦା ହଟିନାହିଁ। ଆପଣଙ୍କ ମାତା ଓ ମୋ ମାତା ଦୁଇ ଭଉଣୀ ହୋଇଥିବାରୁ ମୁଁ ଆପଣଙ୍କ ମାଉସୀପୁଅ ଭାଇ। ସୌଭାଗ୍ୟ ଦେବୀ ଓ ଦୁର୍ଭାଗ୍ୟ ଦେବୀ ଦୁଇ ଭଉଣୀ। ସୌଭାଗ୍ୟ ମା'ଙ୍କ ପୁତ୍ର ହୋଇଥିବାରୁ ଆପଣ ରାଜା ଓ ଦୁର୍ଭାଗ୍ୟ ମା'ଙ୍କ ପୁଅ ହୋଇଥିବାରୁ ମୁଁ ଧନହୀନ, ଦରିଦ୍ର ଓ ଅବହେଳିତ। ଏ କଥାର ସତ୍ୟତା ପରୀକ୍ଷା ନିମିତ୍ତ ଆପଣଙ୍କ ରାଜସଭାର ଜ୍ଞାନୀ, ଗୁଣୀ, ପଣ୍ଡିତମାନଙ୍କର ମତ ନିଆଯାଇପାରେ। ରାଜପଣ୍ଡିତମାନେ ସମସ୍ୱରରେ ବୃଦ୍ଧଙ୍କ ଯୁକ୍ତିକୁ ସମର୍ଥନ କଲେ। ରାଜାଙ୍କର ଜ୍ଞାନୋଦୟ ହେଲା। ସେ ନିଜର ଭୁଲ ବୁଝିପାରିଲେ ଯେ ରାଜା ହେଲେ ମଧ୍ୟ ସେ ଜଣେ ନିରନ୍ନ ଭିକାରିର ଭାଇ।

ବୃଦ୍ଧ ଦରିଦ୍ର ହେଲେ ମଧ୍ୟ ଜଣେ ଉଚ୍ଚକୋଟୀର ଜ୍ଞାନୀ ଓ ବୁଦ୍ଧିମାନ। ରାଜା ସସମ୍ମାନ ବୃଦ୍ଧଙ୍କୁ ଆତିଥ୍ୟ ପ୍ରଦାନପୂର୍ବକ ରାଜପଣ୍ଡିତ ଆସନରେ ବସାଇଲେ। ଜ୍ଞାନ ଯେ ଧନ ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ– ଏ କଥା ରାଜା ଖୁବ୍‌ଶୀଘ୍ର ବୁଝିଗଲେ। ବୃଦ୍ଧ ତାଙ୍କର ଅସୀମ ଜ୍ଞାନ ବଳରେ ରାଜା ସମ୍ମୁଖୀନ ହେଉଥିବା ସମସ୍ତ ସମସ୍ୟାର ଉତ୍ତମ ସମାଧାନ କରି ରାଜାଙ୍କର ଗୌରବ ବୃଦ୍ଧି କଲେ। ସାଧୁ ଯେତେ ବିପଦରେ ପଡ଼ିଲେ ମଧ୍ୟ ନିଜର ସୁଗୁଣ ତ୍ୟାଗ କରି ନ ଥାନ୍ତି। ନୀତିଶାସ୍ତ୍ରୀ ଚାଣକ୍ୟ କହନ୍ତି– ''ସ୍ୱଭାବଂ ନ ଜହାତ୍ୟେବ ସାଧୁରାପଦ୍‌ଗତୋଽପିସନ୍। କର୍ପୂରଂ ପାବକସ୍ପୃଷ୍ଟଂ ସୌରଭଂ ଲଭତେତ୍ୱରାମ୍।।''

ଅର୍ଥାତ୍ ସାଧୁ ଯେତେ ବିପଦରେ ପଡ଼ିଲେ ମଧ୍ୟ ସ୍ୱଧର୍ମ ତ୍ୟାଗ କରି ନ ଥାନ୍ତି। ବରଂ ଅଧିକ ଗୁଣ ପ୍ରକାଶ କରନ୍ତି, ଠିକ୍ ଯେପରି କର୍ପୂର ଅଗ୍ନି ସଂଯୁକ୍ତ ହେଲେ ତା'ର ସୌରଭ ତ୍ୱରାନ୍ୱିତ ହୋଇଥାଏ। ଧନୀ ଓ କ୍ଷମତାସୀନ ବ୍ୟକ୍ତିମାନେ ଧନ ଓ କ୍ଷମତାର ପ୍ରାବଲ୍ୟରେ ଅନ୍ଧ ନ ହୋଇ ଧନହୀନ, ବୃଦ୍ଧ, ଜ୍ଞାନୀ ଓ ଗୁଣୀ ପଣ୍ଡିତ ଜନଙ୍କ ପ୍ରତି ଔଦାର୍ଯ୍ୟ ପ୍ରଦର୍ଶନପୂର୍ବକ ସେମାନଙ୍କୁ ଭ୍ରାତୃବତ୍ ପ୍ରେମ ପ୍ରଦାନ କରିବା ଉଚିତ। ସମସ୍ତଙ୍କର ବୁଝିବା ଦରକାର ଧନ, କ୍ଷମତା କ୍ଷଣସ୍ଥାୟୀ। କିନ୍ତୁ ଭ୍ରାତୃତ୍ୱର ବନ୍ଧନ ଚିରନ୍ତନ। ଏପରି ଏକ ମାନବିକ ଓ ମାନସିକ ପ୍ରସ୍ତୁତିର ଆବଶ୍ୟକତା ଅତୀବ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ରାଜସିଂହାସନ ଉପଭୋଗ ନିମିତ୍ତ ଉଦ୍ଦିଷ୍ଟ ନୁହେଁ। ଏହାର ପ୍ରକୃଷ୍ଟ ଉପଯୋଗ ହିଁ ଏହାର ଗୌରବ ବୃଦ୍ଧି କରିଥାଏ। ଶାସକ, ପ୍ରଶାସକ ଏହାର ମହତ୍ତ୍ୱ ବୁଝିବା ବାଞ୍ଛନୀୟ। ସମସ୍ତ ଅସମାହିତ ସମସ୍ୟାର ସମାଧାନ ବୌଦ୍ଧିକ ଉପାୟରେ ହିଁ କରାଯାଇପାରେ। ଧନହୀନମାନେ ଯେ ଅଜ୍ଞାନ ନୁହନ୍ତି– ଏ କଥା ମହାନୁଭବମାନେ ବୁଝିବା ଆବଶ୍ୟକ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ଧନୁରାଶିକୁ ବୃହସ୍ପତି ଚଳନ

ଦୋଳଗୋବିନ୍ଦ ପଣ୍ଡା

ଦେବଗୁରୁ ବୃହସ୍ପତି ଆଜି ଭୋର ୫ଟା ୧୭ରେ ବିଛାରାଶିରୁ ମୂଳା ନକ୍ଷତ୍ର ଧନୁ ରାଶିକୁ ଚଳିଛନ୍ତି। ଏହା ପୂର୍ବରୁ ସେ ୨୨।୦୪।୧୯ ରାତ୍ରି ୦୧।୦୮ରେ ବକ୍ରଗତିରେ ଧନୁରୁ ବିଛାକୁ ଚଳିଥିଲେ। ବୃହସ୍ପତି ଗୋଟିଏ ରାଶିରେ ହାରାହାରି ୧୩ ମାସ ଅବସ୍ଥାନ କରନ୍ତି। କିନ୍ତୁ ୪ ମାସ ପରେ ୨୯।୦୩।୨୦ରେ ସେ ଅତିଚାରରେ ଧନୁରୁ ମକରକୁ ଚଳିବେ। ତା'ପରେ ପୁଣି ବକ୍ରଗତିରେ ୩୦।୦୬।୨୦ରେ ଧନୁକୁ ଫେରିବେ। ବର୍ତ୍ତମାନ ଧନୁରାଶିରେ ଶନି ଓ କେତୁ ଅଛନ୍ତି। ସେଠାକୁ ବୃହସ୍ପତି ଆସି ଦୁଇ ପାପଗ୍ରହ ସହ ଅବସ୍ଥାନ କରି କି ଫଳ ଦେବେ ସେ ବିଷୟରେ ଜାଣିବା ପାଇଁ ଲୋକମାନଙ୍କର ଆଗ୍ରହ ରହିବା ସ୍ୱାଭାବିକ।

ଶାସ୍ତ୍ରରେ ଅଛି– ଜନ୍ମରାଶିରେ ବୃହସ୍ପତି ଥିବାବେଳେ ରାଜା ରାମଙ୍କୁ ରାଜ୍ୟ ହରାଇ ବନବାସ ଦୁଃଖ ଭୋଗ କରିବାକୁ ପଡ଼ିଥିଲା। ତେଣୁ ଜନ୍ମବୃହସ୍ପତି ଅର୍ଥ, ସମ୍ପଦ, ରାଜ୍ୟ, ପଦପଦବୀ ନାଶ କରିଥାନ୍ତି। ସେହିପରି ବୃହସ୍ପତି ଜନ୍ମରାଶିରୁ ତୃତୀୟରେ ଥିବାବେଳେ ବାମନରୂପୀ ବିଷ୍ଣୁ ବଳିଙ୍କୁ ପାତାଳକୁ ଚାପିଥିଲେ। ବୃହସ୍ପତି ଚତୁର୍ଥରେ ଥିବାବେଳେ ରାବଣ, ଦ୍ୱାଦଶରେ ଥିବାବେଳେ ସଗର ରାଜା, ଦଶମରେ ମଧୁକୈଟଭ, ଅଷ୍ଟମରେ କୁରୁରାଜା ଓ ଷଷ୍ଠରେ ଥିବାବେଳେ କର୍ଣ୍ଣବଧ ହୋଇଥିଲା। ତେଣୁ ଜନ୍ମ, ୩ୟ, ୪ର୍ଥ, ୬ଷ୍ଠ, ୮ମ, ୧୦ମ ଓ ୧୨ଶ ବୃହସ୍ପତି ଅଶୁଭ ଫଳ ଦେଇଥାନ୍ତି। ବୃହସ୍ପତିଙ୍କର ଶୁଭ ସ୍ଥାନଗୁଡ଼ିକ ହେଉଛି ୨ୟ, ୫ମ, ୭ମ ଓ ୧୧ଶ। ଜନ୍ମରାଶିରୁ ଏହିସବୁ ବିଚାର ହୁଏ। କୃଷ୍ଣମୂର୍ତ୍ତିଙ୍କ ମତରେ ଲଗ୍ନରୁ ମଧ୍ୟ ବିଚାର ହୁଏ। ତା' ଛଡ଼ା ଜ୍ୟୋତିଷଶାସ୍ତ୍ରରେ ଆଉ ଏକ ପାଠ ଅଛି ଯାହାର ନାମ ଅଷ୍ଟକବର୍ଗ ବିଚାର। ଲଗ୍ନ ଓ ଗ୍ରହଗୁଡ଼ିକର ପାରସ୍ପରିକ ସ୍ଥିତିକୁ ନେଇ ତାହା ବିଚାର କରାଯାଇଥାଏ। ବୃହସ୍ପତିଙ୍କ ଅଷ୍ଟକବର୍ଗରେ ଯଦି ସେ ଚାରୋଟିରୁ ଅଧିକ ଶୁଭବିନ୍ଦୁ ପାଇଥାନ୍ତି ତେବେ ଅଶୁଭ ବୃହସ୍ପତି ହେଲେ ବି ସେ ଶୁଭଫଳ ଦେବେ। ଶୁଭସ୍ଥାନସ୍ଥ ଗ୍ରହ ବି ଶୁଭଫଳ ଦେଇପାରନ୍ତି ନାହିଁ ଯଦି ସେ ନୀଚସ୍ଥ, ଅସ୍ତଂଗତ ବା ଅନ୍ୟ ପ୍ରକାରେ ଦୁର୍ବଳ ହୋଇଥାନ୍ତି କିମ୍ବା ତାଙ୍କର ବେଧ ସ୍ଥାନରେ ଅନ୍ୟ ଗ୍ରହ ଅବସ୍ଥାନ କରିଥାନ୍ତି। ବଳାବଳ, ଗ୍ରହବେଧ ଏବଂ ଅନ୍ୟ ଗ୍ରହମାନଙ୍କ ସହ ପାରସ୍ପରିକ ସମ୍ପର୍କ ବିଚାର ବିନା ଗୋଚର ବିଚାର ପୂର୍ଣ୍ଣାଙ୍ଗ ନୁହେଁ।

ଶାସ୍ତ୍ରରେ ଅଛି– ବୃହସ୍ପତି ଜନ୍ମରାଶିରୁ ଦ୍ୱିତୀୟରେ ଥିଲେ ଧନଧାନ୍ୟଭୋଗୀ କରାନ୍ତି, ନବମ ବା ପଞ୍ଚମରେ ଥିଲେ ସୁତ ଓ ଅର୍ଥଲାଭ କରାନ୍ତି, ସପ୍ତମରେ ଥିଲେ ବିପୁଳ ଲକ୍ଷ୍ମୀ (ଧନ ଓ ଐଶ୍ୱର୍ଯ୍ୟ)ର ଅଧିକାରୀ କରାନ୍ତି ଏବଂ ଏକାଦଶରେ ଥିଲେ ଉପରୋକ୍ତ ସବୁ ପ୍ରକାର ସୁଫଳ ଜାତକ ପାଇଥାଏ। ଅର୍ଥାତ୍ ଧନୁରାଶିସ୍ଥ ବୃହସ୍ପତି ମେଷ, ମିଥୁନ, ସିଂହ, ବିଛା ଓ କୁମ୍ଭ ରାଶିର ଗୋଚରରେ ଶୁଭଫଳ ପ୍ରଦାନ କରିବେ। ଏତଦ୍‌ଭିନ୍ନ ରାଶିମାନଙ୍କର ଅଶୁଭଫଳ ପ୍ରଦାନ କରିବେ। ମୋଟ ଉପରେ ବୃହସ୍ପତି ଜନ୍ମ ରାଶିରେ ରହିଲେ ଭୟ, ଦ୍ୱିତୀୟରେ ରହିଲେ ଧନଧାନ୍ୟ ଲାଭ, ତୃତୀୟରେ ଶରୀରପୀଡା, ଚତୁର୍ଥରେ ଧନହାନି, ଅପ୍ରିୟତା, ପଞ୍ଚମରେ ସନ୍ତାନସୁଖ ଓ ଧନସମ୍ପଦ ଲାଭ, ଷଷ୍ଠରେ ରୋଗ ଓ ଶତ୍ରୁବୃଦ୍ଧି, ସପ୍ତମରେ ଲକ୍ଷ୍ମୀପ୍ରାପ୍ତି, ସମ୍ମାନଲାଭ, ଅଷ୍ଟମରେ ସ୍ୱାସ୍ଥ୍ୟ ଓ ସମ୍ପଦ ନାଶ, ନବମରେ ଧନଲାଭ, ଦଶମରେ ପ୍ରଣୟ ଭଙ୍ଗ, ପ୍ରୀତିନାଶ, ଏକାଦଶରେ ଧନ ଓ ସମ୍ମାନ ପ୍ରାପ୍ତି ଏବଂ ଦ୍ୱାଦଶରେ ବ୍ୟୟ ବୃଦ୍ଧି ଓ ଶରୀର କ୍ଳେଶ ପରି ଫଳ ପ୍ରଦାନ କରିଥାନ୍ତି। ଏହା ସାଧାରଣ ବିଚାର। ସମସ୍ତଙ୍କ କ୍ଷେତ୍ରରେ କାର୍ଯ୍ୟତଃ ଏହି ଫଳ ମିଳିବାର ଦେଖାଯାଉ ନାହିଁ। ତେଣୁ ଗୋଚରଫଳ ବିଚାରରେ ରହିଥିବା ଅନ୍ୟାନ୍ୟ ଦିଗଗୁଡ଼ିକୁ ମଧ୍ୟ ବିଚାରକୁ ନେବା ଉଚିତ।

ଗ୍ରହ କେଉଁ ରାଶିର କେଉଁ ନକ୍ଷତ୍ରକୁ ଚଳୁଛନ୍ତି ଏବଂ କର୍ତ୍ତାଙ୍କ ଜନ୍ମନକ୍ଷତ୍ର କ'ଣ ତାହା ଉପରେ ମଧ୍ୟ ସେ କେତେ ଶୁଭ ବା ଅଶୁଭ ଫଳ ଦେବେ ତାହା ନିର୍ଭର କରେ। ଏହା ଜାଣିବା ପାଇଁ ଏକ ସୂତ୍ର ଅଛି। ଗ୍ରହର ଚଳନ ନକ୍ଷତ୍ର ସଂଖ୍ୟା (ବର୍ତ୍ତମାନ ବୃହସ୍ପତିଙ୍କ ଚଳନ ନକ୍ଷତ୍ର ସଂଖ୍ୟା ୧୯), କର୍ତ୍ତାଙ୍କ ଜନ୍ମନକ୍ଷତ୍ର ସଂଖ୍ୟା ଓ ଜନ୍ମରାଶି ସଂଖ୍ୟାକୁ ମିଶାଇ ମିଶାଣଫଳକୁ ୮ ଦ୍ୱାରା ଭାଗ କରନ୍ତୁ। ଭାଗଶେଷ ୧ ରହିଲେ ପ୍ରୀତିଲାଭ, ୨ ରହିଲେ ତୀର୍ଥଦର୍ଶନ, ୩ ରହିଲେ ଲକ୍ଷ୍ମୀପ୍ରାପ୍ତି, ୪ ରହିଲେ ଦ୍ରବ୍ୟହାନି, ୫ ରହିଲେ ଦୁଃଖଲାଭ, ୬ ରହିଲେ ଭୂମି ଓ ଅର୍ଥଲାଭ, ୭ ରହିଲେ କଳହ ଓ ସମ୍ମାନହାନି ଏବଂ ଶୂନ ରହିଲେ ଶସ୍ତ୍ରାଘାତ।

ଗ୍ରହ ଚଳନ ସମୟରେ ଚନ୍ଦ୍ର କେଉଁ ରାଶିରେ ଅଛି ତାହା ମଧ୍ୟ ବିଚାର୍ଯ୍ୟ। ଯଦି ବୃହସ୍ପତି ଚଳନ ସମୟରେ କର୍ତ୍ତାଙ୍କ ଜନ୍ମରାଶିକୁ ଚନ୍ଦ୍ର ଶୁଭ ଥିବେ ତେବେ ବୃହସ୍ପତି ଶୁଭ ହୋଇଥିଲେ ପୂର୍ଣ୍ଣ ଶୁଭ ଏବଂ ଅଶୁଭ ହୋଇଥିଲେ ଅଧା ଅଶୁଭ ଫଳ ଦେବେ। ଚନ୍ଦ୍ର ଅଶୁଭ ହୋଇଥିଲେ ଶୁଭ ବୃହସ୍ପତି ଅଧା ଶୁଭ ଏବଂ ଅଶୁଭ ବୃହସ୍ପତି ପୂର୍ଣ୍ଣ ଅଶୁଭ ଫଳ ଦେବେ। ବର୍ତ୍ତମାନ ବୃହସ୍ପତିଙ୍କ ଚଳନ ସମୟରେ ଚନ୍ଦ୍ର ମକରରାଶିରେ ଅଛନ୍ତି। ସୁତରାଂ ମେଷ, ସିଂହ ଓ ବିଛା ରାଶିର ବୃହସ୍ପତି ଗୋଚରରେ ଶୁଭ ଏବଂ ଚଳନ ସମୟେ ଚନ୍ଦ୍ର ଶୁଭ ହେତୁ ଅତିଶୁଭ ଫଳ ପ୍ରଦାନ କରିବେ। ମିଥୁନ ଓ କୁମ୍ଭ ରାଶିର ଗୋଚରରେ ଶୁଭ ଓ ଚନ୍ଦ୍ର ଅଶୁଭ ହେତୁ ମଧ୍ୟମ ଶୁଭଫଳ ପ୍ରଦାନ କରିବେ। ବୃଷ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର ଗୋଚରରେ ଅଶୁଭ ମାତ୍ର ଚନ୍ଦ୍ର ଶୁଭ ହେତୁ ସମଫଳ ପ୍ରଦାନ କରିବେ। ତୁଳା ରାଶିର ଗୋଚରରେ ଅଶୁଭ ଏବଂ ଚନ୍ଦ୍ର ଅଶୁଭ କାରଣରୁ ଅତି ଅଶୁଭଫଳ ଦେବେ।

ଅଶୁଭ ବୃହସ୍ପତିଙ୍କ ପ୍ରତିକାର ପାଇଁ ଗୁଡ, ହଳଦୀଖଣ୍ଡ, ହଳଦିଆ ଧାନ, ହଳଦିଆ ବସ୍ତ୍ର, ଲୁଣ ଆଦି ଗ୍ରହବିପ୍ରଙ୍କୁ ଦାନ କରାଯାଏ। ଏତଦ୍‌ବ୍ୟତୀତ ବ୍ରହ୍ମଯଷ୍ଟି ମୂଳକୁ ବ୍ରାହ୍ମଣଙ୍କ ଦ୍ୱାରା ନିଜ ନାମ, ଗୋତ୍ରରେ ଅଭିମନ୍ତ୍ରିତ କରାଇ ୧୦୮ ଆହୁତି ପ୍ରଦାନ ପୂର୍ବକ ହୋମ କରାଇ ସ୍ତ୍ରୀଲୋକମାନେ ବାମ ଏବଂ ପୁରୁଷଲୋକମାନେ ଦକ୍ଷିଣବାହୁରେ ଧାରଣ କଲେ ଅଶୁଭଫଳ ହ୍ରାସ ପାଇଥାଏ।

ପ୍ରକୃତରେ ମଣିଷ ତା'ର କର୍ମ ଅନୁସାରେ ଫଳ ପାଇଥାଏ। ଗ୍ରହମାନେ କେବଳ ଅନୁପ୍ରେରିତ କରନ୍ତି। ଯେଉଁମାନେ ଇଷ୍ଟନିଷ୍ଠ ସେମାନେ ଖରାପ ଅନୁପ୍ରେରଣାର ବଶବର୍ତ୍ତୀ ହୁଅନ୍ତି ନାହିଁ କି ପରିବେଶରୁ ଖରାପ କିଛି ଗ୍ରହଣ କରନ୍ତି ନାହିଁ। ତେଣୁ ସେମାନେ ଗ୍ରହଦୋଷ (ଗ୍ରହଣ କରିବାର ଦୋଷ)ରେ ପୀଡ଼ିତ ହୁଅନ୍ତି ନାହିଁ। ଆଦର୍ଶନିଷ୍ଠ ହୁଅନ୍ତୁ, ସତ୍‌କର୍ମ କରନ୍ତୁ, ଅଶୁଭଗ୍ରହ ଦ୍ୱାରା କ୍ଷତିଗ୍ରସ୍ତ ହେବେ ନାହିଁ।

ମୋ–୭୦୦୮୯୬୦୫୦୨

## ଏଇ ଭାରତରେ

ନିଜେ ଦୁଃଖକଷ୍ଟ ସହି ଜନସେବା କରିବାର ଦୃଷ୍ଟାନ୍ତ ଏବେ ବି ସମାଜରେ ଦେଖିବାକୁ ମିଳେ। ତାହାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହେଉଛନ୍ତି ଛତିଶଗଡ଼ର ଚିତ୍ରାଂଶ ତିୱାରୀ। ସେ ଘରଠାରୁ ଦୂରରେ ରହି ନିଜ ଜୀବିକାର୍ଜନର ରାସ୍ତା ଖୋଜିବା ଭିତରୁ ସମୟ ବାହାର କରି ନିଶା ସେବନ, ଚୋରି ତଥା ମାଡପିଟ୍‌ରେ ଲିପ୍ତ ପିଲାମାନଙ୍କୁ ଭଲ ବାଟକୁ ଆଣିବା ଚେଷ୍ଟାରେ ଲାଗିଛନ୍ତି। ପକେଟମାର କରୁଥିବା ପିଲାମାନଙ୍କୁ ସେ ବୁଝାଶୁଝା କରି ସ୍କୁଲ ପଠାଉଛନ୍ତି। ଏଭଳି ଉଦ୍ୟମ କରି ଏବେ ସେ ୩୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ସମାଜର ମୁଖ୍ୟଧାରାରେ ସାମିଲ କରାଇ ପାରିଛନ୍ତି। ଇଞ୍ଜିନିୟରିଂ କୋଚିଂ ଦେଇ ସେଥିରୁ ଯତ୍‌କିଞ୍ଚିତ୍ ଆୟ କରୁଥିବା ଅର୍ଥରେ ବିଭିନ୍ନ ପ୍ରତିଯୋଗିତା ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ଚିତ୍ରାଂଶୁ ଦୁର୍ଗର ସ୍ମୃତି ନଗରସ୍ଥିତ ଏକ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଏହି ପିଲାମାନଙ୍କୁ ଭର୍ତ୍ତି କରିଛନ୍ତି। ଏହା ବ୍ୟତୀତ ତାଙ୍କ ଘର ପାଖାପାଖି କେତେକ ବସ୍ତିକୁ ଯାଇ ବର୍ଷକ ଭିତରେ ନିଶାସେବନ ଓ ଅପରାଧରେ ଜଡିତ ୧୦ରୁ ୧୮ ବର୍ଷ ବୟସର ପ୍ରାୟ ୩୦୦ ପିଲାଙ୍କୁ ସେ ଠାବ କରିଛନ୍ତି। ଭଲ ଖାଇବାକୁ ନ ମିଳିବା, କୁସଙ୍ଗ ଓ ସ୍କୁଲ ଯାଉ ନ ଥିବାରୁ ସେମାନେ ଅପରାଧ କରୁଛନ୍ତି ବୋଲି ଜାଣିବା ପରେ ତାଙ୍କ ମନ ବଦଳିଯାଇଥିଲା। ଏହାପରେ ସେ ସପ୍ତାହର କୌଣସି ଏକ ଦିନରେ ଭଲ ଖାଦ୍ୟର ବ୍ୟବସ୍ଥା କରିବା ସହ ଉକ୍ତ ପିଲାମାନଙ୍କୁ ଭଲ ବାଟରେ ଯିବା ପାଇଁ ପରାମର୍ଶ ଦେବାକୁ ଆରମ୍ଭ କରିଦେଇଛନ୍ତି। ସେଠାରେ ସବୁ ପିଲାଙ୍କୁ ସେମାନଙ୍କ ମନ ପସନ୍ଦର ଖାଦ୍ୟ ଦେଉଛନ୍ତି। ସେମାନଙ୍କୁ ଖେଳ ଓ ମନୋରଞ୍ଜନ ମାଧ୍ୟମରେ ମୁଖ୍ୟ ଧାରାରେ ଯୋଡିବାରେ ଲାଗି ପଡ଼ିଛନ୍ତି। ଚିତ୍ରାଂଶୁଙ୍କର ଏହି କାର୍ଯ୍ୟକୁ ସବୁ ସ୍ତରରେ ପ୍ରଶଂସା କରାଯିବା ସହ ଜନସମର୍ଥନ ମଧ୍ୟ ମିଳୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୫ ନଭେମ୍ବର ୧୯୯୪

- ଇଜିପ୍ଟରେ ଭୟାନକ ବାତ୍ୟା ଓ ଅଗ୍ନିକାଣ୍ଡ ଘଟି ୧୦୦୦ ଲୋକଙ୍କ ମୃତ୍ୟୁ।
- ଫ୍ରାନ୍ସ ପାକିସ୍ତାନକୁ ୪୦୦ ନିୟୁତ ଫ୍ରାଙ୍କ୍, ଯାହାର ଆନୁମାନିକ ମୂଲ୍ୟ ୭୭ ନିୟୁତ ଡଲାର ସାହାଯ୍ୟ ଆକାରରେ ଦେବା ପାଇଁ ନିଷ୍ପତ୍ତି।
- ନାଇଜେରିଆରେ ଗୋଟିଏ ତୈଳ ଟ୍ୟାଙ୍କର ସହିତ ବସ ମୁହାଁମୁହିଁ ଧକ୍କା ହୋଇ ନିଆଁ ଲାଗିଯିବା ଫଳରେ ୬୦ ବସ ଯାତ୍ରୀଙ୍କ ପ୍ରାଣହାନି।

## ଚିରନ୍ତନୀ

କମନୀୟ କମଳର
ସୁକୋମଳ ବୁକୁରେ
ଝଡ଼ିପଡ଼େ ନୀଳଜଳ–ମୁକୁରେ!
କାଶ ଫୁଲେ ହସିହାସି
ଝରାଇ ଶେଫାଳି ରାଶି
ଦୂରବନ– ସୁଚିକଣ ଚିକୁରେ
ଢଳିପଡ଼େ ନୀଳଜଳ ମୁକୁରେ!
ପ୍ରତି ଲୋମକୂପ ଆଜି
ଥରିଉଠେ ପୁଲକେ
ଏ ପରଶ ଦେହେ ମୋର ଦେଲ କେ?
ଦିବସର ଆଗମନୀ
ରଜନୀରେ ଦେଲ ଭଣି
ସୁଶୀତଳ ଜୋଛନାରେ ଝଲକେ
ଏ ପରଶ ଦେହେ ମୋର ଦେଲ କେ?
(ଶିଶିର–ହାସ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 9 | | | 1 | | 4 | 2 | | | 3 | E | C | |
| D | | 7 | | C | E | A | 0 | B | | | | | 8 | |
| | | | A | | D | | | E | | | | | | 2 |
| | 5 | A | 6 | | 7 | 9 | D | | | | | | | |
| 0 | | E | | | | | | C | | | | 7 | | |
| | | | | | | 0 | A | 4 | | 3 | | B | | |
| | | 8 | | 0 | A | | | 9 | | | 4 | 6 | | |
| 6 | | | | D | | 5 | | | | 7 | | | | |
| B | A | | | 5 | C | | | 6 | 8 | | | | 1 | 4 |
| | | C | | | | 3 | 8 | | A | | 1 | | | E |
| | 1 | 2 | D | 3 | | E | | | | | 5 | | | 9 |
| | 0 | | | | | | | | 1 | | | | B | |
| | | | | 4 | | | 2 | | | 9 | B | 8 | | |
| 3 | | | | E | | C | | | D | | | | | |
| C | E | | | | 8 | | 7 | | | 6 | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | E | 2 | 7 | 8 | 6 | 4 | D | 5 | C | 1 | 9 | 0 | 3 |
| 6 | 3 | 1 | E | 5 | 9 | 0 | 7 | C | 2 | A | 4 | D | B | 8 |
| 4 | D | 9 | 0 | 6 | 1 | 2 | 3 | 5 | B | 7 | 8 | A | C | E |
| 5 | 0 | 2 | 4 | 3 | C | B | A | 8 | 9 | D | E | 6 | 1 | 7 |
| C | 8 | 7 | A | B | D | 9 | E | 1 | 6 | 0 | 3 | 2 | 4 | 5 |
| 1 | 9 | A | 7 | C | E | 3 | 5 | 2 | 0 | B | D | 4 | 8 | 6 |
| 7 | B | D | 8 | 2 | 5 | C | 9 | 6 | 4 | 3 | A | 0 | E | 1 |
| 2 | 6 | 5 | D | 4 | B | A | 1 | 0 | E | 8 | C | 7 | 3 | 9 |
| 8 | C | 0 | 6 | 1 | 3 | E | B | 4 | 7 | 2 | 9 | 5 | A | D |
| E | 4 | 3 | 9 | 0 | A | 8 | D | 7 | 1 | 6 | 5 | C | 2 | B |
| A | E | 8 | C | D | 2 | 4 | 6 | 9 | 3 | 1 | 7 | B | 5 | 0 |
| D | 7 | C | 1 | E | 0 | 5 | 2 | B | 8 | 4 | 6 | 3 | 9 | A |
| 3 | 1 | 4 | 5 | 8 | 6 | D | 0 | A | C | 9 | B | E | 7 | 2 |
| 0 | 5 | 6 | B | 9 | 4 | 7 | 8 | 3 | A | E | 2 | 1 | D | C |
| 9 | 2 | B | 3 | A | 7 | 1 | C | E | D | 5 | 0 | 8 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାକିସ୍ତାନ ପାଇଁ ମରଣ ଘଣ୍ଟି

ମହାଶୟ,

ପାକ୍ ଅଧିକୃତ କଶ୍ମୀର, ବେଲୁଚିସ୍ତାନ ଓ ସିନ୍ଧୁ ପ୍ରଦେଶରେ ବେଳକୁ ବେଳ ପାକ୍ ବିରୋଧୀ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ବେଶି ହେଉଛି ପାକ୍ ଅଧିକୃତ କଶ୍ମୀରରେ। ଏହା ପାକିସ୍ତାନ ପାଇଁ ମରଣ ଘଣ୍ଟି ନୁହେଁ ତ? ପାକିସ୍ତାନ ସରକାରଙ୍କ ବିରୋଧରେ ସେଠା ଜନତାଙ୍କର ଅସନ୍ତୋଷର ନିଆଁ ଦାଉ ଦାଉ ହୋଇ ଜଳୁଛି। ସେମାନେ ଖୋଲାଖୋଲି ଭାବେ ରାସ୍ତା ଉପରକୁ ଚାଲି ଆସି ପାକିସ୍ତାନ ବିରୋଧରେ ଆନ୍ଦୋଳନ କରୁଛନ୍ତି। ବିରୋଧୀ ଧ୍ୱନି ଦେଉଛନ୍ତି। ଭାରତରେ ଆମର ଭବିଷ୍ୟତ ବୋଲି କହୁଛନ୍ତି। ସୈନ୍ୟବାହିନୀ ଆନ୍ଦୋଳନକାରୀଙ୍କୁ କଠୋର ଭାବରେ ଦମନ କରି ଖୋଲାଖୋଲି ମାନବିକ ଅଧିକାରର ଉଲ୍ଲଂଘନ କରୁଛି, ଯାହାକି ଜନଅସନ୍ତୋଷର ପ୍ରଧାନ କାରଣ ହୋଇପଡିଛି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ବିରଳ ମାଛ

ମତ୍ସ୍ୟଜୀବୀମାନେ ରାଜନଗର ପାଖ ସମୁଦ୍ରରୁ ଏକ ବିରଳ ମୟୂର ମାଛ ଧରିଥିବା ଥିବା କଥା ଗଣମାଧ୍ୟମରେ ପ୍ରକାଶ ପାଇଛି, ଯାହାର ବଜାର ମୂଲ୍ୟ ପ୍ରାୟ ଦୁଇଲକ୍ଷ ଟଙ୍କା। ହେଲେ ସେଠାରେ ବନ ବିଭାଗର ପଦାଧିକାରୀମାନେ କରୁଥିଲେ କ'ଣ? ସେହି ବିରଳ ପ୍ରଜାତିର ମାଛକୁ ପୁଣିଥରେ ସମୁଦ୍ରରେ ଛାଡ଼ିବା କିମ୍ବା ସାମୁଦ୍ରିକ ଆକ୍ୱାରିୟମ୍‌କୁ ପଠାଇବା କ'ଣ ତାଙ୍କର ଦାୟିତ୍ୱ ନୁହେଁ କି?

ବିଷ୍ଣୁଚରଣ ସେନ, ଭୁବନେଶ୍ୱର

### ବିଦ୍ୟୁତ୍ ଶୁଳ୍କ ବୃଦ୍ଧି

ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ ହେବ। ତେଣୁ ଘରୋଇ କ୍ଷେତ୍ରକୁ କୋହଳ କରାଯାଉ। କେବଳ ସରକାରୀ ତଥା ବ୍ୟବସାୟିକ କ୍ଷେତ୍ରରେ ଲାଗୁ କରାଯାଉ। ଶକ୍ତି ବିଭାଗ ନିଷ୍ପତ୍ତିର ପୁନର୍ବିଚାର କରିବା ଆବଶ୍ୟକ। ଅଧିକାଂଶ ଗରିବ ଉପଭୋକ୍ତା ମାଗଣା ବିଦ୍ୟୁତ୍ ସଂଯୋଗ ନେଇଥିବାରୁ ରିହାତି ବ୍ୟବସ୍ଥା କରାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମନଜିଣିଲେ 'ସୁପର ୨୨'

ଭୁବନେଶ୍ୱର,୪।୧୧(ବ୍ୟୁରୋ)



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଦିବ୍ୟାଙ୍ଗ ହେଲେ ବି ନିଜ ଦକ୍ଷତା ବଳରେ କିଛି ନୂଆ ଓ ଭିନ୍ନ କରିବାର ଇଚ୍ଛା। ଏଭଳି ଦୃଢ଼ ମନୋବଳ ନେଇ ମଞ୍ଚକୁ ଓହ୍ଲାଇଥିଲେ ଟିମ୍ 'ସୁପର ୨୨'। ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ତାଙ୍କ ଦଳ ଦ୍ୱାରା ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନ 'ସ୍ମାଇଲ୍ ପ୍ଲିଜ୍' ପକ୍ଷରୁ ଆୟୋଜିତ 'ସୁପର ୨୨' ଶୋ'ରେ ଦର୍ଶକ ଦେଖିବାକୁ ପାଇଥିଲେ ରାଜ୍ୟର ବଛା ବଛା ପ୍ରତିଭାବାନ୍ ଦିବ୍ୟାଙ୍ଗ କଳାକାରମାନଙ୍କ କଳାନୈପୁଣ୍ୟ। ନୃତ୍ୟରୁ ଆରମ୍ଭକରି ଅଭିନୟ ପର୍ଯ୍ୟନ୍ତ ବିଭିନ୍ନ ମାଧ୍ୟମରେ ଦିବ୍ୟାଙ୍ଗମାନେ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ।

ମନୋରଞ୍ଜନ ତଥା ଚଳଚ୍ଚିତ୍ର ଜଗତରେ ମୁଖ୍ୟ ଚରିତ୍ରରେ ପ୍ରତିଭାବାନ୍ ଦିବ୍ୟାଙ୍ଗମାନଙ୍କୁ ଅଭିନୟ କରିବାର ସୁଯୋଗ ଦେବା ଲକ୍ଷ୍ୟରେ ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଥିଲା ଭିନ୍ନସ୍ୱାଦର କାର୍ଯ୍ୟକ୍ରମ 'ସୁପର ୨୨'। 'ସ୍ମାଇଲ୍ ପ୍ଲିଜ୍' ପକ୍ଷରୁ ଅଡିଶନ୍ ମାଧ୍ୟମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବଛାଯାଇଥିବା ୨୨ଜଣ ଦିବ୍ୟାଙ୍ଗ ନିଜ ଭିତରେ ଥିବା କଳାକୁ ବାହାରକୁ ଆଣିବାର ସୁଯୋଗ ପାଇଥିଲେ। ଭିନ୍ନକ୍ଷମ ହେଲେ ମଧ୍ୟ ସେମାନେ କିଛି ବି କରିବାକୁ ସକ୍ଷମ, ତାହାକୁ ପ୍ରମାଣିତ କରିଥିଲେ। ଏହି ଅବସରରେ 'ସ୍ୱାଭିମାନ'ର ମୁଖ୍ୟ ଶ୍ରୁତି ମହାପାତ୍ର, ଭାରତୀୟ ହକି ଟିମ୍‌ର ପୂର୍ବତନ କ୍ୟାପ୍ଟେନ୍ ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଦିଲୀପ ତିର୍କି, ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର, ବିଶିଷ୍ଟ ସ୍ଥପତି ତଥା ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର, ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ଅର୍ଚ୍ଚିତା ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଦିବ୍ୟାଙ୍ଗମାନଙ୍କୁ ସମାଜ ଉଚିତ ସମ୍ମାନ ଦେବାକୁ ଅନୁରୋଧ କରିଥିଲେ। ଏଭଳି ଏକ ପ୍ରୟାସ ପାଇଁ ସବ୍ୟସାଚୀଙ୍କୁ ସମସ୍ତେ ପ୍ରଶଂସା କରିବା ସହ 'ସ୍ମାଇଲ୍ ପ୍ଲିଜ୍' ଅନୁଷ୍ଠାନକୁ ନିଜ ଏମ୍‌ପି ଲାଡ୍‌ରୁ ୨୧ଲକ୍ଷ ଟଙ୍କା ଦେବାକୁ ରଘୁନାଥ ମହାପାତ୍ର ଘୋଷଣା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କ୍ରୀଡାବିତ୍ ଦୂତୀ ଚାନ୍ଦ୍, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ସମ୍ପାଦକ ତଥାଗତ ସତପଥୀ, ପୋଲିସ୍ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଟ୍ରାଫିକ୍ ଡିସିପି ସାଗରିକା ନାଥ, ଅଭିନେତା ମିହିର ଦାସ, ବୁଦ୍ଧାଦିତ୍ୟ ଓ ଆକାଶ ଦାସ ନାୟକ, ସମ୍ବାଦ ଗ୍ରୁପ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ, ଓଟିଭି ସହ ପ୍ରତିଷ୍ଠାତା ଜଗି ମଙ୍ଗତ ପଣ୍ଡା, ମଧୁକୁଞ୍ଜ ଅଗରବତି ମୁଖ୍ୟ ବିକାଶ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କାର ଚେକ୍ ସହ ଟ୍ରଫି ଏବଂ ଗିଫ୍ଟହାମ୍ପର ପ୍ରଦାନ କରାଯାଇଥିଲା। ପୁରସ୍କୃତ କରିଥିବା ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଥିଲେ ଗ୍ରୀନ୍ ଟିଲିଜ୍‌ର କେଶବ ରାଓ, ଟରେଣ୍ଟ ଆଡଭର୍ଟାଇଜର୍ସ ଜିଜ୍ଞାଶିଷ ମହାପାତ୍ର, ପ୍ରଯୋଜକ ଟୁଟୁ ନାୟକ, ନିର୍ଦ୍ଦେଶକ ବସନ୍ତ ସାହୁ, ଅଭିନେତ୍ରୀ ଏଲିନା ସାମନ୍ତରାୟ, ଭୂମିକା ଦାଶ, ବିଦ୍ୟୁସ୍ମିତା ଓ ସ୍ୱପ୍ନା ପତି ପ୍ରମୁଖ। ସୁଲଗ୍ନା ରାଉତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ପ୍ରଥମ ପ୍ରସ୍ତୁତିରେ ପୋଲିଓରେ ଆକ୍ରାନ୍ତ ରାଉରକେଲାର ସୁନୀତା ସେଠୀ ଏବଂ ପିଣ୍ଟୁ ସେନାପତି ନିଜ ନୃତ୍ୟରେ ଦର୍ଶକଙ୍କୁ ଆଚମ୍ବିତ କରିବାପରେ ଦ୍ୱିତୀୟ ପ୍ରସ୍ତୁତିରେ ଦମ୍‌ଦାର ଅଭିନୟ ନେଇ ମଞ୍ଚକୁ ଆସିଥିଲେ ଆଦିତ୍ୟ ମହାନ୍ତି ଏବଂ ଶୁଭମ୍। ଫେସିଆଲ ପାରାଲିସିସ୍‌ରେ ଆକ୍ରାନ୍ତ ହୋଇଥିବା ଆଦିତ୍ୟଙ୍କ ଅଭିନୟ ଉପସ୍ଥିତ ଦର୍ଶକଙ୍କର ଭରପୂର କରତାଳି ସାଉଁଟିଥିଲା। ଏହାପରେ 'ବଡେମିଆଁ ଛୋଟେମିଆଁ' ଗୀତର ତାଳରେ ତାଳ ମିଶାଇ ନାଚିଥିଲେ ଡ୍ୱାର୍ଫିଜିମ୍‌ର ଶିକାର ହୋଇଥିବା ଲକ୍ଷ୍ମଣ ଏବଂ ପୂର୍ଣ୍ଣଚନ୍ଦ୍ର। କେବଳ ଏମାନେ ନୁହନ୍ତି, ଦୃଢ ଆତ୍ମବିଶ୍ୱାସ ସହିତ ବିଭିନ୍ନ ସାମାଜିକ ବାଧାବିଘ୍ନକୁ ପ୍ରତିହତ କରି ଏଭଳି ୨୨ଜଣ ପ୍ରତିଭା ନିଜ କଳାର ପ୍ରଦର୍ଶନ କରିଥିଲେ। ଯେଉଁମାନଙ୍କ ମଧ୍ୟରେ ସୁକାନ୍ତ, ହରିହର, ଅନୁପମା, ତୃପ୍ତିମୟୀ, ଅଲ୍‌ତାଫ୍, ମଣ୍ଟୁ ଜେନା ଓ ଜୁଲି ପ୍ରମୁଖ ରହିଥିଲେ।

### ମହଙ୍ଗା ପଡ଼ିଲା ଜାଲ୍ ଆଧାରରେ ମାଗଣା ଯାତ୍ରା

# ବାନ୍ଧବୀଙ୍କ ସହ ବନ୍ଧା ହେଲେ ବିମାନ କର୍ମଚାରୀ

ଭୁବନେଶ୍ୱର,୪।୧୧(ବ୍ୟୁରୋ)

- ଭୁବନେଶ୍ୱରରୁ ଖସିଲେ, କୋଚିରେ ଧରାପଡ଼ିଲେ
- ପଦାରେ ପଡ଼ିଲା ଭୁବନେଶ୍ୱର ବିମାନବନ୍ଦରର ଢିଲା ସୁରକ୍ଷା

ବାନ୍ଧବୀଙ୍କୁ ନିଜ ପରିବାର ସଦସ୍ୟ ଭାବେ ପ୍ରମାଣ ଦେବାକୁ ପ୍ରସ୍ତୁତ କରିଥିଲେ ଜାଲ୍ ଆଧାରକାର୍ଡ। ଉକ୍ତ କାର୍ଡ ମାଧ୍ୟମରେ ଟିକେଟ କରି କମ୍ପାନୀର ମାଗଣା ସେବା ପାଇବା ଜଣେ ବିମାନ କର୍ମଚାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଶେଷରେ ବାନ୍ଧବୀଙ୍କ ସହ ଉକ୍ତ ବିମାନ କର୍ମଚାରୀ ଗିରଫ ହୋଇଛନ୍ତି। ଗିରଫ ଦ୍ୱୟ ହେଲେ ଇଣ୍ଡିଗୋ ଏୟାରଲାଇନ୍ସ କର୍ମଚାରୀ ରାକେଶ ଭ୍ୟାସ୍ ଓ ତାଙ୍କ ବନ୍ଧବୀ। ରାକେଶଙ୍କ ଘର ରାଜସ୍ଥାନରେ ହୋଇଥିବାବେଳେ ସେ ଦୀର୍ଘବର୍ଷ ହେବ ଭୁବନେଶ୍ୱରରେ ପରିବାର ସହ ରହୁଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା, ଭୁବନେଶ୍ୱରରୁ ଜାଲ୍ ଆଧାରରେ କୋଚି ବିମାନବନ୍ଦରରେ ଦୁହେଁ ପଶିଛନ୍ତି। ଏହି ଘଟଣା ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ ଓ ସିଆଇଏସ୍ଏଫ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ରାକେଶଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ସୂଚନା ମିଳିଛି।

ସୂଚନା ମୁତାବକ, ଇଣ୍ଡିଗୋ ଏୟାରଲାଇନ୍ସରେ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟଙ୍କ ପାଇଁ ଦେଶ ଭିତରେ ମାଗଣା ବିମାନ ଯାତ୍ରାର ବ୍ୟବସ୍ଥା ରହିଛି। କମ୍ପାନୀର ଉପଲବ୍ଧ ମାଗଣା ସେବାରେ ରାକେଶ ନିଜ ବାନ୍ଧବୀଙ୍କ ସହ ଯିବା ପାଇଁ ଯୋଜନା କରିଥିଲେ। ତେଣୁ ସେ ବାନ୍ଧବୀଙ୍କ ଫଟୋକୁ ବ୍ୟବହାର କରି ନିଜ ଭଉଣୀଙ୍କ ନାମରେ ଜାଲ ଆଧାରକାର୍ଡ ପ୍ରସ୍ତୁତ କରିଥିଲେ। ରାକେଶଙ୍କ ପାଖରେ ବିମାନବନ୍ଦରର ଏଣ୍ଟ୍ରି ପାସ ରହିଥିବାରୁ ଭୁବନେଶ୍ୱର ବିମାନବନ୍ଦରରେ ପ୍ରବେଶ କରିବା ପରେ ବୋର୍ଡିଂ କରି ଉଡାଣ କରିବାରେ ସକ୍ଷମ ହୋଇଥିଲେ।

ସେହିଭଳି କୋଚି ବିମାନବନ୍ଦରରେ ଓହ୍ଲାଇବା ପରେ ସହରରେ ବାହାରି ଯାଇଥିଲେ। ପ୍ରାୟାନ କରୁଥିବା ଯାତ୍ରୀଙ୍କ ପାଇଁ ଚେକିଂ ବେଳେତେ କଡ଼ାକଡ଼ି ନ ଥିବାରୁ ସେମାନେ ଧରାପଡ଼ି ନ ଥିଲେ। କିନ୍ତୁ ଭୁବନେଶ୍ୱର ଫେରିବା ପାଇଁ ଗତ ୨୬ ତାରିଖ ରାତିରେ ସେମାନେ କୋଚି ବିମାନବନ୍ଦରକୁ ପ୍ରବେଶ କରିବାବେଳେ ଯାଞ୍ଚ କଡ଼ାକଡ଼ି ଥିଲା। ଫଳରେ ବାନ୍ଧବୀଙ୍କ ଆଧାର କାର୍ଡ ଜାଲ୍ ଥିବା ଜଣାପଡ଼ିଥିଲା। ଉଭୟଙ୍କୁ ସିଆଇଏସ୍ଏଫ୍ ନିଜ ହେପାଜତକୁ ନେଇ ପଚରାଉଚରା କରିବା ପରେ ସତ ପଦାକୁ ଆସିଥିଲା। ପରେ ଉଭୟଙ୍କୁ କୋଚି ବିମାନବନ୍ଦରସ୍ଥିତ ନିୟୁତସେରା ଥାନାକୁ ସିଆଇଏସ୍ଏଫ୍ ହସ୍ତାନ୍ତର କରିଥିଲା। ଉକ୍ତ ଥାନା ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଆଇପିସି ଦଫା ୪୧୯, ୪୭୧ ଓ ୩୪ରେ ମାମଲା ନଂ. ୧୧୩୨/୧୯ ରୁଜୁ କରାଯାଇ ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ପ୍ରଥମେ କୋର୍ଟ ଜାମିନ ନାମଞ୍ଜୁର କରିବା ପରେ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଜାମିନ ମିଳିଥିବା ଜଣେ ଅଧିକାରୀ ଜଣାଇଛନ୍ତି।

## ଆଜି ଆସୁଛନ୍ତି ଜାତୀୟ ସଫେଇ କର୍ମଚାରୀ କମିଶନ

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ଜାତୀୟ ସଫେଇ କର୍ମଚାରୀ କମିଶନ ମଙ୍ଗଳବାର ୨ ଦିନିଆ ଭୁବନେଶ୍ୱର ଗସ୍ତରେ ଆସୁଛନ୍ତି। କମିଶନ ଚେୟାରମ୍ୟାନ ମନୋହର ଭଲ୍‌ଜିଭାଇ ଜାଲାଙ୍କ ସହ ଏହାର ସଦସ୍ୟ ବିଏସ୍‌ପି, ରାଜ୍ୟ ପ୍ରଶାସନ ଏବଂ ପୂର୍ବତଟ ରେଳପଥ ସଫେଇ କର୍ମଚାରୀ ଓ ଅଧିକାରୀଙ୍କୁ ଭେଟିବେ। -ସଫେଇ କର୍ମଚାରୀଙ୍କୁ ମିଳୁଥିବା ସୁବିଧା, ସ୍ୱାସ୍ଥ୍ୟାବସ୍ଥା ଓ ଅଧିକାର ସଂକ୍ରାନ୍ତରେ କମିଶନ ଟିମ୍ ସମୀକ୍ଷା କରିବେ। ଏଥିସହ ପୂର୍ବତଟ ରେଳପଥ ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସହ ମଧ୍ୟ ଆଲୋଚନା କରିବେ। ବୁଧବାର ସାମନ୍ତରାପୁର ନିକଟରେ ସଫେଇ କର୍ମଚାରୀଙ୍କ ପାଇଁ ହେବାକୁ ଥିବା ଏକ ସ୍ୱାସ୍ଥ୍ୟ ଶିବିରରେ କମିଶନ ଯୋଗଦେବା ସହ କେତେକ ବସ୍ତି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

# ଇଣ୍ଡିଗୋ ନେଟ୍‌ୱର୍କ ସମସ୍ୟା, ଚଳାଚଳ ବାଧାପ୍ରାପ୍ତ

ଭୁବନେଶ୍ୱର,୪।୧୧(ବ୍ୟୁରୋ)

**ବିମାନ ବନ୍ଦରରେ ଘଣ୍ଟା ଘଣ୍ଟା ଫସି ରହିଲେ ଯାତ୍ରୀ**




ନେଟ୍‌ୱର୍କରେ ସମସ୍ୟା ଲାଗି ରହିବାରୁ ସୋମବାର ସାରା ଦେଶରେ ଇଣ୍ଡିଗୋ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କେତେକ ବିମାନ ୨ରୁ ୩ ଘଣ୍ଟା ବିଳମ୍ବରେ ଚଳାଚଳ କରିଥିବାବେଳେ ଆଉ କେତେକ ସେବାକୁ ବାତିଲ କରିଦିଆଯାଇଥିଲା। ଏଭଳି ସମସ୍ୟା ଯୋଗୁ ହଜାର ହଜାର ଯାତ୍ରୀ ନାନା ହଟହଟା ହୋଇଥିବା ଦେଖିବାକୁ ମିଳିଥିଲା।

ସୂତ୍ରରୁ ସୂଚନାନୁସାରେ, ଇଣ୍ଡିଗୋ ବିମାନ ଚଳାଚଳ କମ୍ପାନୀର ଚେକ୍-ଇନ୍ ସିଷ୍ଟମରେ କେତେକ ତ୍ରୁଟି ଦେଖାଦେଇଥିଲା। ଫଳରେ ଭୁବନେଶ୍ୱର, ବେଙ୍ଗାଲୁରୁ, ମୁମ୍ବାଇ, ଗୁଆହାଟି, ପାଟନା ଆଦି ବିମାନ ବନ୍ଦରରେ ଇଣ୍ଡିଗୋ ବିମାନଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲା। ଅପରାହ୍ନ ଏକାଧିକ ବିମାନକୁ ବାତିଲ୍ କରିବାକୁ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ବାଧ୍ୟ ହୋଇଥିଲେ। ଜରୁରୀ କାର୍ଯ୍ୟ ପାଇଁ ବାହାରିଥିବା ଯାତ୍ରୀମାନେ ବହୁ ସମୟ ଧରି ଅପେକ୍ଷା କରିବା ପରେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ମୁମ୍ବାଇ, ବେଙ୍ଗାଲୁରୁ, ଗୁଆହାଟୀ ଏୟାରପୋର୍ଟରେ ଯାତ୍ରୀମାନେ ଅଧିକ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ବହୁ ଯାତ୍ରୀ ଟ୍ୱିଟରରେ ଇଣ୍ଡିଗୋର ସେବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଭୁବନେଶ୍ୱରରେ ଇଣ୍ଡିଗୋ ଉଡ଼ାଣ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟାରୁ ଅଧିକ ଓ ମୁମ୍ବାଇ ଏୟାରପୋର୍ଟରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଳମ୍ବ ହୋଇଥିଲା। ଅପରାହ୍ନ ୨ଟା ୪୫ରେ ସିଷ୍ଟମ୍ କାର୍ଯ୍ୟକ୍ଷମ ହେବା ନେଇ ଇଣ୍ଡିଗୋ ଟ୍ୱିଟ୍ କରି ସୂଚନା ଦେଇଥିଲା। ହେଲେ ପୂରା ନେଟ୍‌ୱର୍କ ସ୍ୱାଭାବିକ ହୋଇ ନ ଥିବା ଓ ଆହୁରି କିଛି ସମସ୍ୟା ଥିବାରୁ ଯାତ୍ରୀମାନେ ଏୟାରପୋର୍ଟ ଯିବା ପୂର୍ବରୁ ବିମାନ ଚଳାଚଳ ସ୍ଥିତି ଯାଞ୍ଚ କରିବାକୁ ଇଣ୍ଡିଗୋ ପକ୍ଷରୁ କୁହାଯାଇଛି।

### ପାରାଦୀପ କଳିଙ୍ଗ ବାଲିଯାତ୍ରାକୁ ନେଇ ବଢ଼ିଲା ବିବାଦ

# ବିଜେଡି-ଭାଜପା କର୍ମୀ ମୁହାଁମୁହିଁ

ପାରାଦୀପ,୪।୧୧(ସ୍ୱ.ପ୍ର.)


ପାରାଦୀପ ପୌରପାଳିକା ପ୍ରଶାସନିକ ଭବନ ଆଗରେ ଭାଜପା-ବିଜେଡି କର୍ମୀ ବିକ୍ଷୋଭ କରୁଛନ୍ତି।

ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସୋମବାର ଉଗ୍ରରୂପ ଧାରଣ କରିଛି। ଫଳରେ ଏହାକୁ ନେଇ ପାରାଦୀପ ପୌରପାଳିକା ପ୍ରଶାସନିକ ଭବନ ଆଗରେ ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି। ୨ଦଳ ପକ୍ଷରୁ ବୋତଲ ମାଡ଼ କରାଯିବାରୁ ବହୁ କର୍ମୀ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ସ୍ଥାନୀୟ ଥାନାରେ ୨ ପୃଥକ୍ ଅଭିଯୋଗ ହୋଇଛି। ଏହାପରେ ଦୁଇ ଦଳ ଖବରଦାତା ସମ୍ମିଳନୀ କରି ଦୋଷାରୋପ କରିଛନ୍ତି। ଘଟଣା କ୍ରମଶଃ ଉଗ୍ରରୂପ ଧାରଣ କରିଥିବାବେଳେ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ନୀରବ ରହିବାକୁ ନେଇ ଚର୍ଚ୍ଚା ଚାଲିଛି।

- ପୌର କାର୍ଯ୍ୟାଳୟ ଆଗରେ ବୋତଲ ଫିଙ୍ଗାଫିଙ୍ଗି
- ଉଭୟ ପକ୍ଷରୁ ବହୁ ଆହତ
- ଥାନାରେ ପୃଥକ ଅଭିଯୋଗ
- ଭାଜପାର ଧାରଣା ଜାରି

ସୂଚନାଯୋଗ୍ୟ, କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପାଇଁ ପାରାଦୀପ ପୌରପାଳିକା ଗତ ମାସ ୨୬ରେ ଟେଣ୍ଡର ଆହ୍ୱାନ କରିଥିଲା। ଟେଣ୍ଟ ନିର୍ମାଣ, ଆଲୋକ ସଜ୍ଜା ଆଦି କାମ ପାଇଁ ହୋଇଥିବା ଟେଣ୍ଡର ଖୋଲିବା ସମୟ ନଭେମ୍ବର ୨ ଥିଲା। ମାତ୍ର ଏହି ଅବଧି ପୂର୍ବରୁ ବାଲିଯାତ୍ରା ପଡ଼ିଆରେ ଏକ ନିର୍ଦ୍ଦିଷ୍ଟ ଫାର୍ମ ପ୍ରାୟ ୮୦ ଭାଗ ଟେଣ୍ଟ ଓ ଷ୍ଟଲ ନିର୍ମାଣ କରିଥିଲା। ଫଳରେ ଭାଜପା ଅଭିଯୋଗ କରିବା ସହ ନଭେମ୍ବର ୧ରୁ ଗଣଧାରଣା ଚଳାଇଛି। ବାଲିଯାତ୍ରା ଟେଣ୍ଡର ଭଳି ପୌରପାଳିକାର ସମସ୍ତ କାମରେ ଏଭଳି ଦୁର୍ନୀତି ହେଉଛି ବୋଲି ଭାଜପା ନେତା ସମ୍ପଦ ସ୍ୱାଇଁ ଅଭିଯୋଗ କରିଛନ୍ତି। ଭାଜପାର ଏହି ରଣନୀତିକୁ ଉଚିତ୍ ଜବାବ୍ ଦେବା ପାଇଁ ରବିବାର ବିଜେଡି ମହାପ୍ରଗତି ରାଲି କରିବ ବୋଲି ଘୋଷଣା କରିଥିଲା। ଏହି ଖବର ପାଇ ଭାଜପା ପକ୍ଷରୁ ଜିଲା ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଯେଉଁଥିରେ ଦର୍ଶାଯାଇଛି, ଏକ ରାଜନୈତିକ ଦଳ ଧାରଣା ବଳବତ୍ତର ରଖିଥିବାବେଳେ ଆଉ ଏକ ଦଳକୁ ସେହି ସ୍ଥାନରେ ରାଲି ପାଇଁ ସ୍ୱୀକୃତି ଦେବା କେତେଦୂର ଯଥାର୍ଥ। ଏଥିପାଇଁ ଯେଉଁ ଅପ୍ରୀତିକର ଘଟଣା ଘଟେ ସେଥିପାଇଁ ପ୍ରଶାସନ ଦାୟୀ ରହିବ। ସୋମବାର ପୂର୍ବାହ୍ନ ୧୧ଟା୩୦ରେ ପୌର ପ୍ରଶାସନ ଆଗରେ ବିଜେଡିର ହଜାରରୁ ଊର୍ଦ୍ଧ୍ୱ କର୍ମୀ ପହଞ୍ଚି ଭାଜପା ବିରୋଧରେ ବିଷୋଦ୍‌ଗାର କରିଥିଲେ। ଯାହାକୁ ନେଇ ଖଣ୍ଡପ୍ରଳୟ ଘଟିଥିଲା। ଘଟଣା ସମ୍ପର୍କରେ ଏଏସ୍‌ପି ବିଷ୍ଣୁଚରଣ ମିଶ୍ର କହିଛନ୍ତି, ପୋଲିସ ଭାଜପାକୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରାଲି କରିବା ପାଇଁ ସ୍ୱୀକୃତି ଦେଇଥିଲା। ୧୨ଟା ପରେ ବିଜେଡି ରାଲି ପାଇଁ ସ୍ୱୀକୃତି ଥିଲା। ଏଥିରେ ଭୁଲ୍ ରହିଲା କେଉଁଠି। ପୌର ପ୍ରଶାସନିକ ଭବନ ସମ୍ମୁଖ ଫାଟକ ପାଖରେ ପୋଲିସର ଏକ ବଡ଼ ଭ୍ୟାନ୍ ରଖାଯାଇ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ସେଠାରେ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିଲେ। ମଝିରେ ପୋଲିସ, ଦୁଇ ପଟରେ ଦୁଇ ଦଳର କର୍ମୀ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।


# ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)

କ୍ଷେତ୍ରୀୟ କାର୍ଯ୍ୟାଳୟ: ୨ୟ ମହଲା, ବିଜୟ ଭବନ, ଇଞ୍ଜିନିୟରିଂ ସ୍କୁଲ ରୋଡ୍, ଡ୍ରି-ପଲ୍ ସ୍କୁଲ୍ କ୍ୟାମ୍ପସ୍, ବ୍ରହ୍ମପୁର-୭୬୦୦୧୦,
ଫୋନ୍ - ୦୬୮୦-୨୨୯୦୪୦୮/୨୨୯୦୪୦୯/୨୨୯୦୪୧୦, ଇ-ମେଲ: 2006ro@iobnet.co.in
ଆଞ୍ଚଳିକ କାର୍ଯ୍ୟାଳୟ: ୧୧୯, ପାର୍କ ଷ୍ଟ୍ରିଟ୍, କୋଲକାତା-୭୦୦୦୧୬

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ହିସାବରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା୧୩(୨) ଅନୁଯାୟୀ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଧାରା ୧୩(୪) ପ୍ରଦତ୍ତ କ୍ଷମତା ବଳରେ ଋଣ ଆକାଉଣ୍ଟର ବ୍ୟାଙ୍କଦେୟ ସହିତ ସୁଧ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ"** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି । ଯେହେତୁ ଋଣଗ୍ରହୀତା ବକେୟା ଦେୟ ଓ ନିମ୍ନରେ ଦର୍ଶାଯାଇଥିବା ସୁଧ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆଇନର ଧାରା ୧୩(୪) ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରି ବ୍ୟାଙ୍କ ଦେୟ ଆଦାୟ କରିବାକୁ ସ୍ଥିର କରିଛନ୍ତି।

| କ୍ର. ନଂ | ଶାଖା ନାମ/ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ଗୁଡ଼ିକର ବିବରଣୀ |
|---|---|---|
| ୧. | **ଭବାନୀପାଟଣା ଶାଖା, ଫୋ.: ୦୬୬୭୦-୨୩୦୭୮୧, ମୋ.: ୭୮୬୯୯୭୬୦୪୩/** ଋଣଗ୍ରହୀତାମାନେ: ୧) ମେସର୍ସ ବିଜୟ ଶାନ୍ତି ମାର୍କେଟିଙ୍ଗ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶୈଳେନ୍ଦ୍ର କୁମାର ଗୋଏଲ, ପିତା: ବସନ୍ତଲାଲ ଜୈନ, ୱାର୍ଡ: ସାନପଡ଼ା, ସା: କେସିଙ୍ଗା, ଜିଲ୍ଲା: କଳାହାଣ୍ଡି, ଓଡ଼ିଶା / ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀ ରାଜେନ୍ଦ୍ର ପ୍ରସାଦ ଜୈନ, ପିତା: ସୁରେଶ ଜୈନ, ଗୌରି ଶଙ୍କର ମନ୍ଦିର ସମ୍ମୁଖ, ମେନ୍ ରୋଡ୍, କେସିଙ୍ଗା, ଜିଲ୍ଲା: କଳାହାଣ୍ଡି | **ଶ୍ରୀ ରାଜେନ୍ଦ୍ର ପ୍ରସାଦ ଜୈନ,** ପିତା: ସୁରେଶ ଜୈନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୧୧.୮୯ ଡିସିମିଲି, ପ୍ଲଟ୍ ନଂ.: ୧୪୫୨, ଖାତା ନଂ.: ୨୨୬/୮୩, ମୌଜା: ଡୁମେରମୁଣ୍ଡା, ଥାନା: କେସିଙ୍ଗା, ଜିଲ୍ଲା: କଳାହାଣ୍ଡି, ପିନ୍-୭୬୬୦୦୧, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶାଳେବାନ ହରିଜନଙ୍କ ଜମି, ଦକ୍ଷିଣ: ଅନାବାଦୀ |
| ୨. | **ଭବାନୀପାଟଣା ଶାଖା, ଫୋ.: ୦୬୬୭୦-୨୩୦୭୮୧, ମୋ.: ୭୮୬୯୯୭୬୦୪୩ /** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ପ୍ରଶାନ୍ତ କୁମାର ମେହେର, ପିତା: ଭ୍ରମର ମେହେର, ବାସଗୃହ ଠିକଣା- ସା: ବାହାଦୂର ବଗିଚା ପଡ଼ା, ଭଞ୍ଜ କଲୋନୀ ନିକଟ, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି | **ଶ୍ରୀ ପ୍ରଶାନ୍ତ କୁମାର ମେହେର,** ପିତା: ଭ୍ରମର ମେହେରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୪୬ଡିସିମିଲି (୨୦୦୪ ବର୍ଗଫୁଟ), ପ୍ଲଟ୍ ନଂ.: ୪୨୭, ଖାତା ନଂ.: ୮୮, ସା: ସିର୍ଲିଗୁଡା, ଦୁଆରଶୁଣି, ଭବାନୀପାଟଣା, ମୌଜା: ସିର୍ଲିଗୁଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତା, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା, ପୂର୍ବ: ବିକ୍ରେତା, ପଶ୍ଚିମ: ପ୍ରସ୍ତାବିତ ରାସ୍ତା |
| ୩. | **ଆସିକା ଶାଖା, ଫୋ.: ୦୬୮୨୨-୨୭୨୪୭୪/** ଋଣଗ୍ରହୀତା: ଶ୍ରୀ ବସନ୍ତ କୁମାର ସାମଲ, ସା.: କମାଗଡ, ଥାନା: ଆସିକା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୫, ଓଡ଼ିଶା | **ବସନ୍ତ କୁମାର ସାମଲଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପୁରୁଣା ଖାତା ନଂ.: ୭୧୬/୧୩୫, ପ୍ଲଟ୍ ନଂ.: ୩୯୨୩/୭୨୧୭ ଏବଂ ୩୯୨୪, କ୍ଷେତ୍ର: ଏକର୦.୧୩୦ଡିସିମିଲି, ମୌଜା: କମାଗଡ, ଏସ୍ଆରଓ: ଆସିକା, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମାୟା ମହାପାତ୍ରଙ୍କ ଜମି, ପଶ୍ଚିମ: ଝାଡେଶ୍ୱର ମହାଦେବଙ୍କ ଜମି, ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଝାଡେଶ୍ୱର ମହାଦେବଙ୍କ ଜମି |
| ୪. | **ରାମନାଗୁଡା ଶାଖା, ଫୋ.: ୦୬୮୫୭-୨୬୨୧୨୩/** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୀମାଦ୍ରି ଗୋବିନ୍ଦ ରାଓ, ପିତା: ବାସୁଦେବ ସୀମାଦ୍ରି, ସା/ପୋ.: ରାମନାଗୁଡ଼ା, ଜିଲ୍ଲା: ରାୟଗଡ଼ା / ବନ୍ଧକଦାତା/ଗ୍ୟାରେଣ୍ଟିଦାତା: ଶ୍ରୀ ସୀମାଦ୍ରି ନାଗରାଜୁ, ପିତା: ସୀମାଦ୍ରି ଗୋବିନ୍ଦ ରାଓ, ସା/ପୋ.: ରାମନାଗୁଡ଼ା, ଜିଲ୍ଲା: ରାୟଗଡ଼ା | **ଶ୍ରୀ ସୀମାଦ୍ରି ଗୋବିନ୍ଦ ରାଓ,** ପିତା: ବାସୁଦେବ ସୀମାଦ୍ରିଙ୍କ ନାମରେ ଥିବା ଆର୍‌ସିସି ଦୋକାନ ବିଲ୍ଡିଂ ଯାହାକି ରାମନାଗୁଡ଼ା ମେନ୍ ରୋଡ୍, ଜିଲ୍ଲା: ରାୟଗଡ଼ାରେ ଅବସ୍ଥିତ ଯାହାର ଖାତା ନଂ.: ୪୭/୪୧୭, ପ୍ଲଟ୍ ନଂ.: ୩୫୮/୧୭୪୮, କ୍ଷେତ୍ର: ଏକର୦.୦୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପିଡବ୍ଲୁଡି ରାସ୍ତା, ଦକ୍ଷିଣ: ଲକ୍ଷ୍ମଣ ମୂର୍ତ୍ତିଙ୍କ ଭଡାଘରର ପାଚେରୀ କାନ୍ଥ, ପୂର୍ବ: ଶାସନପୁରୀ ନାଗଭୂଷଣ ରାଓ, ପଶ୍ଚିମ: ପଞ୍ଚାୟତ ରାସ୍ତା |
| ୫. | **ବରଗଡ ଶାଖା, ଫୋ.: ୦୬୬୪୬-୨୩୪୧୨୨, ମୋ.: ୮୨୮୦୪୮୪୨୪୩ /** ଋଣଗ୍ରହୀତା: ଶ୍ରୀ ସୁଶାନ୍ତ ସାହୁ, ପିତା: ଶ୍ରୀ ବିନୋଦ ସାହୁ, ବାସଗୃହ ଠିକଣା ସା.: ଡୁମ୍ନେରପାଲି, ପୋ.: ମଧୁପୁର, ଭାୟା: ସୋହେଲା, ବରଗଡ, ଓଡ଼ିଶା | **ଶ୍ରୀ ସୁଶାନ୍ତ ସାହୁ,** ପିତା: ଶ୍ରୀ ବିନୋଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୫୫/୮୮, ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୩୭, ଥାନା ନଂ.: ୫୩, ପ୍ଲଟ୍ ନଂ.: ୩୪୫/୯୨୧, ଅନୁରୂପ ମ୍ୟୁଟେସନ୍ ପ୍ଲଟ୍ ନଂ.: ୩୪୫, ସା.: ଡୁମ୍ନେରପାଲି, କ୍ଷେତ୍ର: ଏକର୦.୦୯ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରକ୍ଷାପାଳ ଦିପାଙ୍କ ବାସଗୃହ, ପୂର୍ବ: ଶ୍ରୀ ରାସବିହାରୀ ମହାନନ୍ଦଙ୍କ ଜମି, ପଶ୍ଚିମ: ମନବୋଧ ସୁନାଙ୍କ ବାସଗୃହ |
| ୬. | **ଲାଞ୍ଜିଗଡ ଶାଖା, ମୋ.: ୦୬୬୭୭-୨୪୭୦୬୬ /** ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ପ୍ରଧାନ, ସା.: ନିଆଳୀ, ପୋ.: ଗୋପିନାଥପୁର, ଥାନା: ଲାଞ୍ଜିଗଡ, ଜିଲ୍ଲା: କଳାହାଣ୍ଡି, ପିନ୍-୭୬୬୦୨୦ | **ଶ୍ରୀ ରାଜେଶ କୁମାର ପ୍ରଧାନଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୦୫, ଖାତା ନଂ.: ୮୮/୭୭, କ୍ଷେତ୍ର: ଏକର୦.୧୩ଡିସିମିଲି, ମୌଜା: ନିଆଳୀ, ଲାଞ୍ଜିଗଡ, ଜିଲ୍ଲା: କଳାହାଣ୍ଡି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶଙ୍ଖ ପ୍ରଧାନ, ପୂର୍ବ: ଦୁତିଆ ପ୍ରଧାନ, ପଶ୍ଚିମ: ରାସ୍ତା, ଦକ୍ଷିଣ: ଦୁତିଆ ପ୍ରଧାନ |

| କ୍ର. ନଂ. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ /ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ।) |
|---|---|---|---|---|---|---|---|
| ୧. | ଟ.୫୪,୬୮,୦୦୦/- | ଟ.୫,୪୬,୮୦୦/- | ଟ.୩୦,୩୭,୦୯୨/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୩.୧୧.୨୦୧୮ / ୧୦.୦୧.୨୦୧୯ | ୧୯.୧୧.୨୦୧୯ ପର୍ଯ୍ୟନ୍ତ | ୨୦.୧୧.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୧.୧୧.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |
| ୨. | ଟ.୪,୦୧,୦୦୦/- | ଟ.୪୦,୧୦୦/- | ଟ.୨୧,୭୪,୧୮୦/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୩୧.୧୨.୨୦୧୭ / ୩୧.୦୫.୨୦୧୮ | ୧୯.୧୧.୨୦୧୯ ପର୍ଯ୍ୟନ୍ତ | ୨୦.୧୧.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୧.୧୧.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |
| ୩. | ଟ.୧୦,୦୧,୯୧୦/- | ଟ.୧,୦୦,୧୯୧/- | ଟ.୧୦,୦୬,୧୧୫/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୬.୦୫.୨୦୧୯ / ୧୬.୦୭.୨୦୧୯ | ୧୯.୧୧୨୦୧୯ ପର୍ଯ୍ୟନ୍ତ | ୨୦.୧୧.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୧.୧୧.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |
| ୪. | ଟ.୫,୦୨,୦୦୦/- | ଟ.୫୦,୨୦୦/- | ଟ.୬,୬୪,୦୯୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୩.୧୧.୨୦୧୮ / ୧୧.୦୧.୨୦୧୯ | ୧୯.୧୧୨୦୧୯ ପର୍ଯ୍ୟନ୍ତ | ୨୦.୧୧.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୧.୧୧.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |
| ୫. | ଟ.୧୨,୮୧,୨୭୫/- | ଟ.୧,୨୮,୧୨୮/- | ଟ.୭,୨୬,୯୦୯ /- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୯.୨୦୧୬ / ୦୯.୦୨.୨୦୧୭ | ୧୯.୧୧୨୦୧୯ ପର୍ଯ୍ୟନ୍ତ | ୨୦.୧୧.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୧.୧୧.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |
| ୬. | ଟ.୩,୭୧,୦୦୦/- | ଟ.୩୭,୧୦୦/- | ଟ.୧୬,୮୫,୮୨୭/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୬.୦୫.୨୦୧୯ / ୧୮.୦୭.୨୦୧୯ | ୧୯.୧୧୨୦୧୯ ପର୍ଯ୍ୟନ୍ତ | ୨୦.୧୧.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୧.୧୧.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୧.୦୦ ଘଟିକା |

**ନିୟମ ଓ ସର୍ତ୍ତାବଳୀ :**

୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ : **M/s C1 India Pvt. Ltd**ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବ୍ ପୋର୍ଟାଲ **https://iob.bankeauctions.com**ରେ ଉପଲବ୍ଧ। (୩)ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟ୍‌ରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜିକରଣ କରିବା ଦରକାର। ସେମାନଙ୍କୁ ସେବା ପ୍ରଦାନକାରୀ ୟୁଜର ଆଇଡ଼ି ଏବଂ ପାସ୍‌ୱାର୍ଡ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ। (୪) ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ" ମାଧ୍ୟମରେ ପୋର୍ଟାଲ **https://iob.bankeauctions.com** କିମ୍ବା ବ୍ୟାଙ୍କର ମେଲ୍ ଆଇଡି-**2006ro@iobnet.co.in & 2006law@iobnet.co.in**ରେ ଅମାନତ ରାଶି (**UTR** ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱଦସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡି କାର୍ଡ / ଡ୍ରାଇଭିଂ ଲାଇସେନ୍ସ/ପାସ୍‌ପୋର୍ଟ / ପ୍ୟାନକାର୍ଡ/ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ। (୫) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକ **EFT/NEFT/RTGS** ମାଧ୍ୟମରେ **"IOB E-Auction EMD Account"** ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ବ୍ରହ୍ମପୁରର **Sundry Creditor** ଆକାଉଣ୍ଟ ନଂ. ୨୦୦୬୦୧୧୩୩୦୧୦୧୦ (**IFSC: IOBA0002006**) ସପକ୍ଷରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। (୬) ଅମାନତ ରାଶି ବିନା ପ୍ରସ୍ତାବ ଗୁଡ଼ିକ ବାତିଲ କରାଯିବ। (୭) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ୍ ନଂ.୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବା ପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥ ରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର **୧୫ ଦିନ** ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ / ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା- ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ / ବାତିଲ କରିବାର ଅଖଣ୍ଡ କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କର ରହିଛି। (୧୨) ସମ୍ପତ୍ତିଗୁଡ଼ିକ **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନ୍‌କମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତୀତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟିତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ଇ-ମେଲ୍ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ / ଅଧିକାର / ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ହିସାବ କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। (୧୮) ଇ-ନିଲାମ / ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Authorized Officer, Sri N.K. Singh, Mob.: 8009795959, Indian Overseas Bank, Regional Office, Berhampur, Phone No.: 0680-2290408/0409/0410, mail ID: 2006ro@iobnet.co.in & 2006law@iobnet.co.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ : **M/s. C1 India Pvt. Ltd, Udyog Vihar, Phase-2, Gulf Petrochem Building, Building No.: 301, Gurgaon, Haryana, Pin-122015, Support Mail id:support@bankeauctions.com, Support Land Line No.: +91 124 4302020/2021/2022/2023/2024, Support Mobiles Nos.: +917291981124/25/26, Portal: https://www.bankeauctions.com, Web: www.c1india.com, Email ID: support@c1india.com,** ଯୋଗାଯୋଗ ବ୍ୟକ୍ତି - ଶ୍ରୀ କିଙ୍ଗ୍‌ସୁକ୍ ଘୋଷ, ମୋ: **9836311889,** ଇ-ମେଲ: **kolkata@c1india.com.** (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି **ଟ.୩୦,୦୦୦/-** ରଖାଯାଇଛି। (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ୧୩(୮)(୬)/୯(୧) ଅନୁଯାୟୀ ଉପରୋକ୍ତ ସମସ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା **୩୦/୧୫ ଦିନିଆ** ନୋଟିସ୍ ଅଟେ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୦୪.୧୧.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ସଂକ୍ଷେପରେ

### କନିଷି ପଞ୍ଚାୟତରେ ଅଭିଯୋଗ ଶୁଣାଣି

**କନିଷି,୪।୧୧(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ କନିଷି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। କନିଷି ସରପଞ୍ଚ ଜୟଦେବ ଦାସ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ର, ସମ୍ପାଦକ ପ୍ରମିଳା ପ୍ରସାଦ ପଣ୍ଡା, ଯୋଗାଣ ସହାୟକ ସୁକାନ୍ତ କୁମାର ପାତ୍ର, ଗ୍ରାମ ରୋଜଗାର ସେବକ କ୍ରିଷ୍ଣା ପାତ୍ର ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କନିଷି ହାଟର ଭାଜପା ନେତା ଶନତ କୁମାର ନାୟକ ଅଭିଯୋଗ କରିଥିଲେ ଯେ, ପଞ୍ଚାୟତରେ ଜନସଂଖ୍ୟା ବୃଦ୍ଧି ପାଉଥିଲେ ମଧ ଗୋଟିଏ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ଏବଂ ସ୍ଥାୟୀ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ରାତିରେ କୌଣସି ବ୍ୟକ୍ତି ଅସୁସ୍ଥ ହେଲେ ବ୍ରହ୍ମପୁର ବଡ଼ ମେଡିକାଲକୁ ଯିବାକୁ ପଡୁଛି। ଏବଂ ସରକାରୀ ଗୃହରୁ ଗରିବ ଲୋକ ବଞ୍ଚିତ ହେଉଛନ୍ତି। ଏ ନେଇ ବହୁବାର କନିଷି ତହସିଲଦାର, ବ୍ରହ୍ମପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ହେଉନାହିଁ। ପରେ ବହୁ ଗରିବ ହିତାଧିକାରୀ ପହଞ୍ଚି ଅନେକ ଅଭିଯୋଗ କରିଥିଲେ। ସ୍ଥାନୀୟ ସରପଞ୍ଚ ଦାସ କହିଥିଲେ ତୁରନ୍ତ ବ୍ଲକ ପ୍ରଶାସନକୁ ଲିଖିତ ଭାବେ ଜଣାଇ ପଦକ୍ଷେପ ନିଆଯିବ।

### ବରମୁଣ୍ଡଳୀରେ ସତରଞ୍ଜି ବୈଠକ

**ଶେରଗଡ଼,୪।୧୦(ଡି.ଏନ.ଏ.):** ଶେରଗଡ଼ ବ୍ଲକ ବରମୁଣ୍ଡଳୀ ପଞ୍ଚାୟତରେ ସୋମବାର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ସତରଞ୍ଜି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁରଞ୍ଜନ କୁମାର ସାହୁ ଅଧକ୍ଷତା କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ମହେନ୍ଦ୍ର କୁମାର ଷଡ଼ଙ୍ଗୀ ଓ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ସଂଯୋଜନାରେ ପଞ୍ଚାୟତର ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକ କାର୍ଯ୍ୟଦିବସ ସୃଷ୍ଟି କରିବା, ଭତ୍ତା ପାଇବାକୁ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ ଦିଗରେ ସରକାରୀ କର୍ମଚାରୀଙ୍କୁ ସହଯୋଗ କରିବାକୁ କହାଯାଇଥିଲା।

# କଂଗ୍ରେସ ନେତା ରବି ରାଜୁ ଧରିବେ ଶଙ୍ଖ

**ନବୀନ ନିବାସରେ ମିଶ୍ରଣପର୍ବ ଆଜି**

**ଦିଗପହଣ୍ଡି,୪।୧୧(ଡି.ଏନ.ଏ.)**

ସାଧାରଣ ନିର୍ବାଚନ ପରେ ଏବେ ପୌର ନିର୍ବାଚନ ପାଇଁ ଦିଗପହଣ୍ଡି ରାଜନୈତିକ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି। କଂଗ୍ରେସ ନେତା ଭି.ରବିନାରାୟଣ ରାଜୁ ଦଳ ତ୍ୟାଗ କରି ମଙ୍ଗଳବାର ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ମିଶିବେ ମିଶିବେ ବୋଲି ସମସ୍ତ ପ୍ରସ୍ତୁତି ସାରିଥିବା ସେ କହିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଜେଡ଼ି ଗଞ୍ଜାମ ଜିଲା ସଭାପତି ଡ.ପ୍ରଦୀପ ପାଣିଗ୍ରାହୀ, ରାଜ୍ୟ ଯୁବ ବିଜେଡ଼ି କାର୍ଯ୍ୟକର୍ତ୍ତା ବିପ୍ଳବ ପାତ୍ରଙ୍କ ଉପସ୍ଥିତିରେ ଦଳରେ ସାମିଲ ହେବେ।

୨୦୦୦ ରେ ରବି ବିଜେଡ଼ିରୁ ପ୍ରାର୍ଥୀ ହୋଇ କାଉନସିଲର ନିର୍ବାଚିତ ହୋଇଥିଲେ। ସେ ସମୟରେ ରବିଙ୍କ ଭାଉଜ ତଥା କଂଗ୍ରେସ ନେତ୍ରୀ ଭି.ପୁଷ୍ପାଞ୍ଜଳି ରାଜୁ ଦିଗପହଣ୍ଡି ଏନଏସିର ଅଧକ୍ଷା ଥିଲେ। ଏନଏସି ଅଧକ୍ଷା ଓ ଉପାଧକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କ ବିରୋଧରେ ରବି ଅନାସ୍ଥା ପ୍ରସ୍ତାବ ଆଣି ଉଭୟଙ୍କୁ ଗାଦିଚ୍ୟୁତ କରିବାରେ ସଫଳ ହୋଇଥିଲେ। ପରେ ୨୦୦୫ରେ ରବି ବିଜେଡ଼ି ଟିକେଟରେ ନିର୍ବାଚନ ଲଢି ଏନଏସିର ଅଧକ୍ଷ ହୋଇଥିଲେ। କଂଗ୍ରେସର ୱାର୍ଡ ସଭ୍ୟ ପ୍ରଫୁଲ୍ଲ ପଣ୍ଡା ରାଜନୈତିକ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବିଜେଡ଼ି କାଉନସିଲରମାନଙ୍କ ସହଯୋଗରେ ଅନାସ୍ଥା ପ୍ରସ୍ତାବ ଆଗତ କରି ତାଙ୍କୁ କ୍ଷମତାରୁ ହଟାଇବାରେ ସଫଳ ହୋଇଥିଲେ। ୨୦୦୮ ଏନ୍‌ଏସି ନିର୍ବାଚନ ପୂର୍ବରୁ ଏକ ଅପ୍ରତ୍ୟାଶିତ ଘଟଣା କ୍ରମେ ରବି ବିଜେଡ଼ିରୁ ଇସ୍ତଫା ଦେଇ କଂଗ୍ରେସରୁ ନିର୍ବାଚନ ଲଢି ଏନ୍‌ଏସି ଅଧକ୍ଷ ନିର୍ବାଚିତ ହୋଇଥିଲେ। ୨୦୦୯ ବିଧାନସଭା ନିର୍ବାଚନରେ କଂଗ୍ରେସ ଟିକେଟରେ ନିର୍ବାଚନ ଲଢି ପରାଜିତ ହୋଇଥିଲେ। ପରେ କିଛିଦିନ ରାଜନୀତି ଠାରୁ ଦୂରେଇ ଯାଇଥିଲେ। ଫଳରେ ୨୦୧୪ ବିଧାନସଭା ନିର୍ବାଚନରେ ତାଙ୍କୁ କଂଗ୍ରେସ ଟିକେଟ ମିଳି ନ ଥିଲା। ୨୦୧୯ ବିଧାନସଭା ନିର୍ବାଚନ ପୂର୍ବରୁ ସେ ପୁଣିଥରେ ରାଜନୀତିରେ ସକ୍ରିୟ ହୋଇ କଂଗ୍ରେସରୁ ଦଳୀୟ ଟିକେଟ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ପୂର୍ବତନ ଏନଏସି ଅଧକ୍ଷ ତଥା ଦିଗପହଣ୍ଡି ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଫୁଲ୍ଲ ପଣ୍ଡାଙ୍କୁ ଗତ ବିଧାନସଭା ନିର୍ବାଚନର କଂଗ୍ରେସ ଦଳ ପ୍ରାର୍ଥୀ କରିବାରୁ ସେ ରାଜ୍ୟ ଦଳୀୟ ନେତୃତ୍ୱ ଉପରେ ଅସନ୍ତୁଷ୍ଟ ଥିଲେ। ବିଜେଡ଼ି ଶାସନ ସମୟରେ ଦିଗପହଣ୍ଡି ସହର ତଥା ଅଞ୍ଚଳର ବହୁ ବିକାଶ ହୋଇପାରିଛି। ଆଗକୁ ଏହାକୁ ଜାରି ରଖିବା ପାଇଁ ବ୍ରହ୍ମପୁର ଏମପି ଓ ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତିଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ପୁଣି ବିଜେଡ଼ିରେ ସାମିଲ ହେଉଛି ବୋଲି ରବି କହିଛନ୍ତି।

# ସତର୍କତା ଜାଗୃତି ସପ୍ତାହ

**ଛତ୍ରପୁର,୪।୧୧(ଡି.ଏନ.ଏ.)**

ଛତ୍ରପୁର ନିକଟସ୍ଥ ଆଇଆରଇ (ଭାରତୀୟ ବିରଳ ମୃତ୍ତିକା) ପ୍ଲାଣ୍ଟ ପକ୍ଷରୁ କମ୍ପାନୀ ପରିସରରେ ଅକ୍ଟୋବର ୨୮ ରୁ ଶନିବାର ପର୍ଯ୍ୟନ୍ତ ଏକ ସପ୍ତାହ ବ୍ୟାପୀ ସତର୍କତା ଜାଗୃତି ସପ୍ତାହ ପାଳନ କରାଯାଇଥିଲା। ଦୁର୍ନୀତି ନିବାରଣ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ କର୍ମଚାରୀ, ମହିଳା ଏବଂ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ନିବନ୍ଧ, ବକ୍ତୃତା ପ୍ରତିଯୋଗିତା ସହ ସ୍ଲୋଗାନ ଦିଆଯାଇଥିଲା । ଏଥିସହ ଛତ୍ରପୁର ସରକାରୀ ବିଜ୍ଞାନ କଲେଜ, ବାଳିକା ମହାବିଦ୍ୟାଳୟ ଓ ଗୋପାଳପୁର ବିଜ୍ଞାନ ମହାବିଦ୍ୟାଳୟରେ ସଚ୍ଚୋଟତା ଏକ ଜୀବନ ଶୈଳୀ ବିଷୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶନିବାର ପ୍ରଶିକ୍ଷଣ ବିଭାଗ ସେମିନାର ହଲରେ ସମାବର୍ତ୍ତନ ଉତ୍ସବ କମ୍ପାନୀ ମହାପ୍ରବନ୍ଧକ ଅକ୍ଷୟ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏଥିରେ ଆଇଆରଇଏଲ ମୁଖ୍ୟ ମହାପ୍ରବନ୍ଧକ ଏ.ଜେ. ଜନାର୍ଦ୍ଦନନ ଯୋଗଦେଇ ଦୁର୍ନୀତି ନିବାରଣ ସଚେତନତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ମହିଳା କଲ୍ୟାଣ କେନ୍ଦ୍ରର ପୃଷ୍ଠପୋଷକ ଜେ. ରାମଲକ୍ଷ୍ମୀ, ମୁଖ୍ୟବକ୍ତା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ଯୋଗଦେଇ ଏ ସମ୍ପର୍କରେ ସଚେତନ କରିଥିଲେ। ପ୍ରବନ୍ଧକ ସୁରେଶ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। କମ୍ପାନୀ ପକ୍ଷରୁ ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉପମହାପ୍ରବନ୍ଧକ ଜେ.ଏନ୍. ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜି.କେ. ନାୟକ ଓ ସୁରେଶ ଚନ୍ଦ୍ର ପାତ୍ର ପରିଚାଳନାରେ ସହଯୋଗ କରିଥିଲେ ।



ମୁଖ୍ୟ ମହାପ୍ରବନ୍ଧକ ଓ ଅନ୍ୟମାନେ ଉପସ୍ଥିତ ।

### ଜିଲା ସଭାପତିଙ୍କ ଗିରଫଦାରିକୁ ନିନ୍ଦା: କେସ୍ ପ୍ରତ୍ୟାହାର ଦାବି

**ହାତୀଓଟ,୪।୧୧**

ପୋଲସରା ଅଖିଳ ଭାରତ କ୍ଷେତ ମଜଦୁର୍ ସଂଘ ଜିଲା ସଭାପତି ନିରାକାର ନାୟକଙ୍କୁ ଗତ ୧ ତାରିଖରେ ବଡ଼ଗଡ଼ ପୋଲିସ ଗିରଫ କରିଥିଲା। ମିଥ୍ୟା କେସ୍‌ରେ ନିରାକାରଙ୍କୁ ଧରାଯାଇଥିବା ନେଇ ତାଙ୍କ ଗିରଫଦାରିକୁ ନିନ୍ଦା କରିବା ସହ ସମସ୍ତ କେସ୍‌କୁ ପ୍ରତ୍ୟାହାର କରିବା ପାଇଁ ସୋମବାର କିଷାନ୍ ସଭା ପୋଲସରା ବ୍ଲକ୍ କମିଟି ପକ୍ଷରୁ ତହସିଲଦାର୍‌ଙ୍କ ଜରିଆରେ ଗଞ୍ଜାମ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଦାବି କରାଯାଇଛି। ଏ ନେଇ ବ୍ଲକ୍ କମିଟି ରଞ୍ଜନ ଶବରଙ୍କ ନେତୃତ୍ୱରେ ପ୍ରାୟ ୩୦ଜଣ ସଦସ୍ୟା ସଦସ୍ୟମାନଙ୍କ ସହଯୋଗରେ ପୋଲସରା ଅତିରିକ୍ତ ତହସିଲଦାର ଅଶୋକ କୁମାର ପ୍ରଧାନଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଛି ।

ପ୍ରକାଶ ଯେ, ୨୦୧୧ରୁ ୨୦୧୫ ପର୍ଯ୍ୟନ୍ତ ନିରାକାର କୌଣସି ଏକ ମାମଲାରେ ଗିରଫ ହୋଇ ଜେଲରେ ଥିଲେ। ପରେ ଉଚ୍ଚ ନ୍ୟାୟାଳୟ ୨ କେସ୍‌ରେ ଜାମିନ ପ୍ରଦାନ କରିଥିବା ବେଳେ ବାକି ୩ଟିରେ ଖଲାସ୍ କରିଥିଲେ। ସେଠାରୁ ଆସି ସେ ଶାନ୍ତିପୂର୍ଣ୍ଣ ଭାବେ ବିଭିନ୍ନ ନିରୀହ ଆଦିବାସୀ, ଦଳିତ, ଭୂମିହୀନଙ୍କୁ ଘରବାରି ପଟ୍ଟା, ରାସ୍ତା, ପାନୀୟଜଳ ଆଦି ସମସ୍ୟାଗୁଡିକର ସମାଧାନ ଲାଗି ଜିଲାର ବିଭିନ୍ନ ସ୍ଥାନରେ ଶାସକ ଓ ପ୍ରଶାସକଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ତେବେ ତାଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ଗିରଫ କରାଯାଇଥିବା କଷାନ ସଭା ଅଭିଯୋଗ କରିଛି। ପ୍ରକାଶଥାଉକି, ଗତ ସାଧାରଣ ନିର୍ବାଚନରେ ନିରାକାର ନାୟକ ସୋରଡା ନିର୍ବାଚନମଣ୍ଡଳୀରୁ ବିଧାନସଭା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଭାଇ**
**ଯେଝା ମତରେ ଯେଝା ଥାଇ ।**

ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ଚେଷ୍ଟିତ। ନିଜ ପେଟପାଟଣା ପାଇଁ ସମସ୍ତେ ବ୍ୟସ୍ତବିବ୍ରତ। କାହାରି ସୁଖଦୁଃଖରେ ସାମିଲ ହେବା, ହାନିଲାଭ କଥା ପଚାରି ବୁଝିବାରେ କାହାକୁ ସମୟ ମିଳି ନ ଥାଏ କି ମନରେ ଆଗ୍ରହ ରହି ନ ଥାଏ। ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ମତଲବର ଅଧୀନ। ନିଜ ସୁଖ ସୁବିଧା ପାଇଁ ନିତି ଧାଁଧପଡ଼ କରୁଥିବା ବ୍ୟକ୍ତିର ଏତାଦୃଶ ମନୋଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆପଣା ବୁଦ୍ଧିରେ ଠାକୁର**
**ପର ବୁଦ୍ଧିରେ କୁକୁର ।**

ନିଜ ବୁଦ୍ଧିର ପରିଣତି ଯାହାହେଉ ପଛେ ସେଥିରେ ଆତ୍ମସନ୍ତୋଷ ଲଭିବାକୁ ପଡ଼େ। ନିଜ ବୁଦ୍ଧ ବିବେକକୁ ପାଥେୟକରି ଆଗକୁ ବଢ଼ିବା ଭଲ। ପରନ୍ତୁ ପର ବୁଦ୍ଧିରେ ପଡ଼ି ବାଟ ଚାଲିବା ଉଚିତ ନୁହେଁ। କାରଣ ପରବୁଦ୍ଧିରେ ପରିଚାଳିତ ହେଲେ ପଛରେ ହୀନସ୍ତା ଭୋଗିବାକୁ ପଡ଼ିପାରେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଗଞ୍ଜାମ କବିତାଘର ସାହିତ୍ୟ ଉତ୍ସବ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କୁକୁଡାଖଣ୍ଡି, ୪।୧୧(ଡି.ଏନ.ଏ.):** କୁକୁଡାଖଣ୍ଡି ବ୍ଲକ ସଭାଗୃହରେ ଗଞ୍ଜାମ କବିତାଘର ପଞ୍ଚମ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ଗଞ୍ଜାମ ଜିଲା ତଥା ବାହାରୁ ପ୍ରାୟ ଦେଢ଼ ଶହ ସାହିତ୍ୟିକଙ୍କ ସମାବେଶ ହୋଇଥିଲା। ପ୍ରଥମ ଅଧିବେଶନ କୁକୁଡ଼ାଖଣ୍ଡି ବିଡିଓ ଗଦାଧର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ବୁଲୁ ହୋତା ମୁଖ୍ୟଅତିଥି, ଉମ୍ବରୁଧର ପଟ୍ଟନାୟକ ମୁଖ୍ୟବକ୍ତା, କବି କେ.ଶ୍ୟାମବାବୁ ଦୋରା ନିମନ୍ତ୍ରିତ କବି ଭାବେ ଯୋଗଦେଇଥିଲେ। ସମ୍ପାଦକ ଭାଗୀରଥି ବେହେରାଙ୍କ ଦ୍ୱାରା ସଂକଳିତ ସଂକଳନ 'କବି ଓ ପ୍ରିୟକବି' ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ କବି ଫନୀ ମହାନ୍ତି ମୁଖ୍ୟଅତିଥି, କବି ଧନଞ୍ଜୟ ସ୍ୱାଇଁ ମୁଖ୍ୟବକ୍ତା, ଗାଳ୍ପିକ ଅରବିନ୍ଦ ଦାସ ସମ୍ମାନିତ ବକ୍ତା, ମୁରଲୀଧର ସାମଲ ସମ୍ମାନିତ ଅତିଥି ଓ ଭାଗୀରଥି ମହାରଣା ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। କବି କୈଳାସ ଚନ୍ଦ୍ର ସାହାଣୀଙ୍କୁ କବିତା ସମ୍ମାନ। ତ୍ରିଲୋଚନ ଦାସଙ୍କୁ ଜିଲାସ୍ତରୀୟ ସମ୍ମାନ, ଦେବମଣି କବିତା ପୁସ୍ତକ ସ୍ମୃତି ସମ୍ମାନ ପାଇଲେ ଡ. ଦୟାସିନ୍ଧୁ ପରିଡା। ଅଞ୍ଜନା ବେହେରା, ଏମ୍.ହିମାଂଶୁ ଆଚାରୀଙ୍କୁ ସମ୍ପାଦକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୌମ୍ୟ ରଞ୍ଜନ ଭୂୟାଁଙ୍କୁ ଯୁବ ପ୍ରକାଶକ ସମ୍ମାନ ଓ ସୁରେଶ ଚନ୍ଦ୍ରଙ୍କୁ ଯୁବ ଚିତ୍ରଶିଳ୍ପୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।


# CLASSIFIED DISPLAY

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*for Booking Contact:*
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now 07376033092

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ASTROLOGY
ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155 9911786154

FINANCE
FINANCE

ରଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
1980ରୁ ଆପଣଙ୍କ ସେବାରେ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952 8929619951
SCO-106, Second Floor, Vishal Tower, Cannaught Place, Delhi.

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541 09499469559

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION
EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162 9858323204
Dehradun, UK

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101 7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଟପ୍‌ଟେନ୍ ତାଲିକାରେ ଦେବବ୍ରତ

ବୁଗୁଡ଼ା,୪।୧୧(ଡି.ଏନ.ଏ.):ବୁଗୁଡ଼ା ବ୍ଲକ ବାଲିପଦର ଆଞ୍ଚଳିକ ବିଜ୍ଞାନ ଡିଗ୍ରୀ କଲେଜ ଅର୍ଥନୀତି ସମ୍ମାନ ଶେଷବର୍ଷ ଛାତ୍ର ଦେବବ୍ରତ ସାହୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ



ସ୍ନାତକ ପରୀକ୍ଷାରେ ଟପ୍‌ଟେନ୍‌ରେ ସ୍ଥାନ ପାଇଥିବା ଅଧକ୍ଷ ଡ. ବିବେକାନନ୍ଦ ପଟ୍ଟନାୟକ କହିଛନ୍ତି। ଜଣେ ମେଧାବୀ ଛାତ୍ର ହିସାବରେ ଦେବବ୍ରତ ବାଲିପଦର କଲେଜର ସମ୍ମାନ ବୃଦ୍ଧି କରିଥିବାରୁ ତାଙ୍କୁ ସୋମବାର କଲେଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ କଲେଜର ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଖୁସି ଦେଖାଯାଇଛି ।

### ମୋ ହସ୍ପିଟାଲ ମୋ ଗର୍ବ କାର୍ଯ୍ୟକ୍ରମ

କୋଦଳା,୪।୧୧(ଡି.ଏନ.ଏ.):କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ମୋ ହସ୍ପିଟାଲ ମୋ ଗର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ସୌଜନ୍ୟତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦାୟିତ୍ୱରେ ଥିବା ସ୍ଥାନୀୟ ଏନ୍‌ଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ତହସିଲଦାର ପ୍ରଭାତ କୁମାର ପରିଡା, ଡାକ୍ତର ଚିନ୍ମୟ କୁମାର ମିଶ୍ର, ବେଗୁନିଆପଡା ବିଡିଓ ପ୍ରଦୀପ କୁମାର ପଣ୍ଡା ଓ ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ ମିଳିତ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ ସୁରକ୍ଷା ପାଇଁ ପରିସର ମଧ୍ୟରେ ସଫେଇ କରିଥିଲେ। ପ୍ରତି ମାସରେ ସଫେଇ କାର୍ଯ୍ୟ ଜାରି ରହିବ ବୋଲି ବିଡିଓ କହିଛନ୍ତି।

### ମଦ ଜବତ, ୨ ଗିରଫ

ବୁଗୁଡ଼ା,୪।୧୧(ଡି.ଏନ.ଏ.): ବୁଗୁଡ଼ା ଥାନା ତାକରାବାଡ଼ି ଓ ଠଣାପଲ୍ଲୀ ଗ୍ରାମରେ ରବିବାର ପୋଲିସ ପାଟ୍ରୋଲିଂ ସମୟରେ ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତାକରାବାଡ଼ିର ଘନ ବେହେରା ଓ ଠଣାପଲ୍ଲୀର ବାବୁଲା ପ୍ରଧାନ । ଏ ନେଇ ବୁଗୁଡ଼ା ପୋଲିସ ନଂ. ୨୪୬/୧୯ ଓ ୨୪୭/୧୯ରେ ୨ଟି ପୃଥକ୍ ମାମଲା ରୁଜୁ କରିଛି । ତାକରାବାଡ଼ି ଗ୍ରାମରେ ପାନ ଦୋକାନରେ ଘନ ଦେଶୀମଦ ବିକ୍ରି କରୁଥିବା ବେଳେ ପୋଲିସ ସେଠାରୁ ୯ ଲିଟର ୨୦୦ ମିଲି.ଲି. ମଦ ଜବତ କରିଥିବା ବେଳେ ଠଣାପଲ୍ଲୀ ଗ୍ରାମ ଛକରୁ ବାବୁଲା ଧରି ଯାଉଥିବା ୯ ଲି. ୫୦୦ ମିଲି ଦେଶୀମଦ ପୋଲିସ ଜବତ କରିଛି । ଉଭୟ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି।

## ଡ୍ରେନେଜ୍ ଡିଭିଜନରେ ଦୁର୍ନୀତିର ତଦନ୍ତ ଦାବି

# ଭିଜିଲାନ୍ସ ଅଫିସ ଆଗରେ ଭାଜପାର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୪।୧୧

ବ୍ରହ୍ମପୁର ଡ୍ରେନେଜ ଡିଭିଜନ ଦୁର୍ନୀତିର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଗଞ୍ଜାମ ଜିଲା ଭାଜପା ପକ୍ଷରୁ ସୋମବାର ଭିଜିଲାନ୍ସ ଏସ୍‌ପିଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଇଥିଲା। ଗୃହ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଏସ୍‌ପିଙ୍କୁ ଦିଆଯାଇଥିଲା। ଜିଲା ସଭାପତି କାହ୍ନୁ ଚରଣ ପତି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ବହୁସଂଖ୍ୟକ ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ। ଦାବିପତ୍ରରେ ଦର୍ଶାଯାଇଛି, ମହାନଗର ଖାଲୁଆ ଅଞ୍ଚଳର ଦୁଇ ପାର୍ଶ୍ୱରେ ଥିବା ବାହାନା ଓ ସାପୁଆ ନାଳ ବିପଦ ସୃଷ୍ଟି କରୁଛି। ବର୍ଷା ହେବା ମାତ୍ରେ ଦୁଇ ନାଳ ପାଣି ନିଷ୍କାସନ ହୋଇ ନ ପାରି ଅନେକ ଅଞ୍ଚଳ ଜଳମଗ୍ନ ହେଉଛି। ହଜାର ହଜାର ବାସିନ୍ଦାଙ୍କୁ ଜଳବନ୍ଦୀ କରୁଛି। ଏହାର ପୁନରୁଦ୍ଧାର ନିମନ୍ତେ ୧୫ ବର୍ଷ ତଳୁ କାମ ଆରମ୍ଭ ହୋଇଥିଲେ ମଧ୍ୟ ଏବେବି ଅସମ୍ପୂର୍ଣ୍ଣ ରହିଛି। ବହୁ କୋଟି



ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଟଙ୍କା ବରାଦ ହୋଇଛି ଏବଂ ପୁନରୁଦ୍ଧାର ଓ ପୁନଃ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ବ୍ୟାପକ ଅର୍ଥ ବିଭିନ୍ନ ଭାବରେ ବାଟମାରଣା ହୋଇଥିବା ଆଶଙ୍କା କରାଯାଇଛି । ତେଣୁ ଏହାର ଉପଯୁକ୍ତ ତଦନ୍ତ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଗୁରୁତ୍ୱ ଦିଆଯାଇଛି।

ବିକ୍ଷୋଭ ସ୍ଥଳରେ ସଭାପତି କହିଛନ୍ତି, ରାଜ୍ୟ ସରକାର ନିର୍ମଳ ଶାସନର ବ୍ୟାପକ ପ୍ରଚାର ଚଳାଇଛନ୍ତି। ଏବେ ୫-ଟି ଓ ମୋ ସରକାର ନାମରେ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ତେବେ କୋଟି କୋଟି ଖର୍ଚ୍ଚ ସତ୍ତ୍ୱେ ଦୁଇନାଳର ପୁନଃନିର୍ମାଣ ସରୁନି କାହିଁକି ସେନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଫଳରେ ସରକାର ଦୁର୍ନୀତିକୁ ପ୍ରୋତ୍ସାହିତ କରୁଥିବା ପତି କଡ଼ା ସମାଲୋଚନା କରିଛନ୍ତି। ଗଞ୍ଜାମ ଜିଲାରୁ ମୁଖ୍ୟମନ୍ତ୍ରୀ ନିର୍ବାଚିତ ହୋଇ ଲଗାତର ଭାବେ ସରକାର ଗଢିଛନ୍ତି। ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ ବୋଲି ପ୍ରତିଶ୍ରୁତି ପରେ ଦେଇ ଲୋକଙ୍କୁ ଭୁଆଁ ବୁଲାଇଛନ୍ତି । ବାହାନା ଓ ସାପୁଆ ନାଳ ଅଧାପନ୍ତରିଆ ଘଟଣା ବିକାଶର ବହୁଳ ପ୍ରଚାରକୁ ପଦାରେ ପକାଇଦେଇଛି । କେବଳ ଖାଲୁଆ ଅଞ୍ଚଳବାସିନ୍ଦା ନୁହନ୍ତି ଦୁଇ

**ଗୃହ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ନାଳ ପାର୍ଶ୍ୱରେ ଥିବା ଶହ ଶହ ହେକ୍ଟର ଚାଷ ଜମି ଫସଲ ନଷ୍ଟ ହେଉଥିବା ପତି ସଙ୍ଗିନ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ସୁଦ୍ଧା ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରା ନ ଗଲେ ପ୍ରତିବାଦରେ ଭାଜପା ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

ବିକ୍ଷୋଭରେ ରାଜ୍ୟ ସମ୍ପାଦକ ବିଭୂତି ଜେନାଙ୍କ ସମେତ ଶିଶିର ପାଢ଼ୀ, ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ମଦନ ପାତ୍ର, ରାଜେଶ ସାହୁ, ପ୍ରବୀର ପାତ୍ର, ଗୋପୀନାଥ ପଣ୍ଡା, ଶରତ ସାହୁ, ଏସ୍. ରାଣୀ, ହେମନ୍ତ ପଣ୍ଡା, ସୁନୀଲ ପାତ୍ର, ଗୌରୀ ମହାନ୍ତି, ଅମୂଲ୍ୟ ଚୌଧୁରୀ, ସରିତା ପଣ୍ଡା, ରିଙ୍କୁ ସାମଲ, ନିରଞ୍ଜନ ପାଣିଗ୍ରାହୀ, ମନୋଜ ପଟ୍ଟନାୟକ ଓ ରାମ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ମହାନଗର ଓ ଆଖପାଖ ଅଞ୍ଚଳର ଅନେକ କର୍ମୀ ଉପସ୍ଥିତ ଥିଲେ।

## ମୋ ଡାକ୍ତରଖାନା କାର୍ଯ୍ୟକ୍ରମ

ହିଞ୍ଜିଳିକାଟୁ, ୪।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସୋମବାର ବିଡିଓ ପ୍ରସନ୍ନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ମୋ ଡାକ୍ତରଖାନା ମୋ ଗର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଜରିଆରେ କାର୍ଯ୍ୟକାରୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ହିଞ୍ଜିଳିକାଟୁ ବ୍ଲକ ସଭାଗୃହରେ ପୂର୍ବାହ୍ନରେ ଅଧ୍ୟକ୍ଷ ଏନ୍. ରଘୁନାଥ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ପଣ୍ଡା, ତହସିଲଦାର ଗୋପୀନାଥ କୁଅଁର, ଚିକିତ୍ସାଧିକାରିଣୀ ଡା. ପ୍ରତିଭା ପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ଡାକ୍ତରଖାନାରେ ପରିମଳ ଉନ୍ନତି ପାଇଁ ଜନ ସାଧାରଣଙ୍କ ଭାଗିଦାରିତା, ଡାକ୍ତରଖାନା ଉନ୍ନତି ପାଇଁ ଗୋଷ୍ଠୀଗତ ସହାୟତା ଓ ୟୁଜର୍ସ ଫି ସଂଗ୍ରହ କରି ଉତ୍ତମ ପରିଚାଳନା ଲାଗି ଲକ୍ଷ୍ୟ ରଖା ଯାଇଥିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରକାଶ କରାଯାଇଛି। ଏଥି ନିମନ୍ତେ ସାଧାରଣ ସଭା ଓ ଘରଘର ବୁଲି ଚାନ୍ଦା ଆଦାୟ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଏକ କମିଟି ଗଠନ କରାଯାଇଛି।

## ଆଞ୍ଚଳିକ ସାମଗ୍ରିକ ବାଣିଜ୍ୟ ଚୁକ୍ତି ଚାଷୀ ବିରୋଧୀ



କମାପଲ୍ଲୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ବ୍ରହ୍ମପୁର ଅଫିସ୍,୪।୧୧

କେନ୍ଦ୍ରର ମୋଦି ସରକାର ଚାଷୀ ସ୍ୱାର୍ଥ ବିରୋଧୀ ଆଞ୍ଚଳିକ ସାମଗ୍ରିକ ବାଣିଜ୍ୟ ଚୁକ୍ତି(ଆର୍‌ସିଇପି)ରେ ଦସ୍ତଖତ କରିଛନ୍ତି । ଏହା ଦ୍ୱାରା ଦେଶର ବହୁ କୋଟି ଦୁଗ୍ଧ ଉତ୍ପାଦକ, ଚାଷୀ ଏବଂ ଶ୍ରମଜୀବୀମାନେ ଜୀବିକା ହରାଇବେ ବୋଲି ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲା କମିଟି ପକ୍ଷରୁ ଅଭିଯୋଗ ହୋଇଛି। ସୋମବାର ଏହା ବିରୋଧରେ କମାପଲ୍ଲୀ ଛକରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଏହି ଚୁକ୍ତିର ଉଦ୍ଦେଶ୍ୟ ହେଉଛି, ଭାରତ ସରକାର କୃଷିଜାତ ଦ୍ରବ୍ୟ ଜନିତ ସାମଗ୍ରୀ ବିଶେଷ ଭାବେ ଦୁଗ୍ଧ, ଦୁଗ୍ଧଜାତ ଦ୍ରବ୍ୟ, ମସଲା ଜାତୀୟ ସାମଗ୍ରୀ ଏବଂ ଫଳ ଇତ୍ୟାଦି ଖୋଲା ଆମଦାନୀ କରିପାରିବେ। ଭାରତରେ ଦୁଗ୍ଧ ଉତ୍ପାଦନ କରି ୧୦ କୋଟିରୁ ଅଧିକ କୃଷକ ଜୀବିକା ନିର୍ବାହ କରୁଛନ୍ତି । ସେମାନଙ୍କ ଜୀବିକା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିବ। ସମବାୟ ଢ଼ାଞ୍ଚା ଯୋଗୁ ଦୁଗ୍ଧ ବିକ୍ରି ମୂଲ୍ୟର ୭୧ପ୍ରତିଶତ ଚାଷୀ ପରିବାରକୁ ଯାଉଛି। ବର୍ତ୍ତମାନ ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟରେ ଆମଦାନୀ କର ୬୪ ପ୍ରତିଶତ ରହିଛି। ଅର୍ଥାତ ଆମଦାନୀ ଉପରେ କଟକଣା ରହିଛି। ହେଲେ ଏହି ଟିକସ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ପାଇଁ ସରକାର ଚୁକ୍ତି କରିଛନ୍ତି। ସେହିଭଳି ନ୍ୟୁଜିଲାଣ୍ଡ ଭଳି ଅନେକ ଦେଶ ବର୍ତ୍ତମାନ ଭାରତରେ ପ୍ରଚୁର ପରିମାଣରେ ବିକ୍ରି କରିପାରିବେ। ଫଳରେ ଧୀରେଧୀରେ ଭାରତର ଦୁଗ୍ଧ ଉତ୍ପାଦକ ଚାଷୀମାନେ ଜୀବିକା ହରାଇବେ। ତୁରନ୍ତ ଏହି ଚୁକ୍ତିନାମାକୁ ପ୍ରତ୍ୟାହାର କରାଯାଉ ବୋଲି କୃଷକ ନେତା ପି.ହରିକୃଷ୍ଣ ରେଡ୍ଡୀ, ଜିଲା ସମ୍ପାଦକ ଗୋପାଳ ପାଣିଗ୍ରାହୀ, ବସନ୍ତ ନନ୍ଦ, ବିଜୟ ବିଷୋୟୀ, ମଙ୍ଗଳା ଡାକୁଆ, ବାବୁଲା ନାୟକ ଓ ବିଦ୍ୟାଧର ଜେନା ପ୍ରମୁଖ ଦାବି କରିଛନ୍ତି ।

## ଗୋଶାଳାରେ ଗୋଷ୍ଠାଷ୍ଟମୀ ଉତ୍ସବ

ବ୍ରହ୍ମପୁର ଅଫିସ୍,୪।୧୧

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ସୋମବାରରେ ଆଗାସାହିସ୍ଥିତ ଶ୍ରୀକୃଷ୍ଣ ଗୋଶାଳାରେ ୧୦୧ତମ ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ବିଶ୍ୱର ଅନେକ ସେବା ମଧ୍ୟରୁ ଗୋମାତା ସେବା ଅନ୍ୟତମ ଶ୍ରେଷ୍ଠ ସେବା। ସକାଳେ ଗୋଶାଳାର ସମସ୍ତ ଗୋମାତାଙ୍କୁ ଗୋସେବା ନୀତି କରାଯାଇଥିଲା। ହଳଦୀ, ଅଗୁରୁ, ଚନ୍ଦନ ଓ କର୍ପୂର ସମେତ ଗୋସ୍ନାନ କରି ବିଭିନ୍ନ ପ୍ରକାର ସେବା କରାଯାଇଥିଲା । ସେମାନଙ୍କୁ ଖାଦ୍ୟ ମଧ୍ୟ ଦିଆଯାଇଥିଲା। ଏତଦ୍ ବ୍ୟତୀତ ପୂଜା, ହୋମ ଓ ଯଜ୍ଞ ଇତ୍ୟାଦି ଦିନ ତମାମ ଚାଲୁ ରହିଥିଲା । ପୂର୍ବାହ୍ନରେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଗୋପୂଜନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗାଈଙ୍କୁ ଚାରା ଅର୍ପଣ ସହ ଖାଦ୍ୟ, ଗୁଡ଼ ଓ ଘାସ ଦେଇଥିଲେ। ଗୋଶାଳାର ବିକାଶ ଦିଗରେ ଏମ୍‌ପିଙ୍କ ଉଦ୍ୟମକୁ ପ୍ରଶଂସା କରି ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋଶାଳା ସଭାପତି ବଜରଙ୍ଗିଲାଲ୍ ଚୌଧୁରୀ ଏବଂ ସମ୍ପାଦକ ଏ.ଶିବ ନାରାୟଣାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଆଇଟିଆଇରେ ଡ୍ରାଇଭିଂ ଲାଇସେନ୍ସ ଶିବିର

ବ୍ରହ୍ମପୁର ଅଫିସ,୪।୧୧

ବ୍ରହ୍ମପୁର ଆଇଟିଆଇରେ ଆରଟିଓ ପକ୍ଷରୁ ଚାଲିଥିବା ଡ୍ରାଇଭିଂ ଲାଇସେନ୍ସ, ପ୍ରଦୂଷଣ ସାର୍ଟିଫିକେଟ, ଇନ୍ସ୍ୟୁରାନ୍ସ କ୍ୟାମ୍ପ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଜନସାଧାରଣ ତଥା ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଆୟୋଜିତ ଶିବିର ଉଦ୍‌ଯାପନୀ ଦିବସରେ ୩୫୪ଜଣଙ୍କୁ ଲର୍ନିଂ ଲାଇସେନ୍ସ ପ୍ରଦାନ କରାଯାଇଥିବା ବେଳେ ୧୦ ଜଣଙ୍କ ଇନ୍‌ସ୍ୟୁରାନ୍ସ କରାଯାଇଥିଲା । ସେହିପରି ଶେଷ ଦିନରେ ୩୪୪ ଗାଡିର ପ୍ରଦୂଷଣ ଯାଞ୍ଚ କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଏମ୍‌ଭିଆଇ ଅକ୍ଷୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିର ପରିଚାଳନାରେ ଶୁଭେନ୍ଦୁ କୁମାର ସାହୁ, ଉଦ୍ଧବ ସେଠୀ, ସୁଜିତ କୁମାର ସାହୁ, ଗୌରୀ ପାଢୀ, ମନୋଜ ସାହୁ, ସରିତା ପଣ୍ଡା, ସୁନୀଲ ପଣ୍ଡା, ଈଶ୍ୱର ରାଓ, ଦାମୋଦର ବେହେରା ଓ ହୃଷୀକେଶ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।


ଶିବିରରେ ଲାଇସେନ୍ସ ପ୍ରଦାନ ପାଇଁ ଜମିଥିବା ଭିଡ ।

## ଡାଟୁମ୍ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୪।୧୧

ଗଞ୍ଜାମ ଜିଲା ଉପଭୋକ୍ତା ବିକାଶ ସମାଧାନ ମଞ୍ଚ ପକ୍ଷରୁ ୬ ଜଣ ଜମାକାରୀଙ୍କୁ ତାଙ୍କ ଟଙ୍କା ଫେରସ୍ତ ପାଇଁ ଡାଟୁମ ଚିଟ୍‌ଫଣ୍ଡ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଜମାକାରୀଙ୍କୁ ତାଙ୍କ ମାଚ୍ୟୁରିଟି ରାଶି ସହିତ କ୍ଷତି ପୂରଣ ଓ ମମାଲାର ଖର୍ଚ୍ଚ ପ୍ରଦାନ କରିବାକୁ ମଞ୍ଚ ନିର୍ଦ୍ଦେଶ ଦେଇଛି ବୋଲି ଉପଭୋକ୍ତା ସୁରକ୍ଷା କେନ୍ଦ୍ର ଓକିଲ ସତୀଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ୨୦୦୯ରେ ଟିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକ ସାମନ୍ତିଆପଲି ଗ୍ରାମର କେ.ଯଶୋଦା, ଜି.ଅଗ୍ଗୁରାମ, ଏନ୍.କମାମ୍ମା, କେ.ବାପଣମ୍ମା, ଡ଼ି. ସନ୍ତାମ୍ମା ଓ କେ. ଜମାଲୁ ଗୋଳନ୍ଥରା ଥାନା ଅଞ୍ଚଳରେ ଥିବା ଡାଟୁମ ଅର୍ଥ ଲଗାଣକାରୀ ସଂସ୍ଥାରେ ଟଙ୍କା ଜମା କରିଥିଲେ। ନିର୍ଦ୍ଧାରିତ ସମୟରେ ସଂସ୍ଥା ଜମାକାରୀଙ୍କ ଟଙ୍କା ଫେରସ୍ତ କରି ନ ଥିଲା। ପରେ ଜମାକାରୀମାନେ ବୈଦିକ ଅନୁଷ୍ଠାନର ସହାୟତା ନେଇଥିଲେ। ୨୦୧୭ରେ ଉପରୋକ୍ତ ମଞ୍ଚରେ ଏନେଇ ମାମଲା ରୁଜୁ ହୋଇଥିଲା। ମଞ୍ଚ ପକ୍ଷରୁ ଡାଟୁମ ସଂସ୍ଥାକୁ ହାଜର ପାଇଁ ନୋଟିସ ଜାରି ହୋଇଥିଲା। ହେଲେ ସଂସ୍ଥା ପକ୍ଷରୁ ପକ୍ଷ ରଖାଯାଇ ନ ଥିଲା। ଫଳରେ ମଞ୍ଚ ଏହି ମାମଲାର ଶୁଣାଣି କରି ଉକ୍ତ ଜମାକାରୀମାନଙ୍କୁ ତାଙ୍କ ମୂଳ ୨୭୦୦ ଟଙ୍କା ସହ ୮ ପ୍ରତିଶତ ସୁଧ, ୧ ହଜାର ଟଙ୍କା କ୍ଷତିପୂରଣ ଏବଂ ମାମଲା ପରିଚାଳନା ବାବଦକୁ ୫ ଶହ ଟଙ୍କା ପ୍ରଦାନ କରିବାକୁ ସଂସ୍ଥାର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଆଇନଜୀବୀ ପାଣିଗ୍ରାହୀ କହିଛନ୍ତି। ଯଦି ଏହାର ଖିଲାପ ହୁଏ ତେବେ ମୋଟ ଟଙ୍କାର ବାର୍ଷିକ ୧୨ ପ୍ରତିଶତ ସୁଧ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି ବୋଲି ସେ କହିଛନ୍ତି।

## ସିଟି କଲେଜରେ ଆଣ୍ଟି ର୍‍ୟାଗିଂ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୪।୧୧

ବ୍ରହ୍ମପୁର ସିଟି କଲେଜ ପକ୍ଷରୁ ଏକ ଆଣ୍ଟି ର୍‍ୟାଗିଂ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ପୁଷ୍ପାଞ୍ଜଳି ସାବତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ ରାଏ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଣ୍ଟି ର୍‍ୟାଗିଂର ଉଦ୍ଦେଶ୍ୟ ଉପରେ ଏସ୍‌ପି ଗୁରୁତ୍ୱାରୋପ କରିଥିଲେ। ପ୍ରକୃତ ଶିକ୍ଷାର ଉଦ୍ଦେଶ୍ୟ ହେଉଛି ସମୟାନୁବର୍ତ୍ତିତା, କଠୋର ପରିଶ୍ରମ ଓ ଉତ୍ତମ ଆଚରଣ। ତେଣୁ ପ୍ରତ୍ୟେକ ବିଦ୍ୟାର୍ଥୀ ଏହାକୁ ଅନୁକରଣ କରିବା ଆବଶ୍ୟକ ବୋଲି ଏସ୍‌ପି ପରାମର୍ଶ ଦେଇଥିଲେ । ଯୁକ୍ତ ୨ ଛାତ୍ରୀ ସେଜଲ ମହାପାତ୍ର ଆଣ୍ଟି ର୍‍ୟାଗିଂ ସ୍କ୍ୱାଡ୍ ଗଠନ ଓ ଏହାର କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ମମତା ପଣ୍ଡା, ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ପଣ୍ଡା, ଡ. କୃଷ୍ଣଚନ୍ଦ୍ର ପଣ୍ଡା, ଗୀତାଞ୍ଜଳି ପାଣିଗ୍ରାହୀ, ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର, ଦୀପକ ରଞ୍ଜନ ମିଶ୍ର ଓ ପ୍ରଦୀପ୍ତ ରଞ୍ଜନ ପ୍ରହରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ‘ମହାନ୍ ସଂଘ’ର ବାର୍ଷିକ ଉତ୍ସବ

ବ୍ରହ୍ମପୁର ଅଫିସ,୪।୧୧

ଦକ୍ଷିଣାଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାନ ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗିରିମାର୍କେଟସ୍ଥିତ ପ୍ରକାଶମ୍ ହଲ୍‌ରେ ଆୟୋଜିତ ଉତ୍ସବକୁ ଏମ୍‌ପି ଚନ୍ଦ୍ରଶେଖର ସାହୁ ଉଦ୍‌ଘାଟନ କରିଥିଲେ। ବିଧାୟକ ବିକ୍ରମ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ସଭାପତି ସୁଶାନ୍ତ ସାବତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଦ୍ଧେନ୍ଦୁ ଦାସ, ଟାଟା କମ୍ପାନୀ ଅଧିକାରୀ ରିଙ୍କି ମାର୍ଟିନ, ସାଉଥକୋ ଜେନେରାଲ ମ୍ୟାନେଜର ଲେଙ୍କା ପ୍ରସାଦ, ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ, ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ରାଜ୍ୟ ସାଂସ୍କୃତିକ ସମ୍ପାଦକ କେ. ବଳରାମ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରହ୍ମପୁର ତଥା ଗଞ୍ଜାମର ବିଭିନ୍ନ ସମସ୍ୟାର ସମାଧାନ ବିକାଶ ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି। ତେଣୁ ଗଞ୍ଜାମ ଜିଲା ତଥା ବ୍ରହ୍ମପୁର ବିକାଶରେ ନିଜକୁ ସାମିଲ କରିବାକୁ ଏମ୍‌ପି ସାହୁ ଆହ୍ୱାନ ଦେଇଥିଲେ । ଏଥିସହ ବ୍ରହ୍ମପୁରର ବୁଢ଼ୀ ଠାକୁରାଣୀ ଯାତ୍ରାକୁ ରାଜ୍ୟସ୍ତରୀୟ ଯାତ୍ରାର ମାନ୍ୟତା ଦେବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ମହାନ ସଂଘ ସମ୍ପାଦକ ହରିପ୍ରସାଦ ମଲଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଭାରତୀ କୁସୁମ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ସୁଚେତା ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଇ. ଜୟନ୍ତୀ ରାଓ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଶିଶୁ କଳାକାରଙ୍କୁ ପୁରସ୍କୃତ କରାଯାଉଛି ।

## ପାରିବାରିକ ଯତ୍ନ ହିଁ ଶିଶୁ ପାଇଁ ଶ୍ରେଷ୍ଠ

ବ୍ରହ୍ମପୁର ଅଫିସ୍,୪।୧୧

ଶିଶୁଙ୍କ ପାଇଁ ପାରିବାରିକ ଯତ୍ନର ଗୁରୁତ୍ୱକୁ ଉପଲବ୍ଧି କରି ସ୍ୱେଚ୍ଛାସେବୀ ସଂଗଠନ ‘ଅରୁଣା’ ଏବଂ ସିଆର୍‌ଏସ ମିଳିତ ପ୍ରଚେଷ୍ଟାରେ ଏକ ପ୍ରଚାର ଅଭିଯାନ ସୋମବାର ଆରମ୍ଭ ହୋଇଯାଇଛି। ପ୍ରଚାର ଅଭିଯାନ କାର୍ଯ୍ୟକ୍ରମ ଜିଲାର ୧୧ ବ୍ଲକରେ ଏକମାସ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗ୍ରାମବାସୀଙ୍କୁ ଆନୁଷ୍ଠାନିକ ଯତ୍ନର ନକରାତ୍ମକ ପ୍ରଭାବ ଓ ପାରିବାରିକ ଯତ୍ନର ସକାରାତ୍ମକ ଦିଗ ବିଷୟରେ ସଚେତନ କରିବ। ରାଜସ୍ୱ ଡାକବଙ୍ଗଳାରେ ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଚେତନତା ରଥକୁ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ପତାକା ଦେଖାଇ ଉଦ୍‌ଘାଟନ କରଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର



ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ପତାକା ଦେଖାଇ ରଥ ଉଦ୍‌ଘାଟନ କରୁଛନ୍ତି ।

ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଚନ୍ଦ୍ର ଷଡଙ୍ଗୀ ଏବଂ ଶିଶୁ ସୁରକ୍ଷା ସମିତି ସଦସ୍ୟ ହରିହର ପାଢ଼ୀ ଯୋଗ ଦେଇଥିଲେ। ‘ଅରୁଣା’ ସଭାପତି ପଦ୍ମନାଭ ଡାଭେ ଅଧ୍ୟକ୍ଷତା କରିଥିଲେ । ଲୋକନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ‘ଅରୁଣା’ ସମ୍ପାଦିକା ସୌଦାମିନୀ ରଥ ଧନ୍ୟବାଦ ଦେଇଥିଲେ । ଏଥିରେ ‘ଅରୁଣା’ କୋଷାଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ପ୍ରକଳ୍ପ ଅଧିକାରୀ ବି.ପ୍ରଶାନ୍ତ କୁମାର, ସୁସ୍ମିତା ଭୋଇ, ଦେବୀଦତ୍ତ ରଥ, ଆକାଶ କୁମାର ପାତ୍ର, ସୂର୍ଯ୍ୟସ୍ମିନ ପଣ୍ଡିତ, ପ୍ରବୀଣ ଗୌଡ଼, ପ୍ରଶାନ୍ତ ସ୍ୱାଇଁ, ଗୀତାଞ୍ଜଳି ଦୋରା, ସ୍ୱର୍ଣ୍ଣଲତା ପଟ୍ଟନାୟକ, କାମାକ୍ଷା ପ୍ରସାଦ ପାତ୍ର, ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



"ଅଯୋଧ୍ୟା ମାମଲାର ରାୟ ପୂର୍ବରୁ ରାଜ୍ୟ ପୋଲିସକୁ ହାଇଆଲର୍ଟରେ ରଖାଯାଇଛି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେଲେ ଏନ୍‌ଏସ୍‌ଏ ଲାଗୁ କରାଯିବା।
- ଓମ୍ ପ୍ରକାଶ ସିଂ
ଉତ୍ତରପ୍ରଦେଶ ଡିଜିପି





କର୍ତାରପୁର ସାହିବ୍ ଗୁରୁଦ୍ୱାରଠାରେ ପାଲିଙ୍କି ଉତ୍ସବରେ ପାକିସ୍ତାନ ପଞ୍ଜାବ ପ୍ରଦେଶ ରାଜ୍ୟପାଳ ମହମ୍ମଦ ସର୍ଭର ଯୋଗ ଦେଇଛନ୍ତି।



ପୋଲିସ-ଆଇନଜୀବୀ ସଂଘର୍ଷ ପ୍ରତିବାଦରେ ସୁପ୍ରିମକୋର୍ଟ ବାହାରେ ଓକିଲମାନେ ବିକ୍ଷୋଭ କରୁଛନ୍ତି।



ବାୟୁ ପ୍ରଦୂଷଣ ଯୋଗୁ ତାଜ୍‌ମହଲ ପରିଦର୍ଶନରେ ଆସିଥିବା ପର୍ଯ୍ୟଟକ ମୁଖା ପିନ୍ଧିଛନ୍ତି।

## ସଂକ୍ଷେପରେ

### ଯୁଗ୍ମ-ଅଯୁଗ୍ମ ନିୟମ ଭାଙ୍ଗି ଜରିମାନା ଗଣିଲେ ଭାଜପା ନେତା

ନୂଆଦିଲ୍ଲୀ,୪।୧୧(ପି.ଟି.): ପ୍ରଦୂଷଣ ରୋକିବା ଲାଗି ରାଜଧାନୀ ଦିଲ୍ଲୀରେ ସୋମବାରଠାରୁ ଯୁଗ୍ମ-ଅଯୁଗ୍ମ ଗାଡ଼ି ନମ୍ବର ସୂତ୍ର ଲାଗୁ ହୋଇଥିବାବେଳେ ଭାଜପା ନେତା ବିଜୟ ଗୋଏଲ ଏହି ନିୟମ ଭାଙ୍ଗି ଜରିମାନାର ସମ୍ମୁଖୀନ ହୋଇଛନ୍ତି। ଅଶୋକାନଗରରୁ ଜନପଥ ଯିବା ବାଟରେ ଟ୍ରାଫିକ ପୋଲିସ ତାଙ୍କ ଗାଡ଼ିକୁ ଅଟକାଇଥିଲା। ତାଙ୍କ ଏସ୍‌ୟୁଭିର ପଞ୍ଜୀକୃତ ନମ୍ବରର ଶେଷ ଅଙ୍କ ଅଯୁଗ୍ମ ହୋଇଥିବାବେଳେ ତାଙ୍କ ବିରୋଧରେ ୪ ହଜାର ଟଙ୍କାର ଚାଲାଣ କଟାଯାଇଛି। କେଜ୍‌ରିୱାଲ ସରକାରଙ୍କ ଏଭଳି ପଦକ୍ଷେପକୁ ଗୋଏଲ ସମାଲୋଚନା କରିବା ସହ ନିର୍ବାଚନ ଜିତିବାର ଏହା ଏକ ବାହାନା ବୋଲି ପ୍ରକାଶ କରିଛନ୍ତି। ଗୋଏଲଙ୍କ ଗାଡ଼ିରେ ପ୍ରଦୂଷଣ ଲାଗି କେଜ୍‌ରିୱାଲ ସରକାର ଦାୟୀ ବୋଲି ସ୍ଲୋଗାନ ଲେଖାଯାଇଥିଲା।

### ରେଫ୍ରିଜରେଟର ଟ୍ରକ୍‌ରୁ ୪୧ଦାଦନ ଉଦ୍ଧାର

ଗ୍ରୀସ୍,୪।୧୧-ଗ୍ରୀସ୍‌ରେ ଏକ ରେଫ୍ରିଜରେଟର ଟ୍ରକ୍‌ରୁ ସୋମବାର ୪୧ ଜଣ ଦାଦନଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ପୋଲିସ ଉକ୍ତ ଟ୍ରକ୍‌ର ଡ୍ରାଇଭରଙ୍କୁ ଗିରଫ କରିଛି। ଦାଦନ ଶ୍ରମିକମାନେ ଆଫଗାନିସ୍ତାନର ମୂଳ ବାସିନ୍ଦା ବୋଲି କୁହାଯାଉଛି। ୭ ଜଣଙ୍କୁ ହସ୍ପିଟାଲ ନିଆଯାଇ ଚିକିତ୍ସା କରାଯାଇଥିଲା। ରେଫ୍ରିଜରେଟର ଅନ୍ ନ ଥିବାରୁ ସେମାନଙ୍କର ବିଶେଷ କ୍ଷତି ହୋଇନାହିଁ। ଇଗ୍‌ନାଟିଆ ମୋଟରୱେରେ ପୋଲିସ ଉକ୍ତ ଟ୍ରକ୍‌କୁ ଅଟକାଇ ତଲାସି କରିବାରୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଥିଲା। ଗତ ମାସରେ ମଧ ଲଣ୍ଡନରେ ଏକ ରେଫ୍ରିଜରେଟର ଟ୍ରକ୍‌ରୁ ୩୦ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

### ଇତିହାସର ଆଇନାରେ

### ନଭେମ୍ବର ୫ର ପ୍ରମୁଖ ଘଟଣା

୧୯୯୬ ନଭେମ୍ବର ୫ରେ ପାକିସ୍ତାନ ରାଷ୍ଟ୍ରପତି ଫାରୁକ୍ ଲେଘାରୀ ପ୍ରଧାନମନ୍ତ୍ରୀ ବେନଜୀର ଭୁଟୋଙ୍କ ସରକାରକୁ ଭଙ୍ଗ କରିଥିଲେ। ଗଣତାନ୍ତ୍ରିକ ପଦ୍ଧତିରେ ଗଠିତ ପାକିସ୍ତାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ସେ ଦୁଇ ଥର ପଦଭାର ଗ୍ରହଣ କରିଥିଲେ।

୨୦୦୬ ନଭେମ୍ବର ୫ରେ ଇରାକର ପୂର୍ବତନ ରାଷ୍ଟ୍ରପତି ସଦାମ ହୁସେନ ଓ ତାଙ୍କ ୨ ସହଯୋଗୀଙ୍କୁ ଇରାକର ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ୧୯୮୨ରେ ଅଲଦୁଜେଲରେ ମାନବତା ବିରୋଧରେ ସେମାନଙ୍କ ଅତ୍ୟାଚାର ଓ ଗଣହତ୍ୟା ଲାଗି ଏହି ଦଣ୍ଡାଦେଶ ଦିଆଯାଇଥିଲା।

## ■ ଦିଲ୍ଲୀ ବାୟୁ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

# ୩ ରାଜ୍ୟର ମୁଖ୍ୟ ସଚିବଙ୍କୁ ସମନ

ନୂଆଦିଲ୍ଲୀ,୪।୧୧(ଆଇଏଏନ୍‌ଏସ୍)

- ■ ଲୋକଙ୍କୁ ମରିବାକୁ ଛାଡ଼ିଦିଆଯାଇ ପାରିବନି
- ■ ଯୁଗ୍ମ-ଅଯୁଗ୍ମ ସୂତ୍ରକୁ ନେଇ ପ୍ରଶ୍ନ ଉଠାଇଲେ ଖଣ୍ଡପୀଠ
- ■ ନଡ଼ା ପୋଡ଼ି ବନ୍ଦ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ



ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଉତ୍କଟ ବାୟୁ ପ୍ରଦୂଷଣକୁ ନେଇ ସୋମବାର ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଏକାଧିକ ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରଦୂଷଣ ରୋକିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବାରେ ବିଫଳ ହୋଇଥିବାରୁ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିବା ସହ ମୁଖ୍ୟ ସଚିବଙ୍କଠାରୁ ଆରମ୍ଭ କରି ପ୍ରଶାସନର ତଳସ୍ତରର ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ କୋର୍ଟ ନିର୍ଦ୍ଦେଶନାମା ଅନୁପାଳନ କରିବାକୁ କହିଛନ୍ତି।

ବିଧାନସଭା ନିର୍ବାଚନକୁ ସ୍ଥଗିତ ରଖିପାର କିନ୍ତୁ ଲୋକଙ୍କୁ ମାରିବା ପାଇଁ ଛାଡ଼ିଦିଆଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ। ଏହି ସମୟରେ କୋର୍ଟରେ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶର ମୁଖ୍ୟ ସଚିବମାନେ ଉପସ୍ଥିତ ଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ବୁଧବାରକୁ ଧାର୍ଯ୍ୟ କରାଯାଇଛି। ପ୍ରଦୂଷଣ ରୋକିବା ଦିଗରେ ପଦକ୍ଷେପ ନେଉ ନ ଥିବା ଅଧିକାରୀଙ୍କୁ ଦଣ୍ଡିତ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ନଡ଼ା ପୋଡ଼ି ବନ୍ଦ ନିମନ୍ତେ କ'ଣ ପଦକ୍ଷେପ ନିଆଯାଉଛି ତାହା ଜଣାଇବାକୁ ଅଦାଲତ ସ୍ଥାନୀୟ ଥାନାଗୁଡ଼ିକର ଏସ୍‌ଏଚ୍‌ଓମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ଏଥିସହିତ ଦିଲ୍ଲୀ ଏନ୍‌ସିଆର୍‌ରେ ନିର୍ମାଣ କାର୍ଯ୍ୟ ଓ ବର୍ଜ୍ୟ ପୋଡ଼ିବା ଉପରେ ଜରିମାନା ଧାର୍ଯ୍ୟ କରାଯାଇଛି। ପ୍ରଦୂଷଣ ରୋକିବାରେ କର୍ତ୍ତୃପକ୍ଷଙ୍କ ବିଫଳତାକୁ ସୁପ୍ରିମକୋର୍ଟ ନିନ୍ଦା କରିଛନ୍ତି। ପ୍ରଦୂଷଣ ଯୋଗୁ ଜନସାଧାରଣ ସେମାନଙ୍କ ଜୀବନର ମୂଲ୍ୟବାନ ସମୟ ହରାଉଛନ୍ତି ବୋଲି ଖଣ୍ଡପୀଠ କହିଥିଲେ।

ଦିଲ୍ଲୀରେ ବାୟୁ ପ୍ରଦୂଷଣ ବିପଜ୍ଜନକ ସ୍ଥିତିରେ ପହଞ୍ଚିଥିଲାବେଳେ ଯୁଗ୍ମ-ଅଯୁଗ୍ମ ସୂତ୍ର ପଛର ଯଥାର୍ଥତା କ'ଣ ବୋଲି ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏଭଳି ନିୟମ କାର୍ଯ୍ୟକାରୀ କରିବା ଦ୍ୱାରା ପ୍ରଦୂଷଣ ମାତ୍ରା କେତେ କମିଛି ତା'ର ତଥ୍ୟ ଉପସ୍ଥାପନ କରିବା ଲାଗି ଜଷ୍ଟିସ୍ ଅରୁଣ ମିଶ୍ର ଓ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ଏବଂ ଏନ୍‌ସିଆର୍ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଉପରେ ନିଷିଦ୍ଧାଦେଶ ଲାଗୁ ହୋଇଥିଲାବେଳେ ଯେଉଁମାନେ ଏହାର ଉଲ୍ଲଂଘନ କରୁଛନ୍ତି, ସେମାନଙ୍କୁ ଲକ୍ଷେ ଟଙ୍କା ଜରିମାନା କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଅଳିଆ ଜାଳୁଥିବା ଲୋକଙ୍କୁ ୫୦୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିବାକୁ କୁହାଯାଇଛି। ଖୋଲାସ୍ଥାନରେ ଅଳିଆ ନ ପକାଇବା ଲାଗି ମ୍ୟୁନିସିପାଲ କର୍ପୋରେଶନକୁ ନିର୍ଦ୍ଦେଶ ଦିଆଯାଇଛି। ଡିଜେଲ ଯାନ ଅଧିକ ପ୍ରଦୂଷଣ କରୁଥିଲାବେଳେ ଏହା ଉପରେ କଟକଣା ନ ଲଗାଇ କମ୍ ପ୍ରଦୂଷଣ କରୁଥିବା କାର୍ ଉପରେ ଯୁଗ୍ମ-ଅଯୁଗ୍ମ ସୂତ୍ର ଲାଗୁ କରିବାର ଯଥାର୍ଥତା କ'ଣ ବୋଲି ଅଦାଲତ ପ୍ରଶ୍ନ କରିଥିଲେ।

# ଆର୍‌ସିଇପି ବାଣିଜ୍ୟ ଚୁକ୍ତିରେ ସାମିଲ ହେବନି ଭାରତ

ଶ୍ରୀନଗର,୪।୧୧(ପି.ଟି.)

ଚାଇନା ସମର୍ଥିତ ଆଞ୍ଚଳିକ ବିସ୍ତୃତ ଅର୍ଥନୈତିକ ଭାଗୀଦାରିତା (ଆର୍‌ସିଇପି) ବାଣିଜ୍ୟ ଚୁକ୍ତିନାମାରେ ସାମିଲ ନ ହେବାକୁ ଭାରତ ନିଷ୍ପତ୍ତି ନେଇଛି। ଚୁକ୍ତିନାମାର କେତେକ ସର୍ତ୍ତକୁ ନେଇ ଭାରତ ଚିନ୍ତାବ୍ୟକ୍ତ କରିଥିଲାବେଳେ ଏହାର ସମାଧାନ ହୋଇ ନ ଥିବାରୁ ଏଥିରେ ସାମିଲ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ନୂଆଦିଲ୍ଲୀ କହିଛି। ଆର୍‌ସିଇପି ରାଜିନାମାର ପ୍ରକୃତ ଉଦ୍ଦେଶ୍ୟ ଜଣାପଡ଼ିନାହିଁ। ତେବେ ଭାରତର ସ୍ୱାର୍ଥ ସହ ସାଲିସ କରାଯାଇପାରିବ ନାହିଁ ବୋଲି ଜଣେ ଉଚ୍ଚ ପଦାଧିକାରୀ କହିଛନ୍ତି। ଆର୍‌ସିଇପିଗରିବଙ୍କ ସ୍ୱାର୍ଥର ସୁରକ୍ଷା କରିବା ସହ ସେବା କ୍ଷେତ୍ର ପ୍ରତି ଅନୁକୂଳ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଏହି ବୃହତ୍ ଆସିଆନ୍ ବାଣିଜ୍ୟ ଚୁକ୍ତିନାମାକୁ ନେଇ କଠୋର ଆଭିମୁଖ୍ୟ ପ୍ରକାଶ କରିଛି। ମୂଳ ବର୍ଷରୁ ଚାଇନା ସାମଗ୍ରୀ ଆମଦାନି ଉପରେ ସୁରକ୍ଷା ପାଇଁ ଟାରିଫ ହ୍ରାସ ଏବଂ ଅନ୍ୟ ୧୫ ରାଷ୍ଟ୍ର ଦ୍ୱାରା ସେବା ସେକ୍ଟର ଖୋଲିବା ଆଦିକୁ ନେଇ ନୂଆଦିଲ୍ଲୀ ଚିନ୍ତାବ୍ୟକ୍ତ କରିଛି। ଆର୍‌ସିଇପି ବୁଝାମଣା ପୂର୍ବରୁ ଏହାର ସମସ୍ତ ଦିଗ ପ୍ରତି ବିଚାର କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିଆନ୍ ସମ୍ମିଳନୀରେ ଯୋଗଦେବାକୁ ଯିବା ପୂର୍ବରୁ କହିଥିଲେ। ଏହି ଚୁକ୍ତିନାମା ଲାଗି କୌଣସି ସମୟସୀମାକୁ ଭାରତ ଗ୍ରହଣ କରିନାହିଁ। ଦେଶର ସ୍ୱାର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବା ଆବଶ୍ୟକ ବୋଲି କେନ୍ଦ୍ର ସରକାର କହିଛନ୍ତି।

## ■ କର୍ଣ୍ଣାଟକ ବିଧାୟକ ଅଯୋଗ୍ୟ ଘୋଷଣା ମାମଲା

# ୟେଦୁରପ୍ପାଙ୍କ ଅଡିଓ କ୍ଲିପ୍‌କୁ ରେକର୍ଡ ଭାବେ ନେବାକୁ କଂଗ୍ରେସର ଅନୁରୋଧ

ନୂଆଦିଲ୍ଲୀ,୪।୧୧(ପି.ଟି.)




କର୍ଣ୍ଣାଟକର ୧୭ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଥିଲାବେଳେ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ଅଡିଓ କ୍ଲିପ୍‌କୁ ରେକର୍ଡ ଭାବେ ଗ୍ରହଣ କରିବା ଲାଗି ରାଜ୍ୟ କଂଗ୍ରେସ ଅଦାଲତଙ୍କୁ ଅନୁରୋଧ କରିଛି। ବିଦ୍ରୋହୀ କଂଗ୍ରେସ ଓ ଜେଡିଏସ୍ ବିଧାୟକଙ୍କୁ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ତତ୍ତ୍ୱାବଧାନରେ ମୁମ୍ବାଇର ଏକ ହୋଟେଲରେ ରଖାଯାଇଥିଲା ବୋଲି ୟେଦ୍ୟୁରପ୍ପା ଉକ୍ତ ଅଡିଓ କ୍ଲିପ୍‌ରେ କହିଥିବା କଂଗ୍ରେସ ଅଭିଯୋଗ କରିଛି। ପରେ ଏହି ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହାର ଶୁଣାଣି ଲାଗି ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ ନିମନ୍ତେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ସହ ପରାମର୍ଶ କରିବେ ବୋଲି ଜଷ୍ଟିସ୍ ଏନ୍.ଭି. ରମାନାଙ୍କ ଖଣ୍ଡପୀଠ କହିଛନ୍ତି। ଅନ୍ୟପକ୍ଷରେ ୧୭ ବିଧାୟକ ଅଯୋଗ୍ୟ ଘୋଷିତ ହେବା ପଛରେ ଭାଜପାର କୌଣସି ଭୂମିକା ନାହିଁ ବୋଲି ୟେଦୁରପ୍ପା କହିଛନ୍ତି। ନିଷ୍ପତ୍ତି ନେବାର ସ୍ୱାଧୀନତା ବିଧାୟକମାନଙ୍କର ରହିଥିବା ସେ ମତ ଦେଇଛନ୍ତି।

ଆସ୍ଥା ଭୋଟ ବେଳେ ସମ୍ପୃକ୍ତ ବିଧାୟକମାନଙ୍କ ଅନୁପସ୍ଥିତି ଯୋଗୁ କଂଗ୍ରେସ-ଜେଡିଏସ୍ ସରକାରର ପତନ ଘଟିଥିଲା। ଫଳରେ ୟେଦୁରପ୍ପାଙ୍କ ନେତୃତ୍ୱରେ ଭାଜପା କର୍ଣ୍ଣାଟକରେ ସରକାର ଗଢ଼ିଥିଲା। ୧୭ ଅଯୋଗ୍ୟ ଘୋଷିତ ବିଧାୟକଙ୍କ ମଧ୍ୟରୁ ୧୫ ଆସନରେ ଡିସେମ୍ବର ୫ରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

# ମହାରାଷ୍ଟ୍ରରେ ଅଚଳାବସ୍ଥା ଜାରି

ମୁମ୍ବାଇ, ୪।୧୧(ପି.ଟି.)

- ■ ଶାହଙ୍କୁ ଭେଟିଲେ ଫଡ୍‌ନବିସ୍
- ■ ସୋନିଆ-ଶରଦ ଆଲୋଚନା



ଅମିତ୍ ଶାହଙ୍କ ସହ ଦେବେନ୍ଦ୍ର ଫଡ୍‌ନବିସ।

ମହାରାଷ୍ଟ୍ରରେ ସରକାର ଗଠନ ନେଇ ଅଙ୍କ ଛିଡୁନି। ଭାଜପା-ଶିବସେନା ମେଣ୍ଟ ସରକାର ଗଢ଼ିବା ଆଶା ମଉଳିବାରେ ଲାଗିଛି। ସଂଖ୍ୟାର ଖେଳରେ ଭାଜପା ଏକାକୀ ସରକାର ଗଠନକରିବା ସମ୍ଭବ ହେଉ ନ ଥିବାବେଳେ ମେଣ୍ଟ ସହଯୋଗୀ ଶିବସେନାର ୫୦-୫୦ ଫର୍ମୁଲା ପରିସ୍ଥିତିକୁ ଗୋଳମାଳିଆ କରିପକାଇଛି। କଂଗ୍ରେସ-ଏନ୍‌ସିପିକୁ ନେଇ ଶିବସେନା ସରକାର ଗଠନ କରିବାକୁ ଉଦ୍ୟମ ଚଳାଇଛି। ଏନ୍‌ସିପି ମୁଖ୍ୟ ଶରଦ ପାୱାର ସୋମବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଥିବାବେଳେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଭାଜପା ଅଧ୍ୟକ୍ଷ ଅମିତ୍ ଶାହା ଓ ମହାରାଷ୍ଟ୍ର ନିର୍ବାଚନ ଦାୟିତ୍ୱରେ ଥିବା ଭାଜପା ସାଧାରଣ ସମ୍ପାଦକ ଭୂପେନ୍ଦ୍ର ଯାଦବଙ୍କୁ ଭେଟିଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ସରକାର ଗଠନ କରାଯିବ ବୋଲି ଶାହାଙ୍କୁ ଭେଟିବା ପରେ ଫଡ୍‌ନବିସ୍ ପ୍ରକାଶ କରିଛନ୍ତି।

ଏନ୍‌ସିପି ମୁଖ୍ୟ ଶରଦ ପାୱାର ସୋମବାର ସନ୍ଧ୍ୟାରେ ସୋନିଆଙ୍କୁ ତାଙ୍କ ବାସଭବନରେ ଭେଟି ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଶିବସେନାକୁ ସମର୍ଥନ ଦେବା ନ ଦେବା ନେଇ ବୈଠକରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ଶିବସେନାର ଜିଦ୍ ଯୋଗୁ ଭାଜପା ମନ୍ତ୍ରୀ ଜୟକୁମାର ରାୱଲ ରାଜ୍ୟରେ ପୁଣି ଥରେ ନିର୍ବାଚନ କରାଯିବା ଲାଗି ମତ ଦେଇଛନ୍ତି। ସେପଟେ ସ୍ୱାଧୀନ ବିଧାୟକ ତଥା ଭାଜପା ସମର୍ଥନ ରବି ରାଣା କହିଛନ୍ତି, ଶିବସେନାର ୨୫ ବିଧାୟକ ଭାଜପା ସହ ଯୋଗାଯୋଗରେ ଅଛନ୍ତି। ଫଡ୍‌ନବିସ୍ ମୁଖ୍ୟମନ୍ତ୍ରୀ ନ ହେଲେ ଶିବସେନା ଦୁଇଭାଗ ହୋଇଚିବାର ଆଶଙ୍କା ରହିଛି। ଅପରପକ୍ଷରେ ଶିବସେନା ନେତା ସଞ୍ଜୟ ରାଉତ ଓ ଅନ୍ୟ ବରିଷ୍ଠ ନେତାମାନେ ସୋମବାର ବାଚସ୍ପତି ଭଗତ୍ ସିଂ କୋଶ୍ୟାରିଙ୍କୁ ରାଜଭବନରେ ଭେଟ ଆଲୋଚନା କରିଛନ୍ତି। ବିଧାନସଭା ନିର୍ବାଚନ ଭାଜପା-ଶିବସେନା ମିଳିତ ଭାବେ ଲଢ଼ିଥିବାବେଳେ ମେଣ୍ଟକୁ ୧୬୧ ( ୧୦୫+ ୫୬) ଆସନ ମିଳିଥିଲା। ଏନ୍‌ସିପି ୫୪ ଓ କଂଗ୍ରେସକୁ ୪୪ ଆସନ ମିଳିଥିଲା। ମ୍ୟାଜିକ୍ ନମ୍ବର ଲାଗି ୧୪୫ ବିଧାୟକଙ୍କ ସମର୍ଥନ ଦରକାର ହେଉଥିବାବେଳେ ଶିବସେନାର ଜିଦ୍ ଓ କଂଗ୍ରେସ-ଏନ୍‌ସିପିର ବିଳମ୍ବ ନିଷ୍ପତ୍ତି ରାଜନୀତିକୁ ଗୋଳିଆ କରିପକାଉଛି।

## ସରକାର ଗଠନରେ ବାଧା ସୃଷ୍ଟି କରୁନୁ: ଶିବସେନା

ମୁମ୍ବାଇ,୪।୧୧(ପି.ଟି.)


ମହାରାଷ୍ଟ୍ରରେ ସରକାର ଗଠନରେ ଶିବସେନା ବାଧା ସୃଷ୍ଟି କରୁ ନ ଥିବା ଏହାର ବରିଷ୍ଠ ନେତା ସଞ୍ଜୟ ରାଉତ୍ ସୋମବାର କହିଛନ୍ତି। ରାଜ୍ୟରେ ସରକାର ଗଠନ ନେଇ ପାଖାପାଖି ୨ ସପ୍ତାହ ହେଲା ଅଚଳାବସ୍ଥା ଜାରି ରହିଥିଲାବେଳେ ରାଉତ୍ ରାଜ୍ୟପାଳ ଭଗତ ସିଂ କୋଶ୍ୟାରିଙ୍କୁ ଭେଟିଥିଲେ। ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ସେ କହିଛନ୍ତି। ଯେଉଁ ଦଳ ପାଖରେ ସଂଖ୍ୟାଗରିଷ୍ଠତା ରହିଛି, ତାଙ୍କୁ ସରକାର ଗଠନ ଲାଗି ଆମନ୍ତ୍ରଣ କରାଯିବା ଉଚିତ ବୋଲି ଶିବସେନା ରାଜ୍ୟସଭା ସଦସ୍ୟ କହିଛନ୍ତି।

## ଶ୍ରୀନଗରରେ ଆତଙ୍କବାଦୀଙ୍କ ଗ୍ରେନେଡ୍ ଆକ୍ରମଣ

# ଜଣେ ମୃତ, ୩୫ ଆହତ

ଶ୍ରୀନଗର,୪।୧୧(ପି.ଟି.)

ଜମ୍ମୁ-କଶ୍ମୀରର ଶ୍ରୀନଗରସ୍ଥିତ ଏକ ବ୍ୟସ୍ତବହୁଳ ମାର୍କେଟରେ ଆତଙ୍କବାଦୀମାନେ ସୋମବାର ଗ୍ରେନେଡ୍ ମାଡ଼ କରିଛନ୍ତି। ଏହି ଆକ୍ରମଣରେ ଜଣକର ମୃତ୍ୟୁ ଘଟିଥିଲାବେଳେ ଅନ୍ୟ ୩୫ ଜଣ ଆହତ ହୋଇଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବାର ୩ ମାସ ପରେ ଶ୍ରୀନଗରରେ ଏହା ଦ୍ୱିତୀୟ ଗ୍ରେନେଡ୍ ଆକ୍ରମଣ। ଆହତଙ୍କ ମଧ୍ୟରେ ୩ ଜଣ ଯବାନ ରହିଛନ୍ତି। ସେମାନଙ୍କୁ ଏସ୍‌ଏମ୍‌ଏଚ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲାବେଳେ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଆକ୍ରମଣରେ ନିହତ ହୋଇଥିବା ବ୍ୟକ୍ତିଙ୍କ ନାଁ ରିଙ୍କୁ ସିଂ (୪୦) ଓ ଘର ସାହାରନପୁରରେ। ଅପରାହ୍ନ ୧ଟା ୨୦ ମିନିଟ ସମୟରେ ହରିସିଂ ହାଇଷ୍ଟ୍ରିଟ୍ ମାର୍କେଟରେ ଏହି ଆକ୍ରମଣ ହୋଇଛି। ଅକ୍ଟୋବର ୧୨ରେ ଆତଙ୍କବାଦୀଙ୍କ ଗ୍ରେନେଡ୍ ମାଡ଼ରେ ୫ ଜଣ ଆହତ ହୋଇଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୬ | ୨୧.୬ |
| ଚାନ୍ଦବାଲି | ୩୧.୦ | ୨୩.୧ |
| କଟକ | ୩୨.୦ | ୨୦.୪ |
| ପାରାଦ୍ୱୀପ | ୩୧.୧ | ୨୪.୦ |
| ଭୁବନେଶ୍ୱର | ୩୧.୯ | ୨୧.୦ |
| ଗୋପାଳପୁର | ୩୩.୩ | ୨୨.୩ |
| ପୁରୀ | ୩୨.୬ | ୨୩.୫ |
| ଅନୁଗୋଳ | ୩୨.୭ | ୧୭.୦ |
| ବାରିପଦା | ୩୦.୬ | ୨୨.୪ |
| ଝାରସୁଗୁଡ଼ା | ୩୨.୪ | ୨୦.୬ |
| କେନ୍ଦୁଝର | ୨୯.୪ | ୧୮.୪ |
| ସମ୍ବଲପୁର | ୩୨.୬ | ୧୯.୭ |
| ସୁନ୍ଦରଗଡ଼ | ୩୧.୦ | ୧୪.୫ |
| ହୀରାକୁଦ | ୩୧.୬ | ୨୦.୬ |
| ତାଳଚେର | ୩୪.୧ | ୨୧.୬ |
| ଭବାନୀପାଟଣା | ୩୧.୦ | ୧୯.୦ |
| ବଲାଙ୍ଗୀର | ୩୨.୦ | ୨୧.୦ |
| କୋରାପୁଟ | ୨୯.୬ | ୧୫.୬ |
| ଫୁଲବାଣୀ | ୩୦.୬ | ୧୭.୦ |
| ଟିଟିଲାଗଡ଼ | ୩୧.୪ | ୧୭.୦ |
| ମାଲକାନଗିରି | ୩୨.୦ | -- |
| ସୋନପୁର | ୩୨.୮ | ୨୦.୦ |
| ଦାରିଙ୍ଗିବାଡ଼ି | ୨୮.୨ | ୧୫.୦ |

ଡିଗ୍ରୀ ସେଲ୍‌ସିୟସ୍

# ଅଯୋଧ୍ୟା ରାୟ ପୂର୍ବରୁ ସୋସିଆଲ ମିଡିଆରେ କଟକଣା

ଅଯୋଧ୍ୟା,୪।୧୧

- ■ ଡିସେମ୍ବର ୨୮ ଯାଏ ଲାଗୁ ରହିବ ପ୍ରତିବନ୍ଧକ
- ■ ଗୁଜବ ସୃଷ୍ଟି ନ କରିବା ଲାଗି ଏଏମ୍‌ୟୁ କର୍ତ୍ତୃପକ୍ଷଙ୍କ ଆହ୍ୱାନ



ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ରାୟ ପ୍ରକାଶ ପାଇବା ପୂର୍ବରୁ ଉତ୍ତରପ୍ରଦେଶ ସରକାର ସୋସିଆଲ ମିଡିଆ ଉପରେ କଟକଣା ଜାରି କରିଛନ୍ତି। ହ୍ୱାଟ୍ସଆପ୍, ଟୁଇଟର, ଟେଲିଗ୍ରାମ୍ ଓ ଇନ୍‌ଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆରେ ୨ ମାସ ପର୍ଯ୍ୟନ୍ତ ଭଗବାନଙ୍କ ସମ୍ପର୍କରେ କୌଣସି ଅସମ୍ମାନଜନକ ମନ୍ତବ୍ୟ ପୋଷ୍ଟ ନ କରିବାକୁ ସରକାର ୪ ପୃଷ୍ଠାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ସମୟରେ ଅଯୋଧ୍ୟାରେ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମର ବିତର୍କ କାର୍ଯ୍ୟକ୍ରମ ଉପରେ ମଧ କଟକଣା ଲାଗୁ ହୋଇଛି। ଅଯୋଧ୍ୟା ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଅନୁଜ କୁମାର ଝା ଅକ୍ଟୋବର ୩୧ରେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସିଆର୍‌ପିସିର ଧାରା ୧୪୪ର ଅଂଶବିଶେଷ ଭାବେ ଏହା ଡିସେମ୍ବର ୨୮ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହାର ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇପିସିର ଧାରା ୧୮୮ ଅନୁଯାୟୀ ମାମଲା ରୁଜୁ ହେବ। ବିଶିଷ୍ଟ ବ୍ୟକ୍ତି, ଦେବଦେବୀଙ୍କ ସମ୍ପର୍କରେ ସୋସିଆଲ ମିଡିଆରେ କୌଣସି ପ୍ରକାର ଅପମାନଜନକ ମନ୍ତବ୍ୟକୁ ବରଦାସ୍ତ କରାଯିବନି ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ଛଟ୍‌ପୂଜାଠାରୁ ଆରମ୍ଭ କରି କାର୍ତ୍ତିକ ପୂର୍ଣ୍ଣିମା, ପଞ୍ଚକୋଶୀ ପରିକ୍ରମା, ଚୌଧୁରୀ ଚରଣ ସିଂଙ୍କ ଜନ୍ମବାର୍ଷିକୀ, ଗୁରୁ ନାନକ ଜୟନ୍ତୀ, ଗୁରୁ ତେଜ୍‌ବାହାଦୁର ଶହୀଦ ଦିବସ, ଇଦ୍-ଉଲ୍-ମିଲାଦ ଏବଂ ଖ୍ରୀଷ୍ଟମାସ ପାଳନ ବେଳେ ମଧ ଏହି କଟକଣା ଜାରି ରହିବ। ଏହି ସମୟରେ ସାଧାରଣ ଉତ୍ସବ, ଶୋଭାଯାତ୍ରା, ର୍‍ୟାଲି, ରାମ ଜନ୍ମଭୂମି ଉପରେ ୱାଲ ପେଣ୍ଟିଂ ଆଦିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଲାଇସେନ୍ସ ପାଇଥିଲେ ମଧ ଜିଲା ପ୍ରଶାସନର ବିନା ଅନୁମତିରେ କେହି ପାଖରେ ଅସ୍ତ୍ର ରଖିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ସେହିପରି ପାଖରେ ଏସିଡ୍ କିମ୍ବା କୌଣସି ବିସ୍ଫୋରକ ସାମଗ୍ରୀ ରଖିବା ଉପରେ ମଧ କଟକଣା ଜାରି ହୋଇଛି। କେହି ସାଙ୍ଗରେ ଢେଲା, ଭଙ୍ଗା ଗ୍ଲାସ୍ କିମ୍ବା ଖାଲି ବୋତଲ ନେଇପାରିବେ ନାହିଁ।

ଅଯୋଧ୍ୟା ରାୟ ପ୍ରକାଶ ପାଇବା ପୂର୍ବରୁ ଆଲିଗଡ଼ ମୁସ୍‌ଲିମ ବିଶ୍ୱବିଦ୍ୟାଳୟ (ଏଏମ୍‌ୟୁ) କୁଳପତି ତାରିକ୍ ମନ୍‌ସୁର୍ ଏହାର ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀଙ୍କ ସମେତ ସମାଜର ସବୁ ବର୍ଗର ଲୋକଙ୍କୁ ଦେଶର ଶାନ୍ତିପୂର୍ଣ୍ଣ ବାତାବରଣକୁ କ୍ଷୁର୍ଣ୍ଣ କଲାଭଳି କୌଣସି ମନ୍ତବ୍ୟ ନ ଦେବା କିମ୍ବା କାର୍ଯ୍ୟରେ ସାମିଲ ନ ହେବା ପାଇଁ ଅନୁରୋଧ କରିଛନ୍ତି। ସୋସିଆଲ ମିଡିଆରେ ଭୁଲ୍ ଖବର ଛାଡ଼ି ଗୁଜବ ସୃଷ୍ଟି ନ କରିବାକୁ ଏଏମ୍‌ୟୁ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ବସ୍ କର୍ମଚାରୀଙ୍କୁ ଆକ୍ରମଣ, ୨ ଅଟକ

**ଭଞ୍ଜନଗର,୪ା୧୧(ଡି.ଏନ.ଏ):** ଭଞ୍ଜନଗର ବସ୍‌ଷ୍ଟାଣ୍ଡରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟାକଳାପ ବଢ଼ୁଛି। କେତେବେଳେ ଘରୋଇ ବସ୍ ଆଗପଛ ଯିବାକୁ ନେଇ କର୍ମଚାରୀ- କର୍ମଚାରୀ ମଧ୍ୟରେ ବିବାଦ ହେଉଛି ତ ଆଉ କେତେବେଳେ ବସ୍‌ରୁ ଅତ୍ୟଧିକ ଚାନ୍ଦା ଆଦାୟକୁ ନେଇ ମାଲିକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଗୁରୁବାର ଗାଲେରିରୁ ଏକ ବସ ଭଞ୍ଜନଗର ଆସୁଥିଲା। ବସ୍‌ଷ୍ଟାଣ୍ଡକୁ ବସ ଆସିବା ପରେ ସେଠାରେ ରହୁଥିବା କେତେଜଣ ଯୁବକ ହେଲ୍‌ପରଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ହେଲପର ଥାନାରେ ରବିବାର ଅଭିଯୋଗ କରିଥିଲେ । ପୋଲିସ ସୋମବାର ଆକ୍ରମଣ କରିଥିବା ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି । ଅନ୍ୟପକ୍ଷରେ ଏହି ବିବାଦ ଆଗାମୀ ଦିନରେ ବଢ଼ିବା ସମ୍ଭାବନା ରହିଛି। ତେଣୁ ପୋଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ ହୋଇପଡିଛି।

### ମା ବାଳକୁମାରୀ ଚାରିଟେବୁଲ୍ ଟ୍ରଷ୍ଟର ରକ୍ତଦାନ ଶିବିର

**ଚିକିଟି,୪ା୧୧(ଡି.ଏନ.ଏ.):** ଚିକିଟି ବ୍ଲକ ବାହିନିପତି ଗ୍ରାମସ୍ଥିତ ଓମଶ୍ରୀଗୁରୁ ଆବାସିକ ଆଦିବାସୀ ଉଚ୍ଚବିଦ୍ୟାଳୟ ଧାନଘର ପରିସରରେ ମା’ ବାଳକୁମାରୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରବିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଚିକିଟି ବିଧାୟିକା ଉଷାଦେବୀଙ୍କ ପୁତ୍ର ତଥା ଯୁବନେତା ଶ୍ରୀରୂପ ଦେଓ ଉଦ୍‌ଘାଟନ କରିଥିଲେ। ୧୧ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏଥିରେ ବ୍ରହ୍ମପୁର ରେଡ୍‌କ୍ରସର ଡ.ରଶ୍ମିତା ପାଣିଗ୍ରାହୀ, ପ୍ରଦୀପ କୁମାର ସୁବୁଦ୍ଧି, ଚନ୍ଦ୍ରଶେଖର ଗୌଡ, ବ୍ଲକ୍ ଅଧକ୍ଷା ଏମ୍ ପଦ୍ମା, ପୂର୍ବତନ ଅଧକ୍ଷ ଏମ୍ ନାଗରାଜ୍, ବ୍ଲକ୍ ବିଜେଡି ସଭାପତି ହାରମ୍ଭ ରେଡ୍ଡୀ, ପିତାତଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ଏ ରାଙ୍ଗାରାଓ, ଜିଲା ପରିଷଦ ସଭ୍ୟ ଏ ଗୁନାମା ପ୍ରମୁଖ ଯୋଗଦେଇଥିଲେ।

## ୪ ବର୍ଷ ହେଲା ରାସ୍ତା କାମ ସରୁନି

# ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ଫୁଲବାଣୀ ଅଫିସ, ୪ା୧୧**



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ ।

କୋଟଗଡ ବ୍ଲକ ଅନ୍ତର୍ଗତ ଧରାକୋଟ ପଞ୍ଚାୟତ ଧରାକୋଟଠାରୁ ରିଣ୍ଡାବାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ୪ ବର୍ଷ ହେଲା ସରୁନାହିଁ । ଠିକାଦାର ଜଣକ କାମ ବନ୍ଦ କରି ଦେଇଥିବାରୁ କାମରେ ଅଗ୍ରଗତି ହେଉନି। ଫଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ରାସ୍ତା କାମ ତୁରନ୍ତ ଶେଷ କରାଯାଉ ବୋଲି ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଧରାକୋଟଠାରୁ ପଣ୍ଡାରିପିଛକ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଗ୍ରାମ ନିର୍ମାଣ ବିଭାଜନ(ଆର୍‌ଡି)ର ରାସ୍ତା ୧୨ କି.ମି. ଅଟେ । ଏହି ରାସ୍ତା ଧରାକୋଟ ପଞ୍ଚାୟତ ଅନ୍ତର୍ଗତ ୧୮ଟି ଗ୍ରାମର ଲାଇଫ ଲାଇନ ଅଟେ । ହଜାର ହଜାର ଲୋକେ ଦୈନିକ ଏହି ରାସ୍ତାରେ ଯାତାୟତ କରନ୍ତି। ରାସ୍ତାର ମଧ୍ୟଭାଗ ରିଣ୍ଡାବାଲିଠାରୁ ଧରାକୋଟ ଗ୍ରାମ ପର୍ଯ୍ୟନ୍ତ ୫ କି.ମି. ରାସ୍ତା କାମ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ପ୍ରାୟ ୪ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ଠିକାଦାର ଜଣକ ପ୍ରଥମ ବର୍ଷ କିଛି ସ୍ଥାନରେ ଅଳ୍ପ ମୋରମ ଆଉ କିଛି ସ୍ଥାନରେ ରଙ୍ଗ ମାଟି ପକାଇ କାର୍ଯ୍ୟ ବନ୍ଦ କରିଦେଇଥିଲେ । ହେଲେ ଆଉ କାମ ହେଉନାହିଁ । ବର୍ଷା ହେଲେ ଲୋକେ ଯାତାୟତ କରି ପାରୁନାହାନ୍ତି। ରାସ୍ତା ଉଭୟ ପଟୁ ଧୋଇଯାଇ ଅଣ ଓସାରିଆ ହୋଇଗଲାଣି । କେତେକ ସ୍ଥାନରେ ରାସ୍ତା ମଝିରେ ବଡ ଗର୍ତ୍ତ ସୃଷ୍ଟି ହୋଇଛି । ଏହି ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କରାଯିବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଉନାହିଁ । ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଞ୍ଚାୟତସ୍ତରୀୟ ବୈଠକ ହୋଇଛି। ଏଥିରେ ସବୁ ବର୍ଗର ଲୋକେ ସାମିଲ ହୋଇଥିଲେ। ଆସନ୍ତା ୨୫ ତାରିଖ ସୁଦ୍ଧା ରାସ୍ତା କାର୍ଯ୍ୟ ଆରମ୍ଭ କରା ନ ଗଲେ ପଞ୍ଚାୟତର ଆବାଳ ବୃଦ୍ଧବନୀତା ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ପୁଇଗୁଡ଼ା ପ୍ରାଥମିକ ବିଦ୍ୟାଳୟ

# ୫ ଶ୍ରେଣୀକୁ ଜଣେ ଶିକ୍ଷକ

**ଦାରିଙ୍ଗବାଡ଼ି,୪ା୧୧(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ପୁଇଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଏକ ପ୍ରକାର ଠପ୍ ହୋଇଯାଇଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ସୋମବାର ପୂର୍ବାହ୍ନରେ ସେ ବିଦ୍ୟାଳୟକୁ ଆସି କୌଣସି କାର୍ଯ୍ୟରେ ଅନ୍ୟତ୍ର ପଳାଇଥିଲେ। ତେଣୁ ବର୍ତ୍ତମାନ ଚାଲିଥିବା ପିଲାଙ୍କ ଷାଣ୍ମାସିକ ପରୀକ୍ଷା ଏବଂ ପାଠପଢ଼ାରେ ବାଧା ସୃଷ୍ଟି ହୋଇଛି । ପିଲାମାନେ ବିଦ୍ୟାଳୟରେ ନ ବସି ଏଣେତେଣେ ବୁଲୁଥିବା ଦେଖାଯାଇଥିଲା। ଛାତ୍ରୀଛାତ୍ର କହିଥିଲେ ଯେ, ଶିକ୍ଷକ ସେମାନଙ୍କ ପାଇଁ ପୋଷାକ ଆଣିବାକୁ ଯାଇଛନ୍ତି। ବିଦ୍ୟାଳୟ ରୋଷେୟା ସେମାନଙ୍କୁ ମଧ୍ୟାହ୍ନଭୋଜନ ଦେଇଥିବା କହିଥିଲେ। ଅନ୍ୟପକ୍ଷରେ ପାଠପଢ଼ା ହେଉ ନ ଥିବାରୁ ଅଧିକାଂଶ ପିଲା ବିଦ୍ୟାଳୟ ଯାଉନାହାନ୍ତି ବୋଲି ଗ୍ରାମର ପ୍ରଦୀପ ପାଇକ, ଖଗେଶ୍ୱର ପାଇକ ଏବଂ ନରେନ୍ଦ୍ର ବେହେରା କହିଛନ୍ତି। ବିଦ୍ୟାଳୟର ମୁଖ୍ୟ ଫାଟକ, ପାଚେରି, ଖେଳପଡ଼ିଆ ଆଦି ନ ଥିବା ଗ୍ରାମବାସୀ କହିଛନ୍ତି। ସେହିପରି ମହାଗୁଡ଼ା ବିଦ୍ୟାଳୟରେ ୫ ଶିକ୍ଷୟିତ୍ରୀଶିକ୍ଷକ ଥାଇ ମଧ ମୁଖ୍ୟ ଫାଟକ ବାହାରେ ଛାତ୍ରୀଛାତ୍ର ବୁଲୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଦାରିଙ୍ଗବାଡ଼ି ବିଇଓ ବ୍ରହ୍ମାନନ୍ଦ ରାଉତ କହିଛନ୍ତି, ପୁଇଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିକଟରେ ଅବସର ନେଇଛନ୍ତି। କେଉଁ କାରଣରୁ ଶିକ୍ଷକ ଜଣକ ଅନୁପସ୍ଥିତ ଥିଲେ, ତାହାର ତଦନ୍ତ କରି ପଦକ୍ଷେପ ନିଆଯିବ। ମହାଗୁଡ଼ା ବିଦ୍ୟାଳୟରେ ଛାତ୍ରୀଛାତ୍ର ମୁଖ୍ୟ ଫାଟକ ବାହାରେ ବୁଲିବା ଘଟଣାର ମଧ୍ୟ ତଦନ୍ତ କରିବେ ବୋଲି ବିଇଓ କହିଛନ୍ତି।

**ସାଇନପଡ଼ା ସମିତିସଭ୍ୟ ଉପନିର୍ବାଚନ**

## ବଳରାମ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**କ.ନୂଆଗାଁ, ୪ା୧୧(ଡି.ଏନ.ଏ.)**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସାଇନପଡ଼ା ସମିତି ସଭ୍ୟ ଭାବେ ବିଜେଡି ସମର୍ଥିତ ପ୍ରାର୍ଥୀ ବଳରାମ ମଲିକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତର ସମିତିସଭ୍ୟ ଚକ୍ରମଣି କହଁର ଗତ ସାଧାରଣ ନିର୍ବାଚନରେ ବିଧାୟକ ନିର୍ବାଚିତ ହେବାରୁ ପୂର୍ବ ପଦବୀରୁ ଇସ୍ତଫା ଦେଇଥିଲେ। ସମିତିସଭ୍ୟ ପଦବୀ ଖାଲି ପଡ଼ିବାରୁ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ବଳରାମ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ସୋମବାର ନିର୍ବାଚନ ଅଧିକାରୀ ତଥା ବିଡିଓ ମନୋଜ କୁମାର ତ୍ରିପାଠୀ ଉକ୍ତ ନାମାଙ୍କନପତ୍ର ଯାଞ୍ଚକରି ବଳରାମ ମଲିକ ନିର୍ଦ୍ୱନ୍ଦ୍ୱରେ ସମିତିସଭ୍ୟ ନିର୍ବାଚିତ ହୋଇଥିବା ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ବିଧାୟକ ଚକ୍ରମଣି କହଁର, ଜିଲା ସମ୍ପାଦକ କୃଷ୍ଣମୋହନ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ବ୍ଲକ ସଭାପତି ବାସୁଦେବ ପଣ୍ଡା, ସାଇନପଡ଼ା ସରପଞ୍ଚ କୁମୁଦ ଚନ୍ଦ୍ର ମଲିକ ପ୍ରମୁଖଙ୍କୁ ବଳରାମ କୃତଜ୍ଞତା ଜଣାଇଛନ୍ତି।

## ଜନଜାତି କ୍ରୀଡ଼ା ପ୍ରତିଯୋଗିତା

**ରାଇକିଆ,୪ା୧୧(ଡ଼ି.ଏନ.ଏ)**

ରାଇକିଆ ମାଳାଞ୍ଚଳ ଛାତ୍ରାବାସଠାରେ ରବିବାର ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ଜିଲାସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରଷ୍ଟ୍ରୀୟ ସତ୍ୟଂ ସେବକ ସଂଘର ଜିଲା କାର୍ଯ୍ୟନିର୍ବାହୀ ଅରବିନ୍ଦ ପକରଧାନ, ଏବଂ ରାଇକିଆ ଏଚପି ଗ୍ୟାସ ବିତରକ ଏଜେନ୍ସିର ମୁଖ୍ୟ ରାଜେନ୍ଦ୍ର ପାଳ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଏଥିରେ କବାଡ଼ି, ଧନୁତୀର ଆଦି କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । ଏହି ଅବସରରେ ଭ୍ରଷ୍ଟାଚାର ଦୂରୀକରଣ ନେଇ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ବନବାସୀ କଲ୍ୟାଣ ଆଶ୍ରମର ଉତ୍କଳ ପ୍ରାନ୍ତ ଉପସଭାପତି ପବିତ୍ର କହଁର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବାବୁଲା ପଟ୍ଟନାୟକ, ସତ୍ୟବାନ କହଁର, ଗଙ୍ଗାଧର ପ୍ରଧାନ, ବୃନ୍ଦାବନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅତିଥି ସ୍ୱାଗତ ପାଇଁ ଛାତ୍ରୀଛାତ୍ରଙ୍କୁ ଖରାରେ ଠିଆ କରାଇବା ଘଟଣା

# ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

**ଦାରିଙ୍ଗବାଡ଼ି,୪ା୧୧(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆ କୋଠା ଉଦ୍‌ଘାଟନୀକୁ ଆସିବାକୁ ଥିବା ଅତିଥିଙ୍କୁ ସ୍ୱାଗତ ପାଇଁ ଛାତ୍ରୀଛାତ୍ରଙ୍କୁ ଖରାରେ ଠିଆ କରାଯାଇଥିବା ଘଟଣା ସମ୍ପର୍କରେ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି । କନ୍ଧମାଳ ସୁରକ୍ଷା ଅଭିଯାନର ଆବାହକ ପ୍ରତାପ କୁମାର ପ୍ରଧାନ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ଗତ ଅକ୍ଟୋବର ୧୮ ତାରିଖରେ ଅତିଥି ସ୍ୱାଗତ ନିମନ୍ତେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଦାରିଙ୍ଗବାଡ଼ି ବିଇଓ ଏବଂ ପ୍ରଧାନଶିକ୍ଷକ ଘଣ୍ଟା ଘଣ୍ଟା ଧରି ବିଦ୍ୟାଳୟଠାରୁ ପ୍ରାୟ ୧୦୦ ମିଟର ଦୂର ୫୯ନଂ ଜାତୀୟ ରାଜପଥ କଡ଼ରେ ଠିଆ କରାଇଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହୋଇଛି। ତେଣୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଧାନ ନିବେଦନ କରିଛନ୍ତି। ସେହିପରି ଉକ୍ତ ଅଞ୍ଚଳରେ ଏବେ ଏକକ ଷାଣ୍ମାସିକ ପରୀକ୍ଷା ଚାଲିଥିବା ବେଳେ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ପହଞ୍ଚାଇବାରେ ଶିକ୍ଷା ବିଭାଗ ଠିକ ପଦକ୍ଷେପ ନେଇନାହିଁ। ଏ ସମ୍ପର୍କରେ ମଧ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିବା କନ୍ଧମାଳ ସୁରକ୍ଷା ଅଭିଯାନ ଆବାହକ କହିଛନ୍ତି। ଏହାର ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରାଯାଇଛି।

## ପୁଣି ବାଘ ଆତଙ୍କ, ଲାଗିବ ଟ୍ରାପ କ୍ୟାମେରା

**ଭଞ୍ଜନଗର/ଜଗନ୍ନାଥପ୍ରାଦ,୪ା୧୧(ଡି.ଏନ.ଏ)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ରେଞ୍ଜ ଅଞ୍ଚଳରେ ପୁଣିବାଘ ଆତଙ୍କ ଦେଖାଦେଇଛି। ତେନ୍ତୁଳିଆ ଗ୍ରାମ ନିକଟସ୍ଥ ଲଣ୍ଡେଇହିଲ୍‌କୁ ବିଭିନ୍ନ ସମୟରେ ଚରିବାକୁ ଯାଉଥିବା ଛେଳିଙ୍କ ମଧ୍ୟରୁ କେତୋଟି ଉଭାନ ହୋଇଯାଇଥିଲେ। ସୋମବାର ୨ଟି ଛେଳି କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଗତ ମାସରେ ନିକଟସ୍ଥ ଗୁଣ୍ଡିରିବାଡ଼ି ଜଙ୍ଗଲରେ ଏକ ବାଘୁଣୀ ପାଦଚିହ୍ନ ଠାବ କରାଯାଇଥିଲା। ତେଣୁ ଛେଳିଙ୍କୁ ସେହି ବାଘୁଣୀ ଆକ୍ରମଣ କରିଥାଇପାରେ ବୋଲି ଲୋକେ ସନ୍ଦେହ କରୁଛନ୍ତି। ଏହି ଘଟଣା ପରେ ଅଞ୍ଚଳବାସୀ ଆତଙ୍କିତ ହେଉଥିବାରୁ ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ମଙ୍ଗଳବାର ଟ୍ରାପ୍ କ୍ୟାମେରା ଲଗାଇବା ପାଇଁ ଯୋଜନା କରାଯାଇଛି । ଏ ନେଇ ଜଗନ୍ନାଥପ୍ରସାଦ ରେଞ୍ଜର ଉମାକାନ୍ତ ଦାସ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ବର୍ତ୍ତମାନ ଘଟଣାସ୍ଥଳରୁ ଯାହା ସୂଚନା ମିଳୁଛି ତାହା ବାଘ ଆକ୍ରମଣ ହୋଇ ନ ପାରେ । ତଥାପି ଟ୍ରାପ୍ କ୍ୟାମେରା ଲଗାଯିବ। ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଏଥିସହ ଜଙ୍ଗଲକୁ ଛେଳି ନ ଛାଡ଼ିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି।

## ବିଦେଶୀ ମଦ ଦୋକାନ ବନ୍ଦ ଦାବି

**ଫୁଲବାଣୀ ଅଫିସ, ୪ା୧୧**

ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତ ବୈରୀକୁମ୍ପାଠାରେ ଖୋଲିଥିବା ଏକ ସରକାରୀ ବିଦେଶୀ ମଦ ଦୋକାନକୁ ବିରୋଧ କରାଯାଉଛି । ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବିକରି ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ସୋମବାର ଏ ନେଇ ଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ଭଲରେ ଖାଇବାକୁ ପାଉ ନାହାନ୍ତି। ଏଭଳି ସ୍ଥିତିରେ କେଳାପଡା ଓ ଭୃଙ୍ଗିଯୋଡି ପଞ୍ଚାୟତ ମଧ ଭାଗରେ ଏକ ବିଦେଶୀ ମଦ ଦୋକାନ ଖୋଲାଯାଇଛି । ରାସ୍ତା ପାର୍ଶ୍ୱରେ ଥିବା ଏହି ଦୋକାନ ପାଖରେ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ତ୍ରିନାଥ ମନ୍ଦିର ରହିଛି। ଉକ୍ତ ରାସ୍ତା ଦେଇ ମହିଳା, ଛାତ୍ରୀଛାତ୍ର ଯାତାୟାତ କରୁଥିବା ବେଳେ ଦୋକାନ ପାଖରେ ମଦ୍ୟପମାନେ ଆଡ୍ଡା ଜମାଇ କମେଣ୍ଟ କରୁଛନ୍ତି। ତେଣୁ ଉକ୍ତ ମଦ ଦୋକାନକୁ ତୁରନ୍ତ ବନ୍ଦ କରିବାକୁ ବ୍ଲକ କୁଇ ସମାଜ ସେବା ସମିତି ଏବଂ ସାଧାରଣ ଲୋକଙ୍କ ପକ୍ଷରୁ ଦାବି କରାଯାଇଛି।

## ବିଦ୍ୟାଳୟସ୍ତରୀୟ ଦୌଡକୁଦ, କ୍ରିକେଟ୍ ପ୍ରତିଯୋଗିତା

**ଛତ୍ରପୁର,୪ା୧୧(ଡି.ଏନ.ଏ):** ଗଞ୍ଜାମ ଜିଲା ବିଦ୍ୟାଳୟସ୍ତରୀୟ ଦୌଡକୁଦ ଓ କ୍ରିକେଟ୍ ପ୍ରତିଯୋଗିତା ସୋମବାର ଛତ୍ରପୁର ଅନ୍‌ସ୍ଲୋ ହାଇସ୍କୁଲ ଖେଳପଡିଆରେ ଉଦ୍‌ଘାଟିତ ହୋଇଯାଇଛି । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ଦତ୍ତାତ୍ରୟ ଭାଉସାହେବ, ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ଛତ୍ରପୁର ଆଥଲେଟ୍ ଆସୋସିଏଶନ ସଭାପତି ପ୍ରଫୁଲ୍ଲ ପଟ୍ଟନାୟକ ମଞ୍ଚାସୀନ ଥିଲେ। ବିଭିନ୍ନ ଦୌଡକୁଦ ଓ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ପ୍ରଥମ ହୋଇଥିବା କୃତୀମାନେ ବାଲେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହେବେ ।


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LIMITED**

(A Government of Odisha Undertaking)

O/o the Dy. General Manager (Elect.) E&MR Division, Bhubaneswar

e-mail: emrt.div.bbs@optcl.co.in **CIN: U40102OR2004SGC007553**

Lifeline of Odisha

**OPEN TENDER CALL NOTICE NO. 01/2019-20**

Sealed tenders are invited from experienced bidders for the job of **"HIRING OF DIESEL RUN COMMERCIAL REGISTERED LIGHT VEHICLES 07 SEATED AC BOLERO OR ITS EQUIVALENT FOR E & MR DIVISION, BHUBANESWAR FOR ONE YEAR". Cost of Tender Paper:** Rs.2,000/- + GST @ 12% = Rs.2,240/-, **EMD:** @ 1% on the quoted value for 01 (one) year. **Sale of Tender Documents:** From Dt. 07.11.2019 to Dt. 16.11.2019 (during office hours). **Last Date of Submission of Tender:** Dt.16.11.2019 (up to 05:00PM). **Date of Opening of Tender:** Dt.19.11.2019 (at 12:30 PM).

For details, please visit our website **www.optcl.co.in.**

**Corrigendum, if any, will be published in the website only.**

Sd/-

**Dy. General Manager (Elect.)**

Please connect us: optcl.odisha optcl_odisha energyodisha



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LIMITED**

(A Government of Odisha Undertaking)

OPTCL Lifeline of Odisha

**EHT (O&M) DIVISION, JAYANAGAR-764005 CIN: U40102OR2004SGC007553**

**NOTICE INVITING TENDER**

Sealed Tenders are invited by the undersigned from registered contractors having valid License, I.T PAN No and GST Registration Certificate for **Tender Call No: 13** Construction of Different sizes of Slabs and water supply system to S/Y of grid S/S, Umerkote and Different R/M Works of Grid S/S, Podagada under EHT (O&M) Division, Jayanagar **Tender Call No: 14** Fixing of citizen information boards at different locations of 132KV TL S/S S/D Jeypore. **Cost of Tender Papers** are of Rs.672.00 (non-refundable) in shape of **Cash & EMD** @1% of quoted amount in the shape of DD for Tender Call No 13 and 14. Sale of Tender Documents from Dt.04.11.2019 to upto 12:00 Noon of Dt.13.11.2019. **Last Date of Submission of Tender** on or before Dt.13.11.2019 upto 04:00PM. **Tenders Will Be Opened** on Dt.13.11.2019 at 04:30 PM.

**Corrigendum if any will be published in the website only.**

Sd/-

**DGM (Ele.)**

Please connect us: optcl.odisha optcl_odisha energyodisha



**GOVERNMENT OF ODISHA**

**DEPARTMENT OF TOURISM**

**No. 9628 / TSM, Bhubaneswar, Dt.04.11.2019**

**TCT-RC-MISC-16-2019**

**TRAINING PROGRAMME FOR TOUR GUIDES**

**(SPONSORED BY: DEPARTMENT OF TOURISM, GOVT. OF ODISHA)**

No.R-14 :- Indian Institute of Tourism & Travel Management, Bhubaneswar (IITTM) invites application for the free Training Programme for Tour Guides Odisha. The training programme will be commenced tentatively from 1st week of December 2019.

| Course Name | Duration | Eligibility |
|---|---|---|
| Training programme for Tour Guides | 3-months | ▶ +3 Pass in any Discipline<br>▶ Inhabitants of Odisha |

**How to Apply :**

Candidates shall download application form by visiting the institution's website **www. iittmb.in**. You may also collect the application forms from the Institute reception counter during office hour (09.30 AM to 05.30 PM).

The filled application forms along with required documents (photo copy) will be submitted to The Nodal Officer, IITTM, Dumuduma, Bhubaneswar - 751019 on or before 15th November, 2019 upto 5.30 PM.

For details you may visit to IITTM website: **www. iittmb.in.**

For any queries please contact - Shri Sidharth Sankar Nanda **(Call - 9438622056).**

**37001/11/0024/1920**

**Sd./-**

**Additional Secretary to Govt.**


## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**ସଂଖ୍ୟା RDM-LAC-DKNL-0002-2016 37531 /R&DM, ତା. 09.11.2017**

**No.II-62:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୭ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ଢେଙ୍କାନାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- **ନୟାନୀଳକଣ୍ଠପୁର,** ଥାନା-ଭୁବନ, ତହସିଲ-ଭୁବନ, ଜିଲ୍ଲା-ଢେଙ୍କାନାଳରେ ନିମ୍ନସୂଚିତ ‘କ’ ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ରେଙ୍ଗାଳି ବାମ ପାର୍ଶ୍ୱ କେନାଲ ଅନ୍ତର୍ଗତ ବଲିପଶି ଡିଷ୍ଟ୍ରିବ୍ୟୁଟାରୀ ଓ ବେଣ୍ଟଶାଳିଆ ସବମାଇନର କେନାଲ ନିର୍ମାଣ ନିମନ୍ତେ **୮.୩୩ ଏକର** ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି-ସଂଖ୍ୟା-୬୦୩୬ ତା. ୨୨।୦୨।୨୦୧୬ ରିଖରେ ପ୍ରକାଶିତହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ନୟାନୀଳକଣ୍ଠପୁର,** ଥାନା-ଭୁବନ, ତହସିଲ-ଭୁବନ, ଜିଲ୍ଲା- ଢେଙ୍କାନାଳରେ କୌଣସି ପରିବାର ବିସ୍ଥାପିତ ହେଉ ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଢେଙ୍କାନାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନିକ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ www.dhenkanal.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପଇଁ ଅପଲୋଡ୍ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଢେଙ୍କାନାଳ** **ତହସିଲ: ଭୁବନ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନୟାନୀଳକଣ୍ଠପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୯.୬୦ ଏକର | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**

**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ଢେଙ୍କାନାଳ** **ତହସିଲ: ଭୁବନ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:- ୨୮।୧୧।୨୦୧୬

**ରାଜ୍ୟପାଳଙ୍କ ଆଦେଶକ୍ରମେ**

**ସ୍ୱା./- ଯୁଗ୍ମ ଶାସନ ସଚିବ**

**LAND SCHEDULE**

**Village- Naya Nilakanthapur, P.S- Bhuban No. 107, Tahasil- Bhuban, Dist- Dhenkanal, L.A. Case No.- 35/2015**

| କ୍ରମିକ ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ | ପ୍ରତ୍ୟାହାର ରକବା | ମନ୍ତବ୍ୟ |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | 1 | 659 | 0.30 | 0.22 | ଅନାମ ଚରଣ ସାହୁ, ପି: ପଠାଣି | | |
| 2 | 1 | 660 | 0.22 | 0.12 | ଅନାମ ଚରଣ ସାହୁ: ପି: ପଠାଣି | | |
| 3 | 11 | 713 | 0.58 | 0.15 | ଗୁଣ୍ଡିଚା ପାତ୍ର, ପି: ଜଗା | | |
| 4 | 19 | 331 | 0.05 | 0.03 | ଦୟାନିଧି ସାହୁ, ପି: ଫକିର | | |
| 5 | 21 | 667 | 0.18 | 0.18 | ଧରଣୀଧର ରାଉତ ଓଗେର | | |
| 6 | 25 | 591 | 2.70 | 1.12 | ନାଥ ଓଝା ଓଗେର | | |
| 7 | 25 | 592 | 0.14 | 0.10 | ନାଥ ଓଝା ଓଗେର | | |
| 8 | 25 | 599 | 0.21 | 0.12 | ନାଥ ଓଝା ଓଗେର | | |
| 9 | 25 | 604 | 0.10 | 0.10 | ନାଥ ଓଝା ଓଗେର | | |
| 10 | 25 | 605 | 0.24 | 0.04 | ନାଥ ଓଝା ଓଗେର | | |
| 11 | 25 | 606 | 0.25 | 0.01 | ନାଥ ଓଝା ଓଗେର | | |
| 12 | 29 | 319 | 0.32 | 0.13 | ବା । ସାହୁ, ପି: ଅର୍ଜୁନ | | |
| 13 | 29 | 320 | 0.20 | 0.05 | ବା । ସାହୁ, ପି: ଅର୍ଜୁନ | | |
| 14 | 29 | 324 | 0.92 | 0.50 | ବା । ସାହୁ, ପି: ଅର୍ଜୁନ | | |
| 15 | 31 | 327 | 0.14 | 0.02 | ବିଦ୍ୟାଧର ସାହୁ, ପି: ପାଣ୍ଡୁ | | |
| 16 | 35 | 641 | 0.04 | 0.04 | ମୁକୁନ୍ଦ ବେହେରା ଓଗେର | | |
| 17 | 35 | 645 | 0.14 | 0.04 | ମୁକୁନ୍ଦ ବେହେରା ଓଗେର | | |
| 18 | 39 | 702 | 0.06 | 0.02 | ମାୟାଧର ପାତ୍ର ଓଗେର | | |
| 19 | 39 | 704 | 0.36 | 0.20 | ମାୟାଧର ପାତ୍ର ଓଗେର | | |
| 20 | 40 | 674 | 0.18 | 0.09 | ମୃଷା ବେହେରା ଓଗେର | | |
| 21 | 43 | 631 | 0.11 | 0.02 | ଲକ୍ଷ୍ମଣ ସାହୁ, ପି: କୁସୁନ | | |
| 22 | 43 | 632 | 0.15 | 0.09 | ଲକ୍ଷ୍ମଣ ସାହୁ, ପି: କୁସୁନ | | |
| 23 | 43 | 633 | 0.43 | 0.26 | ଲକ୍ଷ୍ମଣ ସାହୁ, ପି: କୁସୁନ | | |
| 24 | 43 | 634 | 0.51 | 0.60 | ଲକ୍ଷ୍ମଣ ସାହୁ, ପି: କୁସୁନ | | |
| 25 | 44 | 564 | 0.72 | 0.02 | ସତ୍ୟବାଦୀ ପ୍ରଧାନ, ପି: ମହନ୍ତ | | |
| 26 | 45 | 562 | 0.15 | 0.03 | ସନାତନ ପ୍ରଧାନ, ପି: ମହନ୍ତ | | |
| 27 | 45 | 563 | 0.08 | 0.07 | ସନାତନ ପ୍ରଧାନ, ପି: ମହନ୍ତ | | |
| 28 | 45 | 565 | 0.07 | 0.23 | ସନାତନ ପ୍ରଧାନ, ପି: ମହନ୍ତ | | |
| 29 | 45 | 566 | 0.71 | 0.10 | ସନାତନ ପ୍ରଧାନ, ପି: ମହନ୍ତ | | |
| 30 | 46 | 635 | 0.16 | 0.10 | ନରୋ ମ ବେହେରା, ଓଗେର | | |
| 31 | 46 | 636 | 0.04 | 0.04 | ନରୋ ମ ବେହେରା, ଓଗେର | | |
| 32 | 46 | 699 | 0.91 | 0.04 | ନରୋ ମ ବେହେରା, ଓଗେର | | |
| 33 | 46 | 700 | 0.17 | 0.09 | ନରୋ ମ ବେହେରା, ଓଗେର | | |
| 34 | 46 | 701 | 0.06 | 0.06 | ନରୋ ମ ବେହେରା, ଓଗେର | | |
| 35 | 47 | 607 | 0.21 | 0.05 | ସୀତା ଦେବ ଓଗେର | | |
| 36 | 48 | 553 | 0.20 | 0.01 | ହାଡ଼ିବନ୍ଧୁ ସାହୁ ଓଗେର | | |
| 37 | 48 | 561 | 0.13 | 0.13 | ହାଡ଼ିବନ୍ଧୁ ସାହୁ ଓଗେର | | |
| 38 | 48/4 | 672 | 0.24 | 0.15 | ଅନନ୍ତ ବେହେରା, ପି: ବନ | | |
| 39 | 48/4 | 673 | 0.16 | 0.12 | ଅନନ୍ତ ବେହେରା, ପି: ବନ | | |
| 40 | 48/18 | 325 | 0.21 | 0.21 | ଶ୍ରୀଧର ସାହୁ, ପି: ଦୈତାରୀ | | |
| 41 | 48/18 | 332 | 0.12 | 0.06 | ଶ୍ରୀଧର ସାହୁ, ପି: ଦୈତାରୀ | | |
| 42 | 48/20 | 661 | 0.13 | 0.07 | ଜଗବନ୍ଧୁ ବେହେରା ଓଗେର | | |
| 43 | 48/20 | 665 | 0.29 | 0.21 | ଜଗବନ୍ଧୁ ବେହେରା ଓଗେର | | |
| 44 | 48/37 | 666 | 0.10 | 0.07 | ଜଗବନ୍ଧୁ ବେହେରା ଓଗେର | | |
| 45 | 48/63 | 629 | 0.14 | 0.10 | ଉପେନ୍ଦ୍ର ସାମଲ ଓଗେର | | |
| 46 | 48/81 | 625 | 0.31 | 0.16 | ଧ୍ରୁବଚରଣ ସ୍ୱାଇଁ ଓଗେର | | |
| 47 | 48/81 | 628 | 0.28 | 0.20 | ଧ୍ରୁବଚରଣ ସ୍ୱାଇଁ ଓଗେର | | |
| 48 | 48/87 | 637 | 0.15 | 0.08 | ପଙ୍କଜ କୁମାର ରାଉତ, ପି: ବ୍ରଜବନ୍ଧୁ | | |
| 49 | 48/87 | 638 | 0.15 | 0.10 | ପଙ୍କଜ କୁମାର ରାଉତ, ପି: ବ୍ରଜବନ୍ଧୁ | | |
| 50 | 48/87 | 640 | 0.05 | 0.05 | ପଙ୍କଜ କୁମାର ରାଉତ, ପି: ବ୍ରଜବନ୍ଧୁ | | |
| 51 | 48/87 | 642 | 0.04 | 0.04 | ପଙ୍କଜ କୁମାର ରାଉତ, ପି: ବ୍ରଜବନ୍ଧୁ | | |
| 52 | 48/87 | 643 | 0.08 | 0.08 | ପଙ୍କଜ କୁମାର ରାଉତ, ପି: ବ୍ରଜବନ୍ଧୁ | | |
| 53 | 48/87 | 644 | 0.08 | 0.08 | ପଙ୍କଜ କୁମାର ରାଉତ, ପି: ବ୍ରଜବନ୍ଧୁ | | |
| 54 | 48/87 | 639 | 0.06 | 0.06 | ପଙ୍କଜ କୁମାର ରାଉତ, ପି: ବ୍ରଜବନ୍ଧୁ | | |
| 55 | 52 | 720/ 763 | 0.50 | 0.12 | ରକ୍ଷିତ | | ବସ୍ତିଯୋଗ୍ୟ ସଂରକ୍ଷିତ |
| 56 | 52 | 498/ 761 | 1.90 | 1.15 | ରକ୍ଷିତ | | ସ୍କୁଲ ଖେଳପଡ଼ିଆ |
| 57 | 31 | 327 | 0.14 | 0.12 | ବିଦ୍ୟାଧର ସାହୁ, ପି: ପାଣ୍ଡୁ | | ବସ୍ତିଯୋଗ୍ୟ ସଂରକ୍ଷିତ ଜମିର ବଦଳି |
| 58 | 4 | 569 | 0.32 | 0.32 | କମଳ ଲୋଚନ ପଧାନ, ପି: ପଠାଣି | | ସ୍କୁଲ ଖେଳପଡ଼ିଆ ଜମିର ବଦଳି |
| 59 | 45 | 566 | 0.71 | 0.48 | ସନାତନ ପଧାନ, ପି: ମହନ୍ତ | | ସ୍କୁଲ ଖେଳପଡ଼ିଆ ଜମିର ବଦଳି |
| 60 | 45 | 567 | 0.16 | 0.16 | ସନାତନ ପଧାନ, ପି: ମହନ୍ତ | | ସ୍କୁଲ ଖେଳପଡ଼ିଆ ଜମିର ବଦଳି |
| 61 | 45 | 570 | 0.53 | 0.19 | ସନାତନ ପଧାନ, ପି: ମହନ୍ତ | | ସ୍କୁଲ ଖେଳପଡ଼ିଆ ଜମିର ବଦଳି |
| | | | **Total** | **9.60** | | | |

Total plots of the village-61 (Sixty-one), Area to be acquired- **Ac.9.60**

**24001/14/0262/1920**

# ଶୀତରେ ବି ଲାଗିବେ ସୁନ୍ଦର



ଶୀତରେ ତ୍ୱଚା ଏବଂ କେଶ ରୁକ୍ଷ ହୋଇଯାଏ। ହେଲେ ଏଥିପାଇଁ ବ୍ୟସ୍ତ ନ ହୋଇ କେତୋଟି ଘରୋଇ ଉପାୟ ଆପଣେଇଲେ ତ୍ୱଚା ଓ କେଶ ସୁନ୍ଦର ତଥା ଆକର୍ଷଣୀୟ ଲାଗିବ। ଜାଣିରଖନ୍ତୁ ସେ ସମ୍ପର୍କରେ...

❖ ଧୀରେ ଧୀରେ ଶୀତ ବଢ଼ିଲେ ଓଠ ଶୁଖିବା କିମ୍ବା କଳା ପଡିବା ସମସ୍ୟା ବଢିଯାଏ। କେବଳ ଭେସ୍‌ଲିନ୍ କିମ୍ବା ଲିପ୍‌ବାମ୍ ନ ଲଗାଇ ଲହୁଣୀ କିମ୍ବା କ୍ଷୀରରେ ସାମାନ୍ୟ କେଶର ମିଶାଇ ଓଠରେ ଘଷନ୍ତୁ ଦେଖିବେ ଓଠ ନରମ, ଚିକ୍କଣ ଏବଂ ଲାଲ୍ ରହିବ।

❖ ଏଦିନେ ସାବୁନ୍ ଅଧିକ ଡ୍ରାଏ କରିଦିଏ।। ତେଣୁ ଏହାକୁ ଯଥା ସମ୍ଭବ କମ୍ ବ୍ୟବହାର କରନ୍ତୁ। ଏଦିନେ ଲେମ୍ବୁ ରସ, ଅଳ୍ପ ହଳଦୀ ଓ ମହୁ ମିଶାଇ ମୁହଁରେ ଲଗାନ୍ତୁ ତ୍ୱଚା କୋମଳ ଏବଂ ଚିକ୍କଣ ଲାଗିବ।

❖ ଦହିରେ ଅଳ୍ପ ମସୁର ଡାଲି ମିଶାଇ ରାତିସାରା ଛାଡିଦିଅନ୍ତୁ। ସକାଳେ ଏହାକୁ ବାଟି ଅଧ ଚାମଚ ହଳଦୀଗୁଣ୍ଡ, ଲହୁଣି କିମ୍ବା ଘିଅ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ପ୍ରତିଦିନ ଲଗାଇବା ଦ୍ୱାରା ତ୍ୱଚା ଚିକ୍କଣ ଏବଂ ସୁନ୍ଦର ରହିବ।

❖ କମଳା ଚୋପାକୁ ଶୁଖାଇ ପାଉଡର ପ୍ରସ୍ତୁତ କରନ୍ତୁ। ଏଥିରେ ଅଳ୍ପ ନଡିଆ ତେଲ ଏବଂ କିଛି ବୁନ୍ଦା ଗୋଲାପ ଜଳ ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାଇବା ଦ୍ୱାରା ତ୍ୱଚା କୋମଳ ଓ ସୁନ୍ଦର ଲାଗିବ।

❖ ଏଦିନେ ଥଣ୍ଡା ପବନ ବାଜି କେଶ ଡ୍ରାଏ ହୋଇ ଝଡ଼ିବା ସମସ୍ୟା ଉପୁଜେ। ଯାହାକୁ ଦୂର କରିବା ଲାଗି ପ୍ରତିଦିନ ନଡିଆ ତେଲ ମାଲିସ କରିବା ସବୁଠୁ ବେଷ୍ଟ ଉପାୟ।

❖ ସେହିପରି ରୁପି ଏଦିନେ ଏକ ବଡ଼ ସମସ୍ୟା, ଯାହାକୁ ଦୂର କରିବା ଲାଗି କଦଳୀ ପେଷ୍ଟକୁ ପ୍ୟାକ୍ ଭାବେ ବ୍ୟବହାର କରନ୍ତୁ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ବି୬, ଏ, ସି, ଇ ସହିତ ଜିଙ୍କ, ପୋଟାସିଅମ୍ ଏବଂ ଆଇରନ୍ ଭଳି ମିନେରାଲ୍ସ ସହିତ ଆମିନୋଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ରହିଛି, ଯାହାକି ମୁଣ୍ଡରେ ରୁପି ହେବାକୁ ଦିଏନାହିଁ। ବୁଟ ପେଷ୍ଟରେ ଭିଟାମିନ ବି୬ ଏବଂ ଜିଙ୍କ୍ ରହିଥିବାରୁ ରୁପି ଦୂର କରିବାର ଖୁବ୍ କାମରେ ଆସେ।




# ଦୂରାନ୍ତୁ ଝାଳ ଗନ୍ଧ...

ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ, ବିଭିନ୍ନ କାର୍ଯ୍ୟର ଚାପ ଏବଂ ଅବିରତ ପରିଶ୍ରମ ଯୋଗୁ ଅଧିକାଂଶ ମହିଳାଙ୍କଠାରେ ଝାଳ ବୋହିବା ଏକ ସାଧାରଣ କଥା। ହେଲେ କେବେ କେବେ ଏହା ଗନ୍ଧ ହୋଇଥାଏ, ଯାହାକି ପରବର୍ତ୍ତି ସମୟରେ ବିଭିନ୍ନ ଇନ୍‌ଫେକ୍ସନର କାରଣ ପାଲଟିଥାଏ। ଯଦି ଆପଣ ବି ଏଭଳି ସମସ୍ୟା ଭୋଗୁଛନ୍ତି ତେବେ ଏହାକୁ ଦୂର କରିବା ଲାଗି ଜାଣନ୍ତୁ ରଖନ୍ତୁ କିଛି ଘରୋଇ ଉପାୟ...



– ପ୍ରଥମ କଥା ହେଉଛି ଝାଳ ଦେହରେ ଅଧିକ ସମୟ ରହିଗଲେ କିମ୍ବା ସୁଖି ନ ପାରିଲେ ସେଥିରେ ଜୀବାଣୁ ସୃଷ୍ଟି ହୋଇଯାଆନ୍ତି, ଯାହାକି ଗନ୍ଧ ହେବାର ମୁଖ୍ୟ କାରଣ। ତେଣୁ ସବୁବେଳେ ସିନ୍ଥେଟିକ୍ ପରିବର୍ତ୍ତେ କଟନ ବସ୍ତ୍ର ପିନ୍ଧନ୍ତୁ। ଏହା ଝାଳକୁ ଶୋଷିନିଏ ଫଳରେ ଦେହରେ ଝାଳ ଲାଗି କୁଣ୍ଡେଇ ହେବା ସମସ୍ୟା ହୋଇନ ଥାଏ।

– ପ୍ରତିଦିନ ଗାଧାନ୍ତୁ। ଯଦି ଝାଳ ଅଧିକ ଗନ୍ଧଯୁକ୍ତ ହେଉଥାଏ ତେବେ ଗାଧେଇବା ଲାଗି ଆଣ୍ଟିବ୍ୟାକ୍ଟେରିଆଲ ସାବୁନ ବ୍ୟବହାର କରନ୍ତୁ।

– ଅଧିକ ଝାଳ ବୋହୁଥିବା ସ୍ଥାନରେ ଏକ କଟନରେ ଆପୁଲ୍ ସାଇଡର୍ ଭିନେଗାର ନେଇ ଲଗାନ୍ତୁ। ଏଥିରେ ଥିବା ଆଣ୍ଟିମାଇକ୍ରୋବାୟାଲ୍ ଏବଂ ଏସିଡିଟି ଗୁଣ ବ୍ୟାକ୍ଟେରିଆ ହେବାକୁ ଦେଇ ନ ଥାଏ। ଯାହାଦ୍ୱାରା ଝାଳଗନ୍ଧ ହୋଇ ନ ଥାଏ।

– ଗାଧେଇବା ପାଣିରେ କିଛି ବୁନ୍ଦା ଗୋଲପ ଜଳ ମିଶାନ୍ତୁ। ନଚେତ୍ ଆପଣ ଚାହିଁଲେ କିଛି ସୁଗନ୍ଧଯୁକ୍ତ ତେଲ ବି ପାଣିରେ ମିଶାଇ ଗାଧେଇ ପାରିବେ। ଏପରି କରିବା ଦ୍ୱାରା ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ସୁଗନ୍ଧ ଦେହରେ ରହିଥାଏ ଏବଂ ଝାଳ ଗନ୍ଧ ହେବାକୁ ଦିଏନାହିଁ।

– ମୁଣ୍ଡ ଓ କେଶରୁ ଝାଳ ବାହାରି ଗନ୍ଧ ହେଉଥିଲେ ପାଣିରେ ଅଳ୍ପ ଲେମ୍ବୁରସ ଏବଂ ଗୋଲାପ ଜଳ ମିଶାଇ କେଶ ଧୋଇଦିଅନ୍ତୁ। ଏହା ଝାଳ ଗନ୍ଧ ଦୂର କରିବାରେ ସାହାଯ୍ୟ କରିବ।

– ଝାଳ ହେଉଥିବା ସ୍ଥାନରେ କଞ୍ଚା ଆଳୁ ଖଣ୍ଡ ଘଷିଲେ ବି ଝାଳ ଗନ୍ଧ ଦୂର ହୋଇଥାଏ।



# ଗୃହିଣୀମାନଙ୍କର ସ୍ୱାସ୍ଥ୍ୟ







ଗୃହିଣୀଟିର ଅକ୍ଳାନ୍ତ ପରିଶ୍ରମ, ଅବର୍ଣ୍ଣନୀୟ ଦୂରଦର୍ଶିତା, ଅକଳ୍ପନୀୟ ସ୍ୱାର୍ଥ ତ୍ୟାଗ ତଥା ଅତୁଳନୀୟ ପାରଦର୍ଶିତା ହିଁ ଗୋଟିଏ ପରିବାରକୁ ସରସ ସୁନ୍ଦର କରିତୋଳେ, ତେଣୁ ଗୃହିଣୀଟିକୁ ସମ୍ମାନ ଦେବା ସହ ତା'ର ସ୍ୱାସ୍ଥ୍ୟର ଯତ୍ନ ନେବା ସାରା ପରିବାରର କର୍ତ୍ତବ୍ୟ...

**ଡା. ସରୋଜିନୀ ଷଡ଼ଙ୍ଗୀ**

ଗୃହିଣୀ ଅର୍ଥ ହେଉଛି ଗୃହର କର୍ତ୍ତୀ ବା ଯିଏ ଗୃହକୁ ଚଳାଇଥାଏ। ସେ ସମଗ୍ର ପରିବାର ପାଇଁ ନିଃସ୍ୱାର୍ଥପର ଭାବରେ ସେବା କରିଥାଏ ଏବଂ ତା'ର ଜୀବନ ସମସ୍ତଙ୍କର ସୁଖ ପାଇଁ ଉତ୍ସର୍ଗୀକୃତ କରିଦେଇଥାଏ। ତା'ର ସ୍ନେହ ଓ ମମତାରେ ସେ ସାରା ପରିବାରକୁ ସଂପର୍କର ଏକ ରେଶମୀ ସୂତାରେ ବାନ୍ଧି ଦେଇଥାଏ। ତେବେ ଘରର ଯାବତୀୟ କାମ ଭିତରେ ସେମାନେ ନିଜର ଦେହ କଥା ଭୁଲିଯାଆନ୍ତି। ସମସ୍ତଙ୍କର ସ୍ୱାସ୍ଥ୍ୟ କଥା ବୁଝୁବୁଝୁ ନିଜ ସ୍ୱାସ୍ଥ୍ୟକୁ ଅବହେଳା କରିବସନ୍ତି ବା କୌଣସି ରୋଗର ଲକ୍ଷଣ ଦେଖାଦେଲେ କାହାକୁ କହି ନ ଥାନ୍ତି, ଫଳରେ ଠିକ୍ ସମୟରେ ଚିକିତ୍ସା ଅଭାବରୁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି।

**ଗୃହିଣୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା :**

– ପ୍ରଥମେ ଖାଦ୍ୟ ଓ ନ୍ୟୁଟ୍ରିଶନ୍ ବିଷୟ ବିଚାରକୁ ନେଲେ ଆମେ ଜାଣିପାରିବା ଯେ, ଗୃହିଣୀଟିଏ ପରିବାରର ସମସ୍ତଙ୍କୁ ଖାଇବାକୁ ଦେବାପରେ ସବାଶେଷରେ ଖାଏ ଓ ସବୁଠାରୁ କମ୍ ଖାଏ। ତେଣୁ ସେ ରକ୍ତହୀନତା ଓ ପୁଷ୍ଟିହୀନତା ଭଳି ଜଟିଳତା ଭୋଗିଥାଏ ଏବଂ ଏଥିପାଇଁ ଦୁର୍ବଳ ଲାଗିବା, ଧଇଁସଇଁ ହୋଇଯିବା ସହ ବେଳେ ବେଳେ ହାର୍ଟ ଫେଲ୍ୟୁୟର ମଧ୍ୟ ହୋଇଥାଏ।

– ଏବେବି ଅନେକ ଗୃହିଣୀ ଅଳ୍ପ ବୟସରେ ବିବାହ କରୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରୁ ଅନେକେ ଅଳ୍ପବୟସରେ ଗର୍ଭଧାରଣ କରୁଛନ୍ତି। ହେଲେ ଏହାଦ୍ୱାରା ସେମାନେ ଅନେକ ଗୁଡ଼ିଏ ଜଟିଳତାର ଶିକାର ହୋଇଥାନ୍ତି। ଯଥା: ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ, ବାରମ୍ବାର ଗର୍ଭନଷ୍ଟ, ଅପରିଣତ ପ୍ରସବ, ପ୍ରସବ ସମୟରେ ଅସୁବିଧା, ସିଜରିଆନ ସେକସନ୍, ପ୍ରସବ ପରେ ଜଟିଳତା ଆଦି। ତେଣୁ ଏ କ୍ଷେତ୍ରରେ ଗୃହିଣୀଙ୍କୁ ନିଜେ ସଚେତନ ହେବା ସହ ଅବହେଳା ନ କରି ଠିକ୍ ସମୟରେ ଡାକ୍ତରଙ୍କଠାରୁ ପରାମର୍ଶ ଗ୍ରହଣ କଲେ ବିଭିନ୍ନ ଜଟିଳତାରୁ ରକ୍ଷା ମିଳିଥାଏ।

– ଆହୁରି କେତେକ ଗୃହିଣୀ ଅଛନ୍ତି, ଯେଉଁମାନେ ସାରା ପରିବାରର କାମ କରିବା ସହ ଭାରି ଜିନିଷ ଉଠାଇଥାନ୍ତି ଓ ବିଶେଷ ପରିଶ୍ରମ କରିଥାନ୍ତି, ଫଳରେ ଜରାୟୁ ତଳକୁ ଖସିଆସେ (ପ୍ରୋଲାପ୍‌ସ ଅଫ୍ ୟୁଟେରସ୍)। ଏଥିରେ ବାରମ୍ବାର ସଂକ୍ରମଣ ହୋଇ ଧଳା ସ୍ରାବ ହୁଏ। ନିଜର ଯତ୍ନ ନ ନେଇପାରି ଗୃହିଣୀଟିଏ ରୁଗ୍ଣ ହୋଇଥାଏ। ଅନ୍ୟର ସ୍ୱାସ୍ଥ୍ୟ କଥା ବୁଝୁବୁଝୁ ନିଜେ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଯାଏ, ଯେପରିକି ସାଦାସ୍ରାବ, ଦୁର୍ଗନ୍ଧଯୁକ୍ତ ସ୍ରାବ ଏବଂ ରକ୍ତ ମିଶା ସ୍ରାବକୁ ଅଣଦେଖା କରି ଜରାୟୁ ମୁଖ କର୍କଟ ରୋଗ ଓ ଜରାୟୁ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ।

– କେବଳ ଏତିକି ନୁହେଁ ଅନେକ ଗୃହିଣୀଙ୍କଠାରେ ଅଜ୍ଞତା ଓ ସଚେତନତାର ଅଭାବ ଯୋଗୁ ସ୍ତନକର୍କଟ ରୋଗ ବି ଦେଖାଯାଏ। ନିଜର ଅବହେଳା ଯୋଗୁ ଅନେକ ଗୃହିଣୀ ନିଜର ସ୍ତନ ପରୀକ୍ଷା ନିଜେ କରିପାରନ୍ତି ନାହିଁ, ଫଳରେ ରୋଗ ଶେଷ ପର୍ଯ୍ୟାୟରେ ପହଞ୍ଚିଥାଏ। ଏପରି ନ ହେବା ଲାଗି ପ୍ରତିମାସରେ ଗୃହିଣୀଟିଏ ନିଜ ହାତରେ ନିଜ ସ୍ତନ ପରୀକ୍ଷା କରି ଅର୍ବୁଦ ଥିଲେ ଡାକ୍ତରଙ୍କର ପରାମର୍ଶ କରିବା ସହ ପ୍ରାଥମିକ ଅବସ୍ଥାରୁ ରୋଗ ଚିହ୍ନଟ ଓ ଚିକିତ୍ସା କରାଇବା ଜରୁରୀ।

– ବେଳେ ବେଳେ ଗୃହିଣୀମାନେ ମାନସିକ ଅବସନ୍ନତାର ଶିକାର ହୁଅନ୍ତି। ନିଜେ ଉପାର୍ଜନକ୍ଷମ ହୋଇପାରି ନ ଥିବାରୁ ବା କର୍ମଜୀବୀ ମହିଳା କେବଳ 'ମିଅର ହାଉସ୍ ୱାଇଫ' କହିବା ବେଳେ ସେମାନେ ବିଷାଦଗ୍ରସ୍ତ ହୋଇଯାଆନ୍ତି। ସେମାନେ ହୀନମନ୍ୟତା ଭୋଗନ୍ତି ଏବଂ ସେମାନେ ଭାବନ୍ତି ଯେ, ଘରେ ସମସ୍ତେ ତାଙ୍କୁ ଅବହେଳା କରୁଛନ୍ତି। ବିଶେଷ ଭାବରେ ସେମାନେ ମାନସିକ ବିଷର୍ଣ୍ଣତା ବା ଅବସାଦର ଶିକାର ହୋଇଥାନ୍ତି।

– ଆଉ ଗୋଟିଏ ଦିଗକୁ ବିଚାରକୁ ନେଲେ ଆମେ ଜାଣିପାରିବା ଯେ, ଅନେକ ଗୃହିଣୀ ଅଛନ୍ତି ଯେଉଁମାନେ କୌଣସି ଖାଦ୍ୟ ନଷ୍ଟ କରିବାକୁ ଚାହାନ୍ତି ନାହିଁ, ତେଣୁ ଘରର ଯେ କୌଣସି ସଦସ୍ୟ ଖାଇବାପରେ କିଛି ଖାଦ୍ୟ ବଳିଗଲେ ବା' ଛାଡ଼ିଦେଲେ ସେମାନେ ନଷ୍ଟ ନ କରି ଖାଇ ଦିଅନ୍ତି, ଫଳରେ କ୍ୟାଲୋରୀ ଇନ୍‌ଟେକ୍ ବହୁତ ବଢ଼ିଯାଏ। ଘରକାମ କରୁ କରୁ ଜଣଜଣଙ୍କର ଅନବରତ ପାଟି ଚାଲିଥାଏ, ତେଣୁ ଫାଷ୍ଟଫୁଡ, ଚେନାଚୁର୍ ଆଦି ଖାଇ ସେମାନେ ଅତ୍ୟଧିକ ମୋଟା ହୋଇଯାନ୍ତି। ସେମାନଙ୍କୁ ମେଦହ୍ରାସ କରିବା ଲାଗି କିଛି ବ୍ୟାୟାମ୍ ଯଥା: ଚାଲିବା, ସାଇକେଲ ଚଳାଇବା, ସ୍କିପିଂ ବା ଦଉଡ଼ି ଡ଼ିଆଁ, ଜଗିଙ୍ଗ ବା ଟ୍ରେଡ୍ ମିଲ୍‌ରେ ଚାଲିବା ଆଦି କରିବା ଆବଶ୍ୟକ।

ନିଜର ସବୁଠାରୁ ମୂଲ୍ୟବାନ ସମୟକୁ ଜଳାଞ୍ଜଳି ଦେବାଠୁ ଭଲିଆ ଆଉ କିଛି ସ୍ୱାର୍ଥ ତ୍ୟାଗ ଏ ଦୁନିଆରେ ନାହିଁ, ଯାହା ଗୃହିଣୀ ଟିଏ ତା'ର ପରିବାରକୁ ଦାନ ସୂତ୍ରରେ ଦେଇଥାଏ। ତେଣୁ ଗୃହିଣୀଙ୍କୁ କେବେ ହେୟ ମନେ ନ କରି ତା'ର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ଯତ୍ନ ନେବା ଆବଶ୍ୟକ। ଗୋଟିଏ ଗୃହକର୍ତ୍ତାଙ୍କ ସଫଳ କର୍ମମୟ ଜୀବନ ପଛରେ ଗୋଟିଏ ଗୃହିଣୀର ଦାୟିତ୍ୱଶୀଳତା ଥାଏ। ଗୃହିଣୀଟିର ଅକ୍ଳାନ୍ତ ପରିଶ୍ରମ, ଅବର୍ଣ୍ଣନୀୟ ଦୂରଦର୍ଶିତା, ଅକଳ୍ପନୀୟ ସ୍ୱାର୍ଥ ତ୍ୟାଗ ତଥା ଅତୁଳନୀୟ ପାରଦର୍ଶିତା ହିଁ ଗୋଟିଏ ପରିବାରକୁ ସରସ ସୁନ୍ଦର କରିତୋଳେ। ତେଣୁ ଗୃହିଣୀଟିକୁ ସମ୍ମାନ ଦେବା ସହ ତା'ର ସ୍ୱାସ୍ଥ୍ୟର ଯତ୍ନ ନେବା ସାରା ପରିବାରର କର୍ତ୍ତବ୍ୟ।

–ଲିଙ୍କରୋଡ୍, କଟକ
୯୪୩୭୦୫୫୦୦୭

# ପିଲାଙ୍କୁ କରନ୍ତୁ ବୁଦ୍ଧିଆ

ସବୁ ଅଭିଭାବକ ନିଜ ପିଲାଙ୍କୁ ବୁଦ୍ଧିମାନ କରିବାକୁ ଚାହାନ୍ତି। ହେଲେ ଏଥିପାଇଁ କେତୋଟି କଥା ପ୍ରତି ବିଶେଷ ଧ୍ୟାନ ଦେବାକୁ ହୋଇଥାଏ। ଜାଣି ରଖନ୍ତୁ ସେ ସମ୍ପର୍କରେ...



■ ପ୍ରଥମ କଥା ହେଲା ଘରେ ପିଲା ପାଇଁ ଏକ କମ୍ଫର୍ଟେବଲ୍ ଏବଂ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି କରନ୍ତୁ। ଝଗଡା, ବଡପାଟିରେ ଗପିବା, ଅଧିକ ଶବ୍ଦ କରିବା ଆଦିଠୁ ଦୂରେଇ ରୁହନ୍ତୁ। ସବୁବେଳେ ପିଲା ପ୍ରତି ଧ୍ୟାନ ରଖନ୍ତୁ ଏକା ଛାଡନ୍ତୁ ନାହିଁ। ପିଲା କାନ୍ଦିବା ମାତ୍ରେ ସଙ୍ଗେ ସଙ୍ଗେ ତା' ପାଖକୁ ଯାଆନ୍ତୁ। କୌଣସି କ୍ଷେତ୍ରରେ ସେ ଯେପରି ନ ଡରେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। କାରଣ ଏସବୁର ନକରାତ୍ମକ ପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଏ ସମୟରେ ପିଲାକୁ ନ ଡରିବା ଲାଗି ବୁଝାନ୍ତୁ ସେ ମାନସିକ ସ୍ତରରେ ସୁଦୃଢ ହେବ। ତା'ଛଡା ଅଭିଭାବକ ପିଲା ପାଖରେ ରହିବା ଦ୍ୱାରା ସେ ସର୍ବଦା ନିଜକୁ ସୁରକ୍ଷିତ ମନେ କରୁଥିବାରୁ ମସ୍ତିଷ୍କ ସ୍ଥିର ରହି ଅଧିକ ବିକାଶ ହେବାରେ ସାହାଯ୍ୟ କରେ।

■ ସେ ଟିକେ ଜାଣିବା ତଥା ବୁଝିବା ସ୍ତରକୁ ଆସିଲେ ଛୋଟ ଛୋଟ ଶୀକ୍ଷଣୀୟ ଗପ ଶୁଣାନ୍ତୁ। ବଡ ବଡ ରଙ୍ଗୀନ ଚିତ୍ର ଥିବା ବହି ଦେଖାନ୍ତୁ। ପଶୁ ପକ୍ଷୀଙ୍କ ଚିତ୍ର ଦେଖାଇ ସେମାନେ କିପରି ବୋବାନ୍ତି ମଧ୍ୟ କୁହନ୍ତି। ସବୁର ସ୍ପେଲିଂ ମଧ୍ୟ କୁହନ୍ତୁ। ଏହାଦ୍ୱାର ପିଲାର ଆଗ୍ରହ ବଢିବ ଏବଂ ସେ ଅଧିକରୁ ଅଧିକ ମନେ ରଖିପାରିବ।

■ ପିଲାକୁ ଖେଳିବା ଆରମ୍ଭ କରିବା ପରେ କେବଳ ସଫଟଏଜ୍ କିମ୍ବା ଗାଡି ଆଦି ନ ଦେଇ ପଜଲ୍, ଲେଟର ଜଏଣ୍ଟ ଭଳି ଖେଳନା ଦିଅନ୍ତୁ ଯାହାଦ୍ୱାରା ସେ ଖେଳର ଆନନ୍ଦ ନେବା ସହ ବୁଦ୍ଧି ଖଟାଇବା ଦ୍ୱାରା ମାନସିକ ସ୍ତରରେ ବିକାଶ ହୋଇପାରିବ।

– ପିଲାଙ୍କର ଦିନକୁ ୩ ଥର ବଡି ମସାଜ୍ କରନ୍ତୁ। ଏହାଦ୍ୱାରା ଶୀରରର ବୃଦ୍ଧି ସହ ଆରାମ ଲାଗିଥାଏ। ଯାହାକି ପିଲାର ମସ୍ତିଷ୍କ ପାଇଁ ମଧ୍ୟ ଲାଭ ଦାୟକ। ବିଶେଷ କରି ସମୟପୂର୍ବରୁ ଜନ୍ମ ହୋଇଥିବା ବା ପ୍ରିମ୍ୟାଚର୍ ପିଲାଙ୍କ ବୌଦ୍ଧିକ ବିକାଶ ଲାଗି ଏହା ବେଶ୍ ଉପାଦେୟ।

■ ଖାଇବା ବେଳେ ଶିଶୁ କାନ୍ଦିଲେ ରାଗିଯାଇ ଜବରଦସ୍ତ ଖୁଆଇବା କିମ୍ବା ମାରିବା ଭଳି କାର୍ଯ୍ୟ ଆଦୌ କରନ୍ତୁ ନାହିଁ। ନଚେତ୍ ଏହାର ନକରାତ୍ମକ ପ୍ରଭାବ ପିଲାର ମାନସିକ ସ୍ତରରେ ପଡିଥାଏ। ତେଣୁ ପିଲାକୁ ଖୁଆଇବା ବେଳେ ଏକ ହସି ଖେଳି ଖୁଆନ୍ତୁ। ଖାଦ୍ୟଗୁଡିକର ନାଁ ବଡ ପାଟିରେ କୁହନ୍ତୁ ଏବଂ ଏପରି ମଜାରେ ମଜାରେ ଖୁଆନ୍ତି ଯେମିତି ସେ ନିଜେ ଖୁସିରେ ଖାଉଥିବା ଅନୁଭବ କରିବ। ଏହାଦ୍ୱାରା ପିଲା ଖାଦ୍ୟର ନାଁ ମନେ ରଖିବା ସହ ମସ୍ତିଷ୍କ ସକ୍ରୀୟ ରହିବ।



| Dollar | Sensex | Nifty | Gold | Silver |
|---|---|---|---|---|
| 70.77 (4) | 136.93 40,301.96 | 50.70 11,941.30 | ₹78 39,263.00 | ₹245 47,735.00 |

## ସଂକ୍ଷେପରେ

### ଘର ବିକ୍ରି ୯% କମିଲା

**ନୂଆଦିଲ୍ଲୀ,୪-୧୧:** ଚଳିତ ଆର୍ଥିକ ବର୍ଷ ଜୁଲାଇ-ସେପ୍ଟେମ୍ବର ସମୟରେ ଦେଶ ମଧ୍ୟରେ ବାସଗୃହ ବିକ୍ରି ୯.୫% ହ୍ରାସ ଘଟିଛି। ଏହି ସମୟରେ ଦେଶର ୯ ପ୍ରମୁଖ ସହରରେ ୫୨,୮୫୫ ୟୁନିଟ ଘର ବିକ୍ରି ହୋଇଛି। ବଜାରରେ ଆର୍ଥିକ ମାନ୍ଦାବସ୍ଥା ଏବଂ ନଗଦ ଅଭାବ ଯୋଗୁ ଗ୍ରାହକଙ୍କ ମନୋଭାବ ପ୍ରଭାବିତ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ପ୍ରପ୍‌ଇକ୍ୱିଟି ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ ରହିଛି। ୨୦୧୯ କ୍ୟାଲେଣ୍ଡର ବର୍ଷରେ ଘର ବିକ୍ରି ହ୍ରାସର ଏହା ୪ର୍ଥ ରିପୋର୍ଟ ବୋଲି ଜଣାପଡିଛି। ଜୁଲାଇ-ସେପ୍ଟେମ୍ବରରେ ଦେଶ ମଧ୍ୟରେ ଘର ବିକ୍ରି ଯଥାକ୍ରମେ ୨୫% ଏବଂ ୧୮% ଖସିଥିବା ପ୍ରମୁଖ ବ୍ରୋକରେଜ ଫାର୍ମ ପ୍ରପ୍ ଟାଇଗର ଏବଂ ଆନାରକ ଭଳି କମ୍ପାନୀ ରିପୋର୍ଟ ଦେଇଥିଲେ। ଘର ବିକ୍ରି ହ୍ରାସ ନେଇ ରିୟଲ ଇଷ୍ଟେଟ କନ୍‌ସଲଟାଣ୍ଟ ଜେଏଲ୍ଏଲ୍ ସୂଚନା ଦେଇଥିଲା। ପ୍ରପ୍‌ଇକ୍ୱିଟି ସୂଚନା ମୁତାବକ ୨୦୧୯ ଜୁଲାଇ-ସେପ୍ଟେମ୍ବରରେ ହାଉସିଂ ବିକ୍ରି ୫୨,୮୫୫ ୟୁନିଟ ରହିଛି ଯାହା ଗୋଟିଏ ବର୍ଷ ତଳେ ସମାନ ସମୟରେ ୫୮,୪୬୧ ୟୁନିଟ ରହିଥିଲା। ଗତ ତ୍ରୈମାସରେ ଚାହିଦା ଗଭୀର ଭାବେ ପ୍ରଭାବିତ ହୋଇଥିବା ପ୍ରପ୍‌ଇକ୍ୱିଟିର ପରିଚାଳନା ନିର୍ଦ୍ଦେଶକ ସମୀର ଜାସୁଜା କହିଛନ୍ତି।

### ହ୍ୱିସିଲବ୍ଲୋୟରଙ୍କ ଅଭିଯୋଗର ପ୍ରମାଣ ନାହିଁ: ଇନ୍‌ଫୋସିସ୍

**ମୁମ୍ବାଇ,୪-୧୧:** ଦେଶର ପ୍ରମୁଖ ଆଇଟି କମ୍ପାନୀରେ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ହୋଇଥିବା ନେଇ ହ୍ୱିସିଲବ୍ଲୋୟର ଅଭିଯୋଗ ଆଣିଥିଲେ। ଏହାକୁ ପ୍ରମାଣିତ କରିବା ଲାଗି କୌଣସି ଠୋସ୍ ପ୍ରମାଣ ପାଇ ନ ଥିବା ଇନ୍‌ଫୋସିସ୍ ପକ୍ଷରୁ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ସୋମବାର କୁହାଯାଇଛି। କମ୍ପାନୀର ଶୀର୍ଷ ପରିଚାଳନା କ୍ଷେତ୍ରରେ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଚାଲିଥିବା ଅଭିଯୋଗ ଆସିଥିଲା। ଏହି ପ୍ରସଙ୍ଗ ଉପରେ କମ୍ପାନୀ ଧ୍ୟାନ ରଖିଥିଲା। ଗତ ମାସ ୨୪ରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଏହି ପ୍ରସଙ୍ଗ ଉପରେ ଇନ୍‌ଫୋସିସ୍‌ର ସ୍ପଷ୍ଟୀକରଣ ଲୋଡିଥିଲା। ଏହି ପ୍ରସଙ୍ଗରେ କାହିଁକି ଇନ୍‌ଫୋସିସ୍ ଜଣାଇ ନାହିଁ ବୋଲି ଷ୍ଟକ୍ ଏକ୍ସଚେଞ୍ଜ ପକ୍ଷରୁ କମ୍ପାନୀକୁ ନିର୍ଦ୍ଦେଶ ରହିଥିଲା।



ଏଫ୍‌ଡିଆଇ ଆକୃଷ୍ଟ କରିବା ଲାଗି ଦେଶର ପ୍ରମୁଖ ବନ୍ଦରଗୁଡିକ ନିକଟରେ ୧୦ ସମନ୍ୱିତ ମେଗା ପାର୍କ ସ୍ଥାପନ ନେଇ ସରକାର ପ୍ରସ୍ତାବ ରଖିଛନ୍ତି।
**– ରବି କପୁର, କେନ୍ଦ୍ର ବୟନ ସଚିବ**



ଦେଶର ଅଟୋଶିଳ୍ପ ରିଟେଲ ଭଲ୍ୟୁମ ରିପୋର୍ଟ ବ୍ୟବସ୍ଥା ଲାଗୁ କରିବାର ଆବଶ୍ୟକତା ରହିଛି।
**– ଆନନ୍ଦ ମହିନ୍ଦ୍ରା, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପ ଅଧ୍ୟକ୍ଷ**

# ଟାଟା ଗ୍ରୁପ ଅଧୀନକୁ ଆସିପାରେ ଏୟାର ଇଣ୍ଡିଆ




- ଏୟାର ଇଣ୍ଡିଆ ବିଡିଂରେ ଭାଗନେବାକୁ ବିଚାର
- ବିମାନ କମ୍ପାନୀର ୧୦୦% ଅଂଶଧନ ବିକ୍ରି କରିବେ ସରକାର
- ୨ ଯୌଥ ଉଦ୍ୟୋଗ ସହ ବିମାନ ସେବା ଯୋଗାଉଛି ଟାଟା

**ନୂଆଦିଲ୍ଲୀ,୪-୧୧**

ଟାଟା ଗ୍ରୁପ ନିକଟକୁ ଏୟାର ଇଣ୍ଡିଆର ପରିଚାଳନା ଭାର ଫେରିପାରେ। ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆ ବର୍ତ୍ତମାନ କ୍ଷତିରେ ଚାଲିଥିବା ବେଳେ ଏହାର ୧୦୦% ଅଂଶଧନ ବିକ୍ରି ଲାଗି ସରକାର ଯୋଜନା ରଖିଛନ୍ତି। ଏହି ବିମାନ କମ୍ପାନୀକୁ କିଣିବା ନେଇ ଟାଟା ଗ୍ରୁପ ବିଚାର କରିପାରେ ବୋଲି ଟାଟା ସନ୍ସର ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେକରନ ସୋମବାର ଦେଇଥିବା ଏକ ସୂଚନାରୁ ଜଣାପଡିଛି। ଚନ୍ଦ୍ରଶେକରନଙ୍କ 'ବ୍ରିଜିଟାଲ ନେଶନ' ପୁସ୍ତକ ଉନ୍ମୋଚନ ଅବସରରେ ଏୟାର ଇଣ୍ଡିଆର ନିଲାମ ପ୍ରକ୍ରିୟାରେ ଟାଟା ଭାଗ ନେବା ପ୍ରସଙ୍ଗକୁ ସେ ଅଗ୍ରାହ୍ୟ କରି ନାହାନ୍ତି।

ସେ କହିଛନ୍ତି ଯେ, ଏହି ପ୍ରସଙ୍ଗରେ ବିଚାର କରିବା ଲାଗି ଟିମ୍‌କୁ କୁହାଯିବ। ବାସ୍ତବରେ ଏହି ନିଷ୍ପତ୍ତି ଟାଟା ସନ୍ସ ନୁହେଁ ଭିସ୍ତାରା ଦ୍ୱାରା ହେବ। ଭିସ୍ତାରା, ଏୟାର ଏସିଆ ବାଦ୍ କୌଣସି ତୃତୀୟ ବିମାନ କମ୍ପାନୀ ପରିଚାଳନା ସପକ୍ଷରେ ନ ଥିବା ସେ କହିଛନ୍ତି। ଏଗୁଡିକ ମିଶ୍ରଣ ନ ହେଲା ଯାଏ କିଛି ସମସ୍ୟା ରହିଛି। ଏହା ଉପରେ ସେ ହଁ କିମ୍ବା ନା କହି ନାହାନ୍ତି। ଅପରପକ୍ଷରେ କୌଣସି ସ୍ପଷ୍ଟ ସୂଚନା ମଧ୍ୟ ସେ ପ୍ରଦାନ କରିନାହାନ୍ତି।

ସୂଚନାଯୋଗ୍ୟ ଏୟାର ଇଣ୍ଡିଆର ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବିମାନ କମ୍ପାନୀର ୨୪% ଅଂଶଧନ ନିଜ ରଖିବା ନେଇ ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ସେହିଭଳି କମ୍ପାନୀର ୭୬% ଅଂଶଧନ ବିକ୍ରି ପ୍ରକ୍ରିୟା ବିଫଳ ହୋଇଛି। ଉକ୍ତ ସମୟରେ ରଖାଯାଇଥିବା ସର୍ତ୍ତରେ କିଛିଟା ସମସ୍ୟା ରହିଥିବାରୁ ଟାଟା ଏଥିଲାଗି ଆଗ୍ରହ ପ୍ରକାଶ କରି ନ ଥିଲା। ଅପରପକ୍ଷରେ ଜେଟ୍ ବିମାନ କମ୍ପାନୀ ଅଧିଗ୍ରହଣ ନେଇ ଟାଟା ବିଚାର କରୁଥିବାରୁ ଏୟାର ଇଣ୍ଡିଆ କଥା ଧ୍ୟାନକୁ ନେଇ ନ ଥିଲା।

### ନୂଆ ସମାଧାନ ଖୋଜୁଛି ଟାଟା

ଟାଟା ଏହାର ଏୟାରଲାଇନ ବାଣିଜ୍ୟ ଲାଗି ଏକ ସମାଧାନ ଖୋଜୁଛି। ଏହାକୁ ବଢାଇବା ଲାଗି କମ୍ପାନୀ ଯୋଜନା ରଖିଛି। ମାତ୍ର ୨୦୨୫ ପର୍ଯ୍ୟନ୍ତ ଏଥିରେ କ୍ଷତିର ଅଧିକ ସମ୍ଭାବନା ରହିଛି। ଏୟାର ଇଣ୍ଡିଆ ଅଧିଗ୍ରହଣ ଦ୍ୱାରା ବିମାନ ଚଳାଚଳ ବାଣିଜ୍ୟ କ୍ଷେତ୍ରରେ ଟାଟା ନିକଟରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଗ୍ରୁପ ନିକଟରେ ଦୁଇଟି ଯୌଥ ଉଦ୍ୟୋଗ ରହିଛି। ସିଙ୍ଗାପୁର ଏୟାରଲାଇନ ସହ ମିଳିତ ହୋଇ ଏହା ଭିସ୍ତାରା କମ୍ପାନୀ ଏବଂ ବଜେଟ ବିମାନ କମ୍ପାନୀ ଏୟାର ଏସିଆ ସହ ସହଭାଗିତାରେ ବିମାନ ସେବା ପ୍ରଦାନ କରୁଛି।

### ଜେଟ୍ ଡିଲ୍‌କୁ ଅଗ୍ରାହ୍ୟ କରିପାରେ

ଟାଟା ଗ୍ରୁପ ଜେଟ୍ ଏୟାରୱେଜ ଡିଲ ଲାଗି ଅଗ୍ରାହ୍ୟ କରିପାରେ। ଏକ୍ଷେତ୍ରରେ ଏୟାର ଇଣ୍ଡିଆ କ୍ରୟ ନେଇ ଟାଟା ଗ୍ରୁପ ଆଗ୍ରହ ଦେଖାଇପାରେ। ଏହି ବିମାନ କମ୍ପାନୀକୁ ଜେଆରଡି ଟାଟା ୧୯୩୨ରେ ସ୍ଥାପନ କରିଥିଲେ। ଯାହା ପରେ ରାଷ୍ଟ୍ରାୟତ୍ତ କମ୍ପାନୀ ଭାବେ ପରିଣତ ହୋଇଥିଲା। ଏୟାର ଇଣ୍ଡିଆ ସହ ଟାଟା ଗ୍ରୁପର ପୂର୍ବରୁ ସମ୍ପର୍କ ରହିଛି। ଟାଟାସନ୍ସର ସେବା ନିବୃତ୍ତ ଅଧ୍ୟକ୍ଷ ତଥା ଟାଟା ଟ୍ରଷ୍ଟର ବର୍ତ୍ତମାନର ମୁଖ୍ୟ ରତନ ଟାଟା ଏୟାର ଇଣ୍ଡିଆ କ୍ରୟ ନେଇ ଗୁରୁତ୍ୱ ଦେଇପାରନ୍ତି।

### ସ୍ଥିତି ଦୃଢ଼ ଲାଗି ଭିସ୍ତାରାକୁ ସୁବିଧା ହେବ

ଏୟାର ଇଣ୍ଡିଆ ଟାଟା ଗ୍ରୁପ ହାତକୁ ଗଲେ ଭିସ୍ତାରାକୁ ଅନ୍ତର୍ଜାତୀୟ ବଜାରରେ ଏହାର ସ୍ଥିତି ଦୃଢ କରିବା ଦିଗରେ ସହାୟକ ହେବ। ବର୍ତ୍ତମାନ ଭିସ୍ତାରା କେବଳ ୪ ଅନ୍ତର୍ଜାତୀୟ ଡେଷ୍ଟିନେଶନକୁ ଏହାର ସେବା ଯୋଗାଇଦେଉଛି। ଏହାବାଦ ଦେଶ ମଧ୍ୟରେ ବଜାର ଅଂଶକୁ ବଢାଇବା ଦିଗରେ ଭିସ୍ତରା ଏହି ଡିଲ୍‌ର ଲାଭ ନେଇ ପାରିବ। ଭିସ୍ତାରାର ବଜାର ଅଂଶ ଦେଶରେ ୬% ରହିଥିବା ବେଳେ ଏୟାର ଇଣ୍ଡିଆ ୧୨% ଅଂଶ ହାସଲ କରିଛି।

## କାନାରା ବ୍ୟାଙ୍କର ସତର୍କତା ସଚେତନତା



**ନୂଆଦିଲ୍ଲୀ,୪-୧୧**

କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ପୋଲିସ ପର୍ସନେଲ ମହାନୀରିକ୍ଷକ ଏସ୍.କେ. ପ୍ରୀୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ ଜାରି ରଖିବା ଲାଗି ପ୍ରୀୟଦର୍ଶୀ ଏହି ଅବସରରେ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ମଣ୍ଡଳ ମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର, ଉପମହାପ୍ରବନ୍ଧକ ଯୋଗୀନ୍ଦର ସିଂ ଘଙ୍ଗାସୀଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭ୍ରଷ୍ଟାଚାରମୁକ୍ତ ଜୀବନଶୈଳ ଆପଣାଇବାକୁ କର୍ମଚାରୀମାନେ ଏହି ଅବସରରେ ଶପଥ ପାଠ କରିଥିଲେ।

## ଅକ୍ଟୋବରରେ ୫ ଲକ୍ଷ ୟୁନିଟ୍ ଯାନ ବିକିଲା ହୋଣ୍ଡା

**ନୂଆଦିଲ୍ଲୀ,୪-୧୧**

ଚଳିତ ବର୍ଷ ଅକ୍ଟୋବରରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ୫ ଲକ୍ଷରୁ ଊର୍ଦ୍ଧ୍ୱ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ଏକ ରେକର୍ଡ ସଂଖ୍ୟକ ବିକ୍ରି ବୋଲି କମ୍ପାନୀ ପ୍ରକାଶ କରିଛି। ସେପ୍ଟେମ୍ବର ତୁଳନାରେ ବିକ୍ରିରେ ୭% ଉନ୍ନତି ଘଟିଛି। କମ୍ପାନୀ ଅକ୍ଟୋବରରେ ମୋଟ ୫୧୭,୮୦୮ ୟୁନିଟ ଯାନ ବିକ୍ରି କରିଛି। କମ୍ପାନୀର ଘରୋଇ ବଜାର ବିକ୍ରି ୪୮୭,୭୮୨ ୟୁନିଟ ରହିଛି। ରପ୍ତାନି ୧% ବଢି ୩୦,୦୨୬ ୟୁନିଟ ରହିଛି। କମ୍ପାନୀ ଏହାର କଷ୍ଟମର ଲୟାଲଟି କାର୍ଯ୍ୟକ୍ରମ ହୋଣ୍ଡା ଜଏ କ୍ଲବରେ ୬ ଲକ୍ଷ ଗ୍ରାହକ ଯୋଡି ହୋଇଛନ୍ତି। ଏହା ରିଟେଲ ଫାଇନାନ୍ସ ପାଇଁ ଟାଟା କ୍ୟାପିଟାଲ ଇନଭେନଣ୍ଟୋରୀ ଫଣ୍ଡିଂ ବିକଳ୍ପ ପ୍ରଦାନ ଲାଗି ବ୍ୟାଙ୍କ ଅଫ ବରୋଦା ସହ ଏହା ଚୁକ୍ତିରେ ସାମିଲ ହୋଇଛି।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER, BALANGIR (R&B) DIVISION: BALANGIR**
Email- eepwd.bgr@rediffmail.com
eepwd.bgr@gmail.com, Ph. No. 06652-232374

No.B-264 :- **e - Procurement Notice**
**BID IDENTIFICATION No: BGR R&B/ 05/ 2019-20**
**No.3983** **Dtd.31.10.2019**

| | | | |
|---|---|---|---|
| 1. | The Executive Engineer, Bolangir (R&B) Division, Bolangir on behalf of Governor of Odisha invites percentage rate bid in Single cover system in ONLINE MODE for the construction of works detailed in the table below from C / B/ A Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid. | | |
| 2. | Nature of Work | : | Road work |
| 3. | No. of tender | : | Road work: 03 Nos. |
| 4. | Tender Cost | : | Rs.6, 000/- |
| 5. | Class of Contractor | : | "D" Class ,"C" Class and "B" Class |
| 6. | Date & Time of sale & Receipt of Bids | : | From Dt.08.11.2019, 11.00 A.M. to Dt.25.11.2019 up to 05.00 P.M. |
| 7. | Date of opening Bid | : | Dt.27.11.2019 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only. | | |

SD./- Executive Engineer,
34028/11/0005/1920 Balangir (R&B) Division, Balangir.

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**
**TENDER CALL NOTICE**
**Ref No.7971** **Dated: 04.11.19**
"It is for information to all the parties concerned to submit their bid for Supply & Installation of Diesel Generator Set for the year 2019-2020" to the office of the CDM&PHO, Jajpur on or before 26.11.2019 at 04 P.M. by Speed Post, Registered Post only. For terms and conditions regarding Tender Call, please log on to the website : **www.jajpur.nic.in.**
The interested parties with valid documents may participate in tender process himself or with their representatives with applicable terms and conditions".
**Sd./- Chief District Medical & Public Health Officer, Jajpur**

See Career Appointment on every **Wednesday & Saturday**

**GOVERNMENT OF ODISHA**
**Office of the Executive Engineer**
**Bhanjanagar (R&B) Division, Bhanjanagar.**
**(Phone/Fax: (06821) 241133 / E -mail: eernbbngr@yahoo in)**
**Ltr. No.7370 // Dtd.01.11.2019**
No.B-268 :- **INVITATIONS FOR BIDS (IFB)**
**E-Procurement Bid Identification No.E.E -BNJ-R&B- 10 / 2019-20.**

| | | | |
|---|---|---|---|
| 1. | Name of work | : | Construction of Sub-Treasury office building at Buguda. |
| 2. | No. of works | : | One No. |
| 3. | No. of Covers | : | Double Cover |
| 4. | Estimated cost | : | Rs.52.053 lakhs |
| 5. | Period of Completion | : | Nine Calendar Months. |
| 6. | Date and time of availability of bid document in the portal | : | From 12.00 Noon of dated 08.11.2019 to 5.00 PM. of dated 22.11.2019. |
| 7. | Last date/time for receipt of bids in the portal | : | Upto 5.00 PM. of dated 22.11.2019. |
| 8. | Date of opening of bid documents | : | At 11.00 A.M. of dated 25.11.2019. |
| 9. | Class of Contractor | : | "B", & "A" Class |
| 10. | Name and address of officer inviting Bid | : | Executive Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal **www.tendersodisha.gov.in.** **Sd./- Executive Engineer**
**34015/11/0004/1920** **Bhanjanagar (R&B) Division**

**OFFICE OF THE EXECUTIVE ENGINEER BALANGIR (R&B) DIVISION, BALANGIR**
**CANCELLATION OF WORK**
Email - eepwd.bgr@rediffmail.com, eepwd.bgr@gmail.com
Ph. No.- 06652-232374
Bid Identification No.BGR R&B/01/2019-20
Letter No.1991 Dtd.30.05.2019
Tender ID Nos.2019_EICCL_55032_1
No................// Date: 31.10.2019
No.B-266 :- The works in Sl. No.01 "Improvement of Road from residence of Bighnaraj Mishra to Ladies club Balangir (Near daily market Balangir) such as BM, SDBC and construction of RCC Drain" in Bid Identification No.BGR R&B/01/2019-20 is hereby **Cancelled** because of administrative reason.
Sd./- Executive Engineer
34028/11/0007/1920 Balangir (R&B) Division

**OFFICE OF THE GENERAL MANAGER, REGION INDUSTRIES CENTRE, DHENKANAL**
**No.2574** **QUOTATION CALL NOTICE** **Dt.01.11.19**
No.KK-79 :- Sealed quotations are invited in the prescribed format from Travel Agencies/Tour Operators/Individual vehicle owners having valid PAN & GST regn. number for providing 1(one) vehicle TUV 300/Bolero/SUMO GOLD/Ertiga for engagement in the office of the G.M., RIC., Dhenkanal on monthly hiring basis with a maximum hire charges @ 31,000/- Per month. Details of the terms & conditions,application form etc. are is available in the office of the GM. RIC., Dhenkanal, At/ Po. Mahisapat, Dhenkanal & Dist. Website **https://dhenkanal.nic.in** during office hours from 10.00 AM to 5 .30 PM. and last date for submission /receipt of quotation is 15.11.2019 at 5.30 PM. Quotation will be opened Dt. 16.11.2019 at 11 AM. Quotations will be received through Regd. Post/Speed Post and e-mail I.D. ricdkl@nic.in. This is in accordance with FD office Memorandum No.34085/F Dt.29.09.2012, No.27037/F Dt.08.10.2015 & No.30464/F Dt.06.09.2019.
The Authority reserves the right to cancel/reject, modify the quotation without assigning any reason thereof.
**Contact No. : 06762-286752** **Sd./- General Manager**
**14062/11/0002/1920** **RIC., Dhenkanal**

**OFFICE OF THE EXECUTIVE ENGINEER**
**POTTERU CANAL DIVISION, MV-79**
**e-Procurement Notice No.- EE-PCD-MV.79-01 / 2019-20**
No.A-353 :- **e-mail Id :eepcdbhuba65@gmail.com**
1. Type of Works :- System Improvement works.
2. Total No. of Works :- **Thirteen (13) Nos**.
3. Estimated Cost :- Varies from `**4.43** Lakh to `**33.17** Lakh
4. Period of Completion : - **45 ( Forty five) days**

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids on line. |
|---|---|---|---|
| Executive Engineer, Potteru Canal Division, MV-79, Malkangiri | EE-PCD-MV.79-01/2019-20 to EE-PCD-MV.79-13/2019-20 | Varies from `4.43 Lakh to `33.17 Lakh | From 08.11.2019,10.00 A.M. to 18.11.2019 5.00 P.M. |

Date of opening of the Tender / Bid : - **19.11.2019 at 11.30 AM**
Further details can be seen from the Govt. Website www.tendersodissa.gov.in
Sd/- Executive Engineer
**32100/11/0001/1920** Potteru Canal Division,MV-79

**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232641 (R) : FAX:06861-232541..
E-Mail unit.head_balimela@yahoo.com
No. CAD-533
**NO.BHEP/DES III/VEH010/7185** **Date. 04/11/2019**
**NOTICE INVITING TENDER NO: 39 /2019-20 DATED. 29.10.2019.**
Sealed Tenders are invited in single part bid basis from Vehicle Owners/ Travel Agencies/individuals fulfilling the eligibility criteria as per the tender specification for the work as mentioned below.

| Sl.No. | Description of Services | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website. | Last date & Time of receipt of Tender. | Date & Time of opening of bid. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Hiring of 01 (One) no of (Tiago/Bolt/Celerio) or equivalent vehicle with Single driver for four years for BHEP, Balimela. | Rs. 6000/- + 1080 (GST@18%) = Rs. 7080/- | Rs.13,800/- (1% Of Estimated Cost) | 05.11.2019 To 18.11.2019 | 18.11.2019 Up to 12.00 Hrs | 18.11.2019 at 12.30 P.M |

For details of the tender documents, terms & conditions please visit our website
www.ohpcltd.com 04019/11/0043/1920 Sd./- Unit Head, BHEP,Balimela

**NOTICE**
Sri Smruti Ranjan Mohanty, Contractor, who is registered as "C" Class Contractor under S.E.P.H Circle, Bhubaneswar and their Registration Certificate are hereby cancelled as per his written request and their onetime deposit in shape of NSC will be refunded to him.

| Sl.No. | Name and Address | Regn. No & Class | This office order No. & Date |
|---|---|---|---|
| 1) | M/s MAHAVIR WORKS Prop. Sri Smruti Ranjan Mohanty S/o. Sri Abhimanyu Mohanty At- Plot No.978, Dalamandap, Jharpada Ps-Laxmisagar, Dist-Khordha | Regd. No.1352 of 2014-15 'C' Class | S.E.P.H. Circle, BBSR No.1182 Dt.24.03.2015 |

This notice is required to be published for information of all Govt. Deptt./ Offices he has executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30(thirty) days from the date of publication of this notice for recovery/adjustment to Govt. accounts.
In case no report from any office / Deptt are received within the stipulated period i.e. 30 days from the date of publication of this notice, the one time deposit made by the contractor will be released / refunded to him without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.
Sd./- Superintending Engineer,
13039/11/0007/1920 No. C-292 P H. Circle, Bhubaneswar

**GOVERNMENT OF ODISHA**
**INFORMATION AND PUBLIC RELATIONS DEPARTMENT**
No. **12445** / IPR, Bhubaneswar Dated the 4th November, 2019
(File No. RTI-48/2019)
**REQUEST FOR PROPOSAL (RFP)**
**Selection of Agency for Annual Maintenance Contract, e-reporting tool, Mobile Application Development & Setting up of PMU for State RTI Portal www.rtiodisha.gov.in**
**No. Z-12:-** Information and Public Relations Department, Govt. of Odisha invites sealed tenders from eligible, reputed, qualified Software Development Firms / Implementing Agency for Annual Maintenance Contract (AMC), e-reporting tool, Mobile Application Development & setting up of PMU for State RTI Portal. Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.inpr.odisha.gov.in
The major events under the bid process are:

| Sl. No. | Key Events | Date, Time |
|---|---|---|
| 1 | Start date of issue / sale of RFP document | 04.11.2019 |
| 2 | Submission of Queries via email | 14.11.2019 |
| 3 | Pre-Bid Conference | 19.11.2019 at 11.30 AM |
| 4 | Issue of Corrigendum, if any | 24.11.2019 |
| 5 | Last date and time for Submission of Bid | 03.12.2019 |
| 6 | Opening of Pre-Qualification & Technical Bid | 04.12.2019 at 11.30 AM |
| 7 | Technical Presentation | 04.12.2019 |
| 8 | Opening of Commercial bids | 13.12.2019 |

The proposal complete in all respect must reach the undersigned by Speed Post / Registered Post only latest by 03.12.2019 upto 5.00 PM in a sealed envelope clearly mentioning on the top of it "Selection of Agency for Annual Maintenance Contract, e-reporting tool, Mobile Application Development & Setting up of PMU for State RTI Portal www.rtiodisha.gov.in". The proposals received beyond the last date and time will be rejected. The authority reserves the right to reject any / all proposals without assigning any reason thereof.
**Address for Submission of Proposal:**
**The Director, Information & Public Relations Department,**
**Government of Odisha, Bhubaneswar, Odisha**
**Telephone No. 2394890 / 2398610 (Fax), Email: iprenews@gmail.com**
15001/11/0070/1920 *Sd./- Director, Information & Public Relations Department*

**OFFICE OF THE SUPERINTENDENT OF MUSEUM: ODISHA:BHUBANESWAR-751014**
No. RR-23
**TENDER NOTICE**
**Bhubaneswar, Dated the…02nd Nov. 2019.**
**No.1967/OSM.,** Sealed tenders are invited under two bid systems from eligible well experienced firms having knowledge on **"PAIK REBELLION GALLERY ODIA VOICE TO ENGLISH"** at Odisha State Museum, Bhubaneswar. The detailed information is given in the tender documents which may be downloaded from our website www.orissamuseum.nic.in/index.htm and available in the Office of the Superintendent of Museum, Odisha, Bhubaneswar from dt.04.11.2019 to dt.15.11.2019 at 10.30 A.M. to 4.00 P.M. on payment basis as per the Government approved rate for tender documents. If downloaded from website bidder has to produce Demand Draft in favour of Superintendent of Museum, Odisha, Bhubaneswar payable at Bhubaneswar towards cost of tender paper at the time of opening of tender papers. The cost of the tender paper for Paika Rebellion Odia voice to English, Odisha State Museum is Rs.500/-. The last date for submission of the tender paper is dt.15.11.2019 by 4.00 P.M. and the same shall be submitted in the office of the undersigned. The authority reserves the right to accept/reject any or all tenders without assigning any reason thereof.
**Works to be done :-**
- Paika Rebellion Odia voice to English.
- Cost of work value :Rs.5,00,000/-.

**Sd/- Superintendent of Museum, Odisha, Bhubaneswar.**
03015/11/0004/1920



ରିଷଭ ପନ୍ତଙ୍କ ଭଳି ଯୁବ ଖେଳାଳି ଡିଆର୍‌ଏସ୍ କଲ୍ ଡାକି ପାରିବେ କି ନା ସେ ସମ୍ପର୍କରେ ଖୁବ୍ ଶୀଘ୍ର ବିଚାର କରାଯାଇ ନିଷ୍ପତ୍ତି ନିଆଯିବ।
–ରୋହିତ ଶର୍ମା, ଭାରତୀୟ ଟି୨୦ ଦଳର କାମଚଳା ଅଧିନାୟକ



ଅତୀତରେ ଭାରତ ବିପକ୍ଷରେ କେତୋଟି ମ୍ୟାଚ ଆମେ ଅଳ୍ପକେ ପରାସ୍ତ ହୋଇଛୁ। ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଟି୨୦ ମ୍ୟାଚରେ ମିଳିଥିବା ସୁଯୋଗ ହାତଛଡ଼ା କରିବାକୁ ଚାହିଁ ନ ଥିଲୁ।–ମୁସ୍‌ଫିକର ରହିମ, ବାଂଲାଦେଶ କ୍ରିକେଟର

# ଭାରତ ବି' ଜିତିଲା ଦେଓଧର ଟ୍ରଫି

ରାଞ୍ଚି,୪।୧୧ (ପି.ଟି.)

ପାର୍ଥିବ ପଟେଲଙ୍କ ନେତୃତ୍ୱାଧୀନ ଭାରତ ବି' ଏଥର ଦେଓଧର ଟ୍ରଫି ହାସଲ କରିଛି। କେଦାର ଯାଦବଙ୍କ ୮୬ ରନର ଅର୍ଦ୍ଧଶତକୀୟ ଇନିଂସ ଓ ପରେ ସ୍ପିନର ଶାହବାଜ ନଦିମଙ୍କ ୪ ଉଇକେଟ ସଫଳତା ସହାୟତାରେ ଭାରତ ବି' ୫୧ ରନରେ ଭାରତ ସି'କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସ୍ଥାନୀୟ ଝାଡଖଣ୍ଡ ଷ୍ଟେଟ କ୍ରିକେଟ ଆସୋସିଏଶନ (ଜେଏସ୍‌ସିଏ) ଅନ୍ତର୍ଜାତୀୟ ଷ୍ଟାଡିୟମ କମ୍ପ୍ଲେକ୍ସରେ ସୋମବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ଭାରତ ବି' ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ବି' ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୨୮୩ ରନ ସଂଗ୍ରହ କରିଥିଲା। ଜବାବରେ ତାରକା ଖଚିତ ଭାରତ ସି' ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ବିଜୟ ଲକ୍ଷ୍ୟଠାରୁ ଦୂରରେ ରହିଯାଇଥିଲା। ଫଳରେ ଦଳ ୫୦ ଓଭରରେ ୯ ଉଇକେଟ ହରାଇ ୨୩୨ ରନରେ ସୀମିତ ରହି ପରାସ୍ତ ହେବା ସହ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି।

୨୮୪ରନର ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଭାରତ ସି' ଅଧିନାୟକ ଶୁବମନ ଗିଲ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର ୧ ରନ କରି ଶୁବମନ ମହମ୍ମଦ ସିରାଜଙ୍କ ବଲ୍‌ରେ ଯଶସ୍ୱୀ ଜୟସୁଆଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଓପନର ମୟଙ୍କ ଅଗ୍ରୱାଲ ଓ ପ୍ରିୟମ ଗର୍ଗ ୫୪ ରନ କରି ସ୍ଥିତି ସମ୍ଭାଳିଥିଲେ। ମୟଙ୍କ ୨୮ ରନକରି ନଦିମଙ୍କ ବଲ୍‌ରେ କ୍ରିଷ୍ଣାପ୍ପା ଗୋଥାମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ପ୍ରିୟମ ଗର୍ଗ ୭୭ଟି ବଲ ଖେଳି ୮ ଚୌକା ଓ ୧ଛକା ସହ ୭୪ ରନକରି ସିରାଜଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ସେହିପରି ଅକ୍ଷର ପଟେଲ ୩୮, ମୟଙ୍କ ମାର୍କଣ୍ଡେ ୨୭ ରନ କରି ଆଉଟ ହୋଇଥିବା ବେଳେ ଜଲାଜ ସାକ୍‌ସେନା ୩୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବାକି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବିରାଟ ସିଂ ୬, ସୂର୍ଯ୍ୟକୁମାର ଯାଦବ ୩, ଦୀନେଶ କାର୍ତ୍ତିକ ୩, ଦିୱେଶ ପଠାନିଆ ୬ ରନକରି ଆଉଟ ହୋଇଥିବା ବେଳେ ଇଶାନ ପୋରେଲ ୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ବି' ତରଫରୁ ନଦିମ ସର୍ବାଧିକ ୪, ସିରାଜ ୨, ରୁଷ କାଲାରିଆ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ବି' ତରଫରୁ କେଦାର ଯାଦବ ସର୍ବାଧିକ ୮୬ ରନ (୯୪ ବଲ, ୪ ଚୌକା, ୪ ଛକା) ସଂଗ୍ରହ କରିଥିଲେ। ସେହିପରି ଜୟସୁଆଲ ୭୯ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୧ ଛକା ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅଲରାଉଣ୍ଡର ବିଜୟ ଶଙ୍କର ୩୩ ବଲରୁ ୪ ଚୌକା ଓ ୨ ଛକା ସହ ୪୫, ନୀତିଶ ରାଣା ୨୦, ପାର୍ଥିବ ୧୪, ବାବା ଅପରାଜିତ ୧୩ ରନ କରି ଆଉଟ ହୋଇଥିବା ବେଳେ ଗୋଥାମ ୩୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ସି' ତରଫରୁ ଇଶାନ ପୋରେଲ ସର୍ବାଧିକ ୫, ସାକସେନା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଟ୍ରଫି ସହ ଭାରତ 'ବି' ଦଳର ଖେଳାଳିମାନେ।

### ସଂକ୍ଷିପ୍ତ ସ୍କୋର

**ଭାରତ ବି' ୫୦ ଓଭରରେ ୨୮୩/୭**
**(କେଦାର- ୮୬, ଜୟସୁଆଲ- ୫୪, ଶଙ୍କର- ୪୫, ଗୋଥାମ- ୩୫*, ରାଣା- ୨୦, ପୋରେଲ- ୫/୪୩)।**

**ଭାରତ ସି' ୫୦ ଓଭରରେ ୨୩୨/୯**
**(ଗର୍ଗ- ୭୪, ଅକ୍ଷର- ୩୮, ସାକ୍‌ସେନା- ୩୭*, ଅଗ୍ରୱାଲ- ୨୮, ମାର୍କଣ୍ଡେ- ୨୭, ନଦିମ- ୪/୩୨, ସିରାଜ- ୨/୪୩)।**

## ସଂକ୍ଷେପରେ

### ଭାରତ, ବାଂଲାଦେଶ ଦଳକୁ ଗାଙ୍ଗୁଲିଙ୍କ ଧନ୍ୟବାଦ



ନୂଆଦିଲ୍ଲୀ,୪।୧୧(ପି.ଟି.): ଦେଶର ରାଜଧାନୀରେ ଅତ୍ୟଧିକ ପ୍ରଦୂଷଣ ସତ୍ତ୍ୱେ ପ୍ରଥମ ଟି୨୦ ମ୍ୟାଚ୍ ଖେଳିଥିବାରୁ ଭାରତୀୟ ଅଧିନାୟକ ରୋହିତ ଶର୍ମା ଓ ବାଂଲାଦେଶ ଦଳକୁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ସୋମବାର ଧନ୍ୟବାଦ ଜଣାଇଛନ୍ତି। ଦିଲ୍ଲୀ ସରକାର ଏନ୍‌ସିଆର ଅଞ୍ଚଳରେ ସ୍ୱାସ୍ଥ୍ୟ ଜରୁରିକାଳୀନ ସ୍ଥିତି ଘୋଷଣା କରିଛନ୍ତି। ରବିବାର ସକାଳେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୯୯୯ରେ ପହଞ୍ଚିଥିଲା। ଧୂଳି ଓ ଧୂଆଁର ବହଳ ଆସ୍ତରଣ ଆକାଶକୁ ଘେରି ରଖିଥିଲା। ରୋହିତ ଶର୍ମା ଓ ବାଂଲାଦେଶ ଦଳକୁ ପ୍ରତିକୂଳ ସ୍ଥିତିରେ ଖେଳିଥିବା ଯୋଗୁ ଧନ୍ୟବାଦ୍ ବୋଲି ଗାଙ୍ଗୁଲି ଟୁଇଟ୍ କରିଛନ୍ତି।

### ରୋହିତଙ୍କ ରେକର୍ଡ

ନୂଆଦିଲ୍ଲୀ,୪।୧୧: ଭାରତୀୟ ଦଳର କାମଚଳା ଅଧିନାୟକ ରୋହିତ ଶର୍ମା ଟି୨୦ ଫର୍ମାଟରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନ ହେବାର ରେକର୍ଡର ଅଧିକାରୀ ହୋଇଛନ୍ତି। ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ୍ ପୂର୍ବରୁ ରୋହିତ ସର୍ବାଧିକ ରନ୍ କରିଥିବା ବିରାଟ କୋହଲିଙ୍କ ଠାରୁ ମାତ୍ର ୮ ରନ୍ ପଛରେ ଥିଲେ। ଏହି ବ୍ୟବଧାନକୁ ରୋହିତ (୯) ପ୍ରଥମ ଓଭରରେ ହିଁ ହାସଲ କରିନେଇଥିଲେ। ସେ ସାଫିଉଲ ଇସଲାମଙ୍କ ପଞ୍ଚମ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ। ଏଥିରୁ ବର୍ତ୍ତିବା ଲାଗି ଡିଆରଏସ୍ ମଧ ନେଇଥିଲେ, ଯାହା ବିଫଳ ହୋଇଥିଲା। ସେ ଏପର୍ଯ୍ୟନ୍ତ ଟି୨୦ ଫର୍ମାଟରେ ୨୪୫୦ ରନ୍ କରିଛନ୍ତି। ତେବେ ଏହା ଥିଲା ରୋହିତଙ୍କ ଅନ୍ତର୍ଜାତୀୟ ଟି୨୦ କ୍ୟାରିୟରର ୯୯ତମ ମ୍ୟାଚ୍। ଏଥିସହ ଭାରତ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ଟି୨୦ ଖେଳିବାର ରେକର୍ଡ ମଧ ନିଜ ନାମରେ କରିଛନ୍ତି।

### ବେଫ୍ଟା ସ୍କଟ୍‌ଲାଣ୍ଡ ପୁରସ୍କାର ଜିତିଲା ରିୟଲ କଶ୍ମୀର

ନୂଆଦିଲ୍ଲୀ,୪।୧୧(ପି.ଟି.): ଆଇ ଲିଗ୍ କ୍ଲବ ରିୟଲ କଶ୍ମୀର ଏଫ୍‌ସି ଉପରେ କରାଯାଇଥିବା ଡକ୍ୟୁମେଣ୍ଟାରିକୁ ସ୍କଟ୍‌ଲାଣ୍ଡର ଗ୍ଲାସଗୋଠାରେ ଅନୁଷ୍ଠିତ ଏକ ବିଶାଳପୂର୍ଣ୍ଣ ଉତ୍ସବରେ ସମ୍ମାନଜନକ ବ୍ରିଟିଶ ଏକାଡେମୀ ଅଫ୍ ଫିଲ୍ମ ଓ ଟେଲିଭିଜନ ପୁରସ୍କାର (ବେଫ୍ଟା) ମିଳିଛି। ଉକ୍ତ ଡକ୍ୟୁମେଣ୍ଟାରୀରେ ପୂର୍ବତନ ରେଞ୍ଜର୍ସ ଡାଭିଡ ରବର୍ଟସନ କୋଚ୍‌ଙ୍କ ନେତୃତ୍ୱରେ ରିୟଲ କଶ୍ମୀର ଏଫ୍‌ସି ପ୍ରଥମ ସିଜନରେ ୩ୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଚଳିତ ବର୍ଷ ବିବିସି ସ୍କଟ୍‌ଲାଣ୍ଡ ଦ୍ୱାରା ପ୍ରସାରିତ ହୋଇଥିବା ଏକଘଣ୍ଟାର ଫିଲ୍ମକୁ ସିଙ୍ଗଲ୍ ଡକ୍ୟୁମେଣ୍ଟାରୀ କାଟେଗୋରିରେ ପୁରସ୍କାର ମିଳିଛି। ୨୦୧୭-୧୮ ସିଜନରେ ଆଇଲିଗ୍‌ରେ ପଦାର୍ପଣ କରିଥିବା ରିୟଲ କଶ୍ମୀର ବହୁ ସ୍ମରଣୀୟ ବିଜୟ ହାସଲ କରିଥିଲା। ଇଷ୍ଟ ବେଙ୍ଗଲ ଓ ମୋହନ ବାଗାନ ଦଳକୁ ହରାଇଥିବା କ୍ଲବ ୧୯ ମ୍ୟାଚ୍‌ରୁ ୩୬ ପଏଣ୍ଟ ହାସଲ କରିଥିଲା।

## କୋହଲିଙ୍କ ରେକର୍ଡ ଭାଙ୍ଗିଲେ ଶୁବମନ ଗିଲ୍



ରାଞ୍ଚି,୪।୧୧

ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ୧୦ ବର୍ଷର ପୁରୁଣା ରେକର୍ଡ ଭଙ୍ଗ କରିଛନ୍ତି। ଦେଓଧର ଟ୍ରଫିର ଫାଇନାଲରେ ଖେଳିଥିବା ସେ ଦେଶର ସର୍ବକନିଷ୍ଠ ଅଧିନାୟକ। ତାଙ୍କ ନେତୃତ୍ୱରେ ଭାରତ ସି' ଚଳିତ ଦେଓଧର ଟ୍ରଫିରେ ପ୍ରବେଶ କରିଥିଲା। ସେ ୨୦ ବର୍ଷ ୫୭ ଦିନ ବୟସରେ ଭାରତ ସି'କୁ ଫାଇନାଲରେ ପହଞ୍ଚାଇଥିଲେ। ସର୍ବକନିଷ୍ଠ ଅଧିନାୟକ ହେବାର ରେକର୍ଡ ପୂର୍ବରୁ କୋହଲିଙ୍କ ନାମରେ ଥିଲା। ୨୦୦୯ରେ କୋହଲିଙ୍କୁ ୨୧ ବର୍ଷ ୧୪୨ ଦିନ ହୋଇଥିବାବେଳେ ଉତ୍ତରାଞ୍ଚଳ ଦଳର ନେତୃତ୍ୱ ନେଇ ଫାଇନାଲରେ ପହଞ୍ଚାଇଥିଲେ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଗିଲ୍ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ସେ ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲେ ଏବଂ ତାଙ୍କ ଦଳ ଭାରତ ବି'ଠାରୁ ୫୧ ରନ୍‌ରେ ପରାଜୟ ବରଣ କରିଥିଲା।

## ■ ପାକିସ୍ତାନ ବିପକ୍ଷ ଡେଭିସ କପ୍
## ରାଜପାଲ ନନ୍ ପ୍ଲେଇଂ କ୍ୟାପଟେନ

ନୂଆଦିଲ୍ଲୀ, ୪।୧୧(ପି.ଟି.)

ପାକିସ୍ତାନ ବିପକ୍ଷ ଡେଭିସ କପ୍ ଟାଇ ପାଇଁ ପୂର୍ବତନ ଖେଳାଳି ତଥା ଜାତୀୟ ଟେନିସ ଫେଡେରେଶନ ଚୟନ କମିଟି ଅଧକ୍ଷ ରୋହିତ ରାଜପାଲ ଭାରତର ନନ୍ ପ୍ଲେଇଂ କ୍ୟାପ୍‌ଟେନ ନିଯୁକ୍ତ ହୋଇଛନ୍ତି। ଚଣ୍ଡିଗଡ୍‌ରେ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପରେ ସୋମବାର ଏ ନେଇ ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ତରଫରୁ ଘୋଷଣା କରାଯାଇଛି। ନିରାପତ୍ତା କାରଣରୁ ଟପ୍ ଖେଳାଳି ତଥା ଅଧିନାୟକ ମହେଶ ଭୂପତି ଓହରି ଯାଇଥିଲେ। ଫଳରେ ୪୬ ବର୍ଷୀୟ ତଥା ଅଭିଜ୍ଞ ଖେଳାଳି ଲିଆଣ୍ଡର ପେସ୍ ନନ୍ ପ୍ଲେଇଂ ଅଧିନାୟକ ନିଯୁକ୍ତ ହେବେ ବୋଲି ଆଶା କରାଯାଉଥିଲା। ତେବେ ଶେଷରେ ରୋହିତଙ୍କୁ ଏହି ଗୁରୁଦାୟିତ୍ୱ ମିଳିଛି।

ଆସନ୍ତା ୨୯ ଓ ୩୦ ତାରିଖରେ ଭାରତ ଓ ପାକିସ୍ତାନ ଏହି ବହୁ ପ୍ରତୀକ୍ଷିତ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ସୁରକ୍ଷା ତଥା ନିରାପତ୍ତା କାରଣରୁ ଇସ୍‌ଲାମାବାଦ୍‌ରେ ଏହି ମ୍ୟାଚ୍ ଆୟୋଜନ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିଲା। ପୂର୍ବତନ ଅଧକ୍ଷ ଅନିଲ ଖାନ୍ନା ଓ ତାଙ୍କ ସହଯୋଗୀ ପ୍ରବୀନ ମହାଜନ ରୋହିତଙ୍କ ନାମକୁ ନେଇ ପ୍ରସ୍ତାବ ଦେଇଥିଲେ ଓ ଏଥିରେ ସମସ୍ତେ ସମ୍ମତି ପ୍ରକାଶ କରିଥିଲେ। ଉଲ୍ଲେଖଥାଉ କି, ରାଜପାଲ ୧୯୯୦ରେ ସିଓଲରେ କୋରିଆ ବିପକ୍ଷରେ ଡେଭିସ୍ କପ୍ ପଦାର୍ପଣ କରିଥିଲେ ଓ ଏଥିରେ ଭାରତ ୦-୫ରେ ପରାସ୍ତ ହୋଇଥିଲା।

ଦଳ ସହ ପାକିସ୍ତାନ ଗସ୍ତ କରିବାକୁ ଭୂପତି ମନା କରିବା ପରେ ଏଆଇଟିଏ ଏହାକୁ ସହଜରେ ଗ୍ରହଣ କରପାରି ନାହିଁ। ଭବିଷ୍ୟତରେ ଭୂପତିଙ୍କୁ ଅଧିନାୟକ ପଦ ମିଳିବ ବୋଲି ଭାବୁନାହିଁ। ଲିଆଣ୍ଡର ପେସ୍ ଅବସର ଗ୍ରହଣ କରିବା ପରେ ତାଙ୍କୁ ଏହି ପଦରେ ନିଶ୍ଚିତ ଭାବେ ନିଯୁକ୍ତି ଦିଆଯିବ ବୋଲି ଏଆଇଟିଏର ଜଣେ ଅଧିକାରୀ କହିଛନ୍ତି। ଫଳରେ ଭାରତୀୟ ଟେନିସ୍‌ରେ ଭୂପତି ଯୁଗର ଅବସାନ ହେଲା ବୋଲି ଧରି ନେବାକୁ ହେବ।

## ଆଜି ୩୧ତମ ଜନ୍ମଦିନ ପାଳିବେ କୋହଲି

ନୂଆଦିଲ୍ଲୀ,୪।୧୧

ଭାରତୀୟ ଅଧିନାୟକ ବିରାଟ କୋହଲି ମଙ୍ଗଳବାର ୩୧ତମ ଜନ୍ମଦିନ ପାଳିବାକୁ ଯାଉଛନ୍ତି। ଏହି ମହାନ ବ୍ୟାଟ୍ସମ୍ୟାନ ୧୯୮୮ ମସିହା ନଭେମ୍ବର ୫ ତାରିଖରେ ଦିଲ୍ଲୀର ଏକ ପଞ୍ଜାବୀ ପରିବାରରେ ଜନ୍ମ ନେଇଥିଲେ। ୨୦୦୮ରେ ତାଙ୍କ ନେତୃତ୍ୱରେ ୧୯ ବର୍ଷରୁ କମ୍ ଭାରତୀୟ ଦଳ ବିଶ୍ୱକପ୍ ଜିତିଥିଲା। ଏହାର କିଛି ମାସ ପରେ ତାଙ୍କୁ ଅନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ ସୁଯୋଗ ମିଳିଥିଲା। ୧୯ ବର୍ଷୀୟ କୋହଲି ଶ୍ରୀଲଙ୍କା ବିପକ୍ଷରେ ପଦାର୍ପଣ କରିଥିଲେ। କ୍ୟାରିୟରର ଆରମ୍ଭରୁ ଅତିରିକ୍ତ ବ୍ୟାଟ୍ସମ୍ୟାନ ଭାବେ ଖେଳୁଥିବା ଚିକୁ ଶୀଘ୍ର ଦଳରେ ସ୍ଥାନ ପକ୍କା କରି ଦେଇଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତ ୨୦୧୧ ଆଇସିସି ବିଶ୍ୱକପ ଓ ୨୦୧୩ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଚାମ୍ପିୟନ ହୋଇଥିଲା। ୨୦୧୩ରେ ଟେଷ୍ଟରୁ ମହେନ୍ଦ୍ର ସିଂ ଧୋନୀଙ୍କ ଅବସର ପରେ କୋହଲିଙ୍କୁ ଅଧିନାୟକ ଘୋଷଣା କରାଯାଇଥିଲା। ସେହିଭଳି ୨୦୧୭ରେ ଦିନିକିଆ ଓ ଟି୨୦ ଦଳର ନେତୃତ୍ୱ ପାଇଥିଲେ।

# ସିରିଜ୍‌କୁ ଫେରିଲା ଭାରତ

### ମହିଳା କ୍ରିକେଟ

ନର୍ଥ ସାଉଣ୍ଡ,୪।୧୧(ପି.ଟି.)


ପୁନମ ରାଉତଙ୍କ ଅର୍ଦ୍ଧଶତକ ଓ ସ୍ପିନରଙ୍କ ମାପଚୁପ ବୋଲିଂ ଯୋଗୁ ଭାରତୀୟ ମହିଳା ଦଳ ଏଠାରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆକୁ ୫୩ ରନ୍‌ରେ ଜିତି ନେଇଛି। ଫଳରେ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିବା ଭାରତୀୟ ଦଳ ଦ୍ୱିତୀୟ ମ୍ୟାଚ୍ ଜିତି ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ଫେରିଛି।

ବିଜୟୀ ଦଳ ପାଇଁ ଜବରଦସ୍ତ ବ୍ୟାଟିଂ କରିଥିବା ପୁନମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଅନ୍ତିମ ମ୍ୟାଚ୍ ସମାନ ଭେନ୍ୟୁରେ ବୁଧବାର ଖେଳାଯିବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମିଥାଲି ରାଜଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଧାର୍ଯ୍ୟ ୫୦ ଓଭରରେ ୬ ଉଇକେଟ ହରାଇ ୧୯୧ ରନ୍ କରିଥିଲା। ଦଳ ପାଇଁ ପୁନମ ସର୍ବାଧିକ ୭୭ ରନ୍‌ର ଇନିଂସ ଖେଳିଥିଲେ। ଅଧିନାୟିକା ମିଥାଲି ୪୦ ଓ ହରମନପ୍ରୀତ କୌର ୪୬ ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟ୍ସୱମେନ ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଘରୋଇ ଦଳ ପକ୍ଷରୁ ଆଫି ଫ୍ଲେଚର ଓ ଆଲିୟା ଆଲେୟନେ ୨ ଉଇକେଟ ଲେଖାଏ ନେଇଥିଲେ। ଜବାବରେ ଭାରତୀୟ ସ୍ପିନରଙ୍କ ମାପଚୁପ ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ ଦଳ ୪୭.୨ ଓଭରରେ ୧୩୮ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଶେମାଇନେ କାମ୍ପବେଲେ ୩୯ ଓ ଅଧିନାୟିକା ଷ୍ଟେଫିନି ଟେଲର ୨୦ ରନ୍ କରିଥିଲେ। ଭ୍ରମଣକାରୀ ବୋଲରଙ୍କ ମଧ୍ୟରେ ଦୀପ୍ତି ଶର୍ମା, ପୁନମ ଓ ରାଜେଶ୍ୱରୀ ଗାଏକ୍ୱାଡ ୨ଟି ଲେଖାଏ ଉଇକେଟ ହାତେଇଥିଲେ। ଝୁଲଣ ଗୋସ୍ୱାମୀ ଓ ଶିଖା ପାଣ୍ଡେ ଗୋଟିଏ କରି ଉଇକେଟ ହାସଲ କରିଥିଲେ।




ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି ପୁନମ୍ ରାଉତ ।

# ସ୍ମିଥ୍‌ଙ୍କ ଦ୍ୱିତୀୟ ବିବାହ



ରୋମି ଲାନଫ୍ରାନ୍ସିଙ୍କ ସହ ଗ୍ରାଏମ୍ ସ୍ମିଥ୍।

କେପ୍‌ଟାଉନ, ୪।୧୧

ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଗ୍ରାଏମ ସ୍ମିଥ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ରୋମି ଲାନଫ୍ରାନ୍ସିଙ୍କ ସହ ସ୍ମିଥଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ବିବାହ ବେଳର ଫଟୋକୁ ସ୍ମିଥ୍ ନିଜ ଟୁଇଟର୍ ପୃଷ୍ଠାରେ ଶେୟାର କରି 'ନଭେମ୍ବର ୨କୁ ଏକ ସ୍ମରଣୀୟ ଦିବସ' ବୋଲି ଉଲ୍ଲେଖ କରିଛନ୍ତି। ୨୦୧୮ ରୋମିଙ୍କ ସହ ସ୍ମିଥଙ୍କ ନିର୍ବନ୍ଧ ହୋଇଥିଲା। ଆଉ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ସ୍ମିଥ୍‌ଙ୍କ ବିବାହ ଦିନ ଦକ୍ଷିଣ ଆଫ୍ରିକା ରଗ୍‌ବୀ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା।

୨୦୧୪ରେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଇଥିବା ୩୮ ବର୍ଷୀୟ ସ୍ମିଥ୍‌ଙ୍କ ଏହା ୨ୟ ବିବାହ। ପୂର୍ବରୁ ସ୍ମିଥ୍ ଆୟର୍ଲାଣ୍ଡ ପପ୍ ସିଙ୍ଗର ମୋର୍ଗାନ ଡେଆନେଙ୍କୁ ବିବାହ କରିଥିଲେ। ଉଭୟଙ୍କର କାଡେନ୍ସ (୭ ବର୍ଷ) ଓ କାର୍ଟର (୬ ବର୍ଷ) ନାମରେ ୨ଟି ସନ୍ତାନ ମଧ ରହିଛନ୍ତି। କିନ୍ତୁ ୨୦୧୭ରେ ଉଭୟଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଥିଲା। ରୋମି ଓ ସ୍ମିଥ୍ ପରସ୍ପରକୁ ୨୦୧୬ରେ ଭେଟିଥିବାବେଳେ ସେମାନଙ୍କର ସେବାଷ୍ଟିଆନ ନାମରେ ୨ ବର୍ଷର ଗୋଟିଏ ପୁଅ ମଧ ରହିଛି। ସ୍ମିଥ ଦକ୍ଷିଣ ଆଫ୍ରିକା ପକ୍ଷରୁ ୧୧୭ ଟେଷ୍ଟ ଓ ୧୯୭ ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୯୨୬୫ ଓ ୬୯୮୯ ରନ ସଂଗ୍ରହ କରିଛନ୍ତି। ତାଙ୍କ ନାମରେ ଟେଷ୍ଟରେ ୨୭ ଓ ଏକଦିବସୀୟରେ ୧୦ ଶତକ ରହିଛି। ମାତ୍ର ୨୨ ବର୍ଷ ବୟସରେ ଜାତୀୟ ଦଳର ନେତୃତ୍ୱ ନେଇ ସ୍ମିଥ ଦକ୍ଷିଣ ଆଫ୍ରିକାର ସର୍ବକନିଷ୍ଠ ଅଧିନାୟକ ହେବାର ଗୌରବ ଅର୍ଜନ କରିଥିଲେ।

# ଖେଳାଳି ବଦଳ ନିୟମ ଲାଗୁ ହୋଇପାରେ

### ଆଇପିଏଲ୍ ଗଭର୍ନିଂ କାଉନସିଲ୍ ବୈଠକ

ନୂଆଦିଲ୍ଲୀ,୪।୧୧(ପି.ଟି.)

ମୁମ୍ବାଇରେ ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଗଭର୍ନିଂ କାଉନସିଲ ବୈଠକ ବୁଧବାର ବସିବାକୁ ଯାଉଛି। ଆଇପିଏଲକୁ ଅଧିକ ରୋମାଞ୍ଚକ କରିବା ପାଇଁ ଏକ ନୂଆ ନିୟମ ଲାଗୁ କରିବା ନେଇ ଏହି ବୈଠକରେ ଆଲୋଚନା ହେବ। ଖେଳାଳି ବଦଳ ନିୟମ ନେଇ ମଧ ଏଥିରେ ଆଲୋଚନା ହେବ। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନବ ନିର୍ବାଚିତ ସଭାପତି ସୌରଭ ଗାଙ୍ଗୁଲି ଏ ନେଇ ଅନ୍ତିମ ନିଷ୍ପତ୍ତି ନେବେ।

ଏହି ନୂଆ ନିୟମକୁ 'ପାୱାର ପ୍ଲେୟାର' କନ୍‌ସେପ୍ଟ ବୋଲି କୁହାଯାଉଛି। ଏହି କନ୍‌ସେପ୍ଟ ଅନୁସାରେ ଅନ୍ତିମ ଏକାଦଶରେ ସ୍ଥାନ ପାଇ ନ ଥିବା ଖେଳାଳି କୌଣସି ଉଇକେଟ ପତନ ପରେ ବ୍ୟାଟିଂ କରିବାକୁ ଆସିପାରିବେ। ସେହିପରି କୌଣସି ଓଭର ଶେଷ ହେବାପରେ ଅନ୍ତିମ ଏକାଦଶରେ ସ୍ଥାନ ପାଇ ନ ଥିବା ଖେଳାଳି ବୋଲିଂ କରିବାକୁ ପଡିଆକୁ ଆସିପାରିବେ। ମ୍ୟାଚ୍‌ର ଯେକୌଣସି ମୁହୂର୍ତ୍ତରେ ଦଳଗୁଡିକୁ ଏଭଳି ଖେଳାଳି ବଦଳ କରିବାର ଅଧିକାର ମିଳିବ। ଏ ସଂକ୍ରାନ୍ତରେ ଗାଙ୍ଗୁଲି ଅନ୍ତିମ ନିଷ୍ପତ୍ତି ନେବେ। ତେବେ ଏହା ପୂର୍ବରୁ ବିଭିନ୍ନ ଦୃଷ୍ଟିକୋଣକୁ ଆଖିଆଗରେ ରଖି ବିଚାର କରାଯିବ। ଗଭର୍ନିଂ କାଉନସିଲ ବୈଠକରେ ଗାଙ୍ଗୁଲି ଏ ନେଇ ଅଧକ୍ଷ ବ୍ରିଜେଶ ପଟେଲ ଓ ଅନ୍ୟ ପଦାଧିକାରୀଙ୍କ ସହ ଆଲୋଚନା କରିବେ। ଏ ନେଇ କୌଣସି ଅନ୍ତିମ ନିଷ୍ପତ୍ତି ନିଆଯାଇନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏଭଳି ଆକସ୍ମିକ ଖେଳାଳି ବଦଳ ନିୟମ ମ୍ୟାଚ୍ ଫିକ୍ସର ଓ ବୁକିମାନଙ୍କୁ ସମସ୍ୟାରେ ପକାଇବ ବୋଲି କୁହାଯାଉଛି।

ଯଦି ଏହି ନିୟମ ଲାଗୁ ହୁଏ ତେବେ ଆଗାମୀ ୨୦୨୦ ଆଇପିଏଲ୍ ସଂସ୍କରଣରେ ପ୍ରତ୍ୟେକ ମ୍ୟାଚ୍ ଆରମ୍ଭ ସମୟରେ ଦଳଗୁଡିକ ୧୧ ଜଣ ଖେଳାଳିଙ୍କ ବଦଳରେ ୧୫ଜଣଙ୍କୁ ଦଳରେ ସାମିଲ କରିବ। ଅର୍ଥାତ ଆବଶ୍ୟକ ପଡିଲେ ଅନ୍ତିମ ଏକାଦଶରେ ସାମିଲ ହୋଇ ନ ଥିବା ଜଣେ ଖେଳାଳି ଆବଶ୍ୟକ ସ୍ଥଳେ ବୋଲିଂ କିମ୍ବା ବ୍ୟାଟିଂ କରିବାର ସୁଯୋଗ ପାଇବ। ଉଦାହରଣ ସ୍ୱରୂପ ଶେଷ ଓଭର ବା ଅନ୍ତିମ ୬ ବଲ୍‌ରେ ବିଜୟ ପାଇଁ ୨୦ ରନ ଆବଶ୍ୟକ ହେଉଥିବା ବେଳେ ଯଦି ଏକ ଦଳର ଡଗ୍ ଆଉଟ୍‌ରେ ଆନ୍ଦ୍ରେ ରସେଲ ବସିଥିବେ ଓ ଅନ୍ତିମ ଏକାଦଶରେ ସ୍ଥାନ ପାଇ ନ ଥିବେ ତେବେ ଏହି ନିୟମ ଦ୍ୱାରା ସେ ବ୍ୟାଟିଂ କରିବାର ସୁଯୋଗ ପାଇବେ। ସେହିପରି ଅନ୍ତିମ ଓଭରରେ ଗୋଟିଏ ଦଳ ୬ ରନକୁ ଡିଫେଣ୍ଡ କରିବାର ପରିସ୍ଥିତି ସୃଷ୍ଟି ହେଉଥିବ। ଯଶପ୍ରୀତ ବୁମ୍ରା ଅନ୍ତିମ ଏକାଦଶରେ ସ୍ଥାନ ପାଇ ନ ଥିବେ ଓ ସେ ଡଗ୍ ଆଉଟ୍‌ରେ ବସିଥିବେ। ଏପରି ସ୍ଥଳେ ସେ ଅନ୍ତିମ ଓଭର ବୋଲିଂ କରିବାର ସୁଯୋଗ ପାଇବେ। ଏହା ଦ୍ୱାରା ମ୍ୟାଚ୍ ଅଧିକ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତରେ ଅନ୍ତିମ ନିଷ୍ପତ୍ତି ନିଆଯିବ।

## ସଂକ୍ଷେପରେ

### ୨ ରୌପ୍ୟ ସହ ଭାରତର ଅଭିଯାନ ଶେଷ

ବୁଦାପେଷ୍ଟ, ୪।୧୧(ପି.ଟି.): ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍‌ରେ ରବି ରାଠି (୯୭ କେଜି) ଗ୍ରୀକୋ-ରୋମାନ୍ କାଟେଗୋରି ବ୍ରୋଞ୍ଜ୍ ପଦକ ପ୍ଲେ-ଅଫ୍‌ରେ ବେଲାରୁଷ୍‌ର ଦିମିତ୍ରି କାମିନସ୍କିଙ୍କଠାରୁ ପରାସ୍ତ ହୋଇଛନ୍ତି। ଫଳରେ ଚାମ୍ପିୟନଶିପ୍‌ରେ ୨ ରୌପ୍ୟ ସହ ଭାରତର ଅଭିଯାନ ଶେଷ ହୋଇଛି। ରିପିଚେଜ୍ ବାଉଟ୍‌ରେ ରବି ୩-୧ରେ କିର୍‌ଗିଜ୍‌ସ୍ତାନର ଉଜୁର୍ ଝଜ୍‌ଅପ୍‌ବେକୋଭଙ୍କୁ ହରାଇ ଦେଇଥିଲେ। ମାତ୍ର ସେ ବ୍ରୋଞ୍ଜ୍ ପଦକ ପ୍ଲେ-ଅଫ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲେ। ଭାରତର ରବିନ୍ଦର (୬୧ କେଜି) ଏବଂ ପୂଜା ଗେହଲଟ(୫୩ କେଜି) ରୌପ୍ୟ ପଦକ ଲାଭ କରିଛନ୍ତି। ପୁରୁଷ ଫ୍ରିଷ୍ଟାଇଲ ଟିମ୍ ର୍ୟାଙ୍କିଙ୍ଗ୍‌ରେ ଭାରତ ୪୮ ପଏଣ୍ଟ ସହ ୧୧ତମ ସ୍ଥାନ ଅଧିକାର କରିଛି। ମହିଳା କୁସ୍ତିରେ ଭାରତ ଯଥାକ୍ରମେ ଫ୍ରିଷ୍ଟାଇଲ ଏବଂ ଗ୍ରୀକୋ-ରୋମାନ୍‌ରେ ଯଥାକ୍ରମେ ୧୨ ଏବଂ ୧୫ତମ ସ୍ଥାନ ହାସଲ କରିଛି। ଏହି ସଂସ୍କରଣରେ ଭାରତ ଉନ୍ନତ ପ୍ରଦର୍ଶନ କରିପାରିଛି। ୯ଜଣ କୁସ୍ତି ଯୋଦ୍ଧା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଥିଲେ। ମହିଳା କୁସ୍ତି ଏବଂ ଫ୍ରିଷ୍ଟାଇଲ, ଗ୍ରୀକୋ-ରୋମାନ୍‌ରେ ୩ଜଣ ଲେଖାଏଁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ।

# ହାମିଲଟନଙ୍କୁ ୬ଷ୍ଠ ବିଶ୍ୱ ଟାଇଟଲ

ଅଷ୍ଟିନ, ୪।୧୧ (ଏଏଫ୍‌ପି)

ଲୁଇସ୍ ହାମିଲଟନ ୬ଷ୍ଠ ଥର ଫର୍ମୁଲା ୱାନ ଡ୍ରାଇଭର୍ସ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଏଠାରେ ରବିବାର ଅନୁଷ୍ଠିତ ୟୁଏସ୍ ଓପନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍‌ରେ ଦ୍ୱିତୀୟ ସ୍ଥାନ ସହ ସେ ଏହି ସଫଳତା ହାସଲ କରିଛନ୍ତି। ଏହି ଘଟଣାବହୁଳ ରେସ୍‌ରେ ହାମିଲଟନଙ୍କ ଟିମ୍‌ମେଟ ଭାଲଟେରୀ ବୋଟାସ ପ୍ରଥମ ସ୍ଥାନ ଅଧିକାର କରିବା ସହ ଏଠାରେ ଟାଇଟଲ ବିଜୟୀ ହୋଇଛନ୍ତି। ବ୍ରିଟେନର ୩୪ ବର୍ଷୀୟ ଡ୍ରାଇଭର ହାମିଲଟନ ଏଠାରେ ଗ୍ରୀଡ୍‌ର ୫ମ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ ମଧ୍ୟ ପ୍ରଥମ ସ୍ଥାନ ସହ ବିଶ୍ୱ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ଥିଲେ, ମାତ୍ର ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିବା ଫିନ୍‌ଲାଣ୍ଡର ବୋଟାସଙ୍କ ସହିତ ତାଙ୍କର କଡ଼ା ମୁକାବିଲା ହୋଇଥିଲା। ରେସ୍‌ରେ ହାମିଲଟନ ଦୁଇଥର ଅଗ୍ରଣୀ ଲାଭ କରିଥିଲେ। ମାତ୍ର ଅନ୍ତିମ ୩ଟି ଲାପ୍‌ରେ ବୋଟାସ ତାଙ୍କୁ ପଛରେ ପକାଇ ଦେଇଥିଲେ। ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ତାଙ୍କ କ୍ୟାରିୟରର ୧୫୦ତମ ପୋଡିୟମ ଫିନିଶ କରିବାରେ ସଫଳ ରହିଥିଲେ।



ଫର୍ମୁଲା ୱାନ ୟୁ.ଏସ୍ ଗ୍ରାଁ ପ୍ରି ଅଟୋ ରେସ୍ ପରେ ଖୁସି ମୁହୂର୍ତ୍ତରେ ମର୍ସିଡିଜ ଡ୍ରାଇଭର ଲୁଇସ୍ ହାମିଲଟନ (ବାମ)। ନିକଟରେ ଉପସ୍ଥିତ ଅଛନ୍ତି ଟିମ୍‌ମେଟ ଭାଲ୍‌ଟେରୀ ବୋଟାସ (ମଝି) ଏବଂ ରେଡ୍‌ବୁଲ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍।

### ବୋଟାସ ଜିତିଲେ ୟୁଏସ୍ ଗ୍ରାଁପ୍ରି

ଏହାଛଡ଼ା ସେ କ୍ରମାଗତ ଭାବେ ୩୧ଥର ପଏଣ୍ଟ ଅର୍ଜନ କରିପାରିଛନ୍ତି। ୬ଷ୍ଠ ଫର୍ମୁଲା ୱାନ ଡ୍ରାଇଭର୍ସ ଟାଇଟଲ ହାସଲ କରିବା ଦ୍ୱାରା ହାମିଲଟନ ମାଇକେଲ ସୁମାକରଙ୍କ ରେକର୍ଡ ସମକକ୍ଷହେବାଠାରୁ ସେ ଆଉ ଏକ ପାଦ ପଛରେ ରହିଛନ୍ତି। ସୁମାକର ୭ଥର ବିଶ୍ୱ ଚାମ୍ପିୟନ ହୋଇ ପାରିଛନ୍ତି। ହାମିଲଟନ ଏହା ପୂର୍ବରୁ ୨୦୦୮, ୨୦୧୪, ୨୦୧୫, ୨୦୧୭ ଏବଂ ୨୦୧୮ରେ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଟପ୍ ଟେନ୍‌ରେ ଯଥାକ୍ରମେ ରହିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ଆଲେକ୍‌ଜାଣ୍ଡର ଆଲବନ୍ (ରେଡ୍‌ବୁଲ୍), ଡାନିଏଲ ରିକାର୍ଡୋ(ରେନଲ୍ଟ), ଲାଣ୍ଡୋ ନୋରିସ (ମ୍ୟାକଲରେନ), କାର୍ଲୋସ ସେଞ୍ଜ ଜୁନିୟର (ମ୍ୟାକଲରେନ), ନିକୋ ହକେନବର୍ଗ (ରେନଲ୍ଟ), ସର୍ଗିଓ ପେରେଜ (ରେସିଂ ପଏଣ୍ଟ)। ହାମିଲଟନ କହିଛନ୍ତି ମୋ ପାଇଁ ଏହି ରେସ୍ ଖୁବ୍ କଠିନ ଥିଲା। ଟିମ୍‌ମେଟ ବୋଟାସଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା।

ଜନ୍ମଦିନ ଶୁଭେଚ୍ଛା



ଗରିମା ମହାପାତ୍ର (ରାଲି)
ହରଚଣ୍ଡି ସାହି, ପୁରୀ-(୧)
ଆଜି ତୋର ଚତୁର୍ଥ ଜନ୍ମବାର୍ଷିକରେ ଜଗତରନାଥ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ବାବା, ବୋଉ, ଅଜା, ଆଇ, ଦାଦା, ଦେଠେଇ, ଆବାଇ, ବୋଉ, ବଡମାମୁ, ସାନମାମୁ, ପିଉସୀ, ପିଇସା, ଲିପୁନ୍, ସତ୍ୟମ୍, ସ୍ୱୟଂ, ଦିଶା, ଟୁକୁଲୁ, ପାପା, ମାମା, ବନ୍ଧୁ ଓ ପରିବାରବର୍ଗ।
ଧ-୬୩୭୯

### ଓହରିଲେ ଶ୍ରୀକାନ୍ତ, ଖେଳିବେ ସାଇନା, ସିନ୍ଧୁ

ଫୁଝୋଉ,୪।୧୧

ଭାରତୀୟ ଶଟଲର କିଦାମ୍ବି ଶ୍ରୀକାନ୍ତ ଆଗାମୀ ଚାଇନା ଓପନରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି। ଅଲିମ୍ପିକ୍ସ ପଦକଧାରୀ ପି. ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ୭ ଲକ୍ଷ୍ୟ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟରେ ଇଭେଣ୍ଟରେ ଖେଳିବେ। ଉଭୟ ଖେଳାଳି ମହିଳା ସିଙ୍ଗଲ୍ସ ବର୍ଗର ଟାଇଟଲ ହାତେଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ପ୍ରଥମ ରାଉଣ୍ଡରେ ଅଗଷ୍ଟରେ ବିଶ୍ୱ ଚାମ୍ପିୟନଶିପ ଜିତିଥିବା ୬ଷ୍ଠ ସିଡ୍ ସିନ୍ଧୁ ଜର୍ମାନୀର ୟୋନି ଲିଙ୍କୁ ଭେଟିବକୁ ଥିବାବେଳେ ୮ମ ସିଡ୍ ସାଇନା ଚାଇନା କାଇ ୟାନଙ୍କ ସହ ମୁକାବିଲା କରିବେ।

## ଭାରତୀୟ ସଫ୍ଟ ଟେନିସ କୋଚ୍ ଆଜାମଙ୍କୁ ସମ୍ବର୍ଦ୍ଧନା


ମହମ୍ମଦ ଆଜାମ୍ ଓ ବିକାଶଚନ୍ଦ୍ର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଅକ୍ଟୋବର ୨୫ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଇନାର ତାଇଜୁଠାରେ ବିଶ୍ୱ ସଫ୍ଟ ଟେନିସର ଷୋଡ଼ଶ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ସଫ୍ଟ ଟେନିସ ଦଳ ଅଂଶଗ୍ରହଣ କରିଥିଲା। ଓଡ଼ିଶାର ମହମ୍ମଦ ଆଜାମ ଭାରତୀୟ ଦଳର କୋଚ୍ ଓ ବିକାଶ ଚନ୍ଦ୍ର ପଟ୍ଟନାୟକ ଅଫିସିଆଲ ଭାବେ ଗସ୍ତ କରିଥିଲେ। ଉଭୟ ଆଜାମ ଓ ବିକାଶ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବାବେଳେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ସେମାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନର ମୁଖ୍ୟ ପୃଷ୍ଠପୋଷକ ମନୋରଞ୍ଜନ ମହାନ୍ତି, ଅଧ୍ୟକ୍ଷ ରଞ୍ଜନ କୁମାର ନନ୍ଦ, ଉପସଭାପତି ଦିଲ୍ଲିପ କୁମାର ମହାନ୍ତି, ଓଡ଼ିଶା ଷ୍ଟେଟ୍‌ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, କିସ୍ ଓ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ, ନୀଳମାଧବ ଦେଓ, ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ସୂର୍ଯ୍ୟ ରଞ୍ଜନ ପରିଜା, କିସ୍‌ର ଉପକ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା, ରିଣ୍ଟୁ ମିତ୍ର ପ୍ରମୁଖ ଉପସ୍ଥିତ ରହି ଅଭିନନ୍ଦନ ଜଣାଇଛନ୍ତି।

## ‘ମହା’ ବାତ୍ୟା ପ୍ରଭାବ: ଦ୍ୱିତୀୟ ଟି୨୦ରେ ବର୍ଷା ଆଶଙ୍କା

ରାଜକୋଟ,୪।୧୧

ଏଠାରେ ଭାରତ ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଗୁରୁବାର ଆୟୋଜନ ହେବାକୁ ଯାଉଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ବର୍ଷା ଆଶଙ୍କା ସୃଷ୍ଟି ହୋଇଛି। ପ୍ରଦୂଷଣ ଯୋଗୁ ଦିଲ୍ଲୀରେ ପ୍ରଥମ ଟି୨୦ ଖେଳାଯିବା ନେଇ ଆଶଙ୍କା ଦେଖାଦେଇଥିଲା। ତେବେ ଏହି ମ୍ୟାଚ୍ ସଫଳତାର ସହ ଆୟୋଜନ ହୋଇଥିଲା ଓ ବାଂଲାଦେଶ ୭ ଉଇକେଟରେ ବିଜୟୀ ହୋଇଥିଲା। ଏବେ ‘ମହା’ ନାମକ ଏକ ବାତ୍ୟା ଦ୍ୱିତୀୟ ଟି୨୦ ବାଧକ ହେବାକୁ ଯାଉଛି। ଭାରତର ପଶ୍ଚିମ ଉପକୂଳରୁ ଦୂରକୁ ଯାଉଥିବା ଏହି ବାତ୍ୟା ଏବେ ହଠାତ୍ ତା’ର ଦିଗ ବଦଳାଇଛି ଓ ଏହା ଗୁଜୁରାଟ ଉପକୂଳ ଆଡକୁ ମାଡି ଆସୁଛି। ଫଳରେ ଆଗାମୀ ୪୮ ଘଣ୍ଟାରେ ଦକ୍ଷିଣ ଗୁଜୁରାଟ ଉପକୂଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ସୃଷ୍ଟି ହୋଇଛି। ରାଜକୋଟ ଉପକୂଳରେ ଅବସ୍ଥିତ ନ ଥିବାରୁ ଓ ଏହା ଅନ୍ତର୍ଦ୍ଦେଶୀୟ ଅଞ୍ଚଳରେ ରହିଥିବାରୁ ଏଠାରେ ବାତ୍ୟାର ପ୍ରଭାବ ନ ପଡିପାରେ। ତେବେ ବର୍ଷାର ସମ୍ଭାବନାକୁ ଏହାଇ ଦିଆଯାଇ ନ ପାରେ। ଯଦି ଏପରି ହୁଏ ତାହାଲେ ଦ୍ୱିତୀୟ ଟି୨୦ ମ୍ୟାଚ୍ ବର୍ଷା ଯୋଗୁ ପ୍ରଭାବିତ ହେବ ବୋଲି କୁହାଯାଇଛି।

## ରାମେଶ୍ୱର ସ୍ପୋର୍ଟିଂକୁ ଜିତାଇଲେ ଗୌତମ



ଅତିଥି ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ମହମ୍ମଦ ଇମ୍ରାନ ମେମୋରିଆଲ ଟୁଇନ୍ ସିଟି କ୍ରିକେଟ୍ ଟୁର୍ନାମେଣ୍ଟ (୧୭ ବର୍ଷରୁ କମ୍)ର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳ ପଡ଼ିଆରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ରାମେଶ୍ୱର ସ୍ପୋର୍ଟିଂ ୭ ଉଇକେଟ୍‌ରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଏମ୍. ଗୌତମ ଗୋପାଳ ଦର୍ଶନୀୟ ଅର୍ଦ୍ଧଶତକୀୟ ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ୍ ହରାଇ ୧୩୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁମିତ୍ ରାଉତ ୮୨ ବଲରୁ ୬୦ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ଶୁଭ୍ରକାନ୍ତ ପରିଡ଼ା ୬ ଓଭରରେ ୨୪ ରନ ବ୍ୟୟ କରି ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ଗୌତମଙ୍କ ୮୨ ରନ (୮୧ ବଲ୍, ୧୧ ଚୌକା, ୨ ଛକା) ବଳରେ ୨୪.୨ ଓଭରରେ ୩ ଉଇକେଟ୍ ହରାଇ ସହଜ ବିଜୟ ଲାଭ କରିଥିଲା। କ୍ଷୀରୋଦ ବେହେରା, ସରୋଜ କୁମାର ବେହେରା, ମହିଳା କ୍ରିକେଟର୍ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷବ୍ରହ୍ମା ରାଉତରାୟ, ବିଜୟ କୁମାର ଦାସ, ତପନ ସାହୁ, ବିଷ୍ଣୁ ସାହୁ, ବଦ୍ରି ପାତ୍ର, ଉମାକାନ୍ତ ବେହେରା, ଚନ୍ଦନ ନାୟକ, ଲିଙ୍ଗରାଜ ମହାନ୍ତି ଓ ଜଗମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ମ୍ୟାଚ୍‌କୁ ସୁଶାନ୍ତ ଦାସ ଓ ପ୍ରସନ୍ନ ବେଉରା ପରିଚାଳନା କରିଥିବାବେଳେ ମନୁ ମହାପାତ୍ର ମ୍ୟାଚ୍ ରେଫରି ଦାୟିତ୍ୱ ସମ୍ଭାଳିଥିଲେ।

### ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ

## ଧନମତୀଙ୍କୁ ରୌପ୍ୟ

କଟକ ଅଫିସ,୪।୧୧

ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ଚାଲିଥିବା ୩୫ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସୋମବାର ଓଡ଼ିଶା ଆଉ ଗୋଟିଏ ରୌପ୍ୟ ପଦକ ଜିତିଛି। ପ୍ରତିଯୋଗିତାର ୩ୟ ଦିନରେ ୧୮ ବର୍ଷରୁ କମ୍ ବାଳିକା ବର୍ଗର ଜାଭେଲିନ ଥ୍ରୋ ଫାଇନାଲ ରାଉଣ୍ଡ ଖେଳାଯାଇଥିଲା। ଓଡ଼ିଶାର ଧନମତୀ ଖେସ୍ ମୋଟ୍ ୪୦.୬୨ ମିଟର ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ସଫଳତା ପାଇଥିଲେ। ଉକ୍ତ ଇଭେଣ୍ଟରେ ହରିୟାଣାର ଜ୍ୟୋତି(୪୮.୦୧ ମିଟର) ଓ ଗୁଜରାଟର ଅମୀଷା ଦେବେନ୍ଦ୍ର(୩୯.୯୨ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ, ବ୍ରୋଞ୍ଜ ପଦକ ଜିତିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ୪ଟି ପଦକ ଜିତି ସାରିଲାଣି। ଏହାମଧ୍ୟରେ ୨ଟି ରୌପ୍ୟ ଓ ୨ଟି ବ୍ରୋଞ୍ଜପଦକରହିଛି। ଅନ୍ୟପକ୍ଷରେ



ଚାମ୍ପିୟନଶିପ୍‌ର ୮୦୦ ମିଟର ଦୌଡ଼ ଇଭେଣ୍ଟରେ ଓଡ଼ିଶା ନିମନ୍ତେ ପଦକ ଆଶା ରହିଛି। ଏହି ଇଭେଣ୍ଟର ୧୬ ବର୍ଷରୁ କମ୍ ବାଳକ ବର୍ଗରେ ବଳଭଦ୍ର ଭାତ୍ରା, ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ସୁସ୍ମିତା ଟିଗା ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୧୮ ବର୍ଷରୁ କମ୍ ବାଳକ ୮୦୦ ମିଟର ଦୌଡ଼ରେ ଦିଲ୍ଲିପ ନାୟକ ୪ର୍ଥ ସ୍ଥାନରେ ରହି ଫାଇନାଲରୁ ବାଦ ପଡ଼ିଛନ୍ତି।

## ୯ରେ କଟକ ଜିଲା ଚେସ୍ ଚାମ୍ପିୟନଶିପ୍

କଟକ ଅଫିସ,୪।୧୧

କଟକ ରେଳଷ୍ଟେଶନ ନିକଟସ୍ଥ ପୂର୍ବତଟ ରେଳବାଇ ପ୍ରତିଷ୍ଠାନର ସଭାଗୃହରେ ଆସନ୍ତା ୯ ତାରିଖରେ କଟକ ଜିଲା ଚେସ୍ ଚାମ୍ପିୟନଶିପ ଅନୁଷ୍ଠିତ ହେବ। କଟକ ଜିଲା ଚେସ ସଂଘ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ। ଉଭୟ ଜୁନିୟର ଓ ସିନିୟର ବର୍ଗରେ ଏହି ପ୍ରତିଯୋଗିତା ହେବ। କେବଳ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଜୁନିୟର ବର୍ଗରେ ଅଂଶଗ୍ରହଣ କରିବାର ସୁଯୋଗ ଦିଆଯିବ। ସିନିୟର ବର୍ଗ ନିମନ୍ତେ ୩୦୦ ଟଙ୍କା ଓ ଜୁନିୟର ବର୍ଗ ନିମନ୍ତେ ୨୦୦ ଟଙ୍କାର ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଉଭୟ ବର୍ଗରେ ଶ୍ରେଷ୍ଠ ୧୦ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପୁରସ୍କାର ବାବଦରେ ମୋଟ୍ ୪୯ ଟ୍ରଫି ଓ ୨୫ ହଜାର ଟଙ୍କାର ରାଶି ରଖାଯାଇଛି। ଏତଦବ୍ୟତୀତ ବିଭିନ୍ନ ବୟସବର୍ଗର ଶ୍ରେଷ୍ଠ ପ୍ରତିଯୋଗୀ, ଭେଟେରାନ ଖେଳାଳି ଓ ଦିବ୍ୟାଙ୍ଗ ଖେଳାଳି ସ୍ୱତନ୍ତ୍ର ଭାବେ ପୁରସ୍କୃତ ହେବେ। ପ୍ରତିଯୋଗିତା ଆରମ୍ଭ ଦିନ ପୂର୍ବାହ୍ନ ୯ଟା ସୁଦ୍ଧା ଇଚ୍ଛୁକ ପ୍ରତିଯୋଗୀମାନେ ଜନ୍ମପ୍ରମାଣ ପତ୍ର ଦାଖଲ କରି ନାମ ପଞ୍ଜିକରଣ କରି ପାରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅଧିକ ବିବରଣୀ ନିମନ୍ତେ ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ତାପସ ମହାନ୍ତି, ନିହାର ରଞ୍ଜନ ସାସମଲଙ୍କ ସହ ଯୋଗାଯୋଗ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

## ଜୋକୋଭିଚ୍ ଚାମ୍ପିୟନ

ପ୍ୟାରିସ୍,୪।୧୧(ଏଏଫ୍‌ପି): ସର୍ବିୟାର ଅଭିଜ୍ଞ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ରେକର୍ଡ ପଞ୍ଚମଥର ପାଇଁ ପ୍ୟାରିସ ମାଷ୍ଟର୍ସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ୩୨ ବର୍ଷୀୟ ଜୋକୋଭିଚ୍ ୬-୩, ୬-୪ ସେଟରେ କାନାଡ଼ାର ଡେନିସ ଶାପୋଭାଲୋଭଙ୍କୁ ହରାଇ କ୍ୟାରିୟରର ୭୭ତମ ଏଟିପି ଟାଇଟଲ ଜିତିଛନ୍ତି। ଏଥିସହିତ ସେ ୩୪ତମ ମାଷ୍ଟର୍ସ ଟାଇଟଲ ଜିତିଛନ୍ତି। ବିଶ୍ୱର ୨୮ ନମ୍ବର ଖେଳାଳି ୨୦ ବର୍ଷୀୟ ଶାପୋଭାଲୋଭଙ୍କ ବିପକ୍ଷରେ ଜୋକୋଭିଚ୍‌ଙ୍କର ଏହା ଚତୁର୍ଥ ବିଜୟ।

ମନେ ପଡ଼ନ୍ତି

ସପ୍ତଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତି
ତିରୋଧାନ: ଅଁଳା ନବମୀ- ୨୦୦୨
ବାପା, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ସପ୍ତଦଶ ଶ୍ରାଦ୍ଧବାର୍ଷିକୀରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଆପଣଙ୍କର ପିଲାମାନେ।
ଧ-୧୪୯୮୪

ଦ୍ୱାଦଶାହ ଉପଲକ୍ଷେ
ବିନମ୍ର ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କିଶୋର ଚନ୍ଦ୍ର ମିଶ୍ର
91, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୫।୧୯୨୫
ତିରୋଧାନ: ୨୫।୧୦।୨୦୧୯
(କାର୍ତ୍ତିକ କୃଷ୍ଣପକ୍ଷ ଦ୍ୱାଦଶୀ)
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ
ଧ-୧୫୦୭୨

# ରେଭେନ୍‌ଶା, କିସ୍, ଉତ୍କଳ ବିଜୟୀ

### ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ

କଟକ ଅଫିସ, ୪।୧୧



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ୧୫ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ୱାକ୍‌ଓଭର ଜରିଆରେ ଗୋଟିଏ ମ୍ୟାଚ୍‌ର ଫଳାଫଳ ନିର୍ଦ୍ଧାରଣ ହୋଇଛି। ସୋମବାର ଓଡ଼ିଶାର ୩ଟି ବିଶ୍ୱବିଦ୍ୟାଳୟ ରେଭେନ୍‌ଶା, କିସ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ସେମାନଙ୍କ ମ୍ୟାଚ୍‌ରେ ବିଜୟ ଲାଭ କରିଛନ୍ତି। ରେଭେନ୍‌ଶା ୪-୧ ଗୋଲରେ ଜଗଦଲପୁର ବସ୍ତର ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ସେହିପରି କିସ୍ ୬-୦ ଗୋଲରେ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟକୁ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ୫-୧ ଗୋଲରେ ଆଇସିଏଫ୍‌ଏଆଇକୁ ପରାସ୍ତ କରିଛନ୍ତି। ପରେ ଏହି ୩ ଦଳ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ଅନ୍ୟ ୫ଟି ବିଶ୍ୱବିଦ୍ୟାଳୟ ଦଳ ସୋମବାର ପରାଜୟ ବରଣ କରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। କିଟ୍ ୧-୨ ଗୋଲରେ ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟଠାରୁ ହାରିଥିବା ବେଳେ ସେଞ୍ଚୁରିୟନ ୦-୫ ଗୋଲରେ ଏଲ୍‌ଏନ୍ ମିଥିଳା ବିଶ୍ୱବିଦ୍ୟାଳୟଠାରୁ, ସୋଆ ବିଶ୍ୱବିଦ୍ୟାଳୟ ୦-୩ ଗୋଲରେ ସିଏସ୍‌ଭିଟିଠାରୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ୦-୩ ଗୋଲରେ ଏସ୍.କେ ବିଶ୍ୱବିଦ୍ୟାଳୟଠାରୁ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୦-୨ ଗୋଲରେ ବିନୋବା ଭାବେ ବିଶ୍ୱବିଦ୍ୟାଳୟଠାରୁ ପରାସ୍ତ ହୋଇଛି। ଓପି ଜିନ୍ଦଲ ଅନୁପସ୍ଥିତ ରହିବାରୁ ଡିବ୍ରୁଗଡ଼ ବିଶ୍ୱବିଦ୍ୟାଳୟକୁ ବିଜୟୀ ଘୋଷଣା କରାଯାଇଥିଲା। ସୋମବାର ବିଜୟଲାଭ କରିଥିବା ଅନ୍ୟ ଦଳଗୁଡ଼ିକ ହେଲା ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟ, କଲିକତା ବିଶ୍ୱବିଦ୍ୟାଳୟ, ନର୍ଥବେଙ୍ଗଲ ବିଶ୍ୱବିଦ୍ୟାଳୟ, ଏମ୍‌ଜି କାଶୀ ବିଦ୍ୟାପୀଠ, ଡିଡିୟୁ ଗୋରଖପୁର ଓ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ।

## ଭାରତୀୟ ପୁରୁଷ ଟିଟି ଦଳକୁ ଶ୍ରେଷ୍ଠ ମାନ୍ୟତା

ନୂଆଦିଲ୍ଲୀ, ୪।୧୧- ଭାରତୀୟ ପୁରୁଷ ଟେବୁଲ ଟେନିସ (ଟିଟି) ଦଳ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ପ୍ରବେଶ କରିଛି। ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ ପକ୍ଷରୁ ସଦ୍ୟ ପ୍ରକାଶିତ ବିଶ୍ୱ ର୍ୟାଙ୍କିଙ୍ଗରେ ଦଳ ୨୭୨ ପଏଣ୍ଟ ପାଇ ଅଷ୍ଟ୍ରିଆ ସହିତ ଯୁଗ୍ମ ଭାବେ ୯ମ ସ୍ଥାନ ହାସଲ କରିଛି। ଟେବୁଲ ଟେନିସ ଇତିହାସରେ ଭାରତୀୟ ପୁରୁଷ ଦଳର ଏହା ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍। ପୂର୍ବରୁ ଭାରତ ୧୦ମ ସ୍ଥାନ ହାସଲ କରିଥିଲା। ୨୯୦ ପଏଣ୍ଟ ସହ ଟେବୁଲରେ ଚାଇନା ଶୀର୍ଷରେ ରହିଥିବାବେଳେ ଜାପାନ (୨୮୮) ଓ ଜର୍ମାନୀ (୨୮୬) ଏହା ପଛକୁ ୨ୟ ଓ ୩ୟ ସ୍ଥାନରେ ରହିଛି। ଶରଥ କମଲ ଓ ସାଥିୟାନଙ୍କ ସମେତ ଅନ୍ୟ ଭାରତୀୟ ପ୍ୟାଡ୍‌ଲରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ଏସିଆନ ଗେମ୍ସରେ ବ୍ରୋଞ୍ଜ ଏବଂ କଟକରେ ଚଳିତବର୍ଷ ଅନୁଷ୍ଠିତ ହୋଇଥିବା କମନଓ୍ୱେଲଥ୍ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ନଭେମ୍ବର ୫/୨୦୧୯ Berhampur, Tuesday, November 5/ 2019

## ସଂକ୍ଷେପରେ

### ଛତ୍ରପୁର ବ୍ଲକ, ଏସ୍ଏସ୍ଏ ଅଫିସ ପରିଦର୍ଶନ କଲେ ଜିଲାପାଳ

ଛତ୍ରପୁର,୪।୧୧(ଡି.ଏନ.ଏ.)-ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଅପରାହ୍ନରେ ଛତ୍ରପୁର ବ୍ଲକ ଓ ଏସ୍ଏସ୍ଏ (ସମଗ୍ର ଶିକ୍ଷା ଅଭିଯାନ) ଅଫିସ ପରିଦର୍ଶନ କରିଥିଲେ । ଛତ୍ରପୁର ବ୍ଲକ ଓ ସିଡିପିଓ କାର୍ଯ୍ୟାଳୟ ପରିଦର୍ଶନ କରି ଏହାର ପରିସର ସଫା ରଖିବାକୁ ଜିଲାପାଳ କହିଥିଲେ । ପ୍ରତି ଘରକୁ ଯାଇ ପରିବାରର ସମସ୍ତ ତଥ୍ୟ ସଂଗ୍ରହ କରାଯିବ । ଏହି ପାଇଲଟ୍ ଯୋଜନା ପ୍ରଥମେ ଛତ୍ରପୁର ବ୍ଲକର ଗୋଟିଏ ଗାଁରେ ଆରମ୍ଭ କରାଯିବ ବୋଲି ଜଣାପଡିଛି । ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ପରେ ଜିଲାପାଳ ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ମଧୁ ଆପ୍ ବିଲ୍ଡିଂ ନିର୍ମାଣର ଅଗ୍ରଗତି ଦେଖିଥିଲେ ।

### ଛତ୍ରପୁରରେ ରେଳ ସମସ୍ୟା ଡିଆରଏମ୍‌ଙ୍କୁ ଭେଟିଲେ ବିଧାୟକ

ଛତ୍ରପୁର,୪।୧୧(ଡି.ଏନ.ଏ.)-ଛତ୍ରପୁର ନିର୍ବାଚନମଣ୍ଡଳୀରେ ବିଭିନ୍ନ ରେଳ ସମସ୍ୟା ନେଇ ସ୍ଥାନୀୟ ବିଧାୟକ ସୁବାସଚନ୍ଦ୍ର ବେହେରା ସୋମବାର ଖୋର୍ଦ୍ଧା ଡିଆରଏମ୍ ଶଶିକାନ୍ତ ସିଂଙ୍କ ସହ ଆଲୋଚନା କରିଛନ୍ତି । ଏଥିସହ ଏକ ସ୍ମାରକପତ୍ର ଡିଆରଏମ୍‌ଙ୍କୁ ପ୍ରଦାନ କରାଯାଇଥିଲା । ଛତ୍ରପୁର ରେଢ୍ଡୀସାହି ନିକଟ ରେଳବାଇ ଫାଟକ-୨୯୧କୁ ପୁନଃ ଖୋଲିବା, ନରସିଂହପୁର ପାସେଞ୍ଜର ହଲ୍ଟକୁ ପୁଣି କାର୍ଯ୍ୟକ୍ଷମ କରି ଟ୍ରେନ୍ ରହଣି, ରମ୍ଭା ଷ୍ଟେଶନରେ ଅଧିକ ଏକ୍ସପ୍ରେସ ଟ୍ରେନ୍ ରହଣି। ଛତ୍ରପୁର ଷ୍ଟେଶନର ଉନ୍ନତୀକରଣ ଆଦି ଦାବି ରହିଛି । ଏହି ଆଲୋଚନା ବେଳେ ଜି. ପାପା ରାଓ ଉପସ୍ଥିତ ଥିଲେ।

### ସାନଖେମୁଣ୍ଡି ବ୍ରାହ୍ମଣ ମହାସଂଘର ସମାବେଶ

ପାଟପୁର,୪।୧୧(ଡି.ଏନ.ଏ.)-ସାନଖେମୁଣ୍ଡି ବ୍ଲକ କଙ୍କୋରଡା ନାରାୟଣୀ ମନ୍ଦିର ପୀଠରେ ରବିବାର ସାନଖେମୁଣ୍ଡି ବ୍ରାହ୍ମଣ ମହାସଂଘ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ସାନଖେମୁଣ୍ଡି ଅଞ୍ଚଳରେ ବ୍ରାହ୍ମଣ ମହାସଂଘର ବଳିଷ୍ଠ ସଂଗଠନ, ଜାତିଗତ ଏକତା, ବ୍ରାହ୍ମଣ ବିଦ୍ୟାର ପ୍ରସାର ସଂସ୍କୃତିର ସୁରକ୍ଷା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ପୁରୋହିତ ସମିତିର ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀ, ବ୍ରାହ୍ମଣ ମହାସଂଘ ଜିଲା ଉପସଭାପତି ବନମାଳୀ ସାମନ୍ତରା, ପର୍ଶୁରାମ ବାହିନୀ ସଭାପତି ପ୍ରତାପ କୁମାର ମିଶ୍ର, ଧରାକୋଟ ବ୍ଲକ ସଭାପତି ନିରୋଜ କୁମାର ପାଢ଼ୀ, ପ୍ରଶାନ୍ତ କୁମାର ଭଞ୍ଜ, ଗଙ୍ଗାଧର ଶତପଥୀ, ସୁରେନ୍ଦ୍ର କୁମାର ମିଶ୍ର, ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କ ସମେତ ବହୁ ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ■ବିଧାନସଭା ଗୃହ କମିଟିର ବିଭିନ୍ନ ବ୍ଲକ ଗସ୍ତ

# ଛତୁଆ ପ୍ରସ୍ତୁତି କେନ୍ଦ୍ର, ଶିଶୁ ଖାଦ୍ୟ ଯାଞ୍ଚ

ଖଲ୍ଲିକୋଟ/ବେଗୁନିଆପଡ଼ା (ଡି.ଏନ୍.ଏ.)ପାଟପୁର,୪।୧୧

ଓଡ଼ିଶା ବିଧାନସଭା ଗୃହ କମିଟିର ବିଧାୟିକାମାନେ ସୋମବାର ଅପରାହ୍ନରେ ଖଲ୍ଲିକୋଟ ଓ ବେଗୁନିଆପଡ଼ା ବ୍ଲକ ପରିଦର୍ଶନ କରିବା ସହ ଏସ୍ଏସ୍‌ଜି ଗ୍ରୁପ ସଦସ୍ୟାଙ୍କୁ ସାକ୍ଷାତ୍ କରିଥିଲେ। ସେମାନେ ହେଲେ ଚିକିଟି ବିଧାୟିକା ଉଷା ଦେବୀ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ। ପ୍ରଥମେ ଛତ୍ରପୁର ଏଡିଏମ୍ କବୀନ୍ଦ୍ର ସାହୁ ଉକ୍ତ କମିଟିକୁ ଲଙ୍ଗଳେଶ୍ୱରଠାରେ ସ୍ୱାଗତ କରିଥିଲେ। ପରେ ଲଙ୍ଗଳେଶ୍ୱର ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଦେଖିବା ସହ ପିଲାଙ୍କ ଖାଦ୍ୟ ଏବଂ ପାଠପଢ଼ା ଆଦି ବିଷୟରେ ପଚାରି ବୁଝିଥିଲେ। ପଞ୍ଚାୟତ ପରିସରରେ ଲଙ୍ଗଳେଶ୍ୱର ଅଞ୍ଚଳର ବିଭିନ୍ନ ଏସ୍ଏସ୍‌ଜି ଗ୍ରୁପଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଡିମିରିଆ ପଞ୍ଚାୟତର ଗୁହାରିଆପାଟ ସେବାଶ୍ରମ ବିଦ୍ୟାଳୟରେ ପହଞ୍ଚି



ଖଲ୍ଲିକୋଟ ଲଙ୍ଗଳେଶ୍ୱର ଅଙ୍ଗନୱାଡ଼ି କେନ୍ଦ୍ରରେ ବିଧାନସଭା ଗୃହ କମିଟିର ସଭ୍ୟମାନେ।

ପିଲାଙ୍କ ପଢ଼ା, ରୋଷେଇବାସ ସମ୍ପର୍କରେ ବୁଝିଥିଲେ। ଏହି ଗସ୍ତରେ ଖଲ୍ଲିକୋଟ ତହସିଲଦାର ଚିତ୍ତରଞ୍ଜନ ମହାନ୍ତ ଓ ସିଡିପିଓ ମମତାରାଣୀ ପାତ୍ର, ବିଡିଓ ନବକୃଷ୍ଣ ଜେନା, ଛତ୍ରପୁର ଡିଏସ୍‌ଡବ୍ଲୁଇଓ ମନୋରମା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବେଗୁନିଆପଡ଼ା ବ୍ଲକ କେ.ବରିଡ଼ା ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ। ସମସ୍ତଙ୍କ ଅଭିଯୋଗ ଥିଲା ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଣ ହେଉଥିବା ଛତୁଆ ଉପରେ ବେଗୁନିଆପଡ଼ା ବ୍ଲକରେ ଏତେ ସଂଖ୍ୟକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଥିବା ବେଳେ ଖଲ୍ଲିକୋଟ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ପ୍ରସ୍ତୁତ ଛତୁଆ କାହିଁକି ଆସୁଛି। ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏହି ଛତୁଆ ପ୍ରସ୍ତୁତ ଲାଗି ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଥିଲେ। ଏହା ପରେ କୋଦଳା ଓ କବିସୂର୍ଯ୍ୟନଗର ଯାଇଥିଲେ। ସେହିପରି ସାନଖେମୁଣ୍ଡି ବ୍ଲକର କଙ୍କୋରଡା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସମନ୍ବିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଆୟୋଜିତ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମରେ ଯୋଗଦେଇ କନ୍ୟା ସୁରକ୍ଷା ଉପରେ ଆଲୋଚନା କରିଥିଲେ। ସନ୍ତାନଙ୍କ ମା'ଙ୍କୁ ଚାରା ଚାରା ବଣ୍ଟନ କରିଥିଲେ। କଙ୍କୋରଡା ସ୍ଥିତ ଛତୁଆ ଉତ୍ପାଦନ କେନ୍ଦ୍ର ଯାଇ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟର ଯାଞ୍ଚ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପିଲାଙ୍କ ଲଡ୍ଡୁକୁ ନିଜେ ଖାଇ ତାହାର ମାନ ଯାଞ୍ଚ କରିଥିଲେ।

## ମୋ ଡାକ୍ତରଖାନା ମୋ ଗର୍ବ

# ସଫେଇ, ସଚେତନତା ପରେ ବଢ଼ିଲା ପ୍ରଦୂଷଣ

ଭଞ୍ଜନଗର,୪।୧୧(ଡି.ଏନ.ଏ) ସରକାରୀ ଯୋଜନା କାର୍ଯ୍ୟକାରୀ କରୁଥିବା କେତେଜଣ କର୍ମଚାରୀଙ୍କ ସଚେତନତା ଅଭାବରୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଏକ ଘଟଣା ସୋମବାର ଭଞ୍ଜନଗର ମେଡ଼ିକାଲ ପରିସରରେ ଦେଖିବାକୁ ମିଳିଥିଲା। ମେଡ଼ିକାଲ ପରିସର ସଫା ରଖିବା ଲକ୍ଷ୍ୟ ନେଇ ମୋ ଡ଼ାକ୍ତରଖାନା ମୋ ଗର୍ବ ଅଭିଯାନ ଆରମ୍ଭ ହୋଇଛି । ସହରର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ, ଏନ୍ଏସି, ମେଡ଼ିକାଲ ଏବଂ ଅନ୍ୟାନ୍ୟ ବିଭାଗ ସହଯୋଗରେ ମେଡିକାଲ ସଫେଇ ହୋଇଥିଲା । ପରେ ସ୍ଲୋଗାନ ଏବଂ ସଚେତନତା ବାର୍ତ୍ତା ମାଧ୍ୟମରେ ଲୋକଙ୍କୁ ପରିମଳ ଉପରେ ସଚେତନ କରାଯାଇଥିଲା । ଏହାର କିଛି ସମୟ ପରେ ଏକାଠି କରାଯାଇଥିବା ଅଳିଆ ଆବର୍ଜନାରେ ନିଆଁ ଲଗାଇ ଦିଆଯାଇଥିଲା । ମେଡ଼ିକାଲ ପାଚେରିକୁ ଲାଗି ୫ରୁ ଉର୍ଦ୍ଧ୍ୱ ଅଳିଆ ଗଦାରେ ନିଆଁ ଲଗାଯିବାରୁ ଧୂଆଁରେ ପରିବେଶ ପ୍ରଦୂଷିତ ହୋଇଥିଲା। ଧୂଳି ଓ ଧୂଆଁ ଯୋଗୁ କିଛିଦିନ ହେଲା ରାଜଧାନୀ ଦିଲ୍ଲୀ ପ୍ରଦୂଷଣ ଅସମ୍ଭାଳ ହୋଇ ପଡିଛି। ଶ୍ୱାସକ୍ରିୟା କଷ୍ଟକର ହୋଇପଡୁଛି। ଏଭଳି ସ୍ଥିତିରେ ପ୍ରଥମେ ସଚେତନ ହୋଇ ଯେ କୌଣସି ପଦକ୍ଷେପ ନେବା ଆବଶ୍ୟକ ବୋଲି ଭଞ୍ଜନଗର ମେଡିକାଲ ସଫେଇ ପରେ ଅଞ୍ଚଳର କିଛି ଲୋକ କହିଥିଲେ। ସହରର ଅଳିଆକୁ ନେଇ ବାହାରେ ପକାଇବା ବ୍ୟବସ୍ଥା ଥିବାବେଳେ ତାହା ନ କରି ବିଭିନ୍ନ ସମୟରେ ନିଆଁ ଲଗାଇ ଦିଆଯାଉଛି। ଏଥିପାଇଁ ସଚେତନତା ଆବଶ୍ୟକ । ସଚେତନତା କାର୍ଯ୍ୟକ୍ରମରେ ଏନଏସି ନିର୍ବାହୀ ଅଧିକାରୀ ଭଜରାମ ବିଶ୍ୱାଳ, ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, ଅଶ୍ୱିନୀ କୁମାର ପଣ୍ଡା, ଦିଲିପ ସ୍ୱାଇଁ, ଅଶୋକ ଦଳବେହେରା, ଶୁଳପାଣି ଶତପଥୀ, ସ୍ୱଚ୍ଛ ସାଥି, ସୁପରଭାଇଜର, ସହରର ୧୯ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ ।



ଅଳିଆଗଦାରୁ ଧୂଆଁ ବାହାରୁଛି ।

## ■ ଟ୍ରକ ଧକ୍କାରେ ବାଇକ୍ ଚାଳକ ମୃତ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଛତ୍ରପୁର,୪।୧୧(ଡି.ଏନ.ଏ)

ଛତ୍ରପୁର ଥାନା ଅଧୀନ ବଡମାଧପୁର ଗାଁ ହନୁମାନ ସାହି ରାସ୍ତାରେ ସୋମବାର ମଧ୍ୟାହ୍ନରେ ଏକ ବାଇକକୁ ଟ୍ରକ ଧକ୍କା ଦେବାରୁ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ବ୍ଲକ ମଲାଡ ପଞ୍ଚାୟତ ଅଧୀନ କୁଶପଲ୍ଲୀ ଗାଁର ସୁରେନ୍ଦ୍ର ଦାସ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଫଳରେ ଛତ୍ରପୁର-ତାରାତାରିଣୀ ମୁଖ୍ୟ ରାସ୍ତାରେ ସାଢେ ୫ ଘଣ୍ଟା ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ମୃତ ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରାଯାଇଥିଲା। ପରେ ଘଟଣାସ୍ଥଳରେ ଛତ୍ରପୁର ଅତିରିକ୍ତ ତହସିଲଦାର ରାକେଶ କୁମାର ନାହାକ, ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାଏ, ଆରଆଇ ସୁଶାନ୍ତ ଶବର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ରେଡକ୍ରସରୁ ୨୦ ହଜାର ଟଙ୍କା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା । ଏଥିସହ ଟ୍ରକ ମାଲିକ କ୍ଷତିପୂରଣ ଦେବେ ବୋଲି ଲିଖିତ ଭାବେ ଜଣାଇବାରୁ ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ବଡମାଧପୁର ହନୁମାନ ସାହି ରାସ୍ତାରେ ସୋମବାର ବାଇକ (ଓଡି ୦୭ ଏବି୧୫୧୪) ଯାଉଥିବା-ବେଳେ ସମ୍ମୁଖରୁ ଏକ ଟ୍ରକ୍ (ଓଆର୍ ୦୭ ଏଏ ୮୧୬୪) ଧକ୍କା ଦେଇ ଥିଲା । ଘଟଣାସ୍ଥଳରେ ବାଇକ୍ ଚାଳକ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଟ୍ରକଟିକୁ ପୋଲିସ ଜବତ କରିଛି ।



ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି ।

# ଜିଲାପରିଷଦ ସଭ୍ୟ ଉପନିର୍ବାଚନ: ୬ ନାମାଙ୍କନପତ୍ର କାଏମ

ଛତ୍ରପୁର,୪।୧୧(ଡି.ଏନ.ଏ)

ଛତ୍ରପୁର ବ୍ଲକ ଅଧୀନ ୧୯ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଉପନିର୍ବାଚନ ପାଇଁ ୬ ନାମାଙ୍କନପତ୍ର କାଏମ ରହିଛି। ସୋମବାର ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଯାଞ୍ଚ ହୋଇଥିଲା । ଭାଗୀରଥି ପ୍ରଧାନ (ସିପିଆଇ), ଗୁରୁନାଥ ପ୍ରଧାନ (ସ୍ୱାଧୀନ), ପ୍ରମୋଦ କୁମାର ପ୍ରଧାନ (ବିଜେଡି), ରବୀନ୍ଦ୍ର କୁମାର ସେଠୀ (କଂଗ୍ରେସ), ରଞ୍ଜିତ କୁମାର ପ୍ରଧାନ (ଭାଜପା) ଓ ସୁରେନ୍ଦ୍ର ସେଠୀ (ସ୍ୱାଧୀନ) ଙ୍କ ନାମାଙ୍କନପତ୍ର କାଏମ ରହିଛି । ୭ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାର ଓ ଉକ୍ତ ଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୨୭ ତାରିଖରେ ଭୋଟ ଗ୍ରହଣ ହେବ ।

## ଦୌଡ଼ ପ୍ରତିଯୋଗିତା ଉଦ୍‌ଯାପିତ

ଆର.ଉଦୟଗିରି, ୪।୧୧(ଡି.ଏନ.ଏ.) ଆର.ଉଦୟଗିରି ଗ୍ରାମର ମିନି ଷ୍ଟାଡିୟମଠାରେ ଜିଲାର ୭ ବ୍ଲକର ଛାତ୍ରୀଛାତ୍ରମାନଙ୍କୁ ନେଇ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିଥିଲା। ଦୌଡ଼ ପ୍ରତିଯୋଗିତାରେ ୧୦୫ ଜଣ ୧୪ ଓ ୧୭ ବର୍ଷରୁ କମ୍ ବାଳିକା ବାଳକ ଭାଗ ନେଇଥିଲେ । ସେଥିରୁ ୩୫ ଜଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ମନୋନୀତ ହୋଇଛନ୍ତି। ଚାମ୍ପିୟନ ହୋଇଥିବା ୫ ଜଣଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ମହେନ୍ଦ୍ରଗିରି ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ପଣ୍ଡା, ମହେନ୍ଦ୍ରତନୟା ମହାବିଦ୍ୟାଳୟ ଅଧ୍ୟକ୍ଷା ଭାରତି ମିଶ୍ର, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପୂଜାରି, ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ୱନାଥ ଭୂୟାଁ, ଅତିରିକ୍ତ ଗୋଷ୍ଠୀ ଅଧିକାରୀ ନୟନ ରଞ୍ଜନ ମଣ୍ଡଳ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ନାହାକଙ୍କ ସମେତ ଅନ୍ୟ ଶିକ୍ଷକ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ବିପିନ ଚନ୍ଦ୍ର ମାଳବିଷୋଇ ଓ ପ୍ରହଲ୍ଲାଦ ଶିଅଳ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବି.ଲକ୍ଷ୍ମଣ ରାଓ ଏବଂ ଜିଲାସ୍ତରୀୟ ସମସ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାମିନ ପରେ ଅଭିଯୁକ୍ତଙ୍କୁ ପୁଣି ନେଲା ପୋଲିସ

ଆସିକା,୪।୧୧(ଡି.ଏନ୍.ଏ.)

ବସ୍ ମାଲିକ ପ୍ରତାପ ପୋଲାଇ ହତ୍ୟାକାଣ୍ଡର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସିଲୁ ପୋଲାଇ ସୋମବାର ଅପରାହ୍ନରେ ଜାମିନରେ ଆସିକା ସବଜେଲରୁ ମୁକୁଳିଥିଲେ । ତେବେ ପୂର୍ବରୁ ଅପେକ୍ଷା କରିଥିବା ପୋଲିସ ଜେଲ ଫାଟକ ସମ୍ମୁଖରୁ ତାଙ୍କୁ ପୁଣି ଉଠାଇ ନେଇଛି । କେଉଁ ମାମଲାରେ ସିଲୁଙ୍କୁ ପୋଲିସ ଉଠାଇଲା ତାହା ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ପୋଲିସ ବି ମୁହଁ ଖୋଲୁନି। ସୂଚନାଯୋଗ୍ୟ, ଆସିକା ପାକଲାପଲ୍ଲୀର ପ୍ରତାପ ପୋଲାଇ ଏକ ବସରେ ଆସିକାରୁ ବ୍ରହ୍ମପୁର ଯାଉଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ସେହି ବସରେ ଗୁଳିକରି ହତ୍ୟା କରିଥିଲେ । ଏହି ମାମଲାରେ ସିଲୁଙ୍କୁ ପୋଲିସ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ଉତ୍କଳ ମହିଳା ସମିତି ବ୍ଲକ ଶାଖା ସମ୍ମିଳନୀ

ଦିଗପହଣ୍ଡି,୪।୧୧(ଡି.ଏନ.ଏ.) ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଗଣିଆନାଳ ମା'କୁରେଇଗୁଣୀ ମନ୍ଦିର ପରିସରରେ ରବିବାର ଉତ୍କଳ ମହିଳା ସମିତି ସଙ୍ଗଠନ ଦିଗପହଣ୍ଡି ବ୍ଲକ ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାନେତ୍ରୀ ରଶ୍ମିତା ଦୋରା ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ସଙ୍ଗଠନ ଗଞ୍ଜାମ ଜିଲା ସଭାନେତ୍ରୀ ବି.ବିଜୟଲକ୍ଷ୍ମୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଜିଲା ସମ୍ପାଦକ ଅଳକ ନାଥ ମିଶ୍ର, କିଶୋର ଶତପଥୀ, ତପନ କୁମାର ମିଶ୍ର, ଦୈତାରି ରେଡ୍ଡୀ, ମୃଷା ବେହେରା, ଲୋକନାଥ ବିଷୋୟୀ ଓ ହେମ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଦେଶର ଆଭ୍ୟନ୍ତରୀଣ ସ୍ଥିତି ସଙ୍ଗିନ ଚାଷୀ ଉତ୍ପାଦନ କରୁଥିବା ଫସଲର ଉପଯୁକ୍ତ ମୂଲ୍ୟ ନ ପାଇ ଋଣଗ୍ରସ୍ତ ହୋଇ ଚାଷ ଛାଡ଼ି ଆତ୍ମହତ୍ୟା କରୁଥିବା ବେଳେ ରାଜ୍ୟରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢ଼ି ଚାଲିଛି। ଦଳିତ, ସଂଖ୍ୟା ଲଘୁ, ଆଦିବାସୀ ଓ ମହିଳାଙ୍କ ଉପରେ ଦିନକୁ ଦିନ ଅତ୍ୟାଚାର ହେଉଛି। ଯୋଗ୍ୟ କାଳିଆ ହିତାଧିକାରୀଙ୍କୁ ଅଯୋଗ୍ୟ ଘୋଷଣା କରିବା ରାଜ୍ୟ ସରକାରଙ୍କ ଚାଲ୍ ବୋଲି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏହାର ପ୍ରତିବାଦରେ ମହିଳା ସଂଗଠନ ପକ୍ଷରୁ ଗାଁ ଗହଳରେ ବ୍ୟାପକ ସଚେତନତା କରାଯିବା ପାଇଁ ସମ୍ମିଳନୀରେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଶେଷରେ ପ୍ରମୋଦ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ଭୀଷ୍ମଗିରି, ଫାସିଗୁଡ଼ା, ଆଙ୍କୋରଡ଼ା, କୁଷପଡା, ଡୁରୁବୁଡି, ସିଦ୍ଧେଶ୍ୱର, କୋଟିନଡ଼ା ଓ ଗୋକର୍ଣ୍ଣପୁର ପ୍ରଭୃତି ବିଭିନ୍ନ ପଞ୍ଚାୟତରୁ ବହୁସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ।

# ବସ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ, ଡ୍ରାଇଭର ଅଟକ

ବୁଗୁଡ଼ା,୪।୧୧(ଡି.ଏନ୍.ଏ.)

ବୁଗୁଡ଼ା ଥାନା ବରଡ଼ିପଲ୍ଲୀ ମୁଖ୍ୟ ରାସ୍ତାରେ ସୋମବାର ଭୋରରେ ଏକ ଘରୋଇ ବସ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବରଡ଼ିପଲ୍ଲୀ ଗ୍ରାମର ନାର୍ସୁ ପ୍ରଧାନ (୭୫) । ତାଳଚେରରୁ ବ୍ରହ୍ମପୁର ଆସୁଥିବା ଏକ ଯାତ୍ରୀବାହୀ ବସ୍ (ଲକ୍ଷ୍ମୀ) ଶୌଚ ହୋଇ ଫେରୁଥିବା ନାର୍ସୁଙ୍କୁ ସୋମବାର ଭୋରରେ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବୁଗୁଡ଼ା ଡାକ୍ତରଖାନାକୁ ନେଇଥିଲେ। ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇ ଦ୍ରୁତ ବେଗରେ ପଳାଇ ଯାଉଥିବା ବସ୍‌ଟିକୁ ବାଲିପଦର ନିକଟରେ ପୋଲିସ ଅଟକାଇବା ସହ ଚାଳକଙ୍କୁ ଫାଣ୍ଡିରେ ଅଟକ ରଖିଛି ।

# ମୋ ହସ୍ପିଟାଲ ମୋ ଗୌରବ କାର୍ଯ୍ୟକ୍ରମ

କନିଷି,୪।୧୧(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ସୁନାଦେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ମୋ ହସ୍ପିଟାଲ ମୋ ଗୌରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ୫୩ନଂ ଜୋନର ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପତି ବାଲାଜୀ ସାମନ୍ତରାୟ, ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡା. ଏମ୍. ଶ୍ରଦ୍ଧାଞ୍ଜଳି, ଆୟୁଷ ଡା. ମଧୁସ୍ମିତା ସାହୁ, ରଙ୍ଗେଇଲୁଣ୍ଡା ବ୍ଲକର ଜଳ ପରିମଳ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମେଡିକାଲରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସ୍ଥାନୀୟ ସରପଞ୍ଚ ନୀଳାଦ୍ରି ଦାସ, ଶିଶିର ଦାଶ, କୃଷ୍ଣ ମହାରଣା, ବିଜୟ କୁମାର ସାହୁ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ମେଡିକାଲର ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକର୍ମୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ସଚେତନତା ରାଲି ଅଞ୍ଚଳ ପରିକ୍ରମା କରିଥିଲା।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ